# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୦/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, March 20/2019 | ★★★★★★

୪୫ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଟପ୍ସରେ ପାରା ଆଥଲେଟ୍ ପ୍ରମୋଦ**

ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ସରକାରଙ୍କ 'ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ' (ଟପ୍ସ)ରେ ଓଡ଼ିଶା ପାରା ଆଥଲେଟ୍ ପ୍ରମୋଦ ଭଗତ ସାମିଲ ହୋଇଛନ୍ତି ।

୧୮ ୦୮

**ପ୍ରଭାବଶାଳୀ ମହିଳା ତାଲିକାରେ ପ୍ରିୟଙ୍କା**

ବିଶ୍ୱ ଆଇକନ୍ ପ୍ରିୟଙ୍କା ଚୋପ୍ରା ଜୋନାସ୍ ୟୁଏସ୍ଏ ଟୁଡେଜ୍ ଲିଷ୍ଟର ୫୦ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି ।



ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

## ଛଦ୍ମ ଦେଶପ୍ରେମ

**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରୀରେ ଦେଶର ତୈଳ ଚାହିଦା ୩.୮% ବୃଦ୍ଧି ଘଟିଛି ।

–ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ ସେଲ୍


NECC NATIONAL EGG CO-ORDINATION COMMITTEE | 19.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 90 | 145 | 155 |
| DKL | 90 | 145 | 155 |
| BDK | 92 | 148 | 158 |
| BLS | 92 | 148 | 158 |
| ANG | 90 | 145 | 155 |

*Conditions Apply

Eggs Retail Price- 45/-Dozen
Issued in the Interest of Consumers


# ଜଳିଗଲା ସ୍କୁଲ ଭ୍ୟାନ

■ ବର୍ତ୍ତିଲେ ୧୧ ଛାତ୍ରୀଛାତ୍ର



ଜାତୀୟ ରାଜପଥରେ ଜଳୁଥିବା ସ୍କୁଲ ଭ୍ୟାନ ।

ପାଟଣା,୧୯।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିକଟସ୍ଥ ୨୨୦ନଂ ଜାତୀୟ ରାଜପଥର ଧାନବେଣୀ ନିକଟରେ ମଙ୍ଗଳବାର ୧୧ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଏକ ଘରୋଇ ଟାଟା ମ୍ୟାଜିକରେ ଦିନ ସାଢ଼େ ୧୨ଟାରେ ଅଚାନକ ନିଆଁ ଲାଗି ଜଳିଯାଇଛି । ତେବେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଗାଡ଼ିଟି ହୁ ହୁ ହୋଇ ଜଳିବାରୁ ରାସ୍ତାରେ କିଛି ସମୟ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା । ଶର୍ଟସର୍କିଟ ଯୋଗୁଁ ଏହି ଘଟଣା ଘଟିଥିବା ଜଣାପଡ଼ିଛି ।

ସବୁ ଦିନ ଭଳି ଏହି ଗାଡି ପାଟଣା ସରସ୍ୱତୀ ଶିଶୁ ☞ପୃଷ୍ଠା–୧୬

# ପ୍ରଥମ ଲୋକପାଳ ନିଯୁକ୍ତ

ନୂଆଦିଲ୍ଲୀ,୧୯।୩ (ପି.ଟି)



ପିନାକୀ ଚନ୍ଦ୍ର ଘୋଷ

ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ପିନାକୀ ଚନ୍ଦ୍ର ଘୋଷ୍‌ଙ୍କୁ ମଙ୍ଗଳବାର ଦେଶର ପ୍ରଥମ ଲୋକପାଳ ଭାବେ ନିଯୁକ୍ତି ଦିଆଯାଇଛି । ୨୦୧୭ ମେ'ରେ ଅବସର ନେଇଥିବା ଜଷ୍ଟିସ୍ ଘୋଷ୍ ବର୍ତ୍ତମାନ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍ସି)ର ସଦସ୍ୟ ଅଛନ୍ତି । ଜଷ୍ଟିସ୍ ଦିଲୀପ ବି. ଭୋସ୍‌ଲେ, ପ୍ରଦୀପ କୁମାର ମହାନ୍ତି, ଅଭିଳାଷ କୁମାରୀ ଏବଂ ☞ପୃଷ୍ଠା–୧୬

# ସବୁଠି ଅସନ୍ତୋଷ

## ବିଜେଡି, କଂଗ୍ରେସରେ ବିଦ୍ରୋହ ଡାକରା

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଟିକେଟରୁ ଆମକୁ ବଞ୍ଚିତ କରାଯାଇଛି । ଆମ ପ୍ରତି ବିଶ୍ୱାସଘାତ କରାଯାଇଛି । ଡାକି ଆଲୋଚନା କରିବା ପରେ ମଧ୍ୟ ଅଣଦେଖା କରାଯାଇଛି । ଆଉ ଦଳରେ ରହିବୁ ନାହିଁ । ଚଳିତ ନିର୍ବାଚନରେ ସ୍ୱାଧୀନରେ ହେଉ କିମ୍ବା ଅନ୍ୟ ଦଳରୁ ନିର୍ବାଚନ ମଇଦାନକୁ ଓହ୍ଲାଇବା ନିଶ୍ଚିତ । ଏଭଳି ବିଷୋଦ୍‌ଗାର କରିଛନ୍ତି ବିଜେଡି ଓ କଂଗ୍ରେସର ଟିକେଟରୁ ବଞ୍ଚିତ ହୋଇଥିବା କେତେଜଣ ଏମପି, ବିଧାୟକ ଓ ଆଶାୟୀ ପ୍ରାର୍ଥୀ । ବିଜେଡି ପ୍ରଥମ ଦଫାରେ ୯ ଲୋକ ସଭା ଓ ୫୪ ବିଧାନସଭା ଆସନ ପାଇଁ ଏବଂ କଂଗ୍ରେସ ୬ ଲୋକ ସଭା ଓ ୩୬ ବିଧାନସଭା ଆସନ ସକାଶେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଟିକେଟ ମିଳି ନ ଥିବାରୁ ଆଶାୟୀମାନେ ଦଳୀୟ ନେତୃତ୍ୱଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ପ୍ରାର୍ଥୀ ତାଲିକା ଘୋଷଣା ହେବାର ୨୪ ଘଣ୍ଟା ନ ପୂରୁଣୁ ଟିକେଟ ପାଇ ନ ଥିବା ବିଜେଡି ଓ କଂଗ୍ରେସର ଆଶାୟୀମାନେ ଦଳ ନେତୃତ୍ୱଙ୍କୁ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି । ଟିକେଟ ପାଇ ନ ଥିବା ବିଜେଡି ଓ କଂଗ୍ରେସର କେତେଜଣ ନେତା ଦଳରୁ ଇସ୍ତଫା ଦେଇଛନ୍ତି । ଏପରି କି ଅନ୍ୟ ଦଳକୁ ନ ଗଲେ ମଧ୍ୟ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ନେଇ ସୂଚନା ଦେଇଛନ୍ତି । ସୁନ୍ଦରଗଡ଼, ନୟାଗଡ଼, କଳାହାଣ୍ଡି, କୋରାପୁଟ, ବରଗଡ଼, ସଇଁତଳା, ପାରଳାଖେମୁଣ୍ଡି, ବ୍ରହ୍ମଗିରି, ଫୁଲବାଣୀ ଆଦି ବିଭିନ୍ନ ଆସନରୁ ଟିକେଟ ନ ମିଳିବାରୁ ଦଳ ବିରୋଧରେ ବିଦ୍ରୋହ ଆରମ୍ଭ ହୋଇଛି ।

■ ବିଜେଡିରୁ ୩ନେତାଙ୍କ ଇସ୍ତଫା
■ ଅର୍କ, ପ୍ରତ୍ୟୁଷାଙ୍କ କ୍ଷୋଭ
■ କଂଗ୍ରେସରୁ ସାଧୁ ନେପାକଙ୍କ ଇସ୍ତଫା
■ ସୁରେନ୍ଦ୍ର ସିଂ ଭୋଇଙ୍କ ବିକ୍ଷୋଭ
■ ଟିଟିଲାଗଡ଼ରେ ଦୋକାନ ବଜାର ବନ୍ଦ

୨୦୧୪ ବିଧାନସଭା ନିର୍ବାଚନରେ ସୁନ୍ଦରଗଡ଼ରୁ ପ୍ରାର୍ଥୀ ହୋଇଥିବା କୁସୁମ ଟେଟେ ଟିକେଟ ପାଇବାରୁ ବଞ୍ଚିତ ହେବା ଯୋଗୁ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି । ଆଉ ଜଣେ ବିଜେଡି ଆଶାୟୀ ପ୍ରାର୍ଥୀ ପ୍ରମୋଦ ପଟ୍ଟନାୟକ କଳାହାଣ୍ଡି ଜିଲା ବିଜେଡିର ସାଧାରଣ ସମ୍ପାଦକ ପଦ ସହ ଦଳରୁ ଇସ୍ତଫା ଦେଇଛନ୍ତି । ପ୍ରମୋଦ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି । ଟିକେଟ ନ ମିଳିବାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି । ଅନୁରୂପ ଭାବେ ଟିକେଟ ନ ପାଇବାରୁ ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ କେ. ନାରାୟଣ ରାଓ ବିଜେଡିରୁ ଇସ୍ତଫା ଦେଇଛନ୍ତି । ସେହିପରି କନ୍ଧମାଳ ଲୋକ ସଭା ଆସନରୁ ଟିକେଟ ପାଇ ନ ଥିବା କନ୍ଧମାଳ ଏମପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମଧ୍ୟ ମୁହଁ ଖୋଲିଛନ୍ତି । ସେ କହିଛନ୍ତି, ନୟାଗଡ଼ ବିଧାନସଭାରୁ ଯଦି ଦଳ ତାଙ୍କୁ ଟିକେଟ ନ ଦେବ ତେବେ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ନେଇ ନିଷ୍ପତ୍ତି ନେବେ । ରାଜ୍ୟ ସଭା ସଦସ୍ୟ ଥିବା ଅଚ୍ୟୁତ ସାମନ୍ତଙ୍କୁ ବିଜେଡି କନ୍ଧମାଳ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି । ଏହାକୁ ନେଇ ପ୍ରତ୍ୟୁଷା କ୍ଷୁବ୍ଧ ହେବା ସହ ନୟାଗଡ଼ ବିଧାନସଭା ଉପରେ ନଜର ରଖିଛନ୍ତି । ଅନ୍ୟପକ୍ଷରେ ନୟାଗଡ଼ରୁ ବିଧାୟକ ଥିବା ଅରୁଣ ସାହୁ ପୁଣିଥରେ ସେହି ଆସନରୁ ନିର୍ବାଚନ ଲଢ଼ିବା ନେଇ ଜୋରସୋର କସରତ ଆରମ୍ଭ କରିଛନ୍ତି । ନୟାଗଡ଼ରୁ ବିଜେଡି କାହାକୁ ପ୍ରାର୍ଥୀ କରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ । ସେହିପରି ଟିକେଟ ନ ପାଇବାରୁ କ୍ଷୁବ୍ଧ ହୋଇଛନ୍ତି କଳାହାଣ୍ଡି ଏମପି ☞ପୃଷ୍ଠା–୧୬

# ଦୁଇଟି ଆସନର ରହସ୍ୟ

ସୁନୀତ୍ ମିଶ୍ର

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ରାଜ୍ୟରେ ଦୀର୍ଘ ୧୯ବର୍ଷ ଶାସନ କ୍ଷମତାରେ ରହିବା ପରେ ବିଜେଡି ଏବେ କିଛି ମାତ୍ରାରେ ବିରୋଧୀଙ୍କୁ ମୁକାବିଲା କରିବା ପାଇଁ ଚିନ୍ତିତ ଥିବାଭଳି ମନେ ହେଉଛି । ଏକାଧିକ ଟିକେଟ ଆଶାୟୀ ଏବଂ କେତେଜଣ ବରିଷ୍ଠ ନେତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ବିରୋଧରେ ବାହାରେ ଖୋଲାଖୋଲି ମୁହଁ ଖୋଲିବା ସହ ଅନ୍ୟ ଦଳରେ ସାମିଲ ହେଉଛନ୍ତି । ଏମାନଙ୍କୁ ବୁଝାଇ ଶୁଝାଇ ରଖିବାରେ ଦଳର କ୍ରାଇସିସ୍ ମ୍ୟାନେଜର ଭାବେ ପରିଚିତ ଥିବା ନେତାମାନେ ମଧ୍ୟ ବିଫଳ ହେଉଛନ୍ତି । ଏପରି କି ଟିକେଟ ନ ମିଳିବା ପରେ କଳାହାଣ୍ଡି ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ ପଟ୍ଟନାୟକ ନବୀନ ପଟ୍ଟନାୟକଙ୍କ ଉପରେ ଦୋଷାରୋପ କରି ତାଙ୍କୁ 'ମିଛୁଆ' ବୋଲି କହି ଦଳ ଛାଡିଛନ୍ତି । ଫଳରେ ପୂର୍ବରୁ ଏହିସବୁ ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିବା ବିଜେଡି କିଛି ନୂଆ କରିବା ଚେଷ୍ଟାରେ ଅଛି । ବିଗତ ଦିନରେ ଦଳରୁ ବହିଷ୍କୃତ ଏବଂ ନିଲମ୍ବିତ ହୋଇଥିବା ଅଧିକାଂଶ ନେତାଙ୍କୁ ପୁଣିଥରେ ଫେରାଇ ଆଣିବାର ଯେଉଁ ପ୍ରୟାସ ଆରମ୍ଭ ହୋଇଛି ଏହା ବୋଧହୁଏ ତାହାର ମୁଖ୍ୟ କାରଣ ବୋଲି କୁହାଯାଇପାରେ । ମୁଖ୍ୟତଃ ବରିଷ୍ଠ ନେତା ଦିଲୀପ ରାୟ ଏବଂ ବିଜୟ ମହାପାତ୍ର ୩ମାସ ତଳେ ଭାଜପାରୁ ଇସ୍ତଫା ଦେବା ପରେ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ଲାଗି ରହିଛି । ଦୀର୍ଘଦିନ ଏଭଳି ଆଲୋଚନା ଚାଲିଥିଲେ ମଧ୍ୟ ଉଭୟ ନେତା ଏନେଇ କୌଣସି ସ୍ପଷ୍ଟ ସୂଚନା ନ ଦେବା ଘଟଣାକୁ ଶିଥିଳ କରି ଦେଇଥିଲା । ମାତ୍ର ଗତ ଶନିବାର ଦିଲୀପ ନବୀନ ନିବାସ ଯିବା ପରେ ପୁଣିଥରେ ଉଭୟ ନେତା ବିଜେଡି ଫେରିବେ ବୋଲି ସାଧାରଣରେ ବିଶ୍ୱାସ କରାଯାଉଛି । ଏହାପର ଠାରୁ ପ୍ରତିଦିନ ଆଜି ନୁହେଁ କାଲି ଦିଲୀପ ଆସି ବିଜେଡିରେ ଯୋଗଦେବେ ଏଭଳି ଆଲୋଚନା ଚାଲିଛି । ନବୀନ ନିବାସରୁ ଦିଲୀପ ଫେରିବା ପରେ ଏସବୁ ଆଲୋଚନା ଫସରଫାଟି ଯାଇଥିବା ଭିତିରି ମହଲରୁ ଜଣାପଡିଛି । ଉଭୟ ଦିଲୀପ ଏବଂ ବିଜୟ ବିଜେଡି ନୁହେଁ ବରଂ ପୁନର୍ବାର ଭାଜପା ଫେରିବେ ଏଭଳି କଥା ଶୁଣିବାକୁ ମିଳିଲାଣି । ☞ପୃଷ୍ଠା–୧୬

## ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

**୯୪୩୭୦୦୯୪୪୧, ୯୯୩୭୬୧୨୮୪୧**
**୯୦୪୦୮୦୦୩୭୪**

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି ପୁନଃ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେଲେ ଚାଇନା ଭଳି ଭାରତରେ ମଧ୍ୟ ଆଉ ନିର୍ବାଚନ ହୋଇ ନ ପାରେ।

**–ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**










■ ଏପ୍ରିଲ ୧୮ରେ ୩୯ ଆସନରେ ଭୋଟ

# ସ୍ଥିତି ସୁଧାରିବେ ଷ୍ଟାଲିନ୍

ଚେନ୍ନାଇ/ନୂଆଦିଲ୍ଲୀ,୧୯।୩

ତାମିଲନାଡୁରେ ପ୍ରଥମଥର ପାଇଁ ଦୁଇ ବଡ଼ ନେତା ଏଆଇଏଡିଏମ୍‌କେର ଜେ. ଜୟଲଳିଥା ଏବଂ ଡିଏମ୍‌କେର କେ. କରୁଣାନିଧିଙ୍କ ଅବର୍ତ୍ତମାନରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହି ଲୋକ ସଭା ନିର୍ବାଚନ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ (ଇପିଏସ୍) ଏବଂ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲ୍‌ଭମ୍(ଓପିଏସ୍)ଙ୍କ ନେତୃତ୍ୱ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ପାଲଟିଛି। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିବା ବିରୋଧୀ ଦଳ ନେତା ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍‌ଙ୍କ ପାଇଁ ଏହା ଅଗ୍ନିପରୀକ୍ଷା ସଦୃଶ। ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ଏଥର ରାଜ୍ୟ ରାଜନୀତିରେ ଅନେକ ପରିବର୍ତ୍ତନ ଆସିଥିବାରୁ ସମୀକରଣ ଓ ଫଳାଫଳ ମଧ୍ୟ ଭିନ୍ନ ପ୍ରକାର ଆସିପାରେ ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଉଛନ୍ତି।

ତାମିଲନାଡୁର ୩୯ ଲୋକ ସଭା ଆସନରେ ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବ। ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ଗୋଟିଏ ଆସନରେ ମଧ୍ୟ ଏହି ଦିନ ଭୋଟଗ୍ରହଣ କରାଯିବ। ତାମିଲନାଡୁ ଓ ପୁଡୁଚେରୀରେ ଏଆଇଏଡିଏମ୍‌କେ ଏନ୍‌ଡିଏର ନେତୃତ୍ୱ ନେଉଛି। ଏହି ମେଣ୍ଟରେ ଭାଜପା, ଡିଏମ୍‌ଡିକେ, ପିଏମ୍‌କେ, ଟିଏମ୍‌ସି, ପୁଥିୟା ନିଧି କଟଚି ଏବଂ ପୁଥିୟା ତମିଝାଗମ୍ ରହିଛି। ଏଆଇଏଡିଏମ୍‌କେ ୨୦ ଓ ଭାଜପା ୫ ଆସନରେ ନିର୍ବାଚନ ଲଢ଼ିବେ। ଅବଶିଷ୍ଟ ୧୪ ଆସନରେ ଅନ୍ୟ ସହଯୋଗୀ ଦଳଗୁଡ଼ିକର ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନ୍ୟପକ୍ଷରେ ବିରୋଧୀ ଡିଏମ୍‌କେ ୨୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ୨୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ ନୂଆମୁହଁ। ଡିଏମ୍‌କେ ନେତୃତ୍ୱାଧୀନ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ (ଏସ୍‌ପିଏ) ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ କଂଗ୍ରେସକୁ ୧୦ ଆସନ ଛାଡ଼ିଦେଇଥିବାବେଳେ ଅନ୍ୟ ସହଯୋଗୀ ଏମ୍‌ଡିଏମ୍‌କେ, ଭିସିକେ, ସିପିଆଇ, ସିପିଏମ୍, ଆଇୟୁଏମ୍ଏଲ୍‌କୁ ଅବଶିଷ୍ଟ ୧୯ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସୁଯୋଗ ଦେଇଛନ୍ତି। ସେପଟେ ଟିଟିଭି ଦିନାକରନଙ୍କ ଏମ୍ଏମ୍ଏମ୍‌କେ ଏବଂ ଅଭିନେତା କମଲ ହାସନଙ୍କ ମକ୍କଲ ନିଧି ମୈୟମ୍ ଏକାକୀ ନିର୍ବାଚନ ଲଢ଼ିବେ। ତେଣୁ ଏଥର ତାମିଲନାଡୁରେ ଚତୁଃମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ।


ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ଦଳର ଘୋଷଣାପତ୍ର ଉନ୍ମୋଚନ କରୁଛନ୍ତି।


ଏଆଇଏଡିଏମ୍‌କେର ନିର୍ବାଚନୀ ଇସ୍ତାହାର ଜାରି କରୁଛନ୍ତି ମୁଖ୍ୟମନ୍ତ୍ରୀ ଇ.କେ.ପାଲିନିସ୍ୱାମୀ (ଡାହାଣ) ଏବଂ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲ୍‌ଭମ୍ (ବାମ) ।

### ତାମିଲନାଡୁରେ ଉଣେଇଶ ଗଣିତ

- ■ଜୟଲଳିଥା ଓ କରୁଣାନିଧିଙ୍କ ପରଲୋକ ପରେ ପ୍ରଥମ ଲୋକ ସଭା ନିର୍ବାଚନ
- ■୨୦ଟି ଲେଖାଏ ଆସନରେ ଲଢୁଛନ୍ତି ଏଆଇଏଡିଏମ୍‌କେ-ଡିଏମ୍‌କେ
- ■ଅବଶିଷ୍ଟ ୧୯ ଲେଖାଏ ଆସନ ମେଣ୍ଟ ସହଯୋଗୀଙ୍କୁ ଛାଡ଼ିଦେଇଛନ୍ତି
- ■୮ ଆସନରେ ଶାସକ-ବିରୋଧୀ ଦଳ ମଧ୍ୟରେ କଡ଼ା ମୁକାବିଲା

ଦକ୍ଷିଣ ଚେନ୍ନାଇ, କାଞ୍ଚିପୁରମ୍ (ଏସ୍‌ସି), ଥିରୁଭନ୍ନାମଲାଇ, ଥିରୁନେଲଭେଲି, ମୟିଲାଦୁଥଉରାଇ, ସାଲେମ, ନୀଳଗିରି (ଏସ୍‌ସି) ଏବଂ ପୋଲାଚି ଆସନରେ ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ମଧ୍ୟରେ କଡ଼ା ମୁକାବିଲା ହେବ। ସେହିପରି ଲୋକ ସଭା ନିର୍ବାଚନ ସହ ରାଜ୍ୟର ୧୮ଟି ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ କରାଯାଇଛି। ଅନ୍ୟପକ୍ଷରେ କଂଗ୍ରେସ ଶାସିତ ପୁଡୁଚେରୀର ଗୋଟିଏ ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀଙ୍କ ନେତୃତ୍ୱାଧୀନ ଅଲ୍ ଇଣ୍ଡିଆ ଏନ୍ଆର୍ କଂଗ୍ରେସ ଏନ୍‌ଡିଏ ପକ୍ଷରୁ ନିର୍ବାଚନ ଲଢ଼ିବ। ତାମିଲନାଡୁରେ ଏନ୍‌ଡିଏକୁ ମାତ୍ର ୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ ଏବଂ ବିରୋଧୀ ମେଣ୍ଟ ୩୪ ଆସନରେ ହେଉଛି। ଏଥିସକାଶେ ମଙ୍ଗଳବାର ଉଭୟ ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ପକ୍ଷରୁ ନିର୍ବାଚନୀ ଇସ୍ତାହାର ଜାରି ବିଜୟୀ ହେବ ବୋଲି ଟାଇମ୍ସ ନାଓ-ଭିଏମ୍ଆର୍ ପକ୍ଷରୁ ସଦ୍ୟ ପ୍ରକାଶିତ ସର୍ବେକ୍ଷଣ ରିପୋର୍ଟରେ କୁହାଯାଇଛି।

୧୦୧୪ ସାଧାରଣ ନିର୍ବାଚନରେ ଏଆଇଏଡିଏମ୍‌କେ ୩୯ ଆସନରୁ ୩୭ଟିରେ ବିଜୟୀ ହୋଇଥିଲା। ଭାଜପା ଏବଂ ପିଏମ୍‌କେକୁ ଗୋଟିଏ ଲେଖାଏ ଆସନ ମିଳିଥିଲା। ଅନ୍ୟପକ୍ଷରେ ଡିଏମ୍‌କେ ଏବଂ କଂଗ୍ରେସ ଅଲଗା ଅଲଗା ହୋଇ ନିର୍ବାଚନ ଲଢ଼ିଥିବାରୁ ଖାତା ଖୋଲିପାରି ନ ଥିଲେ। ଏହାର ଦୁଇବର୍ଷ ପରେ ୨୩୫ ସଦସ୍ୟତା ବିଶିଷ୍ଟ ତାମିଲନାଡୁ ବିଧାନସଭାର ନିର୍ବାଚନ ହୋଇଥିଲା। ୨୦୧୬ ମେ'ରେ ଅନୁଷ୍ଠିତ ଏହି ନିର୍ବାଚନରେ ଜୟଲଳିଥାଙ୍କ ନେତୃତ୍ୱରେ ଏଆଇଏଡିଏମ୍‌କେ ୧୩୪ ଆସନ ଦଖଲ କରି ସରକାର ଗଢ଼ିଥିଲା। କରୁଣାନିଧିଙ୍କ ନେତୃତ୍ୱଧୀନ ଡିଏମ୍‌କେକୁ ୮୮ ଆସନରେ ସଫଳତା ସହ ମୁଖ୍ୟ ବିରୋଧୀ ଦଳର ମାନ୍ୟତାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। କଂଗ୍ରେସ ୮, ଆଇୟୁଏମ୍ଏଲ୍ ୧ ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ।

### ୨୦୧୪ର ସ୍ଥିତି

| ଦଳ | ଆସନ |
|---|---|
| ଏଆଇଏଡିଏମ୍‌କେ | ୩୭ |
| ଭାଜପା | ୧ |
| ପିଏମ୍‌କେ | ୧ |



ଡିଏମ୍‌କେ ଘୋଷଣାପତ୍ରରେ ବିବାଦୀୟ ପ୍ରତିଶ୍ରୁତି

## ମୁକ୍ତହେବେ ରାଜୀବଙ୍କ ହତ୍ୟାକାରୀ

ଚେନ୍ନାଇ,୧୯।୩

ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ) ପକ୍ଷରୁ ସାଧାରଣ ନିର୍ବାଚନ ପାଇଁ ମଙ୍ଗଳବାର ଇସ୍ତାହାର ପ୍ରକାଶ ପାଇଛି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

କଂଗ୍ରେସ ସହ ମେଣ୍ଟ କରିଥିବା ଡିଏମ୍‌କେର ଇସ୍ତାହାରରେ ଉଲ୍ଲେଖ କରାଯାଇଛି ଯେ, ରାଜୀବ ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍‌ରେ ଥିବା ସମସ୍ତ ୭ ଦୋଷୀଙ୍କୁ ମୁକ୍ତ କରିଦିଆଯିବ। ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ଗୋଟିଏପଟେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଦେଶର ପ୍ରଧାନମନ୍ତ୍ରୀ କରିବା ପାଇଁ ଓକିଲାତି କରୁଥିବାବେଳେ ଅନ୍ୟପଟେ ତାଙ୍କ ବାପାଙ୍କ ହତ୍ୟାକାରୀଙ୍କୁ ମୁକ୍ତ କରିବା ପାଇଁ ଇସ୍ତାହାରରେ ଘୋଷଣା କରିବା ବିବାଦୀୟ ସ୍ଥିତି ସୃଷ୍ଟି କରିଛି। ପ୍ରକାଶ ଯେ, ୭ ଦୋଷୀ ନଳିନୀ, ମୁରୁଗାନ୍ ସନ୍ଥନ୍ , ଏଜି ପେରାରିଭାଲାନ୍, ରବର୍ଟ ପେୟାସ୍, ଏସ୍. ଜୟକୁମାର ଏବଂ ରବିଚନ୍ଦ୍ରନ୍ ପ୍ରାୟ ୩ ଦଶନ୍ଧି ଧରି ଜେଲ୍ ଦଣ୍ଡାଦେଶ ଭୋଗୁଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୬୧ ଅନୁସାରେ ଏମାନଙ୍କୁ ମୁକ୍ତ କରାଯାଉ ବୋଲି ତାମିଲନାଡୁର ଏଆଇଏଡିଏମ୍‌କେ ସରକାର ଗତ ସେପ୍ଟେମ୍ବର ୯ରେ ସୁପାରିସ କରିଥିଲେ।

### ଖବର ସଂକ୍ଷେପରେ




- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମେଁ ଭି ଚୌକିଦାର' ଅଭିଯାନରେ ମାର୍ଚ୍ଚ ୩୧ରେ ସାରା ଦେଶର ୫୦୦ ସ୍ଥାନରେ ଲୋକଙ୍କ ସହ ଭିଡିଓ କନ୍‌ଫରେନ୍ସି ଜରିଆରେ ଭାବର ଆଦାନପ୍ରଦାନ କରିବେ। ଏହି ଅଭିଯାନ ସାଧାରଣ ଜନତାଙ୍କ ଆନ୍ଦୋଳନର ରୂପ ନେଇଛି ବୋଲି ମଙ୍ଗଳବାର ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ସୂଚନା ଦେଇଛନ୍ତି।
- ଭାଜପାର 'ମେଁ ଭି ଚୌକିଦାର' ଅଭିଯାନକୁ ବିଏସ୍‌ପି ସୁପ୍ରିମୋ ମାୟାବତୀ ଉପହାସ କରିଛନ୍ତି। ସେ କହିଛନ୍ତି, 'ଚା'ବାଲା' ପ୍ରଧାନମନ୍ତ୍ରୀ ଏବେ 'ଚୌକିଦାର' ପାଲଟିଯାଇଛନ୍ତି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରରେ ଭାରତରେ ଏଭଳି ପରିବର୍ତ୍ତନ ଆସିଛି ବୋଲି ମାୟାବତୀ ଟୁଇଟ୍ କରିଛନ୍ତି।
- ସାର ଚୋରିକୁ ରୋକିବା ପାଇଁ କୌଣସି ଚୌକିଦାର ଅଛନ୍ତି କି ବୋଲି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଟୁଇଟର୍‌ରେ ପ୍ରଶ୍ନ କରିଛନ୍ତି।
- ଉତ୍ତରପ୍ରଦେଶରେ ଭାଜପା ସରକାରକୁ ମଙ୍ଗଳବାର ଦୁଇବର୍ଷ ପୂରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜ ସରକାରଙ୍କ ରିପୋର୍ଟ କାର୍ଡ ରଖିଛନ୍ତି। ଦୁଇବର୍ଷ ମଧ୍ୟରେ ରାଜ୍ୟରେ ଦଙ୍ଗା ଘଟିନାହିଁ। ୟୁପିର ଆଇନଶୃଙ୍ଖଳା ଦେଶ ପାଇଁ ଏକ ମଡେଲ ପାଲଟିଛି ବୋଲି ଯୋଗୀ ଦୃଢ଼ୋକ୍ତି ବାଢ଼ିଛନ୍ତି।
- ସାଧାରଣ ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ଲାଭ କରିବ ନାହିଁ ବୋଲି ଶିବସେନା ନେତା ସଞ୍ଜୟ ରାଉତ୍ ସଙ୍କେତ ଦେଇଛନ୍ତି। ସେ କହିଛନ୍ତି, ୨୦୧୪ ଲୋକ ସଭା ନିର୍ବାଚନ ଭାଜପାର ଥିଲା। ଅଗାମୀ ନିର୍ବାଚନ ଏନ୍‌ଡିଏର ହେବ। ଭାଜପା ୨୧୦ ମଧ୍ୟରେ ସୀମିତ ରହିବ ଏବଂ ଏନ୍‌ଡିଏ ୩୦୦ ଆସନ ଦଖଲ କରିବ ବୋଲି ମୁମ୍ବାଇର ଏକ କାର୍ଯ୍ୟକ୍ରମରେ ରାଓ୍ୱତ୍ କହିଛନ୍ତି।



- କଂଗ୍ରେସ ପକ୍ଷରୁ ମଙ୍ଗଳବାର ଷଷ୍ଠ ପ୍ରାର୍ଥୀ ତାଲିକା ଜାରି ହୋଇଛି। ଏଥିରେ କେରଳ ଓ ମହାରାଷ୍ଟ୍ରର ୯ ଲୋକସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି।
- ଭାଜପା ଏବଂ କଂଗ୍ରେସ ସହ ମେଣ୍ଟ କରି ନ ଥିବା ଆଞ୍ଚଳିକ ଦଳଗୁଡ଼ିକ ସାଧାରଣ ନିର୍ବାଚନରେ ୧୨୦ରୁ ଊର୍ଦ୍ଧ୍ୱ ଆସନରେ ବିଜୟୀ ହେବେ। ଏହି ଦଳଗୁଡ଼ିକ ନିର୍ବାଚନ ପରେ ସରକାର ଗଠନରେ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ନିଜାମାବାଦ ଏମ୍‌ପି କବିତା ଭବିଷ୍ୟବାଣୀ କରିଛନ୍ତି।
- କଂଗ୍ରେସ କ୍ଷମତାସୀନ ହେଲେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରାଯିବ ବୋଲି ଅରୁଣାଚଳ ପ୍ରଦେଶର ଇଟାନଗରରେ ନିର୍ବାଚନ ପ୍ରଚାର ବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରତିଶ୍ରୁତି ଦେଇଛନ୍ତି।



- କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତରପ୍ରଦେଶର ମିର୍ଜାପୁରସ୍ଥିତ ବିନ୍ଧ୍ୟବାସିନୀ ମନ୍ଦିରରେ ପହଞ୍ଚିଥିବାବେଳେ ସେଠାରେ ଉପସ୍ଥିତ ଭାଜପା ସମର୍ଥକମାନେ 'ହର୍ ହର୍ ମୋଦି' ସ୍ଲୋଗାନ ଦେଇଥିଲେ। ସେଠାରେ ୨୦ ମିନିଟ ବିତାଇଥିବା ପ୍ରିୟଙ୍କା ଉକ୍ତ ସ୍ଲୋଗାନକୁ ନେଇ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ପରେ ସେ କାନ୍ତିତ ଶରିଫ୍ ଦରଘାରେ ଦାଦର ଚଢ଼ାଇଥିଲେ।




## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ,୧୯।୩(ପି.ଟି.)

**ଏପ୍ରିଲ ୧୮ରେ ୯୭ ଆସନରେ ଭୋଟ**

ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ହେବ। ଏହି ଦିନ ୧୩ ରାଜ୍ୟର ୯୭ ଆସନରେ ଭୋଟଗ୍ରହଣ କରାଯିବ। ଏଥିପାଇଁ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହେବା ସହ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୨୬ରେ ଶେଷ ହେବ। ମାର୍ଚ୍ଚ ୨୭ରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୨୯ ତାରିଖ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ। ୯୭ ଲୋକ ସଭା ଆସନରେ କେତେଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ମାର୍ଚ୍ଚ ୨୯ ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯିବ। ଏହି ପର୍ଯ୍ୟାୟରେ ତାମିଲନାଡୁର ସମସ୍ତ ୩୯ ଏବଂ ପୁଡୁଚେରୀର ଗୋଟିଏ ଲୋକ ସଭା ଆସନରେ ଭୋଟଗ୍ରହଣ କରାଯିବ। ସେହିପରି ଆସାମର ୫, ବିହାର (୫), ଛତିଶଗଡ଼ (୩), ଜମ୍ମୁ ଓ କଶ୍ମୀର (୨), କର୍ନାଟକ (୧୪), ମହାରାଷ୍ଟ୍ର (୧୦), ମଣିପୁର (୧), ଓଡ଼ିଶା (୫), ତ୍ରିପୁରା (୧), ୟୁପି (୮), ପଶ୍ଚିମବଙ୍ଗ (୩) ଆସନରେ ମଧ୍ୟ ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି।

୩ ରାଜ୍ୟରେ କଂଗ୍ରେସ-ଏଏପି ମେଣ୍ଟ ଉଦ୍ୟମ

## ଶରଦ ପାଓ୍ୱାର ମଧ୍ୟସ୍ଥ

ନୂଆଦିଲ୍ଲୀ,୧୯।୩(ପି.ଟି.)



ଏନ୍‌ସିପି ମୁଖ୍ୟ ଶରଦ ପାଓ୍ୱାର ଏଥର ନିର୍ବାଚନ ଲଢୁନାହାନ୍ତି। ହେଲେ ସକ୍ରିୟ ରାଜନୀତିରେ ତାଙ୍କ ଭୂମିକା କିଛି କମ୍ ନୁହେଁ। ଏଥିଲାଗି ସେ ଏଏପି ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ବୁଝାମଣା ଉଦ୍ୟମ କରୁଛନ୍ତି। ଦୁଇଦଳ ଦିଲ୍ଲୀରେ ଅଲଗା ଅଲଗା ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେବା ପରେ ଭାଜପାକୁ ହରାଇବା ପାଇଁ ପାଓ୍ୱାର ମଧ୍ୟସ୍ଥ ସାଜି ମେଣ୍ଟ ଗଠନ ସକାଶେ ମଙ୍ଗଳବାର ବିଚାରବିମର୍ଶ କରିଛନ୍ତି। ଏଏପି ନେତା ସଞ୍ଜୟ ସିଂଙ୍କ ବାସଭବନରେ ଏନେଇ ଏକ ବୈଠକ ହୋଇଛି। ପାଓ୍ୱାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଦଳର କେତେଜଣ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଛନ୍ତି। ପଞ୍ଜାବ, ହରିୟାଣା ଓ ଦିଲ୍ଲୀରେ ମେଣ୍ଟ ପାଇଁ କଂଗ୍ରେସକୁ ଏଏପି ପ୍ରସ୍ତାବ ଦେଇଛି। ପଞ୍ଜାବର ୩, ହରିୟାଣାର ୨ ଓ ଦିଲ୍ଲୀର ୫ ଲୋକ ସଭା ଆସନରେ ଲଢ଼ି ଅବଶିଷ୍ଟ ଆସନଗୁଡ଼ିକୁ କଂଗ୍ରେସକୁ ଛାଡ଼ିଦେବା ପାଇଁ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ଦଳ ରାଜି ହୋଇଛି।

### ଆନ୍ଧ୍ରରେ କଡ଼ା ମୁକାବିଲା


କ୍ରିଷ୍ଣା ଜିଲାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ମୁଖ୍ୟମନ୍ତ୍ରୀ ତଥା ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ।


ଓ୍ୱାଇଏସ୍ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ଜଗନ୍‌ମୋହନ୍ ରେଡ୍ଡୀ ଓ୍ୱେଷ୍ଟ ଗୋଦାବରୀ ଜିଲାସ୍ଥିତ ପୋଲାଭରମ୍‌ରେ ଦଳୀୟ ପ୍ରଚାର କରୁଛନ୍ତି।

## ନିର୍ବାଚନ କମିଶନଙ୍କ କଟକଣା

ନୂଆଦିଲ୍ଲୀ,୧୯।୩ (ପି.ଟି.)

- ■ସୋସିଆଲ ମିଡିଆର ଅପବ୍ୟବହାର ମନା
- ■ଧର୍ମପୀଠକୁ ପ୍ରଚାର ପାଇଁ ବ୍ୟବହାର କରା ନ ଯାଉ

ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବାବେଳେ ସୋସିଆଲ ମିଡିଆର ଅପବ୍ୟବହାର ରୋକିବାକୁ କଟକଣା ଜାରି କରିଛନ୍ତି ନିର୍ବାଚନ କମିଶନ୍(ଇସି)। ଏଥିପାଇଁ ମଙ୍ଗଳବାର ଇସି ଏକ ବୈଠକ ଡାକିଥିଲେ। ଇଣ୍ଟରନେଟ୍ ଆଣ୍ଡ ମୋବାଇଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆ (ଆଇଏଏମ୍ଏଆଇ) ଏବଂ ଫେସବୁକ୍, ଟୁଇଟର ଏବଂ ଟିକ୍‌ଟକ୍ ଭଳି ସୋସିଆଲ୍ ମିଡିଆ ପ୍ଲାଟଫର୍ମର ପ୍ରତିନିଧିମାନେ ନିର୍ବାଚନ କମିଶନରଙ୍କ ସହିତ ବୈଠକରେ ମିଳିତ ହୋଇ ସାମାଜିକ ଗଣମାଧ୍ୟମର ଅପବ୍ୟବହାର ରୋକିବା ନିମନ୍ତେ ପ୍ରତିକାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପ୍ରିଲ ୧୧ରେ ଲୋକ ସଭା ନିର୍ବାଚନ ଆରମ୍ଭ ହେଉଥିବାବେଳେ ଏଥିସକାଶେ ବୁଧବାରଠାରୁ ସୋସିଆଲ୍ ମିଡିଆ ପାଇଁ 'କୋଡ୍ ଅଫ୍ ଏଥିକ୍ସ' ଜାରି କରାଯିବ। ସେହିପରି ଲୋକ ସଭା ନିର୍ବାଚନ ବେଳେ ରାଜନୈତିକ ଦଳ କିମ୍ବା ଧର୍ମୀୟ ନେତାମାନେ କୌଣସି ଧର୍ମପୀଠକୁ ପ୍ରଚାର ପାଇଁ ବ୍ୟବହାର ନ କରିବାକୁ ଇସି ପରାମର୍ଶ ଦେଇଛନ୍ତି। ବିଭିନ୍ନ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେବା ଭଳି କୌଣସି କାର୍ଯ୍ୟ ନ କରିବାକୁ କମିଶନ୍ ରାଜନୈତିକ ଦଳଗୁଡିକୁ କହିଛନ୍ତି। ଭୋଟରମାନଙ୍କୁ ଧର୍ମୀୟ ଆଧାରରେ ଏକତ୍ରିତ କରିବା ପାଇଁ ଧର୍ମପୀଠଗୁଡିକୁ ଏକ ପ୍ଲାଟଫର୍ମ ଭାବେ ବ୍ୟବହାର କରିବା ଆଶଙ୍କା ଥିବାରୁ ଏହାର ତଦାରଖ ପାଇଁ ଭାଜପା ଅନୁରୋଧ କରିଥିଲା। ଏଥିପାଇଁ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି।


ସୁନୀଲ ଆରୋରା



ସୋମବାର ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ବାଇପାସ ଛକ ନିକଟରେ ରାସ୍ତାକଡରେ ଠିଆ ହୋଇଥିବା ଏକ ଲୁହା ରଡ଼ ବୋଝେଇ ଟ୍ରକ ପଛପଟେ ଏକ ପଥର ବୋଝେଇ ହାଇୱା ଧକ୍କା ଦେଇଥିଲା । ଫଳରେ ଦୁଇଟି ଯାକ ଗାଡି ରାସ୍ତା ପାର୍ଶ୍ୱର ୨୫ଫୁଟ ତଳକୁ ଓଲଟି ପଡିଥିଲା । ଏହି ଦୁର୍ଘଟଣାରେ ଟ୍ରକ ଭିତରେ ଶୋଇଥିବା ଚାଳକ ରସାନନ୍ଦ ଦାସ (୪୮) ଗୁରୁତର ଭାବେ ଆହତ ହୋଇଛନ୍ତି ।




# ଇସ୍ତଫା ଦେଲେ ଓୟୁଏଟି କୁଳପତି

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁଳପତି ପଦରୁ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଇସ୍ତଫା ଦେଇଛନ୍ତି । ମଙ୍ଗଳବାର ଡାକ ଯୋଗେ ସେ ନିଜର ଇସ୍ତଫାପତ୍ର ରାଜ୍ୟପାଳଙ୍କ ପାଖକୁ ପଠାଇଥିବା ଜଣାପଡ଼ିଛି । ସୂଚନାଥାଉ କି, ଚଳିତମାସ ପଶୁପାଳକ ଚାକିରିରୁ ଅବସର ନେଇଥାଆନ୍ତେ । ସେ ତାଙ୍କ ପଦବୀର ଅପବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା । ଓୟୁଏଟିରେ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା । ଭିଜିଲାନ୍ସ ମଧ୍ୟ ଏହାର ତଦନ୍ତ କରୁଥିଲା । ଅଭିଯୋଗକୁ ଭିତ୍ତିକରି କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପଶୁପାଳକଙ୍କୁ କାରଣ ଦର୍ଶାଅ ନୋଟିସ୍ ମାଗିଥିଲେ । କିନ୍ତୁ ସେ ଏହାର କୌଣସି ଉତ୍ତର ରଖି ନ ଥିଲେ । ଫଳରେ ତାଙ୍କୁ କିଛିଦିନ ପୂର୍ବରୁ ରାଜ୍ୟପାଳ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ମଧ୍ୟ ପଶୁପାଳକ ଏହାକୁ ବିରୋଧ କରିଥିଲେ । ମୁଁ କିଛି ଭୁଲ କରିନାହିଁ, ଜାଣିଶୁଣି କେତେଜଣ କୁଚକ୍ରୀ ବ୍ୟକ୍ତି ମୋ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି ବୋଲି ପଶୁପାଳକ କହିଥିଲେ । ତାଙ୍କୁ ପକ୍ଷ ରଖିବା ପାଇଁ ସୁଯୋଗ ଦେଉ ନ ଥିବା ସେ ଅଭିଯୋଗ କରିଥିଲେ । ତେବେ ବୁଧବାର ଅପରାହ୍ନ ୪ଟାରେ ପଶୁପାଳକଙ୍କୁ ରାଜ୍ୟପାଳଙ୍କ ନିକଟରେ ପକ୍ଷ ରଖିବା ପାଇଁ କୁହାଯାଇଥିବା ବେଳେ ଏହା ପୂର୍ବରୁ ସେ ମଙ୍ଗଳବାର ଇସ୍ତଫା ଦେଇଦେଇଛନ୍ତି ।

# ଲହଡ଼ି ମାଡ଼ରେ ୨ ପର୍ଯ୍ୟଟକଙ୍କ ଗୋଡ଼ ଭାଙ୍ଗିଲା

**ପୁରୀ ଅଫିସ,୧୯।୩:** ମଙ୍ଗଳବାର ସମୁଦ୍ର ସ୍ନାନ ବେଳେ ଲହଡ଼ି ମାଡ଼ରେ ଦୁଇ ବଙ୍ଗୀୟ ପର୍ଯ୍ୟଟକଙ୍କ ଗୋଡ଼ ଭାଙ୍ଗିଛି । ଲାଇଫଗାର୍ଡମାନେ ଉଭୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି । ସେମାନେ ହେଲେ ପଶ୍ଚିମବଙ୍ଗର ଅର୍ପଣ ମିଶ୍ର (୧୯) ଓ ଇନ୍ଦ୍ରଜିତ ଚାଟାର୍ଜୀ (୪୮) । ଅପରାହ୍ନ ପ୍ରାୟ ୧ଟା ବେଳେ ହୋଟେଲ ଭିକ୍ଟୋରିଆ ସମ୍ମୁଖ ସମୁଦ୍ରରେ ଉଭୟେ ଗାଧୋଇବା ବେଳେ ଆହତ ହୋଇଥିଲେ ।












# ବିଜେଡିରୁ କେପିଙ୍କ ପୁତ୍ରବଧୂ ପ୍ରାର୍ଥୀ ହେବା ଚର୍ଚ୍ଚା

ଢେଙ୍କାନାଳ ଅଫିସ, ୧୯।୩




ବିଜେଡିର ଅନ୍ୟତମ ହେଭିୱେଟ ନେତା ତଥା ୪ ଥର ଏମ୍‌ପି ରହି ଆସିଥିବା ତଥାଗତ ସତପଥୀ ୨୦୧୯ ନିର୍ବାଚନରେ ଭାଗ ନେବେନାହିଁ ବୋଲି କହିବା ପରେ ଢେଙ୍କାନାଳରୁ ଶାସକ ଦଳରୁ କିଏ ପ୍ରାର୍ଥୀ ହେବ ତାହାକୁ ନେଇ ଲାଗିରହିଛି କଳ୍ପନାଜଳ୍ପନା। ସହରର ଜନଗହଳିପୂର୍ଣ୍ଣ ସ୍ଥାନ, ଖଟି ପଏଣ୍ଟ ସବୁଠି ଏବେ ଗୋଟିଏ ପ୍ରସଙ୍ଗ, ତଥାଗତଙ୍କ ବିକଳ୍ପ ହେବେ କିଏ। ଯଦିଓ ଶାସକ ଦଳ ପକ୍ଷରୁ ଜିଲା ସଭାପତି ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଏବଂ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଆଶାୟୀ ଦୌଡ଼ରେ ରହିଥିବା ଆଲୋଚନା ହେଉଛି, ତଥାପି ସମସ୍ତଙ୍କ ନଜର ଅଟକିଛି ରାଜ ପରିବାର ଉପରେ। ୨୦୦୪ ନିର୍ବାଚନ ପରଠାରୁ ସକ୍ରିୟ ରାଜନୀତିରୁ ଦୂରେଇ ରହିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କାମାକ୍ଷା ପ୍ରସାଦ ସିଂଦେଓ (କେପି)ଙ୍କ ପୁତ୍ରବଧୂ ତଥା ବଡ଼ପୁଅ ଅମରଜ୍ୟୋତି ସିଂଦେଓଙ୍କ ସ୍ତ୍ରୀ ମିନାଲ କୁମାରୀ ବିଜେଡି ଏମ୍‌ପି ପ୍ରାର୍ଥୀ ହୋଇପାରନ୍ତି ବୋଲି ଆରମ୍ଭ ହୋଇଥିବା ଚର୍ଚ୍ଚା ଢେଙ୍କାନାଳ ରାଜନୈତିକ ବାତାବରଣକୁ ସରଗରମ କରିଛି। କେପି କଂଗ୍ରେସରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଅଛନ୍ତି। ଏଥିଲାଗି ସେ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ତାଙ୍କୁ କଂଗ୍ରେସରୁ ଦୂରେଇ ରଖିବା ଏବଂ ଢେଙ୍କାନାଳ ବିଧାନସଭା ଆସନରୁ ବିଜେଡି ଆଶାୟୀ ଥିବା ତାଙ୍କ ପୁତୁରା ହର୍ଷବର୍ଦ୍ଧନ ସିଂଦେଓଙ୍କୁ ଦୂରେଇ ରଖିବା ଲାଗି ଶାସକ ଦଳ ପକ୍ଷରୁ ଏପରି ଗୋଟି ଚାଳନା କରାଯାଉଥିବା ଶୁଣିବାକୁ ମିଳୁଛି। ଅନୁରୂପ ଭାବେ କେପିଙ୍କ ପୁତୁରା ବୋହୂ ତଥା ରାଜୀବ ଲୋଚନ ସିଂଦେଓଙ୍କ ସ୍ତ୍ରୀ ସୁସ୍ମିତା ସିଂଦେଓ ଲୋକ ସଭା ଆସନ ପାଇଁ ଭାଜପାର ଆଶାୟୀ ଦୌଡ଼ରେ ଅଛନ୍ତି। ଏହାକୁ ଭାଜପା କେତେଦୂର ଗୁରୁତ୍ୱଦେବ ତାହା ମଧ୍ୟ ଏବେ ଆଲୋଚନାର ବିଷୟ ହୋଇଛି। ଅପରପକ୍ଷେ ଯଦି ଢେଙ୍କାନାଳ ଲୋକ ସଭା ଆସନ ବିଜେଡି ସପକ୍ଷରେ ନ ଯାଏ, ତେବେ ଏହା କଂଗ୍ରେସ ପରିବର୍ତ୍ତେ ଭାଜପା ଭାଗରେ ପଡ଼ିପାରେ ବୋଲି ରାଜନୈତିକ ବିଶାରଦମାନେ ମତ ଦେଲେଣି। କଂଗ୍ରେସ ଟିକେଟ ଆଶାୟୀ କେପିଙ୍କ ପ୍ରାର୍ଥୀତ୍ୱକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପ୍ରଥମେ କେପିଙ୍କ ସାନପୁଅ ଅଶୋକବର୍ଦ୍ଧନ ସିଂଦେଓ ଦଳରୁ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଥିଲା। ଏହା ବିଜେଡି ଲାଗି ଅଡୁଆ ସୃଷ୍ଟି କରିବା ଆଶଙ୍କା ଥିବାରୁ ମିନାଲଙ୍କୁ ନେଇ ଗୋଟିଚାଳନା କରିବାକୁ ଶାସକ ଦଳ ପକ୍ଷରୁ ଯୋଜନା ଆରମ୍ଭ ହୋଇଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୩୩% ମହିଳା ଥିଓରିରେ ଢେଙ୍କାନାଳ ଲୋକ ସଭା ଆସନ ଆସିପାରେ ବୋଲି ହେଉଥିବା ଆଲୋଚନା ଏହାକୁ ଅଧିକ ଖୋରାକ ଯୋଗାଇଛି। ଏ ସଂକ୍ରାନ୍ତରେ ଅମରଜ୍ୟୋତି କୁହନ୍ତି, ଅନେକ ପିଢ଼ି ହେଲା ଜନସାଧାରଣଙ୍କ ସେବାରେ ରହିଆସିଛୁ। ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀତ୍ୱକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଯେଉଁସ୍ଥାନରୁ ସୁଯୋଗ ମିଳିବ ଢେଙ୍କାନାଳବାସୀଙ୍କ ସେବା କରୁଥିବୁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅନ୍ୟପଟେ ମିନାଲଙ୍କୁ ନେଇ ହେଉଥିବା ଆଲୋଚନାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଜିଲାର ଅନ୍ୟତମ ବରିଷ୍ଠ ବିଜେଡି ନେତା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଏ ନେଇ ପ୍ରଫୁଲ୍ଲ କୁହନ୍ତି, କିଏ ଏମ୍‌ପି ପ୍ରାର୍ଥୀ ହେବେ ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ହେଉଥିବା ଆଲୋଚନା ସମ୍ପର୍କରେ ସେ କୁହନ୍ତି, ଦଳୀୟ ସଭାପତି ଯାହା ନିର୍ଦ୍ଦେଶ ଦେବେ ତାହାକୁ ଗ୍ରହଣ କରିବୁ ବୋଲି କହି ସେ ପ୍ରସଙ୍ଗ ଏଡ଼ାଇଦେଇଥିଲେ।

ସେହିପରି ଭାଜପାର ଅନ୍ୟତମ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ନିଜର ପ୍ରାର୍ଥୀତ୍ୱକୁ ନେଇ ନିଶ୍ଚିତ ଥିବା କହିଛନ୍ତି। ଏ ସଂକ୍ରାନ୍ତରେ ଶୀର୍ଷ ନେତୃତ୍ୱଙ୍କ ସହ ତାଙ୍କର ଆଲୋଚନା ଶେଷ ହୋଇଥିବା ସେ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଢେଙ୍କାନାଳ ଲୋକ ସଭା ଆସନରୁ ତଥାଗତ ସତପଥୀ ୧୯୯୮, ୨୦୦୪, ୨୦୦୯ ଏବଂ ୨୦୧୪ରେ ବିଜେଡିରୁ ଏମ୍‌ପି ରହିଆସିଛନ୍ତି। ସେହିପରି ବିଭିନ୍ନ ସମୟରେ କେ.ପି. ସିଂଦେଓ ୬ଥର ଏମ୍‌ପି ଭାବେ ବିଜୟୀ ହୋଇଛନ୍ତି। ଏସବୁ ମଧ୍ୟରେ ଚଳିତ ନିର୍ବାଚନରେ ତଥାଗତଙ୍କ ବିକଳ୍ପ ଭାବେ ବିଜେଡିରୁ କିଏ ପ୍ରାର୍ଥୀ ହେବେ ତାହା ଜାଣିବା ଲାଗି ଜିଲାବାସୀ ଅପେକ୍ଷା କରିଛନ୍ତି।


କେପି ସିଂଦେଓ


ମିନାଲ କୁମାରୀ


ପ୍ରଫୁଲ୍ଲ କୁମାର ମଲ୍ଲିକ

# ଆଜି ହିଞ୍ଜିଳିରୁ ନାମାଙ୍କନପତ୍ର ଦାଖଲ କରିବେ ନବୀନ

ଭୁବନେଶ୍ୱର,(ବ୍ୟୁରୋ)/ଛତ୍ରପୁର, ୧୯।୩(ଡି.ଏନ.ଏ.)



ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥର ୨ଟି ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛନ୍ତି। ଗଞ୍ଜାମ ଜିଲାର ହିଞ୍ଜିଳି ଏବଂ ବରଗଡ଼ ଜିଲାର ବିଜେପୁରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବୁଧବାର ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ପାଇଁ ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନବୀନ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ନାମାଙ୍କନ ଦାଖଲ ବେଳେ ଜିଲାର ପ୍ରମୁଖ ବିଜେଡି ନେତା ଉପସ୍ଥିତ ରହିବେ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରୁ ନିର୍ବାଚନ ଲଢ଼ିବା ନେଇ ସୋମବାର ଘୋଷଣା କରିଥିଲେ। ଏଥିପାଇଁ ଦିନକ ପୂର୍ବରୁ ପଶ୍ଚିମ ଓଡ଼ିଶା ବିଜେଡି ନେତାମାନେ ରବିବାର ନବୀନ ନିବାସ ଆସି ପଶ୍ଚିମ ଓଡ଼ିଶାରୁ ନିର୍ବାଚନ ଲଢ଼ିବାକୁ ଅନୁରୋଧ କରିଥିଲେ। ନବୀନଙ୍କ ଉପରୋକ୍ତ ଘୋଷଣାକୁ ବିରୋଧୀ ଭାଜପା ଓ କଂଗ୍ରେସ କଡ଼ା ସମାଲୋଚନା କରିଥିଲେ। ନିର୍ବାଚନ ହାରିଯିବା ଭୟରେ ନବୀନ ଦୁଇଟି ଆସନରେ ନିର୍ବାଚନ ଲଢୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।




# ଆୟୁବ୍‌ଙ୍କ ଟିକେଟ କଟିବା ପରେ କଣ୍ଟାବାଞ୍ଜିରେ ବିଦ୍ରୋହ ଆଶଙ୍କା

କଣ୍ଟାବାଞ୍ଜି,୧୯।୩(ଡି.ଏନ.ଏ.)

- ବିଜେଡି କର୍ମୀ, କାର୍ଯ୍ୟକର୍ତ୍ତାଙ୍କ ବୈଠକ
- ସାମୂହିକ ଇସ୍ତଫା ଧମକ
- ସ୍ୱାଧୀନ ପ୍ରାର୍ଥୀ ହେବାକୁ ପରାମର୍ଶ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ନିଷ୍ପତ୍ତି ନେବେ ଆୟୁବ୍

କଣ୍ଟାବାଞ୍ଜି ବିଧାୟକ ଆୟୁବ୍ ଖାନ୍‌ଙ୍କୁ ଚଳିତ ନିର୍ବାଚନ ପାଇଁ ବିଜେଡି ବିଧାନସଭା ପ୍ରାର୍ଥୀ ଟିକେଟ ମିଳିନାହିଁ। ତାଙ୍କ ସ୍ଥାନରେ ଆମ୍ ଆଦ୍‌ମୀ ପାର୍ଟିରୁ ବିଜେଡି ଦଳକୁ ଡିଆଁ ମାରିଥିବା ଅଜୟ ଦାସଙ୍କୁ କଣ୍ଟାବାଞ୍ଜି ବିଧାନସଭା ଆସନରୁ ଟିକଟ ଦିଆଯାଇଛି। ଏନେଇ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେଡି କାର୍ଯ୍ୟକର୍ତ୍ତା, କର୍ମୀ ଓ ଆୟୁବ୍ ଖାନ୍‌ଙ୍କ ସମର୍ଥକ ମହଲରେ ନିରାଶା ଭାବ ଦେଖାଦେଇଛି।

ଟିକଟ ଆଶାୟୀ ଖାନ୍ ଭୁବନେଶ୍ୱରରୁ ଖାଲି ହାତରେ ଫେରିବା ପରେ କଣ୍ଟାବାଞ୍ଜି ମୁସଲିମ କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ଧରି ମାରାଥନ୍ ବୈଠକ କରିଥିଲେ। ଏଥିରେ ବିଧାୟକ ଆୟୁବ୍ ଖାନ୍‌ଙ୍କ ସହ ତୁରେକେଲା ବ୍ଲକ୍ ବିଜେଡି ସଭାପତି ଆସାତୁଲ୍ଲା ଖାନ୍, ମୁରିବାହାଲ ବ୍ଲକ୍ ବିଜେଡି ସଭାପତି ସିଦ୍ଧେଶ୍ୱର ଦାସ, ମୁରିବାହାଲ ଯୁବ ବିଜେଡି ସଭାପତି ହରିବନ୍ଧୁ ମେହେର, ତୁରେକେଲା ଯୁବ ବିଜେଡି ସଭାପତି ସୁଦାମ ବେହେରା, ବିଜେଡି ନେତା ବିଷ୍ଣୁ ଜୁଏଲ୍, ଚୈତନ୍ୟ ହଂସ, ବିଭିନ୍ନ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଖାନ୍‌ଙ୍କୁ ଚଳିତ ନିର୍ବାଚନ ସକାଶେ ଦଳୀୟ ଟିକଟ ଦିଆଯାଇ ନ ଥିବାରୁ ଏହାକୁ ନିନ୍ଦା କରାଯାଇଥିଲା । ଉନ୍ନୟନମୂଳକ କାର୍ଯ୍ୟ ସହ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିଥିବା ସତ୍ତ୍ୱେ ତାଙ୍କୁ ବିଜେଡି ବିଧାୟକ ଟିକେଟ ଦିଆଯାଇ ନ ଥିବାରୁ ଏହାକୁ ବହୁ ସମର୍ଥକ ବିରୋଧ କରିଥିଲେ। ଆବଶ୍ୟକ ପଡିଲେ ଏଭଳି ନିଷ୍ପତ୍ତିର ପ୍ରତିବାଦରେ ସମସ୍ତ ବିଜେଡି କାର୍ଯ୍ୟକର୍ତ୍ତା ଓ ସମର୍ଥକ ଦଳରୁ ସମୂହ ଇସ୍ତଫା ଦେବେ ବୋଲି ଘୋଷଣା କରିଥିଲେ। ବିଜେଡି ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ଦଳୀୟ ପ୍ରାର୍ଥୀଙ୍କ ନାମ ପରିବର୍ତ୍ତନ କରି ଆୟୁବ୍ ଖାନ୍‌ଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଏହା ନ ହେଲେ ଖାନ୍ ଏଥର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ମତ ଜଣାଇଥିଲେ। ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଓ ଅଜୟ ଦାସଙ୍କ ବିରୋଧରେ ବୈଠକରେ ସ୍ଲୋଗାନ ଦିଆଯାଇଥିଲା। ବିଜେଡି ଏମ୍‌ପି ସିଂଦେଓଙ୍କ ଯୋଗୁ ଆୟୁବ୍‌ଙ୍କ ଟିକଟ କଟିଥିବା ଅଭିଯୋଗ କରାଯାଇ ତାଙ୍କୁ ବିରୋଧ କରାଯିବ ବୋଲି କୁହାଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ଏଭଳି ପ୍ରତିକ୍ରିୟା ଶୁଣିବା ପରେ ବିଧାୟକ ଆୟୁବ୍ ଖାନ୍ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକେଟ ଦେବାକୁ ଦାବି କରିବେ ବୋଲି କହିଥିଲେ। ୨୦୧୪ ନିର୍ବାଚନରେ ବଲାଙ୍ଗୀର ଆସନରେ ହରେକୃଷ୍ଣ ଷଡଙ୍ଗୀଙ୍କ ନାମ ଘୋଷଣା ପରେ ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ଅନଙ୍ଗ ଉଦୟ ସିଂଦେଓ ପ୍ରାର୍ଥୀ ହୋଇଥିବା ଉଦାହରଣ ଦେଇ କଣ୍ଟାବାଞ୍ଜିରେ ମଧ୍ୟ ପ୍ରାର୍ଥୀ ନାମ ପରିବର୍ତ୍ତନ କରିବାକୁ ଦାବି ଜଣାଇବେ ବୋଲି କହିଥିଲେ। ଏହା ନ ହେଲେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଯାହା ନିଷ୍ପତ୍ତି ନେବେ ସେ ଗ୍ରହଣ କରିବେ ବୋଲି ବିଧାୟକ ଖାନ୍ ଜଣାଇଛନ୍ତି । ବୈଠକ ପରେ ଖବରାଦାତା ସମ୍ମିଳନୀ କରି ଉପରୋକ୍ତ ବିଷୟରେ ବିଧାୟକ ଖାନ୍ ସୂଚନା ଦେଇଥିଲେ। କଣ୍ଟାବାଞ୍ଜିରେ ବିଜେଡି ପ୍ରାର୍ଥୀ ବଦଳ ପରେ ଦଳୀୟ ବିଦ୍ରୋହ ଆଶଙ୍କା ଦେଖାଦେଇଛି।


# ODISHA JOINT ENTRANCE EXAMINATION-2019 (OJEE - 2019)

No: OJEE-19/098 — Date: 19.03.2019

## NOTICE REGARDING EXTENSION OF LAST DATE FOR ONLINE APPLICATION

CANDIDATES WHO WISH TO TAKE ADMISSION TO B.PHARM / M.TECH/ M.TECH(PART TIME)/ M.ARCH/ M.PHARM/M. PLAN/ MCA/ MBA /INT. MBA AND LATERAL ENTRY TO B.TECH/ B.PHARM/ MCA COURSES IN UNIVERSITIES, GOVERNMENT AND PRIVATE COLLEGES OF ODISHA HAVE TO APPEAR

## OJEE - 2019

Entrance Examination for B.PHARM, INT. MBA, LATEL ENTRY TO B.TECH/ B.PHARM Courses will be pen-and-paper mode as per previous practice.
However there will be Computer Based Test (CBT) for all PG courses such as MBA, MCA, LATERAL ENTRY TO MCA, M.PHARM, M.ARCH, M.PLAN AND All M.TECH courses.
Last dates for online application is extended as follows

| | |
|---|---|
| Date of Examination for Pen-and-paper mode | : 12th May, 2019 (Sunday) |
| Tentative Dates for CBT | : 12th to 20th May, 2019 |
| Last date to fill-up Online Application form | : 5th April, 2019 |
| Last date of online application fee payment | : 10th April, 2019 |
| Downloading of admit card onwards | : 20th April,2019 |

For other details, please visit our website: **www.ojee.nic.in/www.odishajee.com.**

Sd/-
CHAIRMAN, OJEE


# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୧୯।୩(ବ୍ୟୁରୋ)

- ୧୯ରୁ ୨୬ ପ୍ରାର୍ଥୀପତ୍ର ଦାଖଲ
- ୨୭ରେ ଯାଞ୍ଚ, ୨୯ରେ ଚୂଡ଼ାନ୍ତ ତାଲିକା
- ଏପ୍ରିଲ ୧୮ରେ ହେବ ୫ ଲୋକ ସଭା, ୩୫ ବିଧାନସଭା ଆସନରେ ନିର୍ବାଚନ

ରାଜ୍ୟରେ ଆସନ୍ତା ଏପ୍ରିଲ ୧୮ ରେ ୫ଟି ଲୋକ ସଭା ଓ ୩୫ଟି ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୧୯ରୁ ୨୬ ଯାଏ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ। ୨୭ ତାରିଖରେ ପ୍ରାର୍ଥୀପତ୍ରଗୁଡ଼ିକୁ ଯାଞ୍ଚ କରାଯିବ। ୨୯ ତାରିଖରେ ଯେଉଁମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହିଁବେ ନାହିଁ, ସେମାନେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ସେହିଦିନ ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ।

ଏପ୍ରିଲ ୧୮ରେ ବରଗଡ଼ (ସାଧାରଣ ବର୍ଗ) ଲୋକ ସଭା ଆସନ ସମେତ ପଦମ୍‌ପୁର, ବିଜେପୁର, ବରଗଡ଼, ଅତାବିରା, ଭଟ୍‌ଲି, ବ୍ରଜରାଜନଗର, ଝାରସୁଗୁଡ଼ା ବିଧାନସଭା ଏବଂ ସୁନ୍ଦରଗଡ଼(ଏସ୍‌ଟି) ଲୋକ ସଭା ଆସନ ସହିତ ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣାଇ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ବଲାଙ୍ଗୀର(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା ଆସନ, କନ୍ଧମାଳ(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବାଲିଗୁଡ଼ା, ଜି. ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା ଏବଂ ଭଞ୍ଜନଗର ବିଧାନସଭା ନିର୍ବାଚନ ଏବଂ ଆସିକା (ସାଧାରଣ ବର୍ଗ)ଲୋକ ସଭା ଆସନ ସହିତ ପୋଲସରା, କବିସୂର୍ଯ୍ୟନଗର, ଖଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

# ଏମ୍‌ପି ପ୍ରାର୍ଥୀ ଅଚ୍ୟୁତଙ୍କୁ ଛାତ୍ର ସମାଜର ବିରୋଧ

ଫୁଲବାଣୀ ଅଫିସ, ୧୯।୩

କନ୍ଧମାଳ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ବିରୋଧ ଜାରି ରହିଛି। ମଙ୍ଗଳବାର ଜିଲା ଛାତ୍ର ସମାଜ ସ୍ଥାନୀୟ ଡିଆରଡିଏ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସ୍ଥାନୀୟ ଦଳୀୟ ଲୋକଙ୍କୁ ଏମ୍‌ପି ପ୍ରାର୍ଥୀ କରାଯିବାକୁ ଆମର ଦାବି। ବାହାର ପ୍ରାର୍ଥୀଙ୍କୁ ଏଠାରେ ବରଦାସ୍ତ କରାଯିବ ନାହିଁ। ଆମେ ସେମାନଙ୍କୁ ଚିହ୍ନିନୁ କି ଜାଣିନୁ। ସେମାନେ ଆସି ଜିଲାର କ'ଣ ଉନ୍ନତି କରିବେ ବୋଲି ଛାତ୍ରମାନେ କହିବା ସହ ଅଚ୍ୟୁତଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଏଥିସହ ଅନ୍ୟ ଦଳ ମଧ୍ୟ ଜିଲା ଭିତରୁ କାହାକୁ ପ୍ରାର୍ଥୀ କରିବାକୁ ଦାବି କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରମାନଙ୍କୁ ବୁଝାଶୁଝା କରିଥିଲା।

ସୂଚନାଯୋଗ୍ୟ, ସୋମବାର ବିଜେଡି ଅଚ୍ୟୁତଙ୍କୁ ଏମ୍‌ପି ପ୍ରାର୍ଥୀ ଘୋଷଣା କରିବା ପରେ ଦଳୀୟ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ଚକରେ ଦଳୀୟ କର୍ମୀ ଏବଂ ନେତା ଏହାକୁ ବିରୋଧ କରି ଟାୟାର ଜାଳି ପ୍ରତିବାଦ କରିଥିଲେ।



ଛାତ୍ରମାନେ ବିକ୍ଷୋଭ କରୁଛନ୍ତି ।



ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଞ୍ଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା !

–ଶ୍ରୀମା

# ଛଦ୍ମ ଦେଶପ୍ରେମ

ସାଧାରଣତଃ ଉତ୍ତରପ୍ରଦେଶ ଓ ବିହାର ବୋର୍ଡ ପରୀକ୍ଷାରେ ପିଲାମାନେ ବହୁ ସମୟରେ ଅଜବ ଓ ଅଦ୍ଭୁତ ଉତ୍ତର ଲେଖିଥିବା ଶୁଣିବାକୁ ମିଳିଛି। ଏପରିକି ଭଲ ମାର୍କ୍ସ ପାଇବା ପାଇଁ ଉତ୍ତର ଖାତାରେ ଟଙ୍କା ଷ୍ଟାପଲ୍ କରିବାର ନଜିର ଅଛି। 'ବାପା ଗରିବ ଲୋକ, ପୁଣି ଥରେ ପରୀକ୍ଷା ଦେବା ଲାଗି ଟଙ୍କା ଦେଇପାରିବେ ନାହିଁ, ତେଣୁ ମୋତେ ପାସ୍ କରିଦିଅନ୍ତୁ' କହି କେତେକ ପରୀକ୍ଷାର୍ଥୀ ଖାତା ମୂଲ୍ୟାୟନ କରୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିବେଦନ କରିଥିବା ବିଷୟ ଜଣାଶୁଣା। କିନ୍ତୁ ଏବେ ଉତ୍ତରପ୍ରଦେଶ ବୋର୍ଡ ପରୀକ୍ଷାରେ 'ଦେଶପ୍ରେମ'କୁ ମାର୍କ୍ସ ପାଇବାର ମାଧ୍ୟମ ଭାବେ ଅନେକ ଛାତ୍ର ବ୍ୟବହାର କରିଥିବା ବିଷୟ ପଦାକୁ ଆସିଛି। କେତେ ଜଣ ଶିକ୍ଷକ ଖାତା ମୂଲ୍ୟାୟନ ବେଳେ ଏହିଭଳି ଆବେଗପୂର୍ଣ୍ଣ ବାକ୍ୟ ଦେଖିବାକୁ ପାଇଥିବା ପ୍ରକାଶ କରିଛନ୍ତି। ଅନେକ ଉତ୍ତର ଖାତାରେ ଲେଖାଯାଇଛି, 'ସାର୍, ମୁଁ ଯବାନ ହୋଇ ଦେଶ ସେବା କରିବାକୁ ଚାହୁଁଛି ଓ ଆପଣଙ୍କ ପିଲାଙ୍କୁ ସୁରକ୍ଷା ଦେବା ସହ ଦେଶକୁ ଶତ୍ରୁ କବଳରୁ ରକ୍ଷା କରିବି। ତେଣୁ ମୋତେ ମାର୍କ୍ସ ଦେବା ପୂର୍ବରୁ ଆପଣଙ୍କ ପିଲାଙ୍କ ଭବିଷ୍ୟତ କଥା ଭାବନ୍ତୁ।' ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ପରୀକ୍ଷା ଗତ ଫେବୃୟାରୀରେ ଅନୁଷ୍ଠିତ ହୋଇଥିଲା, ଯେତେବେଳେ ପୁଲଓ୍ବାମା ଆକ୍ରମଣ ଓ ତା' ପରବର୍ତ୍ତୀ ବାଲାକୋଟ କାର୍ଯ୍ୟାନୁଷ୍ଠାନ ଚାଲିଥିଲା।

ପିଲାମାନେ ଲେଖିଥିବା ବାକ୍ୟକୁ ଦେଖିଲେ ଯେଉଁ ଛାତ୍ରୀଛାତ୍ର ଏଭଳି କରିଛନ୍ତି ସେମାନେ ନିଶ୍ଚିତ ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ନ ଥିବା ବୁଝାଯାଉଛି । ପୁଲଓ୍ବାମା ଓ ବାଲାକୋଟ ଘଟଣା ସମୟରେ ଦେଶବାସୀଙ୍କୁ ଭାରତୀୟ ନେତୃତ୍ୱ ଦେଶପ୍ରେମ ବିଷୟରେ କଥା କହିଚାଲୁଥିଲେ। ଦେଶପ୍ରେମକୁ ନେଇ ସୋସିଆଲ ମିଡିଆରେ ଅସଂଖ୍ୟ ବାର୍ତ୍ତା ଓ ଚିତ୍ର ପ୍ରସାରିତ ହୋଇଯାଇଛି। ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ନ ଥିବା ପିଲାଙ୍କୁ ଗୁରୁବାକ୍ୟ ଦେବାକୁ ଯାଇ କିଛି ଅଭିଭାବକ ଓ ଶିକ୍ଷକ ଏଭଳି ଛଦ୍ମ ଦେଶପ୍ରେମର ସାହାରା ନେବାକୁ ଉପଦେଶ ଦେଇଥାଇପାରନ୍ତି। ଏକାସଙ୍ଗେ ଏକାଧିକ ପିଲାଙ୍କ ଉତ୍ତରଖାତାରୁ ଏଭଳି ସମାନ ଧରଣର ଚିନ୍ତାଧାରା ପ୍ରକାଶ ପାଇବା ବିଷୟରୁ ଏହା ବୁଝାଯାଇପାରେ। ଏଥିପାଇଁ ଦେଶର ନେତୃତ୍ୱ ନେଉଥିବା ବ୍ୟକ୍ତି, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଭଳି ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଦାୟୀ କରାଯାଇପାରେ। କାରଣ ପିଲାମାନଙ୍କୁ ସଚ୍ଚୋଟ ଭାବେ କିଛି ଭଲ କରିବା ଲାଗି ସେଭଳି ଉପଦେଶ ଦିଆଯାଉନାହିଁ। ଏକ ଭୁଲ ରାସ୍ତା ଆପଣାଇ ସଫଳତା ପାଇଲେ ତାହା ଦୀର୍ଘମିଆଦୀ ହୋଇ ନ ଥାଏ। କିନ୍ତୁ ଆଜିର ବସ୍ତୁବାଦୀ ଦୁନିଆରେ ଅଚାନକ ପ୍ରଚୁର ଅର୍ଥ ସହ କ୍ଷମତା ହାସଲ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଚାଲୁଛି। ଭବିଷ୍ୟତ ପିଢ଼ି ଉପରେ ବରିଷ୍ଠମାନେ ଚାପ ପକାଉଥିବାରୁ ଏଭଳି ଅସଙ୍ଗତି ଦେଖା ଦେଉଛି ବୋଲି କୁହାଯାଇପାରେ। ଏଠାରେ ମନେରଖିବାକୁ ହେବ ଯେ, ପରୀକ୍ଷାରେ ଯିଏ ଶର୍ଟକଟ୍ ଉପାୟ ଅବଲମ୍ବନ କରିବ, ସେହି ପିଲା ଯୁଦ୍ଧକ୍ଷେତ୍ରରେ ଅନୁରୂପ ମାନସିକତା ପ୍ରଦର୍ଶନ କରିବାର ସବୁ ସମ୍ଭାବନା ରହିଛି। ତାହା କଲେ ନିଜେ ଗୁଳିଖାଇ ମରିବା ସହିତ ସାଥୀମାନଙ୍କୁ ମଧ୍ୟ ବିପଦମୁଖୀ କରିଦେବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଭଳି ଚିନ୍ତାଧାରା ରଖିଥିବା ପିଲା କେବେହେଲେ ସେନାରେ ଯୋଗଦେବେ ନାହିଁ।

ବିହାର, ଉତ୍ତରପ୍ରଦେଶ ଓ ଚଳିତବର୍ଷ ଓଡ଼ିଶାରେ ମାଟ୍ରିକ୍ ପରୀକ୍ଷା ବେଳେ ପରୀକ୍ଷାର୍ଥୀଙ୍କୁ କପି ଯୋଗାଇବାକୁ ଯାଇ ଅଭିଭାବକ ଓ ସମ୍ପର୍କୀୟମାନେ ଯେଭଳି ପରୀକ୍ଷା କେନ୍ଦ୍ରର ବାଉଣ୍ଡାରି ଓ ଝରକା ପାଖରେ ମାଳମାଳ ଓହଳିଥିଲେ, ସେହି ଲଜ୍ଜାଜନକ ଚିତ୍ର ଦେଖିଲେ ଏ ଜାତି କଷ୍ଟକରି କିଛି ଉପାର୍ଜନ କରିବାକୁ ଚାହୁଁଥିଲା ଭଳି ହୃଦ୍‌ବୋଧ ହେଉନାହିଁ। ଏକ ଉନ୍ନତ ଦେଶ ଗଢ଼ିବାକୁ ଚାହୁଁଥିବା ଛାତ୍ର କେବେହେଲେ ଛଦ୍ମ ଦେଶପ୍ରେମର ଆଶ୍ରା ନେବାକୁ ପସନ୍ଦ କରିବେ ନାହିଁ। ଯେଉଁମାନେ ଦେଶପ୍ରେମ ନାମରେ ଛାତ୍ରସମାଜକୁ ବିଭ୍ରାନ୍ତ କରୁଛନ୍ତି, ସେମାନେ ସିଧାସଳଖ ଏ ଦେଶର କ୍ଷତି କରୁଛନ୍ତି ବୋଲି କୁହାଯାଇପାରିବ।

# ସ୍ୱାସ୍ଥ୍ୟସେବାରେ ଦଳୀୟ ସ୍ୱାର୍ଥ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଚିକିତ୍ସାଳୟରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଆଖି ଆଗରେ କାହାର ଛବି ନାଚି ଉଠିଥାଏ ? କିଛି ସାଧାରଣ ଲୋକ ମନେ କରୁଥିବେ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀଙ୍କ ମୁଖମଣ୍ଡଳ। ଏମିତି ଏକ ଧାରଣା ଜନ୍ମିବା ପଛରେ ବିଭିନ୍ନ ନେତା ଓ ସମର୍ଥକମାନଙ୍କ ଜବରଦସ୍ତ ପ୍ରଚାର, ଅସଂଖ୍ୟ ବିଜ୍ଞାପନ ଏବଂ ରାସ୍ତାକଡ଼ର ତତ୍‌ସମ୍ପର୍କିତ ଏକାଧିକ ହୋର୍ଡିଂର ପ୍ରଭାବ ବିଦ୍ୟମାନ। ଏହାର ପୃଷ୍ଠଭୂମି ସମ୍ପର୍କରେ ଜ୍ଞାତ ହେବା ପାଇଁ ବର୍ତ୍ତମାନ ପ୍ରଚଳିତ ବିଭିନ୍ନ ସରକାରୀ ଯୋଜନା ପ୍ରତି ଦୃଷ୍ଟି ଦିଆଯାଉ।

ସମ୍ପ୍ରତି ସ୍ୱାସ୍ଥ୍ୟବୀମା ଯୋଜନା ଏକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଭାବେ ଅନୁସୃତ ହେବା ଲକ୍ଷ୍ୟ କରାଯାଉଛି। ୨୦୧୮ ମସିହାରେ 'ଆୟୁଷ୍ମାନ୍ ଭାରତ' ଅର୍ଥାତ୍ 'ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' (ପିଏମ୍‌ଜେଏଓ୍ବାଇ) କେନ୍ଦ୍ର ସରକାର ଘୋଷଣା କଲେ। ଏହି ଯୋଜନା ଅନୁସାରେ ପ୍ରତିବର୍ଷ ଗରିବ ପରିବାର ପିଛା ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଉପଲବ୍ଧ ହେବ। ବିଭିନ୍ନ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିବା ସକାଶେ ଏଥିରେ ବ୍ୟବସ୍ଥା ରହିଛି। କିନ୍ତୁ ସର୍ବସାଧାରଣଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ଓଡ଼ିଶା, ଦିଲ୍ଲୀ, ତେଲେଙ୍ଗାନା ପରି ରାଜ୍ୟଗୁଡ଼ିକ ଗ୍ରହଣ କଲେ ନାହିଁ। ସେମାନଙ୍କ ଯୁକ୍ତି ହେଲା, ଏହି ରାଜ୍ୟଗୁଡ଼ିକରେ ପ୍ରଣୀତ ସ୍ୱାସ୍ଥ୍ୟ ଯୋଜନା ପ୍ରଧାନମନ୍ତ୍ରୀଙ୍କ ଆରୋଗ୍ୟ ଯୋଜନା ଅପେକ୍ଷା ଅଧିକ ଉତ୍ତମ ଓ ଲୋକଙ୍କ ପାଇଁ ଲାଭଦାୟକ। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରର ଆର୍ଥିକ ସହାୟତା ଯଥାକ୍ରମେ ଶତକଡା ଷାଠିଏ ଓ ଚାଳିଶ ଭାଗ। ତେଣୁ ରାଜ୍ୟ ସରକାରଙ୍କ ସମର୍ଥନ ବିନା ଏହା ବିଫଳ ହେବ।

ଉକ୍ତ କାର୍ଯ୍ୟକ୍ରମକୁ କେତୋଟି ରାଜ୍ୟ ସମ୍ପୂର୍ଣ୍ଣ ଭାବେ ନିଜ ନିଜ କାରଣ ଦର୍ଶାଇ ପ୍ରତ୍ୟାଖ୍ୟାନ କରିଛନ୍ତି। ତେବେ ପଶ୍ଚିମବଙ୍ଗ ସରକାରଙ୍କ ଆଭିମୁଖ୍ୟ ଏହି ମାମଲାରେ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଛି। 'ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ରେ ଏହି ରାଜ୍ୟର ଏକ କୋଟିରୁ ଅଧିକ ବ୍ୟକ୍ତି ଅନ୍ତର୍ଭୁକ୍ତ ହୋଇସାରିଲେଣି। ତେବେ ଏଥିରେ ଦିଦିଙ୍କ ସରକାର ଆଉ ସମ୍ପୃକ୍ତ ହେବାକୁ ଅମଙ୍ଗ। ତାଙ୍କ ମତ ପରିବର୍ତ୍ତନର କାରଣ ମୂଳତଃ ରାଜନୈତିକ ସ୍ୱାର୍ଥଜଡ଼ିତ। ଦିଦିଙ୍କ ଯୁକ୍ତି ହେଉଛି ଯେ, କେନ୍ଦ୍ର ହିତାଧିକାରୀମାନଙ୍କୁ ଡାକ ଦ୍ୱାରା ଯେଉଁ ପତ୍ର ଦେଉଛି, ସେଥିରେ ମୋଦିଙ୍କ ଛବି ଓ ପଦ୍ମଫୁଲ ପରି ଦେଖାଯାଉଥିବା ଚିହ୍ନ ରହିଛି। ଏହାଦ୍ୱାରା ଜନସମୁଦାୟରେ ପ୍ରଧାନମନ୍ତ୍ରୀ ଭୋଟ-ରାଜନୀତି ଦୃଷ୍ଟିରୁ ଅଧିକ ଲାଭବାନ୍ ହେବେ। ରାଜ୍ୟର ଏଥିରେ ଅବଦାନ ଥିଲେ ସୁଦ୍ଧା ଏହା ଲୋକଙ୍କ ଅଗୋଚରରେ ରହୁଛି। ତେଣୁ ଦିଦି ଏହି ମର୍ମରେ ପ୍ରତିରୋଧାତ୍ମକ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ। ତାଙ୍କ ଦଳର କର୍ମୀମାନେ ଡାକ ବିଭାଗ କର୍ମଚାରୀଙ୍କ ଉପରେ ଚାପ ପକାଇ ଏ ସମ୍ପର୍କିତ ଚିଠିମାନ ହିତାଧିକାରୀଙ୍କୁ ନ ଦେବା ପାଇଁ ପ୍ରବର୍ତ୍ତାଉଛନ୍ତି। ଦିଦିଙ୍କୁ ଟକ୍କର ଦେବା ଲକ୍ଷ୍ୟରେ ମୋଦି ସରକାର ଚିନ୍ତା କରୁଥିବା ଜଣାପଡ଼ିଛି। ସେହି ଅନୁଯାୟୀ କେନ୍ଦ୍ର ଏହି ରାଜ୍ୟକୁ ଉପେକ୍ଷା କରି ସିଧାସଳଖ ହିତାଧିକାରୀଙ୍କୁ ହସ୍ପିଟାଲ ସୂଚୀରେ ନାମ ଲେଖାଇବା ବ୍ୟବସ୍ଥା କରିବେ। ସେ ଯାହା ହେଉ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏତାଦୃଶ ଆତ୍ମ-ବିଜ୍ଞାପନ ମନୋବୃତ୍ତି ଯୋଗୁ ସ୍ୱାସ୍ଥ୍ୟବୀମା ଯୋଜନାର ସଫଳ ରୂପାୟନ ବିଘ୍ନିତ ହେବ।

ଜନସାଧାରଣ ବିଶେଷତଃ ଗରିବଙ୍କ ସ୍ୱାସ୍ଥ୍ୟରକ୍ଷା ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦଳୀୟ ଟଣାଓଟରା ଆଦୌ ସ୍ପୃହଣୀୟ ନୁହେଁ। ଏହାର ଗମ୍ଭୀରତା ଜାଣିବା ପାଇଁ କିଛି ପରିସଂଖ୍ୟାନ ପ୍ରତି ଦୃଷ୍ଟି ଦିଆଯାଇପାରେ। ନିକଟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ମାଟ୍ରିକ୍ସ ଆଣ୍ଡ୍ ଇଭାଲ୍ୟୁଏଶନ୍ ତରଫରୁ ଯେଉଁ ତଥ୍ୟ ପ୍ରକାଶିତ, ତାହାର ବିଶ୍ଳେଷଣ ବ୍ଲୁମ୍‌ବର୍ଗ ସଂସ୍ଥା କରିଛି। ତଦନୁସାରେ ଯୁକ୍ତରାଷ୍ଟ୍ର ଆମେରିକା ବ୍ୟକ୍ତି ପିଛା ସ୍ୱାସ୍ଥ୍ୟ ବାବଦରେ ୧୧,୦୦୦ ଡଲାର ଖର୍ଚ୍ଚ କରୁଥିବା ବେଳେ ବ୍ରିଟେନ ପାଇଁ ଏହି ଧନରାଶି ୪୦୦୦ ଡଲାର। କିନ୍ତୁ ଭାରତ କ୍ଷେତ୍ରରେ ଏହି ରାଶି ମୋଟେ ୨୪୦ ଡଲାର। ପୁଣି ଭାରତୀୟମାନେ ସରକାରୀ ଅପେକ୍ଷା ବେସରକାରୀ ଚିକିତ୍ସାଳୟକୁ ଅଧିକ ପସନ୍ଦ କରିଥାନ୍ତି।

ବ୍ଲୁମ୍‌ବର୍ଗ ହେଲ୍‌ଦିଏଷ୍ଟ କଣ୍ଟ୍ରି ଇଣ୍ଡେକ୍ସ (୨୦୧୯) ଅନୁସାରେ ୧୬୯ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୨୦। ଆମଠାରୁ ଉନ୍ନତ ସ୍ଥିତିରେ ଅଛନ୍ତି ଆମର କେତେକ ପଡ଼ୋଶୀ ଦେଶ, ଯଥା- ଚାଇନା(୫୨), ଶ୍ରୀଲଙ୍କା(୬୬), ବାଂଲାଦେଶ(୯୧) ଓ ନେପାଳ(୧୧୦)। ବିଶ୍ୱବ୍ୟାଙ୍କ ଅନୁସାରେ 'କ୍ୟୁବା' 'ଉଚ୍ଚ ଆୟକାରୀ' ଦେଶ ତାଲିକାର ଅନ୍ତର୍ଭୁକ୍ତ ନ ହୋଇଥିଲେ ସୁଦ୍ଧା, ଏହି କ୍ଷୁଦ୍ର ରାଷ୍ଟ୍ରର ର୍‍ୟାଙ୍କ୍ ହେଉଛି ୩୦। ଦୁର୍ଭାଗ୍ୟର ବିଷୟ ଯେ, ଭାରତ ୨୦୧୭ ମସିହାରେ ୧୧୯ ସ୍ଥାନରେ ଥିବାବେଳେ ଏବେ ଗୋଟିଏ ସ୍ଥାନ ତଳକୁ ଖସିଛି।

ଆମ ଦେଶରେ ଚିକିତ୍ସକଙ୍କ ସଂଖ୍ୟା ମଧ୍ୟ ଆଶାଜନକ ନୁହେଁ। କେନ୍ଦ୍ରର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଲୋକ ସଭାରେ ପ୍ରଶ୍ନୋତ୍ତର କାଳରେ ଜଣାଇଥିଲେ ଯେ, ଆମ ଦେଶରେ ୩୧ ମାର୍ଚ୍ଚ ୨୦୧୭ ସୁଦ୍ଧା ୧୦,୨୨,୮୫୯ ଜଣ ଏଲୋପାଥିକ୍ ଡାକ୍ତର ଅଛନ୍ତି। ଅର୍ଥାତ୍ ପ୍ରତି ଏକ ହଜାର ଲୋକସଂଖ୍ୟା ପାଇଁ ମାତ୍ର ୦.୬୨ ଜଣ ଡାକ୍ତର। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମାନଦଣ୍ଡ ପାଇଁ ଏହା ଅତିକମ୍‌ରେ ଏକ ହେବା କଥା, ଯାହାକି ଭାରତ ପାଇଁ ମାତ୍ର ୦.୬୨। ଏପରି କି ପାକିସ୍ତାନ ପାଇଁ ଏହା ଆମଠାରୁ ଉନ୍ନତତର, ଯେଉଁଠାରେ ଏହି ଅନୁପାତ ହେଉଛି ୦.୮୬। ଲାଇଭ୍ ମିଣ୍ଟରେ ପ୍ରକାଶିତ ତଥ୍ୟାନୁସାରେ ୨୦୩୦ ସୁଦ୍ଧା ୨.୦୭ ନିୟୁତ ଅଧିକ ଡାକ୍ତର ନିଯୁକ୍ତ ହେଲେ, ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମାପଦଣ୍ଡରେ ପହଞ୍ଚିପାରିବ।

ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ଆମ ସ୍ୱାସ୍ଥ୍ୟସେବା ଶୋଚନୀୟ। କେବଳ ଚିକିତ୍ସକଙ୍କ ଅଭାବ ନୁହେଁ, ଭିତ୍ତିଭୂମି ମଧ୍ୟ ସନ୍ତୋଷଜନକ ନୁହେଁ। ତେଣୁ ଯେତେବେଳେ ରୋଗୀକୁ ନେଇ ସମ୍ପର୍କୀୟମାନେ ହସ୍ପିଟାଲରେ ପ୍ରବେଶ କରନ୍ତି, ସେମାନଙ୍କ ତ୍ରାଣକର୍ତ୍ତା ଭାବେ ପ୍ରଧାନମନ୍ତ୍ରୀ ବା କୌଣସି ମୁଖ୍ୟମନ୍ତ୍ରୀଙ୍କ ବିଜ୍ଞାପିତ ମୁଖମଣ୍ଡଳ ସେମାନଙ୍କୁ ଦୃଶ୍ୟ ହେବ ନାହିଁ ବରଂ ସେମାନେ ଜପ କରିବେ ଯମ ଗାୟତ୍ରୀ ମନ୍ତ୍ର: ''ଓଁ ସୂର୍ଯ୍ୟପୁତ୍ରାୟ ବିଦ୍ମହେ/ମହାକାଳାୟ ଧୀମହି/ତନ୍ନୋ ଯମଃ ପ୍ରଚୋଦୟାତ୍।''ଅଥବା 'ଧନ୍ୱନ୍ତରୀ ମନ୍ତ୍ର'। ସାଗରମନ୍ଥନ ବେଳେ ଆବିର୍ଭୂତ ତଥା ଗୋଟିଏ ହାତରେ ଅମୃତପୂର୍ଣ୍ଣ କଳସ ଓ ଅନ୍ୟ ହାତରେ ଚିକିତ୍ସା ଗ୍ରନ୍ଥ ଧରିଥିବା ଚିକିତ୍ସାର ଦେବତା ପ୍ରଭୁ ବିଷ୍ଣୁଙ୍କ ଏକ ଅବତାର ଧନ୍ୱନ୍ତରୀଙ୍କୁ ଆରୋଗ୍ୟ ଲାଭ ପାଇଁ ରୋଗୀ ଓ ଆତ୍ମୀୟସ୍ୱଜନ ସ୍ମରଣ କରିବେ। ସଂସ୍କୃତ ଶ୍ଳୋକ ମନେ ନ ପଡ଼ିଲେ ବା ଜାଣି ନ ଥିଲେ, ଅନ୍ତତଃ ମୃଗୁଣୀ ସ୍ତୁତି, ଗଜ ଉଦ୍ଧାରଣ ଜଣାଣ ମନେ ମନେ ଆତୁର ଭାବେ ଆବୃତ୍ତି କରିବେ। ବହୁ ଅଭାବ ଅସୁବିଧା, ବାଧାବିଘ୍ନରେ ଚାଲୁଥିବା 'ଦ୍ୱିତୀୟ ଈଶ୍ୱର'ଙ୍କ ଡାକ୍ତରଖାନାରେ ଅନୁପସ୍ଥିତି ବା ଅସାମର୍ଥ୍ୟରେ ଛଟପଟ ହୋଇ ହସ୍ପିଟାଲ ବେଡ଼୍‌ରେ ଜୀବନ ହାରିବା ଦୁର୍ଯୋଗ ଯେମିତି ସେମାନଙ୍କ ଫଟା କପାଳରେ ନ ଜୁଟୁ। ଅରକ୍ଷିତଙ୍କୁ ବିଭୁ କୃପା ସହାୟ ହେଉ।

ମୋ :୯୪୩୭୦୨୬୬୫୧

# ଘରଚଟିଆର ତୁଳନା ନାହିଁ



ପୀତାମ୍ବର ରାଉତ

ମହାନ୍ ପରିବେଶବିତ୍ ମହମ୍ମଦ ଦିଲଓ୍ବାର୍‌ଙ୍କ ଉଦ୍ୟମରେ ୨୦୧୦ରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ରୂପେ ସମଗ୍ର ବିଶ୍ୱରେ ପାଳନ କରାଯାଇ ଆସୁଛି। ଘରଚଟିଆର ବୈଜ୍ଞାନିକ ନାମ ପାସେରିଡି। ଭୂମଧ୍ୟସାଗରୀୟ ଅଞ୍ଚଳରୁ ଆରମ୍ଭ କରି ବ୍ରିଟେନ୍, ଫ୍ରାନ୍ସ, ପ୍ୟାରିସ୍, ଜର୍ମାନୀ, ବେଲଜିୟମ୍, ଇଟାଲୀ, ନେଦରଲାଣ୍ଡ ଓ ଫିନ୍‌ଲାଣ୍ଡରେ ଏମାନେ ବସବାସ କରୁଥିଲେ ହେଁ ଏମାନଙ୍କ ସଂଖ୍ୟା ଦ୍ରୁତବେଗରେ ହ୍ରାସ ପାଇବାରେ ଲାଗିଛି। ୨୦୦୪ରେ ବିଶ୍ୱ ଜୈବ ସଂରକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ଆଧାରରେ ବିଗତ ୪୦-୫୦ ବର୍ଷ ମଧ୍ୟରେ ଶତକଡା ୯୦ ଭାଗ ଘରଚଟିଆ ବିଲୁପ୍ତ ହୋଇଯାଇଛନ୍ତି। ବାକି ଶତକଡା ୧୦ ଭାଗ ଜୀବିତ ପକ୍ଷୀମାନଙ୍କର ଯତ୍ନନେବା ଆମ ପାଇଁ ଅପରିହାର୍ଯ୍ୟ। ଦିଲ୍ଲୀ ସରକାର ୨୦୧୨ରେ ଘରଚଟିଆକୁ ଦିଲ୍ଲୀ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଛନ୍ତି। ବ୍ୟାପକ କାର୍ଯ୍ୟକ୍ରମ ସହ ଘରଚଟିଆକୁ ପାଠ୍ୟ ପୁସ୍ତକରେ ସ୍ଥାନିତ କରିଛନ୍ତି।

ଘରଚଟିଆ ଧୂସର ରଙ୍ଗର କ୍ଷୁଦ୍ର ପକ୍ଷୀଟିଏ। ଏମାନେ ପ୍ରାୟତଃ ଚାଳଘରେ ରୁହନ୍ତି। ଗଛ, ପାହାଡଖୋଲ, ପୋଲ, ନଦୀକୂଳ ଇତ୍ୟାଦି ଜାଗାରେ ମଧ୍ୟ ବସା ବାନ୍ଧନ୍ତି। ରହଣି ସ୍ଥଳରୁ ୧.୫ରୁ ୨ ମାଇଲ୍ ପର୍ଯ୍ୟନ୍ତ ଖାଦ୍ୟ ଅନ୍ୱେଷଣରେ ଯାଆନ୍ତି। ଘରଚଟିଆ ପକ୍ଷୀର ଲମ୍ବ ୧୪ରୁ ୧୫ ସେମି। ଡେଣାର ଲମ୍ବ ୧୯-୨୮ ସେମି। ପୁରୁଷ ଘରଚଟିଆର ମଥା, ଗଳା ଧୂସର, ଈଷତ୍ କଳାରଙ୍ଗର। ଏମାନଙ୍କ କଳରବ କ୍ଷୁଦ୍ର ଏବଂ ଅବିଶ୍ରାନ୍ତ। ଅଣ୍ଡାରୁ ଛୁଆ ଫୁଟିବାକୁ ୧୦ରୁ ୧୨ଦିନ ଲାଗିଥାଏ।

ମାତ୍ର ଆଜିର ଅସନ୍ତୁଳିତ ପରିବେଶ ଯଥା- ଜଙ୍ଗଲ ପରିମାଣ ହ୍ରାସ, ପକ୍କାଘର, ରାସାୟନିକ ସାର ବ୍ୟବହାର, କୀଟନାଶକ ଔଷଧ, ପେଟ୍ରୋଲ, ଡିଜେଲ୍ ଧୂଆଁ, ଗାଡିର ହର୍ନ, ଏବଂ ମୋବାଇଲ ଟାଓ୍ବାରର ବିକିରଣ ପ୍ରଭାବରେ ଏମାନଙ୍କ ଅବସ୍ଥା ବିଲୁପ୍ତି ଆଡକୁ ଗତି କରୁଛି। ଇଣ୍ଡିଆନ୍ କ୍ରେନ୍ସ ଆଣ୍ଡ ଓ୍ବେଟ୍‌ଲ୍ୟାଣ୍ଡସ୍ ଓ୍ବାର୍କିଂ ଗ୍ରୁପ୍‌ର କେ.ଏସ୍. ଗୋପୀ ସୁନ୍ଦରଙ୍କ ମତରେ ଚାଷଜମିରେ ରାସାୟନିକ ସାର ଓ କୀଟନାଶକ ସିଞ୍ଚନ ଯୋଗୁ ଘରଚଟିଆର ଖାଦ୍ୟ ଉପଯୋଗୀ କୀଟ ଓ ପୋକ ମରିଯାଉଛନ୍ତି। ତେଣୁ ଖାଦ୍ୟ ଅଭାବ ସେମାନଙ୍କ ମୃତ୍ୟୁର ମୁଖ୍ୟ କାରଣ ପାଲଟୁଛି।

ବିଶିଷ୍ଟ ହିନ୍ଦୀ ଲେଖିକା ମହାଦେବୀ ବର୍ମା ତାଙ୍କ ଗଳ୍ପ 'ଗୋରେୟା'ରେ ଏକଦା ବର୍ଣ୍ଣନା କରିଥିଲେ, ଘରଚଟିଆମାନେ କିପରି ତାଙ୍କ ହାତରୁ ଖାଦ୍ୟ ନେଇ କାନ୍ଧରେ ବସି ପଡୁଛନ୍ତି। ଏହି କାହାଣୀକୁ ବାସ୍ତବରୂପ ଦେଇଛନ୍ତି ମୁମ୍ବାଇର ରାଧିକା ଚୋପ୍ରା ଏବଂ ଦିଲ୍ଲୀର ନିନ୍‌ଜିତ୍ ତନେଜା। ୧୭ ମହଲା କୋଠାଘର ବାଲକୋନିରେ ଖାଦ୍ୟ ପକେଇ ଘରଚଟିଆଙ୍କ ସଂଖ୍ୟା ବଢାଇବାରେ ସେମାନେ ସମର୍ଥ ହୋଇଛନ୍ତି।

ଆଜିର ଉଜୁଡ଼ା ପରିବେଶ ଘରଚଟିଆଙ୍କ ପାଇଁ କାଳ। ଏହାର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ହେବା ବାଞ୍ଛନୀୟ। ନ ହେଲେ ଶାଗୁଣା ଭଳି ଏମାନଙ୍କୁ ବାହାର ରାଜ୍ୟରୁ ଆଣି ଚିଡ଼ିଆଖାନାରେ ରଖିବାକୁ ହେବ। ୧୯୯୯ ମହାବାତ୍ୟା ପୂର୍ବରୁ ଶାଗୁଣା ବଂଶ ଲୋପପାଇଛି। ମହାବାତ୍ୟାରେ ହଜାର ହଜାର ଗୋରୁ ମରି ପଡ଼ିଥିଲେ ମଧ୍ୟ ଗୋଟିଏ ହେଲେ ଶାଗୁଣା ଦେଖିବାକୁ ମିଳି ନ ଥିଲା। ୨୬।୬।୨୦୧୮ରେ ୧୨ଟି ଶାଗୁଣା ଗ୍ୱାଲିୟରରୁ ନନ୍ଦନକାନନକୁ ଅଣାଯାଇଥିଲା। ୧।୩।୨୦୧୯ରେ ପ୍ରଥମ ଶାଗୁଣା ଶାବକଟି ଜନ୍ମ ହୋଇଛି।

### ବିଶ୍ୱ ଘରଚଟିଆ ଦିବସ ଉପଲକ୍ଷେ

ମଣିଷସମାଜ ପାଇଁ ଘରଚଟିଆ ଏକ ଅତ୍ୟନ୍ତ ଉପକାରୀ ପ୍ରାଣୀ। ଶସ୍ୟକ୍ଷେତ୍ରର ଅପକାରୀ କୀଟ ଯଥା ଉଇ, ଝିଣ୍ଟିକା, ଲେଡ଼ାପୋକ ଆଦିକୁ ଖାଇଦିଅନ୍ତି। ତେଣୁ ଏହି କ୍ଷୁଦ୍ର ପକ୍ଷୀ କୃଷକର ବନ୍ଧୁ। ତେବେ ପ୍ରଶ୍ନ ଉଠେ ରାଜ୍ୟ ସରକାରଙ୍କ ଯୋଜନା କ'ଣ କେବଳ ମଣିଷମାନଙ୍କ ପାଇଁ! ପଶୁପକ୍ଷୀ, ପରିବେଶର ଦାୟିତ୍ୱ ନେବ କିଏ ? କଥା କହିପାରୁ ନ ଥିବା ସେମାନଙ୍କ ପାଇଁ କିଛିନାହିଁ। ପଶୁପକ୍ଷୀ ଓ ଜଙ୍ଗଲ ବିନା ଆମେ ବଞ୍ଚିପାରିବା ନାହିଁ। ତେଣୁ ସେମାନଙ୍କୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ। ବାସ ଓ ଖାଦ୍ୟ ଅଭାବରୁ ବାଘ, ହାତୀ ସହର ଆଡକୁ ମୁହାଁଉଛନ୍ତି। ଇଏ ନିତିଦିନିଆ ଘଟଣା ପାଲଟିଲାଣି। ସରକାର ଏକା ନୁହନ୍ତି, ଆମେ ସାଧାରଣ ମଣିଷ ଏବଂ ସ୍କୁଲ ପିଲା ମିଳିମିଶି ପ୍ରତିଦିନ ମୁଠିଏ ଚାଉଳ ଘରଅଗଣା କିମ୍ବା ଛାତ ଉପରେ ଥୋଇବା। ପାଖରେ ପାଣି ପାତ୍ରଟିଏ ରଖିବା। ସରକାରୀ ନିର୍ଦ୍ଦେଶ ଏମିତି ହୁଅନ୍ତାନି! ସର୍ବଶିକ୍ଷାରେ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳରୁ ମାତ୍ର ୨ ମୁଠା ପ୍ରତିଦିନ ପିଲାଏ ଦେଲେ ପରିବେଶ ବିଜ୍ଞାନକୁ ବୁଝିବା ସହଜ ହେବା ସହ ସେମାନଙ୍କୁ ନୈତିକ ଶିକ୍ଷା ମିଳିପାରିବ। ସୁଖର କଥା କଟକସ୍ଥିତ ସିଡିଏ କାର୍ଯ୍ୟାଳୟର ଉପବିତ୍ତ ଅଧିକାରୀ ତଥା ଜଣେ ପରିବେଶବିତ୍‌ଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଅଫିସ ଛାତରେ ପକ୍ଷୀମାନଙ୍କ ପାଇଁ ଗହମ, ଚାଉଳ, ସୋରିଷ ଏବଂ ପାଣିକୁଣ୍ଡର ବ୍ୟବସ୍ଥା ହୋଇଛି। ଏପରି କାର୍ଯ୍ୟ ଅନ୍ୟ ସରକାରୀ ତଥା ବେସରକାରୀ ଅଫିସରେ କରାଗଲେ ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ ହେବ।

ଏ ପୃଥିବୀ ଯେହେତୁ କେବଳ ମଣିଷଙ୍କ ପାଇଁ ନୁହେଁ, ଯୋଜନା ମଧ୍ୟ କେବଳ ମଣିଷମାନଙ୍କ ପାଇଁ ନ ହେଉ। ପଶୁପକ୍ଷୀଙ୍କ ପାଇଁ ବି ହେଉ। ଆମ ନୀତିଶାସ୍ତ୍ରରେ ଅଛି- ''ତତୋଽନ୍ୟଦନ୍ନମାଦାୟ ନିର୍ଗତ୍ୟ ଭଗବାନ୍ ବହିଃ। କାକେଭ୍ୟଃ ଶ୍ୱପଚେଭ୍ୟଶ୍ଚ ନିକ୍ଷିପେଦ୍ ଗ୍ରାସମେଦତ୍।।'' (ବ୍ୟାସସ୍ମୃତି ୩/୩୬) ପଶୁପକ୍ଷୀଙ୍କୁ କିଛି କିଛି ଖାଦ୍ୟ ଦାନ କରିବା ଦ୍ୱାରା ଆମର ରିଷ୍ଟ ଖଣ୍ଡନ ହେବା ସହିତ ଚଲାପଥ କୁସୁମିତ ହେବ। ଘରଚଟିଆର ଗୁଣଗାନ କରି ଡ. ଲିଙ୍ଗରାଜ ରଥ ଲେଖିଛନ୍ତି- ''ଘରଚଟିଆରେ ଘରଚଟିଆ/ପକ୍ଷୀଟିଏ ତୁହି ଭାରି ବୁଦ୍ଧିଆ/ପୋକଜୋକ ଯେତେ ଖାଇ/ଉପକାର କରୁ ମଣିଷଜାତିର/ତୋ'ର ତୁଳନା ନାହିଁ।''

ନିଆଳି, କଟକ, ମୋ-୯୯୩୭୬୬୨୧୮୭

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମାର୍ଚ୍ଚ ୧୯୯୪

- ଇରାକ ବିରୋଧରେ ଲାଗୁ ହୋଇଥିବା ବାଣିଜ୍ୟ କଟକଣାକୁ ପ୍ରତ୍ୟାହାର କରିବା କିମ୍ବା କୋହଳ କରିବା ନେଇ ଇରାକର ଅନୁରୋଧକୁ ଜାତିସଂଘ ନିରାପତ୍ତା ପରିଷଦରେ ପ୍ରତ୍ୟାଖ୍ୟାନ।
- ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏ.କେ. ବୀରଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଲାବଣ୍ୟପ୍ରୀତି' ଓସାକାଠାରେ ଅନୁଷ୍ଠିତ ଦ୍ୱିତୀୟ ଏସିଆନ୍ ଟେଲିଭିଜନ ଉତ୍ସବରେ ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ବିବେଚିତ ହୋଇଛି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 1 | | | | | | | | A |
| 7 | | 5 | 1 | E | | | | | | | 9 | | 8 | 2 |
| 3 | | | 8 | | D | | | | | | 7 | B | 4 | |
| | D | 8 | | 2 | C | | 6 | 5 | | | 1 | 7 | | |
| E | 2 | | | 6 | | | | D | 0 | A | | | | |
| 5 | | | D | | 8 | 6 | | 9 | | 4 | C | | | |
| | | | 6 | | | | | 3 | 8 | B | 0 | | | |
| | 7 | | 4 | 3 | | | D | | 1 | | | | | C |
| 1 | | 0 | | | B | | | | D | 7 | | 5 | | E |
| | 6 | D | E | | 1 | | | | A | | | | 2 | |
| | 8 | | 0 | | | B | | 1 | | | | 4 | | |
| | | A | | | | | | 7 | 3 | C | 4 | 8 | | |
| 0 | | 7 | | | | 5 | | | | D | | | | |
| 4 | 5 | | | C | | 2 | | | E | | | A | B | |
| | | | 2 | | | | 0 | | | | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ଏଇ ଭାରତରେ

ଜଣେ ବ୍ୟକ୍ତି ୧୦ଲକ୍ଷ ଟଙ୍କା ରାସ୍ତାପାର୍ଶ୍ୱରୁ ପାଇ ଫେରାଇଦେବା ଘଟଣା ତାଙ୍କୁ ମହାନତାର ପରିଚୟ ଦେଇଛି। ଏଥିପାଇଁ ଉକ୍ତ ବ୍ୟକ୍ତିଙ୍କୁ ପୁରସ୍କାର ସ୍ୱରୂପ ୨ଲକ୍ଷ ଟଙ୍କା ଦିଆଯାଇଛି। ଦିଲୀପ ପୋଦ୍ଦାର ନାମକ ଜଣେ ବ୍ୟକ୍ତି ସୁରଟର ଉମ୍ରା ଅଞ୍ଚଳରେ ଶାଢ଼ି ଶୋ'ରୁମ୍‌ରେ ସେଲ୍ସମ୍ୟାନ୍ ଭାବେ କାମ କରନ୍ତି। ପୋଦ୍ଦାର ମଧ୍ୟାହ୍ନଭୋଜନ ସାରି ଡ୍ୟୁଟିକୁ ଫେରୁଥିବା ବେଳେ ରାସ୍ତାପାର୍ଶ୍ୱରେ ଏକ ବ୍ୟାଗ୍ ପଡିଥିବାର ଦେଖିବାକୁ ପାଇଥିଲେ। ବ୍ୟାଗ୍‌ଟି ଖୋଲିବା ପରେ ସେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ। ସମୁଦାୟ ୧୦ଲକ୍ଷ ଟଙ୍କାର ୨୦୦୦ ଟଙ୍କିଆ ନୋଟ୍ ଏଥିରେ ରହିଥିଲା। ଚାହିଁଥିଲେ ଏତେଗୁଡିଏ ଟଙ୍କା ସେ ରଖିଦେଇ ପାରିଥାଆନ୍ତେ। କିନ୍ତୁ ତାହା ନ କରି ସେ ତାଙ୍କ ଶୋ'ରୁମ୍ ମ୍ୟାନେଜରଙ୍କୁ ଏ ବିଷୟ ଜଣାଇଥିଲେ। ଟଙ୍କା ହରାଇଥିବା ଲୋକର ସନ୍ଧାନ ନ ମିଳିବା ପର୍ଯ୍ୟନ୍ତ ବ୍ୟାଗ୍ ନିଜ ହେପାଜତରେ ରଖିବାକୁ ମ୍ୟାନେଜର ତାଙ୍କୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଉମ୍ରା ପୋଲିସକୁ ସୂଚନା ଦିଆଯିବା ପରେ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଟଙ୍କା ବ୍ୟାଗ୍‌ର ପ୍ରକୃତ ମାଲିକଙ୍କୁ ଠାବ କରାଯାଇଥିଲା। ଏହାପରେ ପୋଲିସ ପୋଦ୍ଦାରଙ୍କୁ ଡକାଇ ବ୍ୟାଗ୍‌କୁ ପ୍ରକୃତ ମାଲିକଙ୍କୁ ଫେରାଇ ଦେବାକୁ କହିଥିଲେ। ପୋଦ୍ଦାରଙ୍କ ସଚ୍ଚୋଟତା ପାଇଁ ମାଲିକ ତାଙ୍କୁ ୧ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ। ଏଥିସହିତ ସ୍ଥାନୀୟ ଅଳଙ୍କାର ଦୋକାନୀ ମଧ୍ୟ ତାଙ୍କ ନିଜ ପକେଟରୁ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ପୋଦ୍ଦାରଙ୍କ ସଚ୍ଚୋଟତା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ଚିନ୍ତାହୀନ ଶୋକଶୂନ୍ୟ
ସୁଖ ସୌଭାଗ୍ୟର କୋଳାହଳ,
କାହିଁ ଲୁଚେ ଅନ୍ଧକାରେ
କାହିଁ ହୁଏ ଆଲୋକେ ଉଜ୍ଜ୍ୱଳ!
ଶତ କୋଟି ବିଶ୍ୱ କ୍ରୀଡ଼େ
ଅହରହ ଲୋମକୂପେ ତବ
ବିସ୍ମୃତି ନୁହଇ ବୁଝି
କଳ୍ପନା-ଅତୀତ ଅବୟବ!

(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯୁବ ପିଢ଼ିଙ୍କ ପାଇଁ ବାଟ ଛାଡ଼

ମହାଶୟ,

ସାଂସଦ ତଥାଗତ ସତପଥୀଙ୍କ ଆହ୍ୱାନ 'ଯୁବବର୍ଗ ପାଇଁ ବାଟ ଛାଡ଼' ପଢ଼ି ତାଙ୍କୁ ଅଭିନନ୍ଦନ ଜଣାଉଛି। ଅନେକ ରାଜନେତା ବାରମ୍ବାର ବିଧାନସଭା ଓ ଲୋକ ସଭାକୁ ନିର୍ବାଚିତ ହୋଇ ଦେଶସେବା କରିବା ପରିବର୍ତ୍ତେ ନିଜ ସେବା କରୁଛନ୍ତି। ଦେଶରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ପୋଲିସକୁ ଦିନ ଦ୍ୱିପ୍ରହରରେ ରାଜଧାନୀରେ ସରକାରୀ ଦଳ ସମର୍ଥିତ ଯୁବଗୋଷ୍ଠୀ ମାଡ଼ ମାରୁଛନ୍ତି। ନାରୀ ସୁରକ୍ଷା ବିପନ୍ନ। ଏହା ବିରୋଧରେ ବିଧାୟକ ଓ ମନ୍ତ୍ରୀମାନେ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ ନୀରବ ରହୁଛନ୍ତି। ଏସବୁକୁ ଲକ୍ଷ୍ୟକରି ତଥାଗତବାବୁ ଅସନ୍ତୋଷ ପ୍ରକାଶ କରିବା ସହ ଯୁବଗୋଷ୍ଠୀଙ୍କୁ ରାଜନୀତିରେ ପ୍ରବେଶ ପାଇଁ ଆହ୍ୱାନ ଦେଇଛନ୍ତି। ଏତଦ୍‌ବ୍ୟତୀତ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ରାଜନେତାମାନେ ରାଜନୀତିରୁ ଅବସର ନେବାକୁ ପରାମର୍ଶ ଦେଇଛନ୍ତି। ଦେଖାଯାଉ ଲୋକେ ତାଙ୍କ ଆହ୍ୱାନକୁ କେତେଦୂର ଗ୍ରହଣ କରୁଛନ୍ତି!

ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### 'ମୋ ବସ୍'ର ନିର୍ଘଣ୍ଟ ଓ ଦେୟ ପ୍ରଦର୍ଶିତ ହେଉ

ରାଜଧାନୀ ଭୁବନେଶ୍ୱରରେ ବର୍ତ୍ତମାନ ସରକାରଙ୍କ ଅନେକ ବାତାନୁକୂଳିତ 'ମୋ ବସ୍' ଚାଲୁଛି। ଟାଉନ୍ ବସ୍ ଓ ଅଟୋ ଭଡ଼ାଠାରୁ ଏହା ଶସ୍ତା କି ମହଙ୍ଗା ତାହା ସାଧାରଣ ଯାତ୍ରୀ ଜାଣିପାରୁ ନାହାନ୍ତି। ବସ୍ କେତେବେଳେ ଆସିବ ଓ ଯିବ ତାହା ମଧ୍ୟ ଜାଣିପାରୁ ନାହାନ୍ତି। କେତେ ସମୟ ପରେ ବସ୍ ଆସିବ ଜାଣିପାରିଲେ ଲୋକେ ଅପେକ୍ଷା କରନ୍ତେ ଓ ଅଧୀର ହୋଇ ଅଟୋ ପ୍ରଭୃତିରେ ଯାଆନ୍ତେ ନାହିଁ। ଏହାଦ୍ୱାରା 'ମୋ ବସ୍'ର ଯାତ୍ରୀ ସଂଖ୍ୟା ଓ ଆୟ ବୃଦ୍ଧି ପାଆନ୍ତା। ଏଣୁ ଯାତ୍ରୀ ପ୍ରତୀକ୍ଷାଳୟଗୁଡ଼ିକରେ ଡିସ୍‌ପ୍ଲେ ଜରିଆରେ ବସ୍‌ର ଯାତାୟାତ ନିର୍ଘଣ୍ଟ ଓ ଭଡ଼ା ପରିମାଣ ପ୍ରଦର୍ଶିତ ହେଲେ ସମସ୍ତଙ୍କ ପାଇଁ ସୁବିଧା ହୁଅନ୍ତା।

ରାମଚନ୍ଦ୍ର ଦାଶ, ଉମେଶ ଚନ୍ଦ୍ର ମିଶ୍ର, ଭୋଇନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



❝ ପୁଲୱାମା ଆକ୍ରମଣ ପରେ ଭାଜପା ୨୦୧୯ ଭୋଟକୁ 'ଖାକି ନିର୍ବାଚନ'ରେ ପରିଣତ କରିବାକୁ ଉଦ୍ୟମ କରୁଛି।
–ଶଶୀ ଥରୁର,
ବରିଷ୍ଠ କଂଗ୍ରେସ ନେତା



# ଗୋଆରେ ସାୱନ୍ତ ସରକାର

ପଣଜୀ,୧୯।୩ (ପି.ଟି)

ମନୋହର ପାରିକରଙ୍କ ପରଲୋକ ପରେ ଗୋଆର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ଭାଜପା ବିଧାୟକ ପ୍ରମୋଦ ସାୱନ୍ତ। ସୋମବାର ରାତି ପ୍ରାୟ ୨ଟାରେ ଗୋଆ ରାଜ୍ୟପାଳ ମୃଦୁଳା ସିହ୍ନା ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ।

୪୬ ବର୍ଷ ବୟସ୍କ ସାୱନ୍ତ ଉତ୍ତର ଗୋଆର ସଙ୍ଖଲିମ୍ ବିଧାନସଭା ଆସନରୁ ବିଧାୟକ ଅଛନ୍ତି। ରାଜ୍ୟପାଳ ସାୱନ୍ତଙ୍କ ସହ ଅନ୍ୟ ୧୧ଜଣ ମନ୍ତ୍ରୀଙ୍କୁ ମଧ୍ୟ ଶପଥପାଠ କରାଇଥିଲେ। ସେମାନଙ୍କ ମଧ୍ୟରେ ଭାଜପାର ମିତ୍ରଦଳ ଏମ୍‌ଜିପି ଏବଂ ଜିଏଫ୍‌ପି ସଦସ୍ୟ ସ୍ଥାନ ପାଇଛନ୍ତି। ମନୋହର ପାରିକରଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ଯେଉଁମାନେ ସ୍ଥାନ ପାଇଥିଲେ ସେମାନେ ସମସ୍ତେ ନୂଆ ମନ୍ତ୍ରିମଣ୍ଡଳରେ ଅଛନ୍ତି। ମିତ୍ରଦଳ ସହିତ କ୍ଷମତା ବଣ୍ଟନର ଅଂଶ ସ୍ୱରୂପ ଦୁଇଟି ଛୋଟ ଦଳର ବିଧାୟକ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେମାନେ ହେଲେ ଗୋଆ ଫରୱାର୍ଡ ପାର୍ଟି ମୁଖ୍ୟ ବିଜୟୀ ସରଦେଶାଇ ଏବଂ ମହାରାଷ୍ଟ୍ରୱାଡି ଗୋମନ୍ତକ ପାର୍ଟି ବିଧାୟକ ସୁଦିନ ଢାବଲିକର।



ଗୋଆ ରାଜ୍ୟପାଳ ମୃଦୁଳା ସିହ୍ନା ମଙ୍ଗଳବାର ପ୍ରମୋଦ ସାୱନ୍ତଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥପାଠ କରାଉଛନ୍ତି।

## ଆଜି ଶକ୍ତି ପରୀକ୍ଷା

ଗୋଆର ନୂତନ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବା ପରେ ବୁଧବାର ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ। ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ୪୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୨୧ଜଣ ସଦସ୍ୟଙ୍କ ସମର୍ଥନ ରହିବା ଆବଶ୍ୟକ। ବର୍ତ୍ତମାନ ଗୋଆ ବିଧାନସଭାରେ ଭାଜପାର ୧୨ ବିଧାୟକ ଥିବାବେଳେ ଏହାର ମିତ୍ରଦଳ ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି), ମହାରାଷ୍ଟ୍ରୱାଡି ଗୋମନ୍ତକ ପାର୍ଟି(ଏମ୍‌ଜିପି)ରୁ ୩ ଲେଖା ବିଧାୟକ ଏବଂ ୩ ସ୍ୱାଧୀନ ବିଧାୟକ ଅଛନ୍ତି। ଭାଜପା ବିଧାୟକ ଫ୍ରାନ୍‌ସିସ୍ ଡି' ସୁଜା ଓ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ମୃତ୍ୟୁ ଏବଂ ଦୁଇ କଂଗ୍ରେସ ବିଧାୟକଙ୍କ ଇସ୍ତଫା ପରେ ବର୍ତ୍ତମାନ ଗୋଆ ବିଧାନସଭାର ସଭ୍ୟସଂଖ୍ୟା ୪୦ରୁ ୩୬କୁ ହ୍ରାସ ପାଇଛି। କଂଗ୍ରେସର ୧୪ ବିଧାୟକ ଥାଇ ଏହା ଏକକ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ପାଇଛି।

### ଡାକ୍ତରରୁ ମୁଖ୍ୟମନ୍ତ୍ରୀ

ପ୍ରମୋଦ ସାୱନ୍ତ ଜଣେ ଆୟୁର୍ବେଦିକ୍ ଡାକ୍ତର ଭାବେ କ୍ୟାରିୟର ଆରମ୍ଭ କରି ଗୋଆର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି। ଉତ୍ତର ଗୋଆର ସଙ୍ଖଲିମ୍ ଆସନରୁ ଦୁଇଥର ବିଧାୟକ ହୋଇଥିବା ସାୱନ୍ତ ବିଧାନସଭାର ବାଚସ୍ପତି ହୋଇଥିଲେ। ସେ ଜଣେ ଉତ୍ସର୍ଗୀକୃତ ଆରଏସ୍‌ଏସ୍ କର୍ମୀ। ଗୋଆରେ ଏକ ସର୍ବୋଚ୍ଚ ରାଜନୈତିକ ପଦବୀକୁ ତାଙ୍କର ଅଭ୍ୟୁଦୟ ଦ୍ୱାରା ଭାଜପା ଓ ଏହାର ମିତ୍ରଦଳ ମଧ୍ୟରେ ଏହି ପଦ ପାଇଁ ଲାଗିଥିବା ବିବାଦର ପରିସମାପ୍ତି ଘଟିଛି। ପାରିକରଙ୍କ ଜଣେ ଦୃଢ଼ ସମର୍ଥକ ତଥା ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ସାୱନ୍ତ ଅନେକ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ପୂର୍ବରୁ କଂଗ୍ରେସର ଗଡ଼ କୁହାଯାଉଥିବା ଉତ୍ତର ଗୋଆର ସଙ୍ଖଲିମ୍ ନିର୍ବାଚନମଣ୍ଡଳୀରୁ ସେ ୨୦୧୨ ଏବଂ ୨୦୧୭ରେ ବିଜୟୀ ହୋଇଥିଲେ।



ଜିମ୍ବାୱେର ହରାରେରୁ ୬୦୦ କି.ମି. ଦୂର ଚିମନିମାନିରେ ମଙ୍ଗଳବାର ସୈନ୍ୟମାନେ ଏକ ହେଲିକପ୍ଟରରେ ଆହତମାନଙ୍କୁ ଉଦ୍ଧାର କରୁଛନ୍ତି। ଇଡାଇ ଝଡ଼ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଥିବାବେଳେ ଏହାର ପ୍ରଭାବରେ ଶତାଧିକ ବାସଚ୍ୟୁତ ଏବଂ ଅନେକ ନିଖୋଜ ହୋଇଯାଇଛନ୍ତି।



ନ୍ୟାଶନାଲ କଂଗ୍ରେସ (ଏନ୍‌ସି) ପକ୍ଷରୁ ଜମ୍ମୁ-କଶ୍ମୀର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ହସ୍‌ନୈନ୍ ମାସୁଦିଙ୍କୁ ଅନନ୍ତନାଗ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ସମ୍ପର୍କିତ ରାୟକୁ ନେଇ ଜଷ୍ଟିସ୍ ମାସୁଦି ଜଣାଶୁଣା।

## ଖବର ସଂକ୍ଷେପରେ



- ଆସନ୍ତା ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିବ ନାହିଁ। କିନ୍ତୁ କଂଗ୍ରେସ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବ ବୋଲି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀରାଜ ଚୌହାନ କହିଛନ୍ତି।
- କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ଆସନ୍ତା ୨୩ରେ ପଶ୍ଚିମବଙ୍ଗର ମାଲ୍‌ଦା ଜିଲାର ଚଞ୍ଚଲରେ ଦଳୀୟ ସଭା କରିବେ। ଏଥିପାଇଁ ନିର୍ବାଚନ କମିଶନ ମଙ୍ଗଳବାର ଅନୁମତି ଦେଇଛନ୍ତି।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ କ୍ଷମତାକୁ ଫେରନ୍ତୁ ବୋଲି ଆର୍‌ଏସ୍‌ଏସ୍ ଚାହୁଁଛି। ଏଥିଲାଗି ପ୍ରଚାରକଙ୍କଠାରୁ ଜିଲା କାର୍ଯ୍ୟକର୍ତ୍ତାଙ୍କ ପର୍ଯ୍ୟନ୍ତ ଘରଘର ଯାଇ ଭାଜପା ସପକ୍ଷରେ ପ୍ରଚାର କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।
- ମହାରାଷ୍ଟ୍ରର ୪୮ ଆସନରେ ଏସ୍‌ପି-ବିଏସ୍‌ପି ମେଣ୍ଟ ପକ୍ଷରୁ ପ୍ରାର୍ଥୀ ଦିଆଯିବ। ଦୁଇଦଳ ମିଳିତ ଭାବେ ସମାଜର ୮୫-୯୦% ଲୋକଙ୍କ ପ୍ରତିନିଧିତ୍ୱ କରୁଥିବା ମୁମ୍ବାଇରେ ଏସ୍‌ପି ବିଧାୟକ ଅବୁ ଅସିମ ଆଜ୍‌ମୀ କହିଛନ୍ତି।

# ନିର୍ଣ୍ଣାୟକ ଭୂମିକା ନେବ ସୋସିଆଲ ମିଡିଆ

ସାଧାରଣ ନିର୍ବାଚନ

ହାଇଦ୍ରାବାଦ,୧୯।୩ (ପି.ଟି)

ସୋସିଆଲ ମିଡିଆ ସାଧାରଣ ନିର୍ବାଚନରେ ପ୍ରମୁଖ ଭୂମିକା ନିର୍ବାହ କରିପାରିବ ବୋଲି ଆଇଟି (ସୂଚନା ଓ ପ୍ରଯୁକ୍ତି) ବିଶେଷଜ୍ଞମାନେ ମତ ଦେଇଛନ୍ତି। ପୂର୍ବ ନିର୍ବାଚନଗୁଡ଼ିକରେ ଅନ୍ୟ ପାରମ୍ପରିକ ମାଧ୍ୟମ ସହିତ ସୂଚନା ପ୍ରଯୁକ୍ତିକୁ ଖୁବ୍ କମ୍ ବ୍ୟବହାର କରାଯାଉଥିଲା। କିନ୍ତୁ ବର୍ତ୍ତମାନ ସମୟ ବଦଳିଯାଇଛି ବୋଲି ପୂର୍ବତନ ଟେଲିକମ୍ ସଚିବ ତଥା 'ନାସକମ୍'ର ପୂର୍ବତନ ସଭାପତି ଆର୍. ଚନ୍ଦ୍ରଶେଖର ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଲୋକ ସଭା ନିର୍ବାଚନ ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ପ୍ରମୁଖ ଭୂମିକା ଗ୍ରହଣ କରିବ। ନିର୍ବାଚନ ବିଶ୍ଳେଷଣ ଅଥବା ରଣକୌଶଳ ସବୁ କ୍ଷେତ୍ରରେ ଟେକ୍ନୋଲୋଜି ଗୁରୁତ୍ୱ ବହନ କରିବ। ବର୍ତ୍ତମାନ ଯୁବପିଢ଼ି ବହୁଳ ଭାବେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ଏଥିସହିତ ଯୁବତୀଯୁବକମାନେ ପ୍ରଥମଥର ଭୋଟର ଭାବେ ଅଧିକ ସଂଖ୍ୟାରେ ମତଦାନ କରିବେ। ବିଭିନ୍ନ ରାଜନୈତିକ ଦଳ ରଣକୌଶଳ ପ୍ରସ୍ତୁତ କରିବାବେଳେ ପ୍ରଯୁକ୍ତିର ସହାୟତା ନେବେ ଓ ସୋସିଆଲ ମିଡିଆ ଏବଂ ଡିଜିଟାଲ୍ ମିଡିଆର ଉପଯୋଗ ଉପରେ ନିର୍ବାଚନ ଫଳାଫଳ ନିର୍ଭର କରିବ ବୋଲି ସେ ପ୍ରକାଶ କରିଛନ୍ତି। ମଜାର ବିଷୟ ହେଉଛି ନିର୍ବାଚନ କମିଶନ୍ ଏବଂ ଅନ୍ୟାନ୍ୟ ସଂସ୍ଥା ସୋସିଆଲ ମିଡିଆକୁ ସକାରାତ୍ମକ ଭାବେ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ମତଦାତାଙ୍କ ମଧ୍ୟରେ ସଚେତନତା ବୃଦ୍ଧିପାଇବା ସହିତ ଅଧିକ ସଂଖ୍ୟାରେ ଭୋଟର ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପୃଷ୍ଠଭୂମି ସମ୍ପର୍କରେ ସୋସିଆଲ ମିଡିଆ ୟୁଜର୍ସ ଅବଗତ ହୋଇପାରିବେ। ଫଳରେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିପାରିବ ବୋଲି ସେ କହିଛନ୍ତି।




## [ଇତିହାସର ଆଇନାରେ] ମାର୍ଚ୍ଚ ୨୦ର ପ୍ରମୁଖ ଘଟଣା

୨୦୧୨ ମାର୍ଚ୍ଚ ୨୦ରେ ଇରାକ୍‌ର ୧୦ଟି ସହରରେ ଏକକାଳୀନ ଆତଙ୍କବାଦୀ ଆକ୍ରମଣ ଯୋଗୁ ୫୨ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫୦ ଆହତ ହୋଇଥିଲେ। ୨୦୧୧ରେ ଆମେରିକା ଇରାକ୍‌ରୁ ସେନା ପ୍ରତ୍ୟାହାର କରିବା ପରେ ଏହା ଥିଲା ଦ୍ୱିତୀୟ ବଡ଼ ଧରଣର ଆକ୍ରମଣ।

୨୦୧୫ ମାର୍ଚ୍ଚ ୨୦ରେ ସୂର୍ଯ୍ୟୋପରାଗ, ସୁପରମୁନ୍ ଏବଂ ସମଦିବାରାତ୍ର ଏକକାଳୀନ ସଂଘଟିତ ହୋଇଥିଲା। ଏହିଦିନ ବିଷୁବରେଖାର ଠିକ୍ ଉପରିଭାଗରେ ସୂର୍ଯ୍ୟଙ୍କର କେନ୍ଦ୍ରସ୍ଥଳ ଦୃଶ୍ୟମାନ ହୁଏ।

**କର୍ପୋରେଶନ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନ ଦର୍ଶିତ ରଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି। ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ ପୁନଶ୍ଚ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ **ତା.୨୯.୦୩.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା** ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡ଼ିକୁ ବ୍ୟାଙ୍କର **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ରଣଗ୍ରହୀତାମାନେ ଦାୟୀ ରହିବେ।

| ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. / ଋଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୮.୦୩.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ ବକେୟା ଋଣ (ଟଙ୍କାରେ) + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ବଡବିଲ ଶାଖା, ମାୟା କମ୍ପ୍ଲେକ୍ସ, ମେନ୍ ରୋଡ, ସା/ପୋ.: ବଡବିଲ, ଜିଲ୍ଲା: କେନ୍ଦୁଝର, ଓଡିଶା, ପିନ୍-୭୫୮୦୩୫, ମୋ.: ୭୬୮୨୮୨୦୩୮୩** | | |
| **ଅମିତ ଚକ୍ରବର୍ତ୍ତୀ,** ପିତା: ଅଜିତେଶ ଚକ୍ରବର୍ତ୍ତୀ, ୱାର୍ଡ ନଂ.: ୧୧, ସୁନ୍ଦରା ବସ୍ତି, ଆରତୀ ମେଡିକାଲ ନିକଟ, ବଡବିଲ, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୫ / ଆକାଉଣ୍ଟ ନଂ.: ସିଏଡିଏଲ୍‌ଏନ୍/୫୬୦୯୯୧୧୭୦୭୭୭୨୬୫ / ୨୩.୧୦.୨୦୧୭ | ୫୭.୦୦ | ଟ.୮୨,୧୦୫/- |
| **ଚନ୍ଦ୍ରଶେଖରପୁର ଶାଖା, ୩୦୭/ସି, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର ଫୋ: ୦୬୭୪-୨୭୪୫୨୧୧, ମୋ: ୭୬୮୨୮୨୦୩୫୮** | | |
| **ଜ୍ୟୋସ୍ନା ପ୍ରଧାନ,** ହରେକୃଷ୍ଣ ନଗର, ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୨୧ / ଆକାଉଣ୍ଟ ନଂ.: ସିଏଡିଏଲ୍‌ଏନ୍/୫୬୦୯୯୧୦୦୨୪୬୫୧୭୩/ ୦୪.୦୧.୨୦୧୭ | ୩୧.୧୬ | ଟ.୫୭,୮୯୯/- |
| **ବାରିପଦା ଶାଖା, ହୋଲଡିଂ ନଂ.: ୫୩୩, ରକ୍ସି ମେନ୍ ରୋଡ, ସା/ପୋ.: ବାରିପଦା, ଜିଲ୍ଲା: ମୟୁରଭଞ୍ଜ, ଓଡିଶା, ପିନ୍-୭୫୭୦୦୧, ମୋ.: ୬୩୭୦୧୨୧୯୨୫** | | |
| **ଶ୍ରୀ ପ୍ରଣବ କୁମାର ସାହୁ,** ପିତା: ପ୍ରଫୁଲ୍ଲ କୁମାର ସାହୁ, ସା/ପୋ.: ଷଠିଲୋ, ବେତନଟି-୭୫୭୦୨୫ / ଆକାଉଣ୍ଟ ନଂ.: ସିଏଡିଏଲ୍‌ଏନ୍/୫୬୦୯୯୧୧୭୦୯୩୯୫୨୮ / ୨୨.୧୧.୨୦୧୭ | ୨୧.୭୯ | ଟ.୪୫,୩୧୭/- |
| **ଶ୍ରୀମତୀ ଭାରତୀ ଦାସ,** ସ୍ୱାମୀ: ପ୍ରଶାନ୍ତ କୁମାର ଦାସ, ଲାଲବଜାର, ବାରିପଦା-୭୫୭୦୦୧ / ଆକାଉଣ୍ଟ ନଂ.: ସିଏଡିଏଲ୍‌ଏନ୍/୫୬୦୯୯୧୧୭୦୭୯୩୩୯୭ / ୨୭.୧୦.୨୦୧୭ | ୭.୦୦ | ଟ.୧୨,୫୫୯/- |
| **କଙ୍କରଡା ଶାଖା, ପ୍ଲଟ୍ ନଂ.: ୨୩୭୯/୩୨୦୫ ଏବଂ ୨୩୭୯/୩୨୩୦, ମେନ୍ ରୋଡ୍, ସା/ପୋ.: କଙ୍କରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪, ମୋ.: ୭୦୦୪୩୬୯୩୮୮** | | |
| **ସାଗର ପ୍ରଧାନ,** ପିତା: ଚନ୍ଦ୍ରହାସ ପ୍ରଧାନ, କଉଡିଆ, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୪୪୨୦୨୦୬ / ୦୮.୧୨.୨୦୧୭ | ୧୧.୩୦ | ଟ.୧୫,୭୩୭/- |
| **ରବିନ୍ଦ୍ର ଗୌଡ,** ପିତା: ବିଜୟ ଗୌଡ, ପି ପେଣ୍ଟ, ଏସ୍ ଗୋପାଳପୁର, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୪୮୭୪୩ / ୧୭.୦୨.୨୦୧୭ | ୪୩.୩୦ | ଟ.୬୫,୯୦୫/- |
| **ଭୀମସେନ ମଲ୍ଲିକ,** ପିତା: ୰ ମୋହନ ମଲ୍ଲିକ, ମାଦଳପଲି, ଏସ୍ ଗୋପାଳପୁର, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୮୨୨୧୬ / ୦୧.୦୩.୨୦୧୭ | ୩୮.୪୦ | ଟ.୪୨,୫୮୬/- |
| **କାଳିଆ ନାୟକ,** ପିତା: ଯୋଗୀ ନାୟକ, ପ୍ରତାପଗିରି, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୩୧୦୧୩ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୪୨୫୪୬ / ୨୦.୦୩.୨୦୧୭ | ୩୦.୮୦ | ଟ.୫୯,୨୭୨/- |
| **ମିଟୁ ବରଡା,** ପିତା: ସତ୍ୟ ନାରାୟଣ ବରଡା, ନିସ୍ତିପୁର, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୫୪ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୯୦୪୪୮ / ୧୨.୦୪.୨୦୧୭ | ୨୩.୧୭ | ଟ.୪୨,୧୩୬/- |
| **ରବିନ୍ଦ୍ର ଦାସ,** ପିତା: ରାମ ଦାସ, ଲକ୍ଷ୍ମୀପୁର, କୁରୁଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୪୨୮୫୬ / ୦୫.୦୬.୨୦୧୭ | ୩୨.୩୮ | ଟ.୩୭,୪୪୦/- |
| **ବଚନ ପ୍ରଧାନ,** ପିତା: କାଳୁ ପ୍ରଧାନ, କଉଡିଆ, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୪୪୧୧୫ / ୦୭.୦୬.୨୦୧୭ | ୨୫.୭୪ | ଟ.୪୯,୭୮୯/- |
| **ବଚନ ପ୍ରଧାନ,** ପିତା: କାଳୁ ପ୍ରଧାନ, କଉଡିଆ, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୮୩୬୭୦ / ୧୯.୦୫.୨୦୧୭ | ୧୫.୦୮ | ଟ.୨୯,୭୯୬/- |

ତାରିଖ: ୧୯.୦୩.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ

**ଫର୍ମ ଜି**
**ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ**
(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ)

| ସମ୍ପର୍କିତ ବିବରଣୀ | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ଓର୍‌ଟେଲ କମ୍ୟୁନିକେଶନ୍ସ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଜୁନ୍ ୨, ୧୯୯୫ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ଅଧିନିୟମ ୧୯୫୬, ଆର୍‌ଓସି ଦିଲ୍ଲୀ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ଏଲ୍‌୭୪୮୯୯ଡିଏଲ୍‌୧୯୯୫ପିଏଲ୍‌ସି୦୬୯୩୫୩ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ପଞ୍ଜୀକୃତ କାର୍ଯ୍ୟାଳୟ: ବି-୭/୧୨୨ଏ, ସଫଦରଜଙ୍ଗ ଏନ୍‌କ୍ଲେଭ୍, ନୂଆଦିଲ୍ଲୀ – ୧୧୦୦୨୯<br>କର୍ପୋରେଟ୍ କାର୍ଯ୍ୟାଳୟ: ସି-୧, ଚନ୍ଦ୍ରଶେଖରପୁର, ଆର୍‌ଏମ୍‌ଆର୍‌ସି ପଛ, ବିଡିଏ କଲୋନୀ ନିକଟ, ଭୁବନେଶ୍ୱର – ୭୫୧୦୧୬, ଓଡ଼ିଶା |
| ୬. | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୨୭ ନଭେମ୍ବର, ୨୦୧୮ |
| ୭. | ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ ତାରିଖ – | ୨୦ ମାର୍ଚ୍ଚ ୨୦୧୯ |
| ୮. | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | ମୀମାଂସା ଆବେଦନକାରୀ ପାଇଁ ସବିଶେଷ ଇଓଆଇ ଏବଂ ଯୋଗ୍ୟତା ମାନଦଣ୍ଡ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ www.ortelcom.comରେ ଉପଲବ୍ଧ। rp.cirp.ortel@gmail.comରେ ଇମେଲ୍ ପଠାଯାଇ ମଧ୍ୟ ସମ୍ପୂର୍ଣ୍ଣ ବିବରଣୀ ହାସଲ କରାଯାଇପାରିବ। |
| ୯. | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ଆଇବିବିଆଇ ୱେବ୍‌ସାଇଟ୍ https://ibbi.gov.in/webfront/legal_framework.phpରେ ଉପଲବ୍ଧ। rp.cirp.ortel@gmail.comରେ ଇମେଲ୍ ପଠାଯାଇ ମଧ୍ୟ ସମ୍ପୂର୍ଣ୍ଣ ବିବରଣୀ ହାସଲ କରାଯାଇପାରିବ।<br>କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ www.ortelcom.comରେ ମଧ୍ୟ ଉପଲବ୍ଧ। |
| ୧୦. | ଆଗ୍ରହର ପରିପ୍ରକାଶ ପ୍ରାପ୍ତିର ଶେଷ ତାରିଖ | ୪ ଏପ୍ରିଲ, ୨୦୧୯ |
| ୧୧. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ୧୪ ଏପ୍ରିଲ, ୨୦୧୯ |
| ୧୨. | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ୧୯ ଏପ୍ରିଲ, ୨୦୧୯ |
| ୧୩. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ୨୯ ଏପ୍ରିଲ, ୨୦୧୯ |
| ୧୪. | ସୂଚନା ସ୍ମାରକ, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଯୋଜନା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ୧୯ ଏପ୍ରିଲ, ୨୦୧୯ |
| ୧୫. | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | rp.cirp.ortel@gmail.comରେ ଇମେଲ୍ ପଠାଯାଇ ସମ୍ପୂର୍ଣ୍ଣ ବିବରଣୀ ହାସଲ କରାଯାଇପାରିବ। ମୀମାଂସା ବୃତ୍ତିଧାରୀ ସଂହିତା ଏବଂ ତାହା ଅଧୀନରେ ପ୍ରସ୍ତୁତ ନିୟମାବଳୀର ବ୍ୟବସ୍ଥାପନ ଅନୁଯାୟୀ କାଗଜପତ୍ରଗୁଡ଼ିକୁ ଇଲେକ୍ଟ୍ରୋନିକ୍ ମେଲ୍ କିମ୍ବା ଭର୍ଚୁଆଲ୍ ଡାଟା ରୁମ୍ – ଭିଡିଆର୍ ମାଧ୍ୟମରେ ଭାଗ କରିବେ। |
| ୧୬. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | ୧୯ ମେ, ୨୦୧୯ |
| ୧୭. | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | ମୀମାଂସା ଯୋଜନାର ସଫ୍ଟ କପି rp.cirp.ortel@gmail.comରେ ପଠାଯିବ। ହାର୍ଡ କପି ସ୍ପିଡ୍ ପୋଷ୍ଟ/ପଞ୍ଜୀକୃତ ଡାକ ଯୋଗେ କିମ୍ବା ହାତରେ ଶ୍ରୀଗୋପାଳ ଚୌଧରୀ କାର୍ଯ୍ୟାଳୟ ୟୁନିଟ୍ ନଂ.୫୧୦, ୫ମ ମହଲା ଏସ୍‌ପ୍ଲାନେଡ୍ ୧ ମଲ୍ ରସୁଲଗଡ଼, ଭୁବନେଶ୍ୱର– ୭୫୧୦୧୦ ଓଡ଼ିଶାଙ୍କ ଠିକଣାରେ ପଠାଯିବ। |
| ୧୮. | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ୧୮ ଜୁନ୍ ୨୦୧୯ |
| ୧୯. | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ସିଏ ଶ୍ରୀଗୋପାଳ ଚୌଧରୀ<br>ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୩୮/୨୦୧୮-୧୯/୧୧୮୯୩ |
| ୨୦. | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | ସିଏ ଶ୍ରୀଗୋପାଳ ଚୌଧରୀ<br>ଫ୍ଲାଟ୍ ୭କେ, ଟାୱାର୍ ୩, ସାଉଥ୍ ସିଟି<br>୩୭୫ ପି.ଏ.ଏସ୍. ରୋଡ୍, କୋଲକାତା-୭୦୦୦୬୮<br>sgchoudhary@yahoo.com |
| ୨୧. | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | ଶ୍ରୀଗୋପାଳ ଚୌଧରୀ<br>କାର୍ଯ୍ୟାଳୟ ୟୁନିଟ୍ ନଂ.୫୧୦, ୫ମ ମହଲା ଏସ୍‌ପ୍ଲାନେଡ୍ ୧ ମଲ୍, ରସୁଲଗଡ଼, ଭୁବନେଶ୍ୱର – ୭୫୧୦୧୦<br>ଇମେଲ୍ – rp.cirp.ortel@gmail.com |
| ୨୨. | ଅଧିକ ବିବରଣୀ ଉପଲବ୍ଧ ହେବା ସ୍ଥାନ | ଶ୍ରୀଗୋପାଳ ଚୌଧରୀ<br>କାର୍ଯ୍ୟାଳୟ ୟୁନିଟ୍ ନଂ.୫୧୦, ୫ମ ମହଲା ଏସ୍‌ପ୍ଲାନେଡ୍ ୧ ମଲ୍, ରସୁଲଗଡ଼, ଭୁବନେଶ୍ୱର – ୭୫୧୦୧୦<br>ଇମେଲ୍ – rp.cirp.ortel@gmail.com |
| ୨୩. | ଫର୍ମ ଜି ପ୍ରକାଶନର ତାରିଖ | ୨୦ ମାର୍ଚ୍ଚ, ୨୦୧୯ |

ସ୍ୱା./- ଶ୍ରୀଗୋପାଳ ଚୌଧରୀ
ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୩୮/୨୦୧୮-୧୯/୧୧୮୯୩
ଫ୍ଲାଟ୍ ୭କେ, ଟାୱାର୍ ୩, ସାଉଥ୍ ସିଟି, ୩୭୫ ପି.ଏ.ଏସ୍. ରୋଡ୍, କୋଲକାତା-୭୦୦୦୬୮
ଓର୍‌ଟେଲ କମ୍ୟୁନିକେଶନ୍ସ ଲିମିଟେଡ୍ ପାଇଁ
(ସିଆଇଆର୍‌ପି ଅଧୀନରେ)
କୋଲକାତା
୨୦ ମାର୍ଚ୍ଚ ୨୦୧୯
ଶ୍ରୀଗୋପାଳ ଚୌଧରୀ
ମୀମାଂସା ବୃତ୍ତିଧାରୀ

**BEGUNIA COLLEGE**
AT/PO: Begunia, Dist: Khordha-752062 (Odisha), Email: beguniacollege@rediffmail.com, www.beguniacollege.in
(Affiliated to Utkal University & CHSE, Odisha)

**SEALED QUOTATION**

Sealed quotations are invited through college- mail (beguniacollege@rediffmail.com) from intending suppliers having valid GST for supply of Laboratory Equipments/ Laboratory Improvement/ Laboratory Chemicals & Glassware for the Department of Physics/ Chemistry/ Botany/ Zoology on or before 25.03.2019 up to 4.00 PM. The detailed list of materials will be produced through e-mail on request. The authority reserves the right either to accept or reject the quotation without assigning the reason thereof.

Sd./- Principal
Begunia College, Begunia, Dist- Khordha

**ପୂର୍ବ ତଟ ରେଳପଥ**
**ବୈରୀ ଏବଂ କପିଳାସ ରୋଡ଼ ଷ୍ଟେସନ ମଧ୍ୟରେ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିମ୍ନ ପ୍ରଦତ୍ତ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ଫାଟକ ବଦଳରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ହୋଇସାରିଥିବା କାରଣରୁ ଏହାକୁ ବନ୍ଦ କରିବା ପାଇଁ ପ୍ରସ୍ତାବ ରଖାଯାଇଛି। ତେଣୁ ନିମ୍ନ ପ୍ରଦତ୍ତ ଲେଭେଲ୍ କ୍ରସିଙ୍ଗ୍ ଫାଟକକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ତୁରନ୍ତ ବନ୍ଦ କରି ଦିଆଯାଉଅଛି।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ୍ କ୍ରସିଙ୍ଗ୍ ସଂ. | ରେଳବାଇ କି.ମି. | ଗଣନା ବର୍ଷ | ଟ୍ରେନ୍ ଭେଇକିଲ୍ ୟୁନିଟ୍ |
|---|---|---|---|---|---|
| B | ବୈରୀ-କପିଳାସ ରୋଡ଼ | 170 | 386/25-27 | ଫେବୃଆରୀ-2018 | 4470 |

ପତ୍ର ସଂ.**2341/Judl, ତା.12.09.2016**ରିଖ ଦ୍ୱାରା କଲେକ୍ଟର, କଟକ, ଏହି ଲେଭେଲ୍ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ନିମନ୍ତେ ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି। ପତ୍ର ସଂ. **W-4/351/A/ Pt.VIII/8580, ତା.25.10.2018** ରିଖ ଦ୍ୱାରା ପ୍ରମୁଖ ମୁଖ୍ୟ ଇଂଜିନିୟର/ପୂର୍ବ ତଟ ରେଳପଥ/ଭୁବନେଶ୍ୱର ତାଙ୍କର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିସାରିଛନ୍ତି ଏବଂ ରେଳ ସଂରକ୍ଷା ଆୟୁକ୍ତ (CRS) ଙ୍କ ମଞ୍ଜୁରୀ ମଧ୍ୟ ମିଳିସାରିଛି।।
<u>ବନ୍ଦ ହେବାର କାରଣ</u>: ଲେଭେଲ୍ କ୍ରସିଙ୍ଗ୍ ବଦଳରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ।

PR-554/J/18-19 — ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ)/ଖୋର୍ଦ୍ଧା ରୋଡ଼

**ଫର୍ମ ଏ**
**ସର୍ବସାଧାରଣ ଉଦ୍‌ଘୋଷଣା**
[ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସର ନିୟମାବଳୀ ୬, ୨୦୧୬ ଅଧୀନରେ]
**ତାନ୍ତିଆ କନ୍‌ଷ୍ଟ୍ରକ୍ସନ୍ ଲିମିଟେଡ୍‌ର ଋଣଦାତାଙ୍କ ଧ୍ୟାନ ଆକର୍ଷଣ ନିମନ୍ତେ**

| ସମ୍ପର୍କିତ ବିବରଣୀ | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | **ତାନ୍ତିଆ କନ୍‌ଷ୍ଟ୍ରକ୍ସନ୍ ଲିମିଟେଡ୍** |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୪ ଡିସେମ୍ବର, ୧୯୬୪ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଆର୍‌ଓସି-କୋଲକାତା |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ଏଲ୍‌୭୪୨୧୦ଡବ୍ଲ୍ୟୁବି୧୯୬୪ପିଏଲ୍‌ସି୦୨୬୨୮୪ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ବ୍ଲକ୍ ଡିଡି-୩୦, ସେକ୍ଟର ୧, ସଲ୍ଟ ଲେକ୍ ସିଟି, ୭ମ ମହଲା, କୋଲକାତା-୭୦୦୦୬୪, ପଶ୍ଚିମବଙ୍ଗ |
| ୬ | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୧୩ ମାର୍ଚ୍ଚ, ୨୦୧୯ |
| ୭ | ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ସମାପ୍ତିର ଆକଳିତ ସମାପ୍ତି ତାରିଖ | ୯ ସେପ୍ଟେମ୍ବର, ୨୦୧୯ (୧୮୦ ଦିନ) |
| ୮ | ଅନ୍ତରୀଣ ମୀମାଂସା ବୃତ୍ତିଧାରୀ ଭାବେ କାର୍ଯ୍ୟରତ ଇନ୍‌ସଲ୍‌ଭେନ୍ସି ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | କ୍ଷୀତିଜ ଛଓଛାରିଆ<br>ଆଇବିବିଆଇ ପଞ୍ଜୀକରଣ ନଂ. ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୩୫୮/୨୦୧୭-୧୮/୧୦୬୧୬ |
| ୯ | ପରିଷଦରେ ପଞ୍ଜୀକୃତ ହୋଇଥିବା ଅନୁଯାୟୀ, ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ଠିକଣା ଓ ଇ-ମେଲ୍ | ବି. ଛଓଛାରିଆ ଆଣ୍ଡ କୋ. ୮ଏ ଓ ୮ବି, ସତ୍ୟମ ଟାୱାର୍, ୩ ଆଲିପୁର ରୋଡ୍, କୋଲକାତା-୭୦୦୦୨୭, ପଶ୍ଚିମବଙ୍ଗ<br>ଇମେଲ୍: kshitiz@bccoindia.com |
| ୧୦ | ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ସହିତ ପତ୍ରଯୋଗାଯୋଗ ପାଇଁ ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇ-ମେଲ ଠିକଣା | ଗ୍ରାଣ୍ଟ ଥର୍ନଟନ୍ ଇଣ୍ଡିଆ<br>୧୦ସି, ହଙ୍ଗରଫୋର୍ଡ ଷ୍ଟ୍ରିଟ୍, କୋଲକାତା-୭୦୦୦୧୭, ପଶ୍ଚିମବଙ୍ଗ<br>ଇମେଲ୍: RP.tantia@in.gt.com |
| ୧୧ | ଦାବି ଦାଖଲର ଶେଷ ତାରିଖ | ୨୭ ମାର୍ଚ୍ଚ, ୨୦୧୯ |
| ୧୨ | ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ଦ୍ୱାରା ସୁନିଶ୍ଚିତ ହୋଇଥିବା ଅନୁଯାୟୀ ଧାରା ୨୧ର ଉପଧାରା (୬ଏ) ର ଉପଧାରା (ଖ) ଅଧୀନରେ, ଋଣଦାତାଙ୍କ ଶ୍ରେଣୀ | ଅଣବନ୍ଧକ ଆର୍ଥିକ ଋଣଦାତା |
| ୧୩ | ଏକ ଶ୍ରେଣୀରେ ଋଣଦାତାଙ୍କ ପ୍ରାଧିକୃତ ପ୍ରତିନିଧି ଭାବେ କାର୍ଯ୍ୟ କରିବା ପାଇଁ ଚିହ୍ନିତ ଇନ୍‌ସଲ୍‌ଭେନ୍ସି ବୃତ୍ତିଧାରୀଙ୍କ ନାମ (ପ୍ରତ୍ୟେକ ଶ୍ରେଣୀ ପାଇଁ ତିନିଟି ନାମ)<br>ଅଣବନ୍ଧକ ଆର୍ଥିକ ଋଣଦାତା<br>୧. ଅରୁଣ କୁମାର ଗୁପ୍ତା (ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୦୧୩/୨୦୧୬-୨୦୧୭/୧୦୦୩୭)<br>୨. ଆଦିତ୍ୟ କୁମାର ଡିବ୍ରେୱାଲ (ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୭୪୩/୨୦୧୭-୨୦୧୮/୧୧୨୪୯)<br>୩. ମହେଶ ଚାନ୍ଦ ଗୁପ୍ତା (ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି-୦୧୪୮୯/୨୦୧୮-୨୦୧୯/୧୨୩୦୪) | |
| ୧୪ | (କ) ସମ୍ପର୍କିତ ଫର୍ମ ଏବଂ<br>(ଖ) ପ୍ରାଧିକୃତ ପ୍ରତିନିଧିଙ୍କ ବିବରଣୀ ଉପଲବ୍ଧତା ସ୍ଥାନ: | କ) ୱେବ୍‌ଲିଙ୍କ୍: https://ibbi.gov.in/home/downloads<br>ଖ) http://tantiagroup.com/nclt |

ଏତଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କୋଲକାତା ଖଣ୍ଡପୀଠ ୧୩ ମାର୍ଚ୍ଚ, ୨୦୧୯ ଦିନ ତାନ୍ତିଆ କନ୍‌ଷ୍ଟ୍ରକ୍ସନ୍ସ ଲିମିଟେଡ୍‌ର କର୍ପୋରେଟ୍ ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା (ସିଆଇଆର୍‌ପି) ଆରମ୍ଭ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି (ନିର୍ଦ୍ଦେଶର ପ୍ରତିଲିପି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୧୫ ମାର୍ଚ୍ଚ, ୨୦୧୯ ଦିନ ପ୍ରାପ୍ତ ହୋଇଥିଲା)।

ତାନ୍ତିଆ କନ୍‌ଷ୍ଟ୍ରକ୍ସନ୍ସ ଲିମିଟେଡ୍‌ର ଋଣଦାତାମାନଙ୍କୁ ଏତଦ୍ୱାରା ସେମାନଙ୍କର ଦାବିକୁ ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ନିକଟରେ ୨୭ ମାର୍ଚ୍ଚ, ୨୦୧୯ କିମ୍ବା ଏହା ପୂର୍ବ ସୁଦ୍ଧା ପ୍ରବେଶିକା ସଂଖ୍ୟା ୧୦ରେ ଦର୍ଶିତ ଠିକଣାରେ ପ୍ରମାଣ ସହିତ ସେମାନଙ୍କର ଦାବି ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଉଛି।

ଆର୍ଥିକ ଋଣଦାତାମାନେ କେବଳ ବୈଦ୍ୟୁତିକ ମାଧ୍ୟମରେ ସେମାନଙ୍କର ଦାବି ଦାଖଲ କରିବା ଆବଶ୍ୟକ। ଅନ୍ୟ ସମସ୍ତ ଋଣଦାତାମାନେ ବ୍ୟକ୍ତିଗତ ଭାବେ, ଡାକ ଯୋଗେ କିମ୍ବା ବୈଦ୍ୟୁତିକ ମାଧ୍ୟମରେ ନିଜ ନିଜର ଦାବି ଦାଖଲ କରିପାରନ୍ତି। ବୈଦ୍ୟୁତିକ ଦାଖଲ ପାଇଁ, ଦୟାକରି ନିମ୍ନଲିଖିତ ଲିଙ୍କ୍ ବ୍ୟବହାର କରନ୍ତୁ- http://tantiaconst.wcgt.in, ବିକଳ୍ପ ଭାବେ ଏହି ଲିଙ୍କ୍‌କୁ http://tantiagroup.com/nclt ମାଧ୍ୟମରେ ମଧ୍ୟ ବ୍ୟବହାର କରାଯାଇପାରିବ।

ପ୍ରବେଶିକା ନଂ.୧୨ ଅନୁଯାୟୀ ତାଲିକାଭୁକ୍ତ ଏକ ଶ୍ରେଣୀର ଜଣେ ଆର୍ଥିକ ଋଣଦାତା, ପ୍ରବେଶିକା ନଂ.୧୩ରେ ତାଲିକାଭୁକ୍ତ ତିନୋଟି ଇନ୍‌ସଲ୍‌ଭେନ୍ସି ବୃତ୍ତିଧାରୀଙ୍କ ମଧ୍ୟରୁ ନିଜର ପ୍ରାଧିକୃତ ପ୍ରତିନିଧିଙ୍କ ପସନ୍ଦ ସୂଚାଇବେ/ଭୋଟ୍ କରିବେ, ଯିଏ କି ଫର୍ମ ସିଏରେ ଶ୍ରେଣୀର [ଅଣବନ୍ଧକ ଆର୍ଥିକ ଋଣଦାତା] ପ୍ରାଧିକୃତ ପ୍ରତିନିଧି ଭାବେ କାର୍ଯ୍ୟ କରିବେ। ଇନ୍‌ସଲ୍‌ଭେନ୍ସି ବୃତ୍ତିଧାରୀଙ୍କ ପ୍ରୋଫାଇଲ୍ କମ୍ପାନୀ ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ ହୋଇଛି।

ମିଥ୍ୟା କିମ୍ବା ଭ୍ରମାତ୍ମକ ଦାବିର ପ୍ରମାଣ ଜରିମାନା ଆକର୍ଷିତ କରିବ।

ସ୍ୱା./-
କ୍ଷୀତିଜ ଛାଓଛାରିଆ
ଅନ୍ତରୀଣ ମୀମାଂସା ବୃତ୍ତିଧାରୀ
ତାରିଖ : ୨୦ ମାର୍ଚ୍ଚ, ୨୦୧୯
ସ୍ଥାନ : କୋଲକାତା

ଲୋକ ସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନ୍ ଆୟକର ବିଭାଗର ଦୁଇଜଣ ଅବସରପ୍ରାପ୍ତ ଆଇଟି ଅଫିସର ଶୈଳେନ୍ଦ୍ର ହୋଣ୍ଡା ଏବଂ ମଧୁ ମହାଜନଙ୍କୁ ସ୍ୱତନ୍ତ୍ର ନିର୍ବାଚନ ବ୍ୟୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ଟଙ୍କାର ଲୋଭ ଦେଖାଇ ଭୋଟରଙ୍କୁ ପ୍ରଭାବିତ କରିବା କିମ୍ବା କଳାଟଙ୍କା ବ୍ୟବହାର ଭଳି ଘଟଣାରେ ଯେଭଳି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତାହା ତଦାରଖ କରିବାକୁ ଦୁଇ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି।

## ସଂକ୍ଷେପରେ

### ବାଘ ଚମଡ଼ା ଜବତ ଘଟଣା
### ଫୋରେନ୍ସିକ୍ ଟେଷ୍ଟ ପାଇଁ ଡବ୍ଲ୍ୟୁଆଇଆଇକୁ ପଠାଯିବ ନମୁନା

**ଭୁବନେଶ୍ୱର,୧୯।୩(ବ୍ୟୁରୋ):** ସମ୍ବଲପୁର ଜିଲା କୁଚିଣ୍ଡାରୁ ଜବତ ୪ କଲରାପତରିଆ ବାଘ ଚମଡ଼ାର ଫୋରେନ୍ସିକ୍ ଟେଷ୍ଟ ହେବ। ଏଥିପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ)କୁ ନମୁନା ପଠାଯିବ। ଶିକାର ବେଳେ ବାଘକୁ କେତେ ବୟସ ହୋଇଥିଲା, ଗୁଳିମାଡ଼ ସହ କରେଣ୍ଟ ଦିଆଯାଇ ଶିକାର କରାଯାଇଛି କି ନାହିଁ, ଏ ସମସ୍ତ ତଥ୍ୟ ଫୋରେନ୍ସିକ୍ ଟେଷ୍ଟ ପରେ ଜଣାପଡ଼ିବ। ତେବେ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଗିରଫ ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଥିବା ବେଳେ ପ୍ରାଥମିକ ତଦନ୍ତରୁ ବାଘ ଶିକାର ଓଡ଼ିଶା ଜଙ୍ଗଲରେ ହୋଇଥିବା ସନ୍ଦେହ କରାଯାଉଛି। ବାଘ ଶିକାର କିଏ କରିଛନ୍ତି, ଚୋରା ବନ୍ଧୁକ କେଉଁଠୁ ଆସିଲା ଏବଂ ଏହି ର୍‍ୟାକେଟ୍ କେତେ ଦୂର ଲମ୍ବିଛି, ସେ ନେଇ ଏସ୍‌ଟିଏଫ୍ ଖୋଳତାଡ଼ କରୁଛି।

# ଶହୀଦ ପ୍ରଦୀପ କୁମାର ପଣ୍ଡାଙ୍କୁ ମରଣୋତ୍ତର 'କୀର୍ତ୍ତି ଚକ୍ର'

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶ ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଅବଦାନ ଲାଗି ପ୍ରଦାନ କରାଯାଉଥିବା ଦେଶର ଦ୍ୱିତୀୟ ବୃହତ୍ ବୀରତା ସମ୍ମାନ 'କୀର୍ତ୍ତି ଚକ୍ର' ପ୍ରଦାନ କରିଛନ୍ତି। ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି କୋବିନ୍ଦ ସାହସ ଓ ବୀରତ୍ୱର ପରାକାଷ୍ଠା ଦେଖାଇଥିବା ଯବାନମାନଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ଓଡ଼ିଶାର ସିଆର୍‌ପିଏଫ୍ କନଷ୍ଟେବଲ ପ୍ରଦୀପ କୁମାର ପଣ୍ଡାଙ୍କୁ ମରଣୋତ୍ତର 'କୀର୍ତ୍ତି ଚକ୍ର' ପ୍ରଦାନ କରାଯାଇଛି। ଶହୀଦଙ୍କ ସ୍ତ୍ରୀ ମିନତି ପଣ୍ଡା ରାଷ୍ଟ୍ରପତିଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦୀ ଏନ୍‌କାଉଣ୍ଟରରେ ପ୍ରଦୀପ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

୨୦୧୭ରେ ଦକ୍ଷିଣ କଶ୍ମୀରର ଅୱନ୍ତିପୋରାର ଏକ ସିଆର୍‌ପିଏଫ୍ ଟ୍ରେନିଂ କ୍ୟାମ୍ପ ଉପରେ ଜୈଶ-ଏ-ମହମ୍ମଦ ଆତଙ୍କବାଦୀ ଅଚାନକ ଆକ୍ରମଣ କରିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ପ୍ରାୟ ୩୬ ଘଣ୍ଟା ଧରି ଚାଲିଥିବା ଏହି ଅପରେଶନରେ ୩ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିଲା। ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟର ବେଳେ ପ୍ରଦୀପ ଶହୀଦ ହୋଇଥିଲେ। ସୁନ୍ଦରଗଡ଼ ଜିଲା ଲିପିଲୋଇ ଗାଁର ଏହି ବୀର ଶହୀଦ ନିଜ ଜୀବନକୁ ଖାତିର ନ କରି ଜଣେ ଆତଙ୍କବାଦୀଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ସମ୍ମାନ ଗ୍ରହଣ କରିବା ଅବସରରେ ମିନତି ପଣ୍ଡା କହିଥିଲେ, ଏହା ମୋ ପାଇଁ ଓ ସମ୍ପୂର୍ଣ୍ଣ ରାଜ୍ୟବାସୀଙ୍କ ପାଇଁ ଗର୍ବର ବିଷୟ। ଦେଶସେବା ପାଇଁ ମୁଁ ମୋ ଦୁଇ ପୁଅଙ୍କୁ ଆଗାମୀ ଦିନରେ ସେନାରେ ଯୋଗଦେବା ପାଇଁ ପଠାଇବି। ତେବେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାର ଶହୀଦଙ୍କ ପରିବାରକୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ସେ ଦାବି କରିଥିଲେ। ରାଷ୍ଟ୍ରପତି କୋବିନ୍ଦ ମଙ୍ଗଳବାର ଦୁଇଟି କୀର୍ତ୍ତି ଚକ୍ର ସହ ୧୫ଟି ସୌର୍ଯ୍ୟ ଚକ୍ର, ୧୩ଟି ପରମ ବିଶିଷ୍ଟ ସେବା ମେଡାଲ, ୨ଟି ଉତ୍ତମ ଯୁଦ୍ଧ୍ ସେବା ମେଡାଲ ଏବଂ ୨୬ଟି ବିଶିଷ୍ଟ ସେବା ମେଡାଲ ପ୍ରଦାନ କରିଥିଲେ।



ଶହୀଦଙ୍କ ସ୍ତ୍ରୀ ମିନତି ପଣ୍ଡା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୋଳ ପୂନେଇଁ ଫଗୁ**
**ଯେ ଯା'ର ସେ ତା'ର ।**
**କହିଲା ଲୋକ ଲଘୁ ।**

ଯିଏ ଯାହାର ସିଏ ତାହାର । ତାଙ୍କ ମଧ୍ୟରେ ରହିଥିବା ସମ୍ପର୍କ ସବୁବେଳେ ଅତୁଟ ହୋଇ ରହିଥାଏ। ଯେତେବେଳେ ହେଲେ ବି ସେମାନେ ମିଶିଯିବାକୁ ବା ଏକାଠି ହୋଇଯିବାକୁ ବେଶି ସମୟ ଲାଗି ନ ଥାଏ। ପରନ୍ତୁ ତାଙ୍କ ଭିତରେ ରହି ବାହାର ଲୋକ ଶେଷରେ ଧରାପଡ଼ି ଯାଇଥାଏ। ଯିଏ ଯାହା ସଙ୍ଗେ ରହିବା କଥା ରହୁଥିବା ସ୍ଥଳେ ଅନ୍ୟ ଲୋକ ଖରାପ ନାମ ନେଇ ସେଠାରୁ ବାଦ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଦଇବ ! ଏହା କାହା ଦେହ ସହିବ ।**
**ଝିଅ ପାଳିଥିଲି ଚମ୍ପାଫୁଲ ପରି**
**ସେ ପର ପୁଅ ଘେନି ରହିବ ।**

ଝିଅ ଯେବେ ଘରଯୋଗ୍ୟା ହୁଏ ତାକୁ ହାତକୁ ଦି'ହାତ କରିଦିଆଯାଏ, ତେବେ ଝିଅ ଯଦି ଅଜାତିରେ ବାହାହୋଇଯାଏ ସେତେବେଳେ ତାକୁ ସହ୍ୟ କରିବା ପିତାମାତା ପକ୍ଷେ ଅତିବ କଷ୍ଟକର ହୋଇଯାଏ। ଏପରିସ୍ଥଳେ ଅଲିଅଳରେ ବଢ଼ାଇ ଆସିଥିବା ଝିଅର ଭବିଷ୍ୟତ କଥା ଚିନ୍ତା କରି ଦୁଃଖରେ ମ୍ରିୟମାଣ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ବିଜେଡି କାଉନସିଲର୍ ହତ୍ୟା ମାମଲା

# ଗୋଲକ, ଭୃଗୁଙ୍କ ଅନ୍ତରୀଣ ସୁରକ୍ଷା ଅବଧି ବୃଦ୍ଧି

**ସିଡୀ ଦାଖଲ କରିପାରିଲାନି ପୋଲିସ**

କଟକ ଅଫିସ,୧୯।୩

ଗଞ୍ଜାମ ଜିଲା ଛତ୍ରପୁରର ବିଜେଡି କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ପୋଲିସ କେସ୍ ଡାଏରୀ (ସିଡୀ) ହାଇକୋର୍ଟରେ ଦାଖଲ କରିବାରେ ବିଫଳ ହୋଇଛି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ସିଡୀ ଦାଖଲ କରିବା ପାଇଁ ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ପାଇଥିବା ଭାଜପା ନେତା ଗୋଲକ ମହାପାତ୍ର ଓ ଭୃଗୁ ବକ୍ସିପାତ୍ରଙ୍କ ସୁରକ୍ଷା ଅବଧିକୁ ହାଇକୋର୍ଟ ମେ ୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ସମୟ ମଧ୍ୟରେ ପୋଲିସ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ଆଦେଶ ରହିଛି।

ସୂଚନାଥାଉକି, ୨୦୧୭ ସେପ୍ଟେମ୍ବର ୧୬ରେ କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ତାଙ୍କ ଘର ଆଗରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ମୃତ ଲକ୍ଷ୍ମୀଦତ୍ତଙ୍କ ଭାଇ ଦେବୀଦତ୍ତଙ୍କ ଏତଲାକ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ଜିଲା ଭାଜପା ନେତା କୃଷ୍ଣ ନାୟକଙ୍କ ସମେତ କେତେଜଣଙ୍କୁ ଉତ୍ତରାଖଣ୍ଡର ଡେରାଡୁନ ଗେଷ୍ଟ ହାଉସ୍‌ରୁ ଗିରଫ କରିଥିଲା। ଗେଷ୍ଟ ହାଉସ୍‌ରେ ଆତ୍ମଗୋପନ କରିବାରେ ଭାଜପା ନେତା ଗୋଲକ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ପୋଲିସ ପକ୍ଷରୁ ଗୋଲକଙ୍କୁ ନୋଟିସ ଜାରି କରାଯାଇଥିଲା। ତେବେ ଗୋଲକଙ୍କ ପରେ ପୋଲିସ ଉକ୍ତ ମାମଲାରେ ଅନ୍ୟତମ ଭାଜପା ନେତା ଭୃଗୁ ବକ୍ସିପାତ୍ରଙ୍କୁ ମଧ୍ୟ ନୋଟିସ କରିଥିଲା। ଗିରଫଦାରିରୁ ବର୍ତ୍ତିବା ପାଇଁ ଉଭୟ ନେତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସେମାନଙ୍କୁ ପୂର୍ବରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ଲୋକାୟୁକ୍ତ ଚୟନ କମିଟି ବୈଠକ: ୨ ସଦସ୍ୟଙ୍କ ନାମ ସୁପାରିସ

■ ରାଜ୍ୟପାଳଙ୍କ ଅନୁମୋଦନ ପରେ ପ୍ରକାଶ ପାଇବ ବିଜ୍ଞପ୍ତି

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟ ଅତିଥି ଭବନଠାରେ ବସିଥିବା ଚୟନ କମିଟି ବୈଠକରେ ୨ ଜଣ ଲୋକାୟୁକ୍ତ ସଦସ୍ୟଙ୍କ ନାମ ସୁପାରିସ କରାଯାଇଛି। ଦୁଇଜଣଙ୍କ ମଧ୍ୟରୁ ଜଣେ ନ୍ୟାୟପାଳିକା ଓ ଅନ୍ୟ ଜଣେ ଅଣ ନ୍ୟାୟପାଳିକାରୁ ଚୟନ କରାଯାଇଛି। ଉକ୍ତ ଦୁଇ ସଦସ୍ୟଙ୍କ ନାମ ରାଜ୍ୟପାଳଙ୍କ ସୁପାରିସ ପାଇଁ ପଠାଯିବ। ରାଜ୍ୟପାଳଙ୍କ ଅନୁମୋଦନ ପରେ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରିବେ। ଚୟନ କମିଟି ବୈଠକ ପରେ ଏହି ସୂଚନା ଦେଇଛନ୍ତି କମିଟିର ସଦସ୍ୟ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି, ହାଇକୋର୍ଟ ମୁଖ୍ୟ ବିଚାରପତି, ବିରୋଧୀ ଦଳ ନେତା ଯୋଗ ଦେଇଥିଲେ। ଲୋକାୟୁକ୍ତ ପାଇଁ ୫ ଜଣ ସଦସ୍ୟ ନାମ ଚୟନ କରାଯିବ। ମାର୍ଚ୍ଚ ୩୧ରୁ ଲୋକାୟୁକ୍ତ ଗଠନ ହେବ। ଏପ୍ରିଲ ୮ ତାରିଖରୁ ଏହା କାର୍ଯ୍ୟକାରୀ ହେବ ବୋଲି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରିଥିଲେ। ସୂଚନାଯୋଗ୍ୟ, ଗୌହାଟି ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅଜିତ ସିଂଙ୍କୁ ରାଜ୍ୟ ସରକାର ଲୋକାୟୁକ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

# ଟଙ୍କିକିଆ ଚାଉଳ ପାଇଁ ଧସ୍ତାଧସ୍ତି

**ଯୁବକଙ୍କ ଗଳାଧକ୍କାରେ ବୃଦ୍ଧ ମୃତ, ଅଭିଯୁକ୍ତ ଗିରଫ**

ଦିଗପହଣ୍ଡି,୧୯।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସାତପେଣ୍ଠ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଟଙ୍କିକିଆ ଚାଉଳ ପାଇଁ ଜଣେ ଯୁବକଙ୍କ ମାଡ଼ରେ ପ୍ରତାପଗିରି ଗ୍ରାମର ବୃଦ୍ଧ କେଶବ ପାଣିଗ୍ରାହୀଙ୍କ ମୃତ୍ୟୁ ଘଟିଛି। ପୋଲିସ ନଂ. ୬୫/୧୯ରେ ମାମଲା ରୁଜୁ କରି ହତ୍ୟାକାଣ୍ଡରେ ସମ୍ପୃକ୍ତ ଯୁବକ ହରିହର ସ୍ୱାଇଁଙ୍କୁ ଗିରଫ କରିଛି।

ପୋଲିସର ପ୍ରାଥମିକ ସୂଚନାନୁସାରେ, କେଶବ ରାଶନକାର୍ଡ ନେଇ ଚାଉଳ ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଲୋକେ ଧାଡ଼ିବାନ୍ଧି ଠିଆ ହୋଇଥିଲେ। କିନ୍ତୁ କେଶବ ଧାଡ଼ି ଭାଙ୍ଗି ଆଗକୁ ଚାଲିଯିବାରୁ ହରିହର ତାଙ୍କ ସହ ଯୁକ୍ତିତର୍କ କରିବା ପରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ହରିହର ଉତ୍‌କ୍ଷିପ୍ତ ହୋଇ କେଶବଙ୍କୁ ଗଳା ଧକ୍କା ଦେବାରୁ ସେ ବାରଣ୍ଡା କଡ଼ରେ ଥିବା ଏକ ଗଛରେ ପିଟି ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଲୋକେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ପାଟପୁର ପୋଲିସକୁ ଜଣାଇଥିଲେ। ଆଇଆଇସି ରମେଶ କୁମାର ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। କେଶବଙ୍କ ଝିଆଁ ସୀମାଞ୍ଚଳ ପାଢ଼ୀଙ୍କ ଏତଲାକୁ ଭିତ୍ତିକରି ତଦନ୍ତ ଚାଲିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ପ୍ରୀତିରଞ୍ଜନ ଗଡ଼ନାୟକ କହିଛନ୍ତି।

# ପ୍ରଭାବଶାଳୀ ମହିଳା ତାଲିକାରେ ଅଭିନେତ୍ରୀ ପ୍ରିୟଙ୍କା



**ଲସ୍ ଏଞ୍ଜେଲସ୍:** ବିଶ୍ୱ ଆଇକନ୍ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଅନ୍ତର୍ଜାତୀୟ ସେଲିବ୍ରିଟି ତାଲିକାରେ ସ୍ଥାନ ପାଇଛନ୍ତି। ୟୁଏସ୍‌ଏ ଟୁଡେଜ୍ ଲିଷ୍ଟର ୫୦ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଓପ୍‌ରା ୱିନ୍‌ଫ୍ରେ ଏବଂ ମେରିଲ୍ ଷ୍ଟ୍ରିପ୍‌ଙ୍କ ସମେତ ପ୍ରିୟଙ୍କା ଚୋପ୍ରା ଅନ୍ୟତମ। ଏହି ତାଲିକାରେ ସ୍ଥାନ ପାଇଥିବାରୁ ପ୍ରିୟଙ୍କା ପ୍ରତିକ୍ରିୟାରେ କହନ୍ତି, ନିଜ କ୍ୟାରିୟରରେ ଚମତ୍କାରିତା ପ୍ରଦର୍ଶନ କରିଥିବା ମହିଳାଙ୍କ ପ୍ଲାଟଫର୍ମରେ ସାମିଲ ହୋଇଥିବାରୁ ଖୁସି ଅନୁଭବ କରୁଛି। ଏଣ୍ଟରଟେନ୍‌ମେଣ୍ଟ ଦୁନିଆରେ ବହୁ ଚ୍ୟାଲେଞ୍ଜର ମୁକାବିଲା କରି ସେମାନେ ନିଜର ପରିଚୟ ସୃଷ୍ଟି କରିବା ସହିତ ନିଜ ପସନ୍ଦର କ୍ୟାରିୟରରେ ନିଜେ ପ୍ରତିଷ୍ଠିତ ହୋଇ ପାରିଛନ୍ତି।

ଆମେରିକାନ୍ ଟିଭି ଡ୍ରାମା ଥ୍ରିଲର ସିରିଜ୍ 'କ୍ୱାଣ୍ଟିକୋ'ରେ ପ୍ରମୁଖ ଭୂମିକା (ଆଲେକ୍ସ ପ୍ୟାରିସ୍)ରେ ଅଭିନୟ କରି ପ୍ରିୟଙ୍କା ପାଶ୍ଚାତ୍ୟ ଜଗତରେ ଲୋକପ୍ରିୟତା ହାସଲ କରିପାରିଥିଲେ। ସେ ମଧ୍ୟ ହଲିଉଡ୍‌ରେ 'ଦି ରକ୍'ରେ ଡ୍ୱାନେଙ୍କ ବିପକ୍ଷରେ ପ୍ରଥମ ଅଭିନୟ କରିଥିଲେ। ଏଥିସହିତ ୨୦୧୭ରେ ଆକ୍ସନ-କମେଡି ଡ୍ରାମା 'ବେୱାଚ୍'ରେ ଜନସନ୍ ଏବଂ ଜାକ୍ ଏଫରନ୍‌ଙ୍କ ବିପକ୍ଷରେ ଅଭିନୟ କରି ଅନ୍ତର୍ଜାତୀୟ ପରିଚିତି ହାସଲ କରିଥିଲେ।

ଉକ୍ତ ପ୍ରଭାବଶାଳୀ ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଗାୟିକା ବିଓନ୍ସ, ଟେଲିଭିଜନ୍ ଷ୍ଟାର ଏଲେନ ଡିଜେନରସ୍, ଓସ୍କାର ବିଜୟୀ ଜେନିଫର ଲରେନ୍ସ ଏବଂ ଅନ୍ତର୍ଜାତୀୟ ପପ୍ ଆଇକନ୍ ଜେନିଫର ଲୋପେଜ୍। ପ୍ରିୟଙ୍କାଙ୍କ ଅଭିନୀତ ପରବର୍ତ୍ତୀ ଫିଲ୍ମ ହେଉଛି 'ଦି ସ୍କାଏ ଇଜ୍ ପିଙ୍କ୍'। ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଫାରହାନ୍ ଅଖ୍ତାର ଏବଂ ଜାଇରା ୱାସିମ।

# ୨୧ ଯାଏ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୨୧ ତାରିଖରେ ଦକ୍ଷିଣ ଓଡ଼ିଶା ଏବଂ ରାଜ୍ୟର ଅନ୍ୟ ଭାଗରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର ଏବଂ ବୌଦ୍ଧ ଜିଲାରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ଦୁଇଦିନ ହେବ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବା ଯୋଗୁ ପାଗ ଥଣ୍ଡା ରହିଛି।

# ରାମଚନ୍ଦ୍ର ଖୁଣ୍ଟିଆ ଆଇଏନଟିୟୁସି ଜାତୀୟ ଉପସଭାପତି ନିର୍ବାଚିତ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ପୂର୍ବତନ ଏମପି ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ(ଆଇଏନଟିୟୁସି)ର ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ ପୁଣି ଥରେ ଜାତୀୟ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଜେନା ଜାତୀୟ ସମ୍ପାଦକ ଭାବେ ଏବଂ ରାଜ୍ୟ ଶାଖା ଉପସଭାପତି ଶ୍ୟାମ ସୁନ୍ଦର ମହାପାତ୍ର ସଂଗଠନର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଛତିଶଗଡ଼ ରାଜଧାନୀ ରାୟପୁରଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ଅଧିବେଶନରେ ଜାତୀୟସ୍ତରର କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଇଏନଟିୟୁସି ଜାତୀୟ ଉପସଭାପତି ସଞ୍ଜିବା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା।




ହୋଲି ରଙ୍ଗର ପର୍ବ। ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳି ଖୁସି ମନେଇବା ଅବସର। ଅନେକଙ୍କର ଅପେକ୍ଷା ଥାଏ ଏହି ପର୍ବକୁ। ସେଥିପାଇଁ ବଜାରରେ ମେଲିଗଲାଣି ବିଭିନ୍ନ କିସମର ରଙ୍ଗର ପସରା। ଖାଲି ଆଖିରେ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ। କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି। ଏଗୁଡ଼ିକ ଶରୀର ପ୍ରତି କ୍ଷତିକାରକ। ତେଣୁ ରଙ୍ଗ କିଣିବା ବେଳେ ସତର୍କ ରୁହନ୍ତୁ। ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ। ଜନହିତ ପାଇଁ ଧରିତ୍ରୀ ପକ୍ଷରୁ ଏପରି ରଙ୍ଗ ସମ୍ପର୍କରେ ସତର୍କ କରିଦିଆଯାଉଛି।

- ସବୁଜ ରଙ୍ଗରେ କପର ସଲ୍‌ଫେଟ୍ ମିଶିଥାଏ। ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଦିଏ। ଏହି ରଙ୍ଗ ମଧ୍ୟ ଆଂଶିକ ଭାବେ ଅନ୍ଧ କରିଦେଇପାରେ।
- ରୁପେଲି ରଙ୍ଗରେ ଆଲୁମିନିୟମ୍ ବ୍ରୋମାଇଟ୍ ରହିଛି। ଏଥିଯୋଗୁ କର୍କଟ ରୋଗ ହେବାର ସମ୍ଭାବନା ଅଧିକ। ହାଲୁକା ବାଇଗଣୀ ରଙ୍ଗରେ କ୍ରୋମିୟମ୍‌ବାଇଓଡାଇଡ୍ ମିଶିଥାଏ। ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ଥାଏ।
- ଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ। ସେଥିଯୋଗୁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଦେଇଥାଏ। ଚକ୍‌ଚକ୍ କରୁଥିବା ରଙ୍ଗଗୁଡ଼ିକରେ ଗୁଣ୍ଡକାଚ ମିଶିଥାଏ। ଏହାଛଡ଼ା ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ।
- ରଙ୍ଗ ଛଡ଼ାଇବା ଲାଗି ଶରୀରକୁ ସାବୁନ କିମ୍ବା କିରୋସିନରେ ଧୁଅନ୍ତୁ ନାହିଁ।
- ହାଲ୍‌କା ସ୍କିନ୍ କ୍ରିମ୍ ବ୍ୟବହାର କରି ଧୀରେ ଧୀରେ ରଙ୍ଗ ଲାଗିଥିବା ସ୍ଥାନକୁ ଘଷନ୍ତୁ।
- ରଙ୍ଗ ଖେଳରେ ମାତିବା ପୂର୍ବରୁ ଦେହରେ ସ୍କିନ୍ କ୍ରିମ୍, ନଡ଼ିଆତେଲ କିମ୍ବା ସନ୍‌ସ୍କିନ୍ ଲୋଶନ ବ୍ୟବହାର କରନ୍ତୁ।
- ଆଖିରେ ରଙ୍ଗ ଭର୍ତ୍ତି ବେଲୁନ୍ ମାଡ଼ ହେଲେ ସଙ୍ଗେ ସଙ୍ଗେ ଆଖିକୁ ପାଣିରେ ଧୋଇଦିଅନ୍ତୁ। ଏହାସତ୍ତ୍ୱେ ଆଖି ଜଳାପୋଡ଼ା ହେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଦେଖାନ୍ତୁ।



+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GENERAL ELECTION 2019
▸ FLEX PRINTING
▸ POSTER PRINTING
▸ LEAFLET
▸ PUSHING CARDS
▸ T-SHIRTS & CAPS
▸ FLAGS
In Very Very Competitive Rates
Same Day Delivery
For Special Rate Contact :
7008994500
7894410000

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

AAROHAN FOUNDATION | Tech Mahindra FOUNDATION SMART
ସାମାଜିକ ତଥା ଅର୍ଥନୈତିକ ଅନଗ୍ରସର ଯୁବଗୋଷ୍ଠୀ ନିମନ୍ତେ ମାଗଣା ଶିକ୍ଷା ଓ ନିଶ୍ଚିତ ନିଯୁକ୍ତିର ସୁଯୋଗ
• କମ୍ପ୍ୟୁଟର • ଇଂରାଜୀ ଟାଇପିଂ
• ସ୍ପୋକନ୍ ଏବଂ ଲିସେନିଂ ଇଂରାଜୀ
• ସ୍ପୋକନ ହିନ୍ଦି • ବିପିଓ ଟ୍ରେନିଂ
• ପର୍ସନାଲିଟି ଡେଭେଲପମେଣ୍ଟ
• ବେସିକ ୱେବ୍ ଡିଜାଇନିଂ
Employer can contact us for Hiring
Student can contact us for joining the course
ବୟସ ସୀମା- ୧୮ ବର୍ଷରୁ ଉର୍ଦ୍ଧ୍ୱ, ଯୋଗ୍ୟତା- ୧୦ମ ବା ତଦୂର୍ଦ୍ଧ୍ୱ
JEEBIKA IT SCHOOL
(AAROHAN FOUNDATION) N2/30, IRC Village, Nayapalli, Bhubaneswar
Ph : 0674-2550482, 8658656804, 6371569229
Email : jeebikaitschool30@gmail.com

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



TARIFF — MORE SPACE • SAME PRICE (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍, ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆପରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287



## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଆଉ ୪ ବିଧାନସଭା, ଜଣେ ଲୋକ ସଭା ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କଲେ

**ଭୁବନେଶ୍ୱର,୧୯।୩(ବ୍ୟୁରୋ):** ଦୁଇଟି ପର୍ଯ୍ୟାୟ ମତଦାନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାମାଙ୍କନ ପତ୍ର ଦାଖଲ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ୪ ବିଧାନସଭା ଆସନ ପାଇଁ ପ୍ରାର୍ଥିପତ୍ର ଦଖଲ ହୋଇଛି। ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ମାଲକାନଗିରି, ଗୋପାଳପୁର ଏବଂ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ଆସ୍କା ଲୋକ ସଭା ଆସନ ପାଇଁ ଜଣେ ଓ କଣ୍ଟାବାଞ୍ଜି ବିଧାନସଭା ଆସନ ପାଇଁ ଜଣେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ବିଧାନସଭା ପାଇଁ ମୋଟ ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ଲୋକ ସଭା ପାଇଁ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

### କଂଗ୍ରେସ ଓବିସି ବିଭାଗ ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ

**ଭୁବନେଶ୍ୱର,୧୯।୩ (ବ୍ୟୁରୋ):** ପ୍ରଦେଶ କଂଗ୍ରେସ ଓବିସି ବିଭାଗର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ କଂଗ୍ରେସ ଭବନଠାରେ ମଙ୍ଗଳବାର ଅଧକ୍ଷ ବିଷ୍ଣୁ ଚରଣ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିରଞ୍ଜନ କହିଛନ୍ତି, ରାଜ୍ୟ ସରକାର କେବଳ ଯୋଜନା ଉପରେ ଯୋଜନା କରି ଲୋକମାନଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ନିର୍ଯାତନା, ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ପାନୀୟଜଳ ଯୋଗାଇ ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟ ଆଜି ଋଣ ଯନ୍ତାରେ ପେଶି ହେଉଥିବା ବେଳେ କେନ୍ଦ୍ରର ମୋଦି ସରକାର ଅମଳରେ ଦେଶରେ ସାଂପ୍ରଦାୟିକତା ବାଦ ମୁଣ୍ଡ ଟେକିବାରେ ଲାଗିଛି। ଆସନ୍ତା ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀମାନଙ୍କୁ ବିଜୟୀ କରାଇବାରେ ଓବିସି ବିଭାଗ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।

### କନ୍ଧମାଳ ଜିଲା ପଞ୍ଚାୟତ ନିର୍ବାଚନରେ ୩୬ଖଣ୍ଡ ଭୋଟ ପାଇଥିବା ବ୍ୟକ୍ତି କଂଗ୍ରେସ ବିଧାୟକ ପ୍ରାର୍ଥୀ

**ଫୁଲବାଣୀ ଅଫିସ,୧୯।୩:** ବିଜେଡି ପ୍ରାର୍ଥୀ ଘୋଷଣା ହେବା ପରେ ସୋମବାର ବିଳମ୍ବିତ ରାତିରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି । କନ୍ଧମାଳ ଜିଲାରେ ଦଳ ଯେଉଁମାନଙ୍କୁ ପ୍ରାର୍ଥୀ କରିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। କଂଗ୍ରେସ ଛାମୁଆ କର୍ମୀଙ୍କ ଶିବିର ସ୍ତବ୍ଧ ହୋଇଯାଇଛି। ପଞ୍ଚାୟତ ନିର୍ବାଚନରେ ଯେଉଁ ବ୍ୟକ୍ତି ମାତ୍ର ୩୬ ଖଣ୍ଡ ଭୋଟ ପାଇଥିଲେ କଂଗ୍ରେସ ଦଳ ତାଙ୍କୁ ବିଧାୟକ ପ୍ରାର୍ଥୀ ଲାଗି ଟିକେଟ ଦେଇଛି । ସେ ନେଇ ଜିଲାରେ ଚର୍ଚ୍ଚା ଆରମ୍ଭ ହୋଇଛି । ପ୍ରକାଶ ଯେ, ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ସିମନ ମଲ୍ଲିକଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ୨୦୧୨ରେ ସେ କୋଟଗଡ ବ୍ଲକ ଯୁଡାବାଲି ପଞ୍ଚାୟତ ସରପଞ୍ଚ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ମାତ୍ର ୩୬ ଖଣ୍ଡ ଭୋଟ ପାଇଥିଲେ ।

### ପ୍ରମିଳା ବିଷୋୟୀଙ୍କୁ ଲୋକ ସଭା ଟିକେଟ ମିଳିବା ପ୍ରସଙ୍ଗ
### ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଶତାଧିକ ମହିଳା କର୍ମୀ

**ଭୁବନେଶ୍ୱର,୧୯।୩ (ବ୍ୟୁରୋ):** ଆସିକା ଲୋକ ସଭା ଆସନରୁ ପ୍ରମିଳା ବିଷୋୟୀଙ୍କୁ ବିଜେଡି ପ୍ରାର୍ଥୀ କରିବା ନେଇ ଦଳର ସଭାପତି ନବୀନ ପଟ୍ଟନାୟକ ସୋମବାର ଘୋଷଣା କରିଛନ୍ତି। ଏଥିଲାଗି ମହିଳା ବିଜେଡି ସଭାନେତ୍ରୀ ମିନତି ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳା କର୍ମୀ ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ କୃତଜ୍ଞତା ଜଣାଇଛନ୍ତି। ପ୍ରମିଳାଙ୍କୁ ପ୍ରାର୍ଥୀ କଲାବେଳେ ନବୀନ କହିଥିଲେ, ବିଷୋୟୀଙ୍କ ପ୍ରାର୍ଥିତ୍ୱ ମିଶନ ଶକ୍ତିର ୭୦ଲକ୍ଷ ମହିଳାଙ୍କ ପ୍ରତି ସମ୍ମାନ। ଏହି ଅବସରରେ ପ୍ରମିଳା କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ଫଳରେ ଆମେମାନେ ଦେଶଦୁନିଆ ସହିତ ପରିଚିତ ହୋଇପାରିଛୁ। ମୋତେ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରାଇଥିବାରୁ ନବୀନଙ୍କ ନିକଟରେ କୃତଜ୍ଞ ବୋଲି ସେ କହିଥିଲେ।

# ଗୋଇନ୍ଦା ରିପୋର୍ଟକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

- ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲେ ଦୁଇଦଳ
- ଉକ୍ତ ରିପୋର୍ଟର ସିବିଆଇ ତଦନ୍ତ କରାଯାଉ: ଭାଜପା
- ଜାଲ୍ ଚିଠି ଦେଖାଇ ବିଭ୍ରାନ୍ତ କରୁଛି ଭାଜପା: ବିଜେଡି
- ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ : ପୋଲିସ କମିଶନର

**ଭୁବନେଶ୍ୱର,୧୯।୩ (ବ୍ୟୁରୋ)**





ବିଜେଡି ପକ୍ଷରୁ ନିର୍ବାଚନ କମିଶନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଥିବା ବେଳେ ଅନୁରୂପଭାବେ ଭାଜପା ପକ୍ଷରୁ ମଧ ଦାବିପତ୍ର ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ନିର୍ବାଚନ ଲଢିଲେ ହାରିଯିବେ ବୋଲି ଗୋଇନ୍ଦା ରିପୋର୍ଟ ଦେଇଥିବା ନେଇ ସୋମବାର ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏ ସଂକ୍ରାନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ ଓ ପୋଲିସ ଡିଜିଙ୍କୁ ଦିଆଯାଇଥିବା ସେ କହିଥିଲେ। ଏହା ପରେ ପୋଲିସ ଡିଜି ଟୁଇଟ୍ କରି ଏହା ଫେକ୍ ବୋଲି କହିଥିଲେ। ଉକ୍ତ ଗୋଇନ୍ଦା ରିପୋର୍ଟକୁ ନେଇ ମଙ୍ଗଳବାର ମୁହାଁମୁହିଁ ହୋଇଛନ୍ତି ବିଜେଡି ଓ ଭାଜପା। ବିଜେଡି ମୁଖପାତ୍ର ପ୍ରତାପ ଦେବ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାଜପା ଏହି ଜାଲ୍ ଚିଠି ଦେଖାଇ ଲୋକଙ୍କୁ ବିଭ୍ରାନ୍ତ କରୁଛି। ଭାଜପା ନିର୍ବାଚନ ପୂର୍ବରୁ ହାରିବାକୁ ନେଇ ଭୟଭୀତ ହୋଇଯାଇଛି। ତେଣୁ ମିଛର ସାହାରା ନେବାକୁ ପଛାଉନାହିଁ। କର୍ନାଟକରେ ମଧ ଭାଜପା ସମାନ ନୀତି ଆପଣାଇଥିଲା। କର୍ନାଟକ ଓ ଓଡିଶାରେ ଭାଜପା ଦେଖାଇଥିବା ଚିଠିର କ୍ରମିକ ନମ୍ବର ସମାନ ଥିବା ସେ କହିଛନ୍ତି। କର୍ନାଟକରେ ସମାନ ଧରଣର ଏକ ଚିଠିକୁ ଅଦଳବଦଳ କରି ଭାଜପା ଏଭଳି ମନଗଢା ଅଭିଯୋଗ ଆଣିଛି ବୋଲି ପ୍ରତାପ ଦେବ କହିଛନ୍ତି।

ବିଜେଡି ଖବରଦାତା ସମ୍ମିଳନୀର କିଛି ସମୟ ପରେ ଭାଜପାର ଏକ ଟିମ୍ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲା। ଗୋଇନ୍ଦା ସଂସ୍ଥା ଦ୍ୱାରା ଏଭଳି ରିପୋର୍ଟ ପ୍ରସ୍ତୁତ ନିର୍ବାଚନ ଆଚରଣବିଧିର ଖୋଲାଖୋଲି ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ କରିଛି। ଗୋଇନ୍ଦା ବିଭାଗର ଏଭଳି କାର୍ଯ୍ୟ ନିର୍ବାଚନରେ ସ୍ୱଚ୍ଛତା ଓ ନିରପେକ୍ଷତାର ପରିପନ୍ଥୀ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ରିପୋର୍ଟରେ ବୈଧତା ନ ପରଖି ପୋଲିସ ଡିଜି ଯେଭଳି ଏହାକୁ ଜାଲ୍ ରିପୋର୍ଟ ବୋଲି କହିଲେ ଓ ଥାନାରେ ଅଭିଯୋଗ କରାଗଲା ସେଥିରୁ ପୋଲିସ ସରକାରଙ୍କ ନିର୍ଦ୍ଦେଶରେ କାମ କରୁଥିବା ସ୍ପଷ୍ଟ ହୋଇଛି। ସୋସିଆଲ ମିଡିଆରେ ବୁଲୁଥିବା ଏହି ରିପୋର୍ଟକୁ ନେଇ ଖବରଦାତା ସମ୍ମିଳନୀ କରାଯାଇଥିଲା। ତେଣୁ ଉଭୟ ପୋଲିସ ଡିଜି ଓ ଗୋଇନ୍ଦା ବିଭାଗ ଡିଜିଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହ ଅନ୍ୟତ୍ର ବଦଳି ଲାଗି ନିର୍ବାଚନ ଅଧିକାରୀଙ୍କୁ ନିକଟରେ ଦାବି କରାଯାଇଥିବା ଗୋଲକ କହିଛନ୍ତି। ସେହିଭଳି ଏନ୍ଆଇଏ କିମ୍ବା ସିବିଆଇ ଦ୍ୱାରା ଏହାର ତଦନ୍ତ କରାଯାଉ। ଉକ୍ତ ରିପୋର୍ଟର ବୈଧତା ଯାଞ୍ଚ ସହ ଏହାକୁ ଫୋରେନସିକ୍ ଲାବୋରେଟୋରିକୁ ପଠାଇବା ଲାଗି ଭାଜପା ନିର୍ବାଚନ ଅଧିକାରୀଙ୍କୁ ନିବେଦନ କରିଥିବା ସେ କହିଛନ୍ତି।

ଭାଜପାର ପ୍ରବକ୍ତା ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ବିଜେଡି ଖବରଦାତା ସମ୍ମିଳନୀରେ ଯେଉଁ ଅଭିଯୋଗ ଅଣାଗଲା ତାହା ସମ୍ପୂର୍ଣ୍ଣ ମିଥ୍ୟା। କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୟାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଜେଡିଏସ୍ ଆଣିଥିଲା, ଭାଜପା ନୁହେଁ। ସମ୍ପୂର୍ଣ୍ଣ ତଥ୍ୟ ହାସଲ ନ କରି ତରବରିଆ ଭାବେ ବିଜେଡି ଯେପରି ମତ ରଖିଲା ସେଥିରୁ ଲାଗୁଛି ସେମାନେ ଭାଜପାକୁ ନେଇ ଅତ୍ୟନ୍ତ ଭୟଭୀତ। ପୋଲିସ ଡିଜି ବିରୋଧୀ ଦଳକୁ ନାଲିଆଖି ଦେଖାଇବା ବନ୍ଦ କରନ୍ତୁ। ଯଦି ସାହସ ଅଛି ତ ଭାଜପାକୁ ବାନ୍ଧନ୍ତୁ ବୋଲି ପୀତାମ୍ବର କହିଛନ୍ତି।

ଅନ୍ୟପକ୍ଷରେ ବିଜେଡିର ଏକ ଟିମ୍ ମଧ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଜାଲ୍ ରିପୋର୍ଟ ସମ୍ପର୍କରେ ଅଭିଯୋଗ ଜଣାଇଛନ୍ତି। ଭାଜପା ଜାଲ୍ ରିପୋର୍ଟ ଦେଖାଇଥିବାରୁ ୪୮ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଦୁଇ ଦଳର ଅଭିଯୋଗ ଓ ପ୍ରତି ଅଭିଯୋଗକୁ ଆଧାର କରି ପୋଲିସ ଉକ୍ତ ରିପୋର୍ଟକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଦୁଇ ରାଜନୈତିକ ଦଳର ମିଡିଆ ସେଲ୍ କର୍ମଚାରୀ ଓ ଖବରଦାତା ସମ୍ମିଳନୀ କରିଥିବା ବ୍ୟକ୍ତିବିଶେଷ ତଦନ୍ତ ପରିସରଭୁକ୍ତ ହେବେ। ସେମାନଙ୍କୁ ଡାକି ପୋଲିସ ପଚରାଉଚରା କରିବ। କିଏ ଓ କେଉଁ ଉଦ୍ଦେଶ୍ୟରେ ଏଭଳି ଜାଲ୍ ରିପୋର୍ଟ ସୋସିଆଲ ମିଡିଆରେ ଭାଇରାଲ କଲେ ତାହାର ତଦନ୍ତ ହେବ ବୋଲି ସେ କହିଛନ୍ତି।

## ■ ବଲାଙ୍ଗୀରରୁ କଂଗ୍ରେସ ପ୍ରାର୍ଥୀ ନରସିଂହ
# ବିଜେଡି, ଭାଜପାର ଗଣିତ ଛିଣ୍ଡୁନି

**ବଲାଙ୍ଗୀର ଅଫିସ, ୧୯।୩**

ବଲାଙ୍ଗୀର ବିଧାନସଭା ଆସନ ପାଇଁ ପୁରୁଖା ନେତା, ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କୁ ଚଳିତ ନିର୍ବାଚନ ପାଇଁ କଂଗ୍ରେସ ଦଳ ପୁଣି ଦଳୀୟ ଟିକେଟ ଦେଇଛି । ଏନେଇ ସୋମବାର ବିଳମ୍ବିତ ରାତ୍ରିରେ ବିଧିବଦ୍ଧ ଘୋଷଣା ହେବା ପରେ ବଲାଙ୍ଗୀରରେ କଂଗ୍ରେସ କର୍ମୀ, ନେତା ଓ ସମର୍ଥକ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ଅନ୍ୟପଟେ ପ୍ରତିପକ୍ଷ ବିଜେଡି ଓ ଭାଜପା ଆଶାୟୀ ପ୍ରାର୍ଥୀଙ୍କ ଗଣିତ ଛିଣ୍ଡୁ ନ ଥିବା ଜଣାପଡିଛି । ବିଜେଡି ପକ୍ଷରୁ ୫୪ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଥିଲେ ମଧ ବଲାଙ୍ଗୀର ଜିଲାର ବଲାଙ୍ଗୀର ସଦର ଓ ଲୋଇସିଂହା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। କଂଗ୍ରେସ ମିଶ୍ରଙ୍କ ନାମ ଘୋଷଣା କରି ପ୍ରତିପକ୍ଷ ବିଜେଡି ଓ ଭାଜପା ଉପରେ ଚାପ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଶୁଣିବାକୁ ମିଳୁଛି।

### ଟିକେଟ ଘୋଷଣା ବିଳମ୍ବ: ଚାପରେ ପ୍ରାର୍ଥୀ, କର୍ମୀ

ବଲାଙ୍ଗୀର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୩ଟି ବିଧାନସଭା ଆସନ ଯଥା ପାଟଣାଗଡ଼, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ଆସନରେ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ମଧ ବଲାଙ୍ଗୀର ଓ ଲୋଇସିଂହା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ବିଜେଡି ଶିବିରରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଲାଙ୍ଗୀର ବିଧାନସଭା ଆସନ ପାଇଁ ବିଜେଡି ଆଶାୟୀ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ପୁଅ ଅର୍କେଶ ନାରାୟଣ ସିଂଦେଓ, ସମାଜିକ କର୍ମୀ ଲଳିତ କୁମାର ନାୟକ, ହରେକୃଷ୍ଣ ଷଡଙ୍ଗୀ, ନାରୀନେତ୍ରୀ ଶ୍ରୀମୟୀ ମିଶ୍ର ଭୁବନେଶ୍ୱର ନବୀନ ନିବାସରେ ତନାଘନା ଉଦ୍ୟମ ଚଳାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନଙ୍ଗଙ୍କ ବଡପୁଅ ତଥା ଲୋକସଭା ଏମପି କଳିକେଶ ନାରାୟଣ ସିଂଦେଓଙ୍କୁ ଚଳିତ ନିର୍ବାଚନ ପାଇଁ ଦଳ ପୁଣି ଥରେ ଲୋକସଭା ପ୍ରାର୍ଥୀ ଘୋଷଣା କରିଛି। ଏଭଳି କ୍ଷେତ୍ରରେ ଗୋଟିଏ ପରିବାରରୁ ଅନଙ୍ଗଙ୍କ ସାନପୁଅ ଅର୍କେଶଙ୍କୁ ଆଉ ଗୋଟିଏ ଦଳୀୟ ଟିକେଟ ମିଳିବ କି ନାହିଁ ସେନେଇ ବିଜେଡି କର୍ମୀ ଓ ସମର୍ଥକ ମହଲରେ ବି ଆଶଙ୍କା ଦେଖାଦେଇଛି । ଅର୍କେଶଙ୍କ କିଛି ସମର୍ଥକ ଦଳୀୟ ଟିକେଟ ନିଶ୍ଚୟ ପାଇବେ ବୋଲି ଦୃଢ଼ ଆଶାବାଦୀ ଥିଲେ ମଧ ଟିକେଟ ଘୋଷଣାକୁ ନେଇ ବିଳମ୍ବ ହେଉଥିବାରୁ ଚାପର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ବିଜେଡି ଆଶାୟୀ ତାଲିକାରେ ଥିବା ଲଳିତ, ଷଡଙ୍ଗୀ, ଶ୍ରୀମୟୀ ଟିକେଟ ହାତେଇବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଥିବା କୁହାଯାଉଛି।

ଭାଜପାରେ ଡା. ବାସୁଦେବ ପତି, ଗୋପାଳଜୀ ପାଣିଗ୍ରାହୀ, ଅନନ୍ତ ଦାଶ ଟିକେଟ ଦୌଡରେ ରହିଥିଲେ ମଧ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବାରୁ ସେମାନଙ୍କ ସମର୍ଥକଙ୍କ ମହଲରେ ମଧ ଶଙ୍କା ବଢ଼ିବାରେ ଲାଗିଛି। ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ନିଧନ ପରେ ଟିକେଟ ବଣ୍ଟନରେ ବିଳମ୍ବ ହେଉଥିବା କୁହାଯାଉଛି। ତେବେ କଂଗ୍ରେସ ପ୍ରଥମରୁ ନରସିଂହ ମିଶ୍ରଙ୍କ ନାମ ଘୋଷଣା କରିଥିବାରୁ ହେଭିୱେଟ୍ ନେତାଙ୍କୁ ଟକ୍କର ଦେବାପାଇଁ ପ୍ରତିପକ୍ଷ ଭାଜପା ଓ ବିଜେଡି କେଉଁ ଆଶାୟୀଙ୍କ ଉପରେ ଭରସା କରି ଦଳୀୟ ଟିକେଟ ଦେବ ତାହା ଚର୍ଚ୍ଚାର ବିଷୟ ହୋଇଛି।

## ବ୍ରଜରାଜନଗର ଆସନ ପାଇଁ ରାଜଧାନୀରେ ଆଲୋଚନା
# ଆଜି ହୋଇପାରେ ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା

**ଝାରସୁଗୁଡ଼ା ଅଫିସ,୧୯।୩**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଚୟନ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାରେ ମଙ୍ଗଳବାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ମଙ୍ଗଳବାର ଭୁବନେଶ୍ୱରରେ ଅନୁଷ୍ଠିତ ଏକ ବୈଠକରେ ଏହି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି। ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଜିଲା ସଭାପତି ତଥା ପୂର୍ବତନ ବାଚସ୍ପତି କିଶୋର କୁମାର ମହାନ୍ତିଙ୍କୁ ଦଳ ବ୍ରଜରାଜନଗରରୁ ପ୍ରାର୍ଥୀ କରିବାକୁ ସ୍ଥିର କରିଛି। ବୁଧବାର ଏ ନେଇ ବିଧିବଦ୍ଧ ଘୋଷଣା ହେବା ସମ୍ଭାବନା ରହିଛି। ସେହିପରି ଏହି ଆସନ ପାଇଁ ଅନ୍ୟତମ ପ୍ରମୁଖ ଟିକେଟ ଦାବିଦାର ଅନୁପ କୁମାର ସାଏଙ୍କୁ କୌଣସି ପଦପଦବୀରେ ଥଇଥାନ କରିବାକୁ ଦଳ ପ୍ରତିଶ୍ରୁତି ଦେଇଥିବା ଶୁଣିବାକୁ ମିଳିଛି। କିଶୋର ମହାନ୍ତି ବ୍ରଜରାଜନଗରରୁ ପ୍ରାର୍ଥୀ ହେଉଥିବା ଖବର ପ୍ରସାରିତ ହେବା ପରେ ବିଜେଡି କର୍ମୀ ଏବଂ କିଶୋରଙ୍କ ସମର୍ଥକ ଖୁସିବ୍ୟକ୍ତ କରିଛନ୍ତି। ଖୋଲାଖୋଲି ଭାବେ ଉତ୍ସବ ପାଳି ନ ଥିଲେ ମଧ ବିଜେଡି କର୍ମୀମାନେ ଖୁସିଥିବା କହିଛନ୍ତି। ତେବେ ଦଳର ଏହି ନିଷ୍ପତ୍ତି ଯୋଗୁ ଅନୁପ ଓ ତାଙ୍କ ସମର୍ଥକମାନେ ନିରାଶ ହୋଇଛନ୍ତି। ଅନୁପଙ୍କ ପରବର୍ତ୍ତୀ ପଦକ୍ଷେପ କ’ଣ ହେବ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ସୂଚନାଯୋଗ୍ୟ, ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ ସୋମବାର ବିଜେଡି ଦଳୀୟ ପ୍ରାର୍ଥୀ ଭାବେ ନବ କିଶୋର ଦାସଙ୍କ ନାମ ଘୋଷଣା କରିଥିଲେ ମଧ ବ୍ରଜରାଜନଗର ଆସନକୁ ଝୁଲାଇ ରଖାଯାଇଥିଲା।

ବିଜେଡିରେ ନବଙ୍କ ଯୋଗଦାନ ପରେ ଝାରସୁଗୁଡ଼ା ଆସନରେ ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ପୂର୍ବରୁ ଏକପ୍ରକାର ସ୍ପଷ୍ଟ ହୋଇଯାଇଥିଲା। ତେବେ ବ୍ରଜରାଜନଗର ଆସନ ପାଇଁ କିଶୋର ଏବଂ ଅନୁପଙ୍କ ମଧ୍ୟରେ ଟଣାଓଟରା ଲାଗିଥିଲା। ଏପରି କି ବ୍ରଜରାଜନଗରରୁ ଅନୁପଙ୍କୁ ଟିକେଟ ମିଳିଲେ, କିଶୋର ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ମଙ୍ଗଳବାର ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ଦଳୀୟ ମହଲରୁ ସୂଚନା ମିଳିଛି। ଏ ବାବଦରେ ଜିଲା ସଭାପତି କିଶୋର ମହାନ୍ତିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।




## ■ ସାରାବଙ୍ଗବାସୀଙ୍କ ନିଷ୍ପତ୍ତି
# ମଦ, ଟଙ୍କା ବାଣ୍ଟିଲେ ଭୋଟ ଦେବୁନାହିଁ

**ନୂଆପଡା ଅଫିସ,୧୯।୩**

ନିର୍ବାଚନ ବେଳେ ମଦ କିମ୍ବା ଟଙ୍କା ଦେଇ ମତଦାତାଙ୍କୁ କେହି ଯେପରି ପ୍ରଭାବିତ କରି ନ ପାରେ ସେଥିପାଇଁ ପ୍ରଶାସନ ସବୁବେଳେ ନିଘା ରଖିଥାଏ । ତଥାପି ନିର୍ବାଚନ ସମୟରେ ଏସବୁର ବହୁଳ ବ୍ୟବହାର ହେଉଥିବା ଅନେକ ନଜିର ରହିଛି। ହେଲେ ଏଥର ନୂଆପଡା ଜିଲାର ଆଦର୍ଶ ଗ୍ରାମପଞ୍ଚାୟତ ଭାବେ ପରିଗଣିତ ହେଉଥିବା ସାରାବଙ୍ଗ ଗ୍ରାମବାସୀ ନିଜ ତରଫରୁ ଏଥିରେ ରୋକ ଲଗାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଆଗତୁରା ଖୁଚୁରା ମଦ ବେପାରୀମାନଙ୍କୁ ଧରି ଜରିମାନା କରୁଥିବାବେଳେ ନିର୍ବାଚନ ବେଳେ ଯେଉଁ ଦଳ କିମ୍ବା ନେତା ମଦ, ଟଙ୍କା ବାଣ୍ଟିବାର ଉଦ୍ୟମ କରନ୍ତି ତାଙ୍କୁ ମତଦାନ ନ ଦେବାକୁ ମଙ୍ଗଳବାର ସ୍ଥାନୀୟ ଛକରେ ଆୟୋଜିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ଜିଲା ସଦର ମହକୁମାଠାରୁ ମାତ୍ର ୭ କି.ମି. ଦୂର ସାରାବଙ୍ଗ ଗ୍ରାମପଞ୍ଚାୟତରେ ଅନ୍ୟୁନ ୭୦ ପ୍ରତିଶତ ଲୋକ ସାକ୍ଷର । ଲୋକଙ୍କ ଜୀବନ ଜୀବିକା କହିଲେ ଚାଷ ମୁଖ୍ୟ ବେଉସା। ଗତ ଦିନର ବିଭିନ୍ନ ନିର୍ବାଚନକୁ ଦୃଷ୍ଟି ଦେଲେ ଏଠାରେ ମତଦାନ ହାର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଅଧିକ ରହିଥାଏ । ହେଲେ ବିଭିନ୍ନ ସମୟରେ ଏଠାରେ ମଦ୍ୟପଙ୍କ ସଂଖ୍ୟା ବଢି ଚାଲିଥିବାରୁ ଏହା ଉପରେ ଅଙ୍କୁଶ ଲଗାଇବାକୁ ଉଦ୍ୟମ ବୁଦ୍ଧିଜୀବୀମାନେ ଜାରି ରଖିଛନ୍ତି।

ଦୀର୍ଘ ପଚିଶ ବର୍ଷ ଧରି ଗାଁ ମୁଣ୍ଡରେ ଚାଲିଥିବା ଦେଶୀ ମଦଭାଟିକୁ ସଚେତନ ମହିଳା ପୁରୁଷମାନେ ଏକଜୁଟ ହୋଇ ବନ୍ଦ କରିଦେଇଥିବା ଏକ ଉଦାହରଣ ହୋଇଛି । ସେହିଭଳି ଆଗାମୀ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ବେଶ ପ୍ରସ୍ତୁତି ଚାଲିଛି । ମଦଭାଟି ବନ୍ଦ କରିଦେବା ପରେ ଗାଁର ବିଭିନ୍ନ ଛକ ଜାଗାରେ ଖୁଚୁରା ବେପାରୀମାନେ ବାହାରୁ ମଦ ଆଣି ବିକ୍ରି କରୁଛନ୍ତି । ଏହାକୁ ଅବକାରୀ ବିଭାଗ ଅଧିକାରୀ କି ପୋଲିସ ଧରିପାରୁନାହିଁ। ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ମଙ୍ଗଳବାର ସ୍ଥାନୀୟ ଛକରେ ଏକ ବୈଠକ ବସିଥିଲା । ଏଥିରେ ସଚେତନ ନାଗରିକ ସଂଘ ତରଫରୁ ପ୍ରକାଶ ଦୀକ୍ଷିତ ସଭାପତିତ୍ୱ କରିଥିବାବେଳେ ବହୁ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ । ଏହି ଅବସରରେ ଏକ ସ୍ୱଚ୍ଛ ଗଣତନ୍ତ୍ର ରାଷ୍ଟ୍ର ଗଠନରେ ସାଧାରଣ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଆମକୁ ଏବେ ହିଁ ତାର ପରିଚୟ ଦେବାକୁ ଠିକ ସମୟ ଆସିଛି । ତେଣୁ ନିଶାମୁକ୍ତ ଏବଂ ଲାଞ୍ଚ ମୁକ୍ତ ଭାବେ ନିର୍ବାଚନକୁ ପରିଚାଳନାରେ ସହାୟକ ହେବ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ କେତେଜଣ ହାତଗଣତି ଖୁଚୁରା ମଦ ବେପାରୀଙ୍କୁ ଜରିମାନା କରି ଏଣିକି ମଦ ବିକ୍ରି ବନ୍ଦ କରି ଅନ୍ୟ ରୋଜଗାର ପନ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କୌଣସି ଦଳର ନେତା ଭୋଟରଙ୍କୁ ପ୍ରଲୋଭିତ କରିଲେ ସେହି ଦଳକୁ ଭୋଟ ନ ଦେବାକୁ କୁହାଯାଇଛି। ଏହି ନିଷ୍ପତ୍ତିକୁ ଶତାଧିକ ଲୋକ ସମର୍ଥନ ଜଣାଇଛନ୍ତି ।



ବୈଠକରେ ଯୋଗଦେଇଥିବା ନାଗରିକ ସଂଘ କର୍ମକର୍ତ୍ତାଗଣ।



# ଭାଜପାରେ ପ୍ରକାଶ ବଦଳୁଛି ସମୀକରଣ

**ନିର୍ମଳ ପଣ୍ଡା**
**କଟକ ଅଫିସ,୧୯।୩**

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| କଂଗ୍ରେସ | ପ୍ରକାଶ ଚନ୍ଦ୍ର ବେହେରା | ୭୮,୩୪୩ |
| ବିଜେଡି | ପ୍ରଶାନ୍ତ ବେହେରା | ୭୬,୨୨୬ |
| ଭାଜପା | ଚୌଧୁରୀ ହେମନ୍ତ ସାହୁ | ୭,୭୧୨ |

**ମୋଟ୍ ଭୋଟର**
୨,୩୩,୮୬୮
**ପୁରୁଷ ଭୋଟର**
୧,୨୧,୨୨୩
**ମହିଳା ଭୋଟର**
୧,୧୨,୬୨୨
**ଅନ୍ୟାନ୍ୟ**
୨୩




କଟକ ଜିଲାର ସାଲେପୁର ବିଧାନସଭା ଆସନକୁ ନେଇ ସମୀକରଣ ବଦଳିବାରେ ଲାଗିଛି। ବିଶେଷକରି ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା କଂଗ୍ରେସ ଛାଡ଼ି ରବିବାର ଭାଜପାରେ ଯୋଗଦେବା ପରେ ସାଲେପୁର ରାଜନୀତି ହଠାତ୍ କଡ଼ ଲେଉଟେଇଛି। ୨୦ ବର୍ଷ ଧରି ସାଲେପୁର କଂଗ୍ରେସର ମଙ୍ଗୁଆଳ ସାଜିଥିବା ପ୍ରକାଶ ହଠାତ୍ ଦଳ ସହିତ ସମସ୍ତ ସମ୍ପର୍କ ଛିନ୍ନ କରି ଭାଜପାକୁ ଲମ୍ଫ ଦେବା କଂଗ୍ରେସ କର୍ମୀମାନଙ୍କୁ ମଧ୍ୟ ଚକିତ କରିଛି। ଏଭଳି ପରିସ୍ଥିତିରେ କେବଳ ଯେ କଂଗ୍ରେସ ଶିବିର ହଲ୍‌ଚଲ ହୋଇନି, ଭାଜପା ଶିବିରରେ ମଧ୍ୟ ପ୍ରକାଶଙ୍କ ଯୋଗଦାନକୁ ନେଇ ଆଲୋଡ଼ନ ଖେଳିଯାଇଛି। କାରଣ ପ୍ରକାଶ କଂଗ୍ରେସ ଛାଡ଼ିବା ପରେ ହଠାତ୍ ସାଲେପୁରରେ ଦଳ ପାଇଁ ନେତୃତ୍ୱ ସଙ୍କଟ ଦେଖାଦେଇଥିବା ବେଳେ ଭାଜପାରେ ଯେଉଁମାନେ ଟିକେଟ ଆଶାୟୀ ଥିଲେ ସେମାନେ ମଧ୍ୟ ନିଜ ପ୍ରାର୍ଥୀତ୍ୱକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି।

କଟକ ଜିଲାର ଟାଙ୍ଗୀ ବ୍ଲକର ୧୩ ଓ ସାଲେପୁର ବ୍ଲକ ୩୫ ପଞ୍ଚାୟତକୁ ନେଇ ଗଠିତ ସାଲେପୁର ବିଧାନସଭା ଆସନର ଇତିହାସକୁ ଦେଖିଲେ କଂଗ୍ରେସ ବାରମ୍ବାର ନେତୃତ୍ୱ ପରିବର୍ତ୍ତନ କରି ଆସିଛି। ମାତ୍ର ଅଣକଂଗ୍ରେସ ଅର୍ଥାତ୍ ଜନତା ଦଳ ଓ ପରବର୍ତ୍ତୀ ଅବସ୍ଥାରେ ବିଜେଡିର କ୍ଷମତା କେନ୍ଦ୍ର କାଳିନ୍ଦୀ ବେହେରାଙ୍କ ପରିବାର ହାତରେ ନ୍ୟସ୍ତ ଥିଲା। ୧୯୭୭ରୁ ୨୦୦୪ ପର୍ଯ୍ୟନ୍ତ କାଳିନ୍ଦୀ ସାଲେପୁର ଆସନରୁ ଅଣକଂଗ୍ରେସ ଦଳର ପ୍ରତିନିଧିତ୍ୱ କରି ଆସୁଥିବା ବେଳେ ୨୦୦୯ରେ ତାଙ୍କ ପୁଅ ଚନ୍ଦ୍ରସାରଥି ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ସେହିପରି ଅତୀତରେ ମାୟାଧର ସେଠୀ, ବାଇଧର ବେହେରା ଓ ରବୀନ୍ଦ୍ର ନାଥ ବେହେରା କଂଗ୍ରେସକୁ ନେତୃତ୍ୱ ଦେଇ ଆସୁଥିଲେ। ୨୦୦୦ ମସିହା ବେଳକୁ ସାଲେପୁର କଂଗ୍ରେସ ରାଜନୀତିରେ ପ୍ରକାଶଙ୍କର ଅପ୍ରତ୍ୟାଶିତ ଆବିର୍ଭାବ ଘଟିଥିଲା। ୧୯୯୫ ନିର୍ବାଚନରେ ସାଲେପୁର ଆସନରୁ ନବାଗତ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ନାଥ ବେହେରା ବିଜୟୀ ହୋଇଥିଲେ ମଧ୍ୟ ପ୍ରକାଶଙ୍କ ଉପରେ କଂଗ୍ରେସ ଭରସା କରିଥିଲା। ମାତ୍ର ପ୍ରକାଶ ୨୦୦୦ରୁ ୨୦୦୯ ମଧ୍ୟରେ ହୋଇଥିବା ୩ଟି ନିର୍ବାଚନରେ ପରାଜୟବରଣ କରିଥିଲେ। ୨୦୧୪ରେ ବିଜେଡି ସାଲେପୁରରେ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ଚନ୍ଦ୍ରସାରଥିଙ୍କୁ କଟକ ସଦର ଆସନକୁ ପଠାଇ କାଳିନ୍ଦୀଙ୍କୁ ଟିକେଟରୁ ବଞ୍ଚିତ କରିଥିଲା। ଫଳରେ ସାଲେପୁର ଆସନରେ ବିଜେଡି ଚୌଦ୍ୱାରର ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରାଙ୍କ ପୁଅ ତଥା କଟକ ଜିଲା ପରିଷଦ ସଭାପତି ପ୍ରଶାନ୍ତ ବେହେରାଙ୍କୁ ପ୍ରାର୍ଥୀ କରିଥିଲା। ୨୦୧୪ରେ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ବିପୁଳ ହାୱା ସତ୍ତ୍ୱେ ସାଲେପୁର ଆସନ ବିଜେଡି ହାତରୁ ଖସି ଯାଇଥିଲା। କଂଗ୍ରେସ ପ୍ରାର୍ଥୀ ପ୍ରକାଶ ବେହେରା ୨ ହଜାର ୧୧୭ ଭୋଟରେ ପ୍ରଶାନ୍ତଙ୍କୁ ପରାସ୍ତ କରିଥିଲେ। ନିର୍ବାଚନୀ ଫଳାଫଳର ତର୍ଜମା ସମୟରେ କୁହାଯାଉଥିଲା ଯେ ତିନି ଥର ହାରିବା ପରେ ପ୍ରକାଶଙ୍କୁ ଅନୁକମ୍ପାମୂଳକ ଭୋଟ ମିଳିଥିଲା। ଏହାବାଦ୍ ଆଉ ଏକ ଚର୍ଚ୍ଚା ଜୋର ଧରିଥିଲା ଯେ କାଳିନ୍ଦୀଙ୍କ ପରିବାରକୁ ବିଜେଡି ସାଲେପୁରରେ ଅଣଦେଖା କରିବାରୁ କେତେଜଣ ପୁରୁଖା ବିଜେଡି କର୍ମୀ ପ୍ରଶାନ୍ତଙ୍କୁ ଗ୍ରହଣ କରିପାରି ନ ଥିଲେ। ଏଭଳି ସ୍ଥିତିରେ ପ୍ରକାଶ ପ୍ରଥମ ଥର ପାଇଁ ବିଜୟର ସ୍ୱାଦ ଚାଖିଥିଲେ। ହେଲେ ଏବେ ପ୍ରକାଶ ନୂଆ ଦଳରେ। ଯଦିଓ ଭାଜପା ପ୍ରାର୍ଥୀ ତାଲିକା ଘୋଷଣା କରିନାହିଁ, କିନ୍ତୁ ପ୍ରକାଶ ଭାଜପାରୁ ପ୍ରାର୍ଥୀ ହେଉଥିବା ନେଇ ତାଙ୍କ କର୍ମୀମାନେ ଦୃଢ ନିଶ୍ଚିତ।

୨୦୧୭ ପଞ୍ଚାୟତ ନିର୍ବାଚନରେ ସାଲେପୁର ବିଧାନସଭା କ୍ଷେତ୍ରର ୬ଟି ଜିଲା ପରିଷଦ ଜୋନ ବିଜେଡି ଦଖଲ କରିଥିଲା। ମାତ୍ର ପଞ୍ଚାୟତ ନିର୍ବାଚନରେ ଭାଜପା ୪୦ହଜାରରୁ ଊର୍ଦ୍ଧ୍ୱ ଭୋଟ ନେଇ ସାଲେପୁରରେ ନିଜ ଦୃଢ ଉପସ୍ଥିତି ଜାହିର କରିଥିଲା, ଯେଉଁଠି ବିଗତ ଦୁଇଟି ସାଧାରଣ ନିର୍ବାଚନ (୨୦୦୯, ୨୦୧୪)ରେ ଭାଜପାର ଭୋଟ ସଂଖ୍ୟା ୧୦ହଜାର ଟପି ନ ଥିଲା। କାରଣ ୨୦୦୯ରେ ଭାଜପା ପ୍ରାର୍ଥୀ ଓମ୍ ପ୍ରକାଶ ରାୟ ୫୯୦୬ ଭୋଟ ପାଇଥିବା ବେଳେ ୨୦୧୪ରେ ଭାଜପା ପ୍ରାର୍ଥୀ ତଥା ଦଳର ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ ୭୭୧୨ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ ପାଇଁ ଭାଜପାରୁ ଚୌଧୁରୀ ହେମନ୍ତ ସାହୁ, ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜମୋହନ ସେଠୀ, ଦଳର ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି ଓ ଯୁବ ନେତା ରଶ୍ମିରଞ୍ଜନ ଲେଙ୍କା ପ୍ରମୁଖ ଟିକେଟ ଆଶାୟୀ ଅଛନ୍ତି। ପ୍ରକାଶଙ୍କ ଦଳରେ ଯୋଗଦାନ ପରେ ଏମାନଙ୍କର ଆଶା ମଉଳିଯାଇଛି।

ଭାଜପା ଜିଲା ସଭାପତି ତଥା ୨୦୧୪ର ପରାଜିତ ପ୍ରାର୍ଥୀ ସାହୁ କୁହନ୍ତି, ଦଳର ଆଭିମୁଖ୍ୟ ହେଉଛି ତାଙ୍କର ଆଭିମୁଖ୍ୟ। ପ୍ରକାଶ ଭାଜପାରେ ମିଶିଛନ୍ତି। କିନ୍ତୁ ଅଦ୍ୟାବଧି ତାଙ୍କୁ ଟିକେଟ ମିଳିବ ବୋଲି ଦଳ ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ। ଯଦି ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରେ, ତାଙ୍କର କୌଣସି ଅସୁବିଧା ନାହିଁ। ଯୁବ ମୋର୍ଚ୍ଚା ଉପସଭାପତି ଚଇନି କୁହନ୍ତି, ଯଦି ଦଳ ଏଭଳି ୧୨୦ ମିଶନ ପୂରଣ ପାଇଁ ନିଷ୍ପତ୍ତି ନେଉଛି, ତେବେ ଆମର ସେଥିରେ ପ୍ରତିବାଦ କରିବାର ନାହିଁ। ଅନ୍ୟତମ ଆଶାୟୀ ସେଠୀ କୁହନ୍ତି, ସେ ଜଣେ ଶୃଙ୍ଖଳିତ କର୍ମୀ। ଦଳର ନିଷ୍ପତ୍ତି ସହିତ ସେ ଏକମତ।

ପ୍ରକାଶ କଂଗ୍ରେସ ଛାଡ଼ିବା ପରେ ଏବେ ସାଲେପୁର କଂଗ୍ରେସର ମଙ୍ଗ ଧରିବା ପାଇଁ ଆଗକୁ ବାହାରିଛନ୍ତି ପୂର୍ବତନ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ପ୍ରକାଶଙ୍କ ବିରୋଧୀ ରବୀନ୍ଦ୍ର ନାଥ କର। କର କୁହନ୍ତି, ପ୍ରକାଶ କଂଗ୍ରେସ ଛାଡ଼ିଦେବା ପରେ ଯେ ସମସ୍ତ କଂଗ୍ରେସ କର୍ମୀ ତାଙ୍କ ସହିତ ଚାଲିଯିବେ ସେ ଆଶା କରିବା ନିରର୍ଥକ। କଂଗ୍ରେସର ଭୋଟ ଦଳ ସହିତ ରହିଛି। ତେଣୁ ପ୍ରକାଶଙ୍କ ଦଳ ଛାଡ଼ିବା କୌଣସି ଫରକ ପକାଇବ ନାହିଁ। କଂଗ୍ରେସ ଜିଲା ସଭାପତି ଗୁରୁପଦ ନନ୍ଦ କୁହନ୍ତି, ସାଲେପୁରରେ ଅନେକ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି। ପ୍ରକାଶଙ୍କ ଦଳ ଛାଡ଼ିବାର ପ୍ରଭାବ କଂଗ୍ରେସ ଉପରେ ପଡ଼ିବ ନାହିଁ ବୋଲି ନନ୍ଦ କହିଛନ୍ତି।

ବିଜେଡିରୁ ପ୍ରଶାନ୍ତ ବେହେରାଙ୍କ ସହିତ ଯୁବନେତା ବିଶ୍ୱରଞ୍ଜନ ଖଟାଇ ଟିକେଟ ପାଇଁ ଦୃଢ ଦାବିଦାର ଅଛନ୍ତି। ଦୁଇବର୍ଷ ହେବ ଖଟାଇ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସଭାସମିତି ଆୟୋଜନ କରୁଥିବା ଦେଖାଯାଇଛି। ପ୍ରାର୍ଥୀତ୍ୱ ସମ୍ପର୍କରେ ଖଟାଇ କୁହନ୍ତି, ସେ ଟିକେଟ ପାଇବେ ବୋଲି ଆଶାବାଦୀ ଅଛନ୍ତି। ତେବେ ସବୁକିଛି ଦଳର ସଭାପତିଙ୍କ ଉପରେ ନିର୍ଭର କରୁଛି। ଯଦି ଟିକେଟ ନ ମିଳେ ତେବେ ଦଳର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ପ୍ରଶାନ୍ତ କହିଛନ୍ତି ଯେ, ଟିକେଟ କିଏ ପାଇବ ତାହା ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। କିନ୍ତୁ ସାଲେପୁରରେ ବିଜେଡି ଶକ୍ତିଶାଳୀ, ଆଉ ଏଠାରେ ଦଳର ବିପୁଳ ବିଜୟ ଘଟିବ। ସେ ଜଣେ ଶୃଙ୍ଖଳିତ କର୍ମୀ। ଦଳର ସଭାପତିଙ୍କ ନିର୍ଦ୍ଦେଶ ତାଙ୍କ ପାଇଁ ଶିରୋଧାର୍ଯ୍ୟ ବୋଲି ସେ କହିଛନ୍ତି।

କଂଗ୍ରେସରେ ରବୀନ୍ଦ୍ର ନାଥ ବେହେରାଙ୍କ ସମେତ ଜିଲା ସଭାପତି ଗୁରୁପଦ ନନ୍ଦଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସୁଛି। ରବୀନ୍ଦ୍ର କୁହନ୍ତି, ସେ ଟିକେଟ ପାଇଁ ଆବେଦନ କରିଛନ୍ତି। ନିଷ୍ପତ୍ତି ଦଳର ଉଚ୍ଚ କର୍ତ୍ତୃପକ୍ଷ ନେବେ। କିନ୍ତୁ କଂଗ୍ରେସରେ ଥିଲେ ଓ ଆଗକୁ ମଧ୍ୟ ରହିବେ। ଗୁରୁପଦଙ୍କ ମତରେ ଅନେକ ଲୋକ ଟିକେଟ ଆବେଦନ କରିଛନ୍ତି। ପିସିସି ସଭାପତିଙ୍କ ସହିତ ଆଲୋଚନା କରାଯାଇ ଯୋଗ୍ୟ ପ୍ରାର୍ଥୀ ଦିଆଯିବ। ଯଦି ଦଳ ତାଙ୍କୁ ଚାହେଁ ତାଙ୍କର ଲଢିବାରେ ଆପତ୍ତି ନାହିଁ। କିନ୍ତୁ ଦଳ ଯାହାକୁ ପ୍ରାର୍ଥୀ ଦେବ ତାଙ୍କ ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।


ପ୍ରକାଶ ଚନ୍ଦ୍ର ବେହେରା


ପ୍ରଶାନ୍ତ ବେହେରା


ବିଶ୍ୱରଞ୍ଜନ ଖଟାଇ


ଚୌଧୁରୀ ହେମନ୍ତ ସାହୁ


ରବୀନ୍ଦ୍ର ନାଥ କର

# ଦେଖିବାକୁ ମିଳିପାରେ ନୂଆ ସମୀକରଣ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୧୯।୩**

**ମୋଟ୍ ଭୋଟର**
୧୪,୪୩,୫୭୭
**ପୁରୁଷ ଭୋଟର**
୭,୫୬,୨୩୦
**ମହିଳା ଭୋଟର**
୬,୮୭,୨୬୫
**ଅନ୍ୟାନ୍ୟ**
୮୨

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ରୀତା ତରାଇ | ବିଜେଡି | ୫,୪୧,୩୪୯ |
| ଅଶୋକ ଦାସ | କଂଗ୍ରେସ | ୨,୨୧,୦୭୮ |
| ଅମିୟକାନ୍ତ ମଲ୍ଲିକ | ଭାଜପା | ୧,୫୦,୭୮୯ |

ଯାଜପୁର ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ଯାଜପୁର, ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, କୋରେଇ ଓ ସୁକିନ୍ଦାକୁ ନେଇ ଯାଜପୁର ଲୋକ ସଭା ଆସନ ଗଠିତ। ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଏହି ଆସନରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେବା ନିଶ୍ଚିତ। ଏଥିପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଏକ ପ୍ରକାର ଆରମ୍ଭ ହୋଇଯାଇଛି। ଦଳୀୟ ସାଂଗଠନିକ ସ୍ଥିତି ଓ ଜନସମର୍ଥନର ପୃଷ୍ଠଭୂମି ପ୍ରାର୍ଥୀ ଚୟନର ମାପକାଠି ହେବ ବୋଲି ଆଲୋଚନା ହେଉଥିବାବେଳେ ଚାଷୀ ଓ ଚାଷ ପ୍ରସଙ୍ଗ ମଧ୍ୟ ପ୍ରମୁଖ ବିଷୟବସ୍ତୁ ହୋଇଛି। ତେଣୁ ଏମ୍‌ପି କ୍ଷମତା ପାଇଁ ୩ ପ୍ରମୁଖ ଦଳରେ ଏକ ନୂଆ ସମୀକରଣ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ପ୍ରକାଶ ଯେ, ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ସମୁଦାୟ ୧୪,୪୩,୫୭୭ ଭୋଟର ରହିଛନ୍ତି। ଜିଲାର ଅଧିକାଂଶ ଅଞ୍ଚଳ ଅଣଜଳସେଚିତ ହୋଇଥିଲେ ହେଁ ଏଠାରେ ଚାଷ ହିଁ ଲୋକଙ୍କ ମୁଖ୍ୟ ଜୀବିକା। ଗତ ପ୍ରାୟ ୫ବର୍ଷ ହେଲା ଯାଜପୁର ଜିଲାର ଉପରୋକ୍ତ ଅଞ୍ଚଳରେ ଦଳମତ ନିର୍ବିଶେଷରେ ଏକ ଶକ୍ତିଶାଳୀ ଚାଷୀ ସଂଗଠନ ଗଢି ଉଠିଛି। ଧାନ ଓ ପନିପରିବା କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରିର ପ୍ରତିକାର ପାଇଁ ଚାଷୀ ସଂଗଠନ ଆନ୍ଦୋଳନ କରି କିଛିଟା ସଫଳତା ପାଇଛି। ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ଚାଷୀ ରାଜରାସ୍ତାକୁ ଓହ୍ଲାଇବା ଶାସକ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଚାଷୀ ସଂଗଠନ ଯଦିଓ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପକ୍ଷଧର ହୋଇନାହିଁ, ତଥାପି ସଂଗଠନ ଓ ଏହାର ଆନ୍ଦୋଳନରେ ସାମିଲ ହୋଇଥିବା ରାଜନେତାଙ୍କ ପ୍ରତି ଚାଷୀ ମହଲରେ ସମର୍ଥନ ରହିଛି। ଯାଜପୁର ଜିଲାରେ ଅନାଦୀ ଚରଣ ମଲ୍ଲିକ ଓ ରାମଚନ୍ଦ୍ର ମଲ୍ଲିକ ୩ଥର ଲେଖାଏ ଏମ୍‌ପି ଭାବେ ନିର୍ବାଚିତ ହୋଇଥିବାବେଳେ ଭୁବନାନନ୍ଦ ଦାସ, ଲକ୍ଷ୍ମୀଧର ଜେନା, ବାଇଧର ବେହେରା, ଅନନ୍ତ ପ୍ରସାଦ ସେଠୀ, ଅଞ୍ଚଳ ଦାସ, ଜଗନ୍ନାଥ ମଲ୍ଲିକ, ମୋହନ ଜେନା (୨୦୦୪ ଓ ୨୦୦୯) ଏବଂ ରୀତା ତରାଇ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଗତ ନିର୍ବାଚନରେ ରୀତା ତରାଇ ୫,୪୧,୩୪୯ ଭୋଟ ପାଇ ବିପୁଳ ବ୍ୟବଧାନରେ ଭାଜପାର ଅମିୟକାନ୍ତ ମଲ୍ଲିକଙ୍କୁ ପରାଜିତ କରିଥିଲେ। ଏହି କ୍ରମରେ ବିଜେଡି ଚଳିତ ନିର୍ବାଚନରେ ମଧ୍ୟ ବିଜୟୀ ହେବ ବୋଲି ଆଶା ରଖିଛି। ଚଳିତ ଲୋକ ସଭା ନିର୍ବାଚନ ପାଇଁ ଏହି ଆସନ ଲାଗି ଟିକେଟ ଦୌଡରେ ବର୍ତ୍ତମାନର ଏମ୍‌ପି ରୀତା ତରାଇ, ସ୍ୱେଚ୍ଛାକୃତ ଅବସର ନେଇଥିବା ପ୍ରଶାସନିକ ଅଧିକାରିଣୀ ଶର୍ମିଷ୍ଠା ସେଠୀ, ପୂର୍ବତନ ଏମ୍‌ପି ମୋହନ ଜେନା, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନାମ ଆଲୋଚନା ହେଉଛି। ସେହିପରି ଭାଜପାରୁ ବବିତା ମଲ୍ଲିକ, ଅମିୟକାନ୍ତ ମଲ୍ଲିକ ଓ ଭାସ୍କର ଜେନା ଆଶାୟୀ ରହିଥିବାବେଳେ କଂଗ୍ରେସରୁ ମାନସ ଜେନା, ଆଲୋକ ଜେନା ଓ ଅର୍ଜୁନ ଦାସ ଟିକେଟ ଦୌଡ଼ରେ ରହିଛନ୍ତି। ଲୋକ ସଭା ନିର୍ବାଚନ ପାଇଁ ସେହି ପୁରୁଣା ନେତାଙ୍କ ନାମ ସୁପାରିସ କରାଯାଇଥିବାବେଳେ ସେମାନଙ୍କୁ ଟିକେଟ ମିଳିଲେ କଂଗ୍ରେସ ସେତେଟା ଫାଇଦା ନେଇପାରିବ ନାହିଁ ବୋଲି ଚର୍ଚ୍ଚା ହେଉଛି। ଗତ ପଞ୍ଚାୟତ, ପୌର ଓ ବିଧାନସଭା ନିର୍ବାଚନର ଜନମତକୁ ଜିଲାରେ ରାଜନୈତିକ ସ୍ଥିତିର ଏକ ମୋଟାମୋଟି ମାପଦଣ୍ଡ ଭାବେ ନିଆଗଲେ ଜନାଧାର ବିଶେଷ ପରିବର୍ତ୍ତନ ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରମୁଖ ବିରୋଧୀ ଦଳ ଭାବେ ଉଭା ହୋଇଛି। ତେଣୁ ଜିଲାର ଏମ୍‌ପି ପ୍ରାର୍ଥୀତ୍ୱ ଓଲଟପାଲଟ ହେବ ବୋଲି ଆଶା କରାଯାଉଛି। ଏହି ଆସନକୁ କଂଗ୍ରେସ ୮ଥର ଅକ୍ତିଆର କରିଛି। କିନ୍ତୁ ଗତ ପଞ୍ଚାୟତ ନିର୍ବାଚନ ପରେ କଂଗ୍ରେସ ତୃତୀୟ ସ୍ଥାନକୁ ଖସି ଆସିଥିବାବେଳେ ଭାଜପା ଓ ବିଜେଡି ପାଇଁ ଏହା ଏକ ଆହ୍ୱାନ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ବିଜେଡି ନିଜର ରଣନୀତିକୁ ବଦଳାଇବାକୁ ଯାଜପୁରରେ ଜଣେ ଅଭିଜ୍ଞ ପୁରୁଖା ନେତାଙ୍କୁ ଦିଲ୍ଲୀ ପଠାଇବାକୁ ଯୋଜନା କରୁଥିବାବେଳେ ଭାଜପା ପଞ୍ଚାୟତ ନିର୍ବାଚନର ସଫଳତାକୁ ଦୋହରାଇବା ପାଇଁ ଜଣେ ଦକ୍ଷ ପ୍ରାର୍ଥୀଙ୍କୁ ଟିକେଟ ଦେବାକୁ ଯୋଜନା କରୁଥିବା ସୂଚନା ମିଳୁଛି।

ଗତ ୫ ବର୍ଷ ମଧ୍ୟରେ ଯାଜପୁର ଜିଲାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ଯାଜପୁରରୋଡଠାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ଜିଲାର ରେଳଷ୍ଟେଶନଗୁଡିକର ଉନ୍ନତି ସହ ଦ୍ରୁତଗାମୀ ଟ୍ରେନ ରହଣି ଦାବି, ଯାଜପୁର-କେନ୍ଦୁଝର ରୋଡଠାରୁ ବିରଜାକ୍ଷେତ୍ରକୁ ନୂତନ ରେଳପଥ ନିର୍ମାଣ ଦାବି, ପାନୀୟ ଜଳ, ପର୍ଯ୍ୟଟନ କ୍ଷେତ୍ର, ଜାତୀୟ ରାଜପଥ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପାର୍ଲାମେଣ୍ଟରେ ଦାବି ହେବା ସହ ସଫଳ ମଧ୍ୟ ହୋଇଛି। ତେଣୁ ପୁଣି ଥରେ ରୀତା ତରାଇ ଏମ୍‌ପି ହେବାକୁ ଜିଲାବାସୀ ଚାହୁଁଛନ୍ତି। ବିଜେଡି ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବା ଏମ୍‌ପି ତରାଇ କହିଛନ୍ତି। ଗତ ୩ଦଶନ୍ଧି ହେଲା ବିଞ୍ଝାରପୁରବାସୀଙ୍କ ସ୍ନେହ, ମମତାରେ ସେ ବିଧାୟିକା ନିର୍ବାଚିତ ହୋଇ ଆସୁଛନ୍ତି। ବିଧାୟିକା ହେବାକୁ ଇଚ୍ଛା ରହିଛି। ତେବେ ବିଜେଡି ସଭାପତି ଯାହା ଚାହିଁବେ ତାହାକୁ ସେ ଗ୍ରହଣ କରିବେ ବୋଲି ପ୍ରମିଳା ମଲ୍ଲିକ କହିଛନ୍ତି। ଅପରପକ୍ଷରେ ଗତ ଲୋକ ସଭା ନିର୍ବାଚନରେ ଅମିୟକାନ୍ତ ମଲ୍ଲିକ ଭାଜପାରୁ ପ୍ରାର୍ଥୀ ହୋଇ ଲୋକଙ୍କ ଆସ୍ଥାଭାଜନ ହୋଇ ପାରିଥିଲେ। ତେଣୁ ଏଥର ବି ଭାଜପାରୁ ଏମ୍‌ପି ଟିକେଟ ମିଳିଲେ ନିଶ୍ଚିତ ଭାବରେ ବିଜୟୀ ହେବାର ଆଶା ରଖିଛନ୍ତି ବୋଲି ଅମିୟ କହିଛନ୍ତି। ସେହିପରି କଂଗ୍ରେସରୁ ଆଶାୟୀ ଥିବା ଅର୍ଜୁନ ଚରଣ ଦାସ କହିଛନ୍ତି ଯେ, ସ୍କ୍ରିନିଂ କମିଟିକୁ ତାଙ୍କ ନାମ ଯାଇଛି। ତାଙ୍କୁ ଟିକେଟ ମିଳିଲେ ସେ ନିଶ୍ଚିତ ଭାବେ ବିଜୟୀ ହେବେ।





ରୀତା ତରାଇ


ପ୍ରମିଳା ମଲ୍ଲିକ


ମୋହନ ଜେନା


ଅମିୟକାନ୍ତ ମଲ୍ଲିକ


ଅର୍ଜୁନ ଦାସ

# ବିଜେଡି ଟିକେଟ ପାଇଁ ବଳ କଷାକଷି

**ଅନୀଲ ଦାସ/ନୀଳମାଧବ ସାହୁ**
**ଭୁବନେଶ୍ୱର,(ବ୍ୟୁରୋ)/ବାଲିଅନ୍ତା,୧୯।୩(ବ୍ୟୁରୋ)**

ଭୁବନେଶ୍ୱର ସହର ଉପକଣ୍ଠ ବାଲିଅନ୍ତା ଓ ବାଲିପାଟଣା ବ୍ଲକକୁ ନେଇ ଗଠନ ହୋଇଛି ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀ। ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଏହି ଆସନ ଭୁବନେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଛି। ଆସନ୍ତା ଏପ୍ରିଲ ୨୩ରେ ଏଠାରେ ନିର୍ବାଚନ ହେବାକୁ ଥିବାବେଳେ ବିଜେଡି, କଂଗ୍ରେସ ଓ ଭାଜପାରୁ ଟିକେଟ ପାଇବା ପାଇଁ ଏକାଧିକ ଆଶାୟୀ ଲବି ଚଳାଇଛନ୍ତି, ଯାହା ଦଳୀୟ ନେତୃତ୍ୱଙ୍କୁ ଚିନ୍ତାରେ ପକାଇଛି। ବିଦ୍ରୋହୀ ପ୍ରାର୍ଥୀଙ୍କୁ କିପରି ମନାଇବେ ସେ ନେଇ ରାଜନୈତିକ ଦଳଗୁଡ଼ିକ କସରତ ଚଳାଇଛନ୍ତି।

ଜୟଦେବ ନିର୍ବାଚନମଣ୍ଡଳୀରେ ୨୦୦୯ରେ ବିଜେଡି ପ୍ରାର୍ଥୀଭାବେ ଅରବିନ୍ଦ ଢାଲି ଓ ୨୦୧୪ରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ବିଜୟୀ ହୋଇଛନ୍ତି। ଅରବିନ୍ଦ ଆସନ୍ତା ବିଧାନସଭା ନିର୍ବାଚନରେ ପୁଣି ବିଜେଡି ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷରେ ଶଶିଭୂଷଣ ଦଳର ପ୍ରମୁଖ ଟିକେଟ୍ ଦାବିଦାର ରହିଛନ୍ତି। ଉଭୟେ ଟିକେଟ୍ ପାଇବା ନେଇ ବଳ କଷାକଷି ଚଳାଇଛନ୍ତି। ଶଶିଭୂଷଣ ଦଳ ଭିତରେ ଅରବିନ୍ଦଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବୁ ନ ଥିଲେ ମଧ୍ୟ ବିଜେଡିରେ ଯେ ଗୋଷ୍ଠୀ କନ୍ଦଳ ଚାଲିଛି ତାହା ସ୍ପଷ୍ଟ ହେଉଛି। ଅରବିନ୍ଦ କହିଛନ୍ତି ଯେ, ଗତ ନିର୍ବାଚନରେ ତାଙ୍କୁ ଲଢିବାକୁ ସୁଯୋଗ ଦିଆଗଲା ନାହିଁ। ଏଥର କିନ୍ତୁ ନିର୍ବାଚନ ନିଶ୍ଚିତ ଲଢିବେ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କର ତାଙ୍କ ଉପରେ ଆସ୍ଥା ଅଛି। ଯିଏ ଦଳକୁ ବିଜୟୀ କରିପାରିବ ସେ ଟିକେଟ ପାଇବ। ମୁଁ ଘରେ ଘରେ ଲୋକଙ୍କ ସହ ପରିଚିତ। ଦଳ ଯଦି ଟିକେଟ ନ ଦେବ ତେବେ ଆପଣଙ୍କ ରଣନୀତି କ'ଣ ହେବ ପ୍ରଶ୍ନରେ ସେ କହିଛନ୍ତି, ସମୟ କହିବ କାହାକୁ ଟିକେଟ ମିଳିବ। ଟିକେଟ ନ ମିଳିଲେ ବି ନିର୍ବାଚନ ଲଢିବେ। ଯଦି ନ ଲଢିବେ ତେବେ ତାଙ୍କର ରାଜନୈତିକ ଜୀବନ ଶେଷ ହୋଇଯିବ ବୋଲି ଢାଲି କହିଛନ୍ତି। ଶଶିଭୂଷଣ କହିଛନ୍ତି ଯେ, ୨୦୧୪ ନିର୍ବାଚନରେ ୪୨,୦୦୦ରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ। ଦଳରେ ଯିଏ ଟିକେଟ ପାଇଁ ଆସକ୍ତ ହେଉଛନ୍ତି ସେମାନଙ୍କର ଏଠାରେ କୌଣସି ପରିଚୟ ନାହିଁ। ତେବେ ଦଳ ଯାହାଙ୍କୁ ପ୍ରାର୍ଥୀ କରିବ ସେ ଏଠାରୁ ଲଢିବେ। ତାଙ୍କୁ ଦଳ ଟିକେଟ ଦେବ ବୋଲି ସେ ଆଶା ରଖିଛନ୍ତି। ଯଦି ଟିକେଟ ନ ମିଳିବ ତେବେ ଦଳର ସଭାପତିଙ୍କ ପ୍ରତି ଆନୁଗତ୍ୟ ରହିବ। ଯାହା ଦାୟିତ୍ୱ ମିଳିବ ନିର୍ବାହ କରିବେ ବୋଲି ଶଶିଭୂଷଣ କହିଛନ୍ତି।

ଏଠାରୁ ବିଜେଡିକୁ ହଟାଇବା ପାଇଁ ଭାଜପା ପୂରା ଦମ ଲଗାଇ ଦେଇଛି। ହେଲେ ଦଳରେ ଏକାଧିକ ଆଶାୟୀ ମୁଣ୍ଡବ୍ୟଥାର କାରଣ ହୋଇଛନ୍ତି। ଆସନ୍ତା ନିର୍ବାଚନରେ ଭାଜପାରୁ ଲଢିବାକୁ ନରେନ୍ଦ୍ର ନାଥ ନାୟକ ଆଶା ବାନ୍ଧିଛନ୍ତି। ସେ ୨୦୦୪ ଓ ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିଲେ। ସେ ବର୍ତ୍ତମାନ ଭାଜପା ରାଜ୍ୟ ଅନୁସୂଚିତ ମୋର୍ଚ୍ଚାର ଉପସଭାପତି ଅଛନ୍ତି। ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ନରେନ୍ଦ୍ର ଆଶାବାଦୀ ଅଛନ୍ତି। ଏହି ନିର୍ବାଚନମଣ୍ଡଳୀରେ କୌଣସି ଆଖିଦୃଶିଆ କାମ ହୋଇ ନାହିଁ। ବିଜେଡିର ଏହା ଥଇଥାନ କେନ୍ଦ୍ର ପାଲଟିଛି। ବିଜେଡି ଟିକେଟରୁ ଜିତିଥିବା ଅରବିନ୍ଦ ଓ ଶଶିଭୂଷଣ ନିର୍ବାଚନମଣ୍ଡଳୀ ବାହାର ଲୋକ। ହାୱାରେ ଜିତୁଥିଲେ। ଏବେ ଲୋକମାନେ ମନ ବଦଳାଇ ସାରିଛନ୍ତି। ଆସନ୍ତା ନିର୍ବାଚନରେ ବିଜେଡିକୁ ଉଚିତ ଶିକ୍ଷା ମିଳିବ। ଭାଜପା ଏଠାରେ ନିଶ୍ଚୟ ବିଜୟୀ ହେବ ବୋଲି ନରେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୨୦୧୪ରେ ଭାଜପା ପ୍ରାର୍ଥୀ ହୋଇଥିବା ବସନ୍ତ ନାୟକ ଏଥର ପୁଣି ନିର୍ବାଚନ ଲଢିବାକୁ ଅଣ୍ଟା ଭିଡିଛନ୍ତି। ବସନ୍ତ କହିଛନ୍ତି, ଆସନ୍ତା ନିର୍ବାଚନରେ ଏଠାରେ ଚିତ୍ର ଭିନ୍ନ ହେବ। ଗତ ଥର ପ୍ରବଳ ପଇସା ଖର୍ଚ୍ଚ କରି ବିଜେଡି ବିଜୟୀ ହୋଇଥିଲା। ଏହି ନିର୍ବାଚନମଣ୍ଡଳୀରେ ବିକାଶର ନା ଗନ୍ଧନାହିଁ। ଏଥର ଭାଜପା ପ୍ରାର୍ଥୀ ନିଶ୍ଚୟ ବିଜୟୀ ହେବେ। ଯଦି ଟିକେଟ ନ ମିଳେ ତେବେ କ'ଣ କରିବେ ପ୍ରଶ୍ନରେ ବସନ୍ତ କହିଛନ୍ତି, ଟିକେଟ ନ ମିଳିଲେ ମଧ୍ୟ ଦଳ ପାଇଁ କାମ କରିବେ।

ଏଠାରେ କଂଗ୍ରେସ ମଧ୍ୟ ଏକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଦଳ। ବିଜେଡି ଓ ଭାଜପାକୁ କଡା ଟକ୍କର ଦେବା ମୁଡ୍‌ରେ ରହିଛି କଂଗ୍ରେସ। ଏହି ନିର୍ବାଚନମଣ୍ଡଳୀରୁ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବେଣୁଧର ଭୋଇଙ୍କ ସମେତ ଜୟନ୍ତ ଭୋଇ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ବେଣୁଧର କହିଛନ୍ତି, ଗତ ନିର୍ବାଚନରେ ସେ ୨୮,୬୮୪ ଭୋଟ୍ ପାଇଥିଲେ। ବିଜେଡିର ଅର୍ଥ ବଳ ଯୋଗୁ ତାଙ୍କୁ ପରାଜିତ ହେବାକୁ ପଡ଼ିଲା। ତେବେ ଆସନ୍ତା ନିର୍ବାଚନରେ କଂଗ୍ରେସ ନିଶ୍ଚୟ ବିଜୟୀ ହେବ। ରାହୁଲ ଗାନ୍ଧୀଙ୍କ ଚାଷୀମାନଙ୍କ ପାଇଁ ଋଣଛାଡ଼ ଘୋଷଣାକୁ ନେଇ ଆମେ ଲୋକଙ୍କ ପାଖକୁ ଯିବୁ। ବିଜେଡିର କାଳିଆ ଯୋଜନା ପାଇଁ ଘରେ ଘରେ ଗଣ୍ଡଗୋଳ ଲାଗି ରହିଛି। ଆସନ୍ତା ନିର୍ବାଚନରେ ଲୋକମାନେ ବିଜେଡିକୁ ଉଚିତ ଜବାବ ଦେବେ। ଗତ ୧୦ ବର୍ଷ ମଧ୍ୟରେ ଏହି ନିର୍ବାଚନମଣ୍ଡଳୀରେ କିଛି ବିକାଶ ହୋଇ ନାହିଁ। ଚାଷୀ ଓ ଚାଷ ଉଜୁଡିଗଲାଣି। ତାଙ୍କ ନାମ କଂଗ୍ରେସ ସ୍କ୍ରିନିଂ କମିଟିକୁ ଯାଇଛି। ଏଥର ସେ ନିଶ୍ଚୟ ପ୍ରାର୍ଥୀ ହେବେ। ଟିକେଟ ନ ମିଳିଲେ ମଧ୍ୟ ଦଳ ପାଇଁ କାମ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଦଳୀୟ ନେତୃତ୍ୱଙ୍କ ଉପରେ ଆଶା ରଖି କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଜୟନ୍ତ ଭୋଇ ମଧ୍ୟ ଆଶା ରଖିଛନ୍ତି। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରୁଥିବା କହିଛନ୍ତି।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ଶଶିଭୂଷଣ ବେହେରା | ୬୯,୬୩୭ |
| କଂଗ୍ରେସ | ବେଣୁଧର ଭୋଇ | ୨୮,୬୩୬ |
| ଭାଜପା | ବସନ୍ତ ନାୟକ | ୨୦,୦୦୭ |




**ମୋଟ ଭୋଟର**
୧,୭୫,୪୭୫


ଶଶିଭୂଷଣ ବେହେରା


ଅରବିନ୍ଦ ଢାଲି


ନରେନ୍ଦ୍ର ନାଥ ନାୟକ


ବସନ୍ତ ନାୟକ


ବେଣୁଧର ଭୋଇ


ଜୟନ୍ତ ଭୋଇ

## ନବୀନ ନିବାସରେ ଭିଡ଼



ବିଜେଡି ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ମଙ୍ଗଳବାର ନବୀନ ନିବାସରେ ଆଶାୟୀ, ଟିକେଟ ପାଇଥିବା ପ୍ରାର୍ଥୀ ଓ ନେତାଙ୍କ ଭିଡ଼।

# ବିଜେଡି ଛାଡ଼ିଲେ ପୂର୍ବତନ ବିଧାୟକ କେ. ନାରାୟଣ ରାଓ

**ପାରଳାଖେମୁଣ୍ଡି, ୧୯।୩(ସ୍ୱ.ପ୍ର.)**

ଗଜପତି ଜିଲା ବିଜେଡିର ବରିଷ୍ଠ ନେତା ତଥା ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ କେ. ନାରାୟଣ ରାଓଙ୍କ ସମେତ ୬୭ଜଣ ନେତା ମଙ୍ଗଳବାର ବିଜେଡିରୁ ସମୂହ ଭାବେ ଇସ୍ତଫା ଦେଇଛନ୍ତି। ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରୁ ନାରାୟଣଙ୍କ ପରିବର୍ତ୍ତେ କଲ୍ୟାଣୀ ଗଜପତିଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯିବା ପ୍ରତିବାଦରେ ସେମାନେ ଏଭଳି ପଦକ୍ଷେପ ନେଇଛନ୍ତି। ଦଳ ଛାଡ଼ିଥିବା ନେତାମାନଙ୍କ ମଧ୍ୟରେ ୨ଜଣ ବ୍ଲକ ଅଧ୍ୟକ୍ଷ, ୩ଜଣ ଜିଲା ପରିଷଦ ସଦସ୍ୟ, ୩୦ଜଣ ସରପଞ୍ଚ, ୩୨ଜଣ ସମିତି ସଭ୍ୟ ରହିଛନ୍ତି। ଅନ୍ୟପକ୍ଷରେ ନାରାୟଣଙ୍କ ଇସ୍ତଫା ପରେ ତାଙ୍କୁ ନବୀନ ନିବାସରୁ ଡକରା ଆସିଥିବା ଜଣାପଡ଼ିଛି। ଡକରା ପାଇବାପରେ ନାରାୟଣ ଭୁବନେଶ୍ୱର ଆସିଥିବା ଶୁଣିବାକୁ ମିଳିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧.୩୦ ମିନିଟରେ ରାଣୀପେଣ୍ଠଠାରେ ଏହି ନେତାମାନେ ଏକାଠି ହୋଇ ଏକ ସଭା କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ୩ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଯୋଗଦେଇଥିଲେ। ଦୀର୍ଘବର୍ଷ ଧରି ନାରାୟଣ ଦଳ ପାଇଁ କାର୍ଯ୍ୟ କରିଆସୁଥିବାବେଳେ କର୍ମୀମାନଙ୍କ ସହ ସମ୍ପର୍କ ରଖିଥିଲେ। ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ତାଙ୍କ ଭଳି ଜଣେ ଟାଣୁଆ ନେତାଙ୍କୁ ଟିକେଟ ଦିଆ ନ ଯାଇ ତାଙ୍କ ପ୍ରତି ଅନ୍ୟାୟ କରାଯାଇଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଟିକେଟ ନ ମିଳିଲେ ମଧ୍ୟ ନାରାୟଣଙ୍କ ସହ ରହିବୁ ବୋଲି କର୍ମୀମାନେ କହିଥିଲେ। ଏହାପରେ ଅପରାହ୍ନରେ ନାରାୟଣଙ୍କ ସମେତ କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ୍. ସୀମାଦ୍ରି, ଗୋଷାଣି ବ୍ଲକ ଅଧ୍ୟକ୍ଷା ସି.ଏଚ୍. ତାରେକେଶ୍ୱରୀ, ପାରଳାଖେମୁଣ୍ଡି ନଗର ସଭାପତି ଜମିଦାର ପଟ୍ଟନାୟକ, ଜିଲା ଯୁବ ସଭାପତି ପି.କ୍ରିଷ୍ଣା, ୩ଜଣ ଜିଲାପରିଷଦ ସଭ୍ୟ, ୩୦ଜଣ ସରପଞ୍ଚ ଏବଂ ୩୨ଜଣ ସମିତିସଭ୍ୟ ସମୂହ ଭାବେ ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ।

**୨ ବ୍ଲକ ଅଧ୍ୟକ୍ଷ, ୩ ଜିଲା ପରିଷଦ ସଦସ୍ୟ, ୩୦ ସରପଞ୍ଚ, ୩୨ ସମିତି ସଭ୍ୟ ବି ଇସ୍ତଫା ଦେଲେ**



ସେମାନେ ଇସ୍ତଫାପତ୍ର ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଛନ୍ତି। ନାରାୟଣ ରାଓ କହିଛନ୍ତି ଯେ, 'ଦଳୀୟ କର୍ମୀଙ୍କ ପରିବର୍ତ୍ତେ ଜଣେ ଅଜଣା ଲୋକଙ୍କୁ ଟିକେଟ ଦିଆଯାଇଛି। ସେ ବିଜେଡିର ପ୍ରାଥମିକ ସଦସ୍ୟ ନୁହଁନ୍ତି। ନିଜ ନିର୍ବାଚନମଣ୍ଡଳୀରେ କେତେ ବ୍ଲକ ଅଛି ସେ ଜାଣି ନ ଥିବେ। ସେହିପରି ତାଙ୍କର ଲୋକ ସମ୍ପର୍କ କିମ୍ବା ସଙ୍ଗଠନ ନାହିଁ।' ଅନ୍ୟପକ୍ଷେ ଇସ୍ତଫା ପ୍ରଦାନ ପରେ ବର୍ତ୍ତମାନ ସୁଦ୍ଧା ନାରାୟଣ ରାଓ ସ୍ୱାଧୀନ ଭାବେ କିମ୍ବା ଅନ୍ୟ କୌଣସି ଦଳୀୟ ଟିକେଟରେ ଲଢିବେ ତାହା ସ୍ପଷ୍ଟ କରିନାହାନ୍ତି। ସମର୍ଥକମାନଙ୍କ ସହ ବିଚାର ବିମର୍ଶ ପରେ ଆଗାମୀ ପଦକ୍ଷେପ ବିଷୟରେ ଘୋଷଣା କରିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ନାରାୟଣ କଂଗ୍ରେସରୁ ୨ଥର କାଶୀନଗର ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ପରେ ୨୦୦୦ ମସିହାରେ ବିଜେଡିରେ ଯୋଗଦେବା ପରେ ତାଙ୍କୁ ବିଧାୟକ ପଦ ପାଇଁ ଦଳୀୟ ଟିକେଟ ମିଳି ନ ଥିଲେ ମଧ୍ୟ ସେ ସ୍ୱାଧୀନ ଭାବେ ଲଢି ହାରିଯାଇଥିଲେ। ୨୦୦୪ରେ ମଧ୍ୟ ତାଙ୍କୁ ଟିକେଟ ନ ମିଳିବା ସତ୍ତ୍ୱେ ସ୍ୱାଧୀନ ଭାବେ ଲଢି ପରାସ୍ତ ହୋଇଥିଲେ। ୨୦୦୯ରେ ବିଜେଡି ଟିକେଟରେ ସେ କଂଗ୍ରେସ ପ୍ରାର୍ଥୀଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲେ। ୨୦୧୪ରେ ନାରାୟଣ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ କେ. ସୂରିୟା ରାଓଙ୍କୁ କଡ଼ା ଟକ୍କର ଦେଇ କମ୍ ବ୍ୟବଧାନରେ ପରାଜିତ ହୋଇଥିଲେ।

# ବିଜେଡି ଛାଡ଼ିଲେ କୁସୁମ ଟେଟେ

## କହିଲେ ଆଗାମୀ ନିର୍ବାଚନ ନିଶ୍ଚିତ ଲଢ଼ିବେ

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

୨୦୧୪ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା କୁସୁମ ଟେଟେ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସୁନ୍ଦରଗଡ ଆସନରୁ ବିଜେଡି ତାଙ୍କୁ ପ୍ରାର୍ଥୀ ନ କରିବାରୁ ଅସନ୍ତୋଷ ପ୍ରକାଶ କରି ସେ ତାଙ୍କର ଇସ୍ତଫାପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି। ଇସ୍ତଫା ପ୍ରସଙ୍ଗରେ ଘୋଷଣା କରିବାବେଳେ ଗଣମାଧ୍ୟମ ସମ୍ମୁଖରେ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ଟେଟେ କହିଛନ୍ତି ଯେ, ବିଜେଡି ମହିଳାମାନଙ୍କୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେବା କଥା ସମ୍ପୂର୍ଣ୍ଣ ମିଛ। ୫ ବର୍ଷ କାଳ ଦଳ ତାଙ୍କୁ ଚାକର ଭଳି ଖଟାଇଛି। ୨୦୧୪ରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ରୁ ତାଙ୍କୁ ପ୍ରାର୍ଥୀ କରିଥିଲେ। ୫ ବର୍ଷ ହେଲା ଦଳ ପାଇଁ ଅନେକ କାମ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଯାହା ଆଦେଶ ଥିଲା ତାହା ପାଳନ କରିଛନ୍ତି। ବିଜେଡିକୁ ନିଜ ପରିବାର ବୋଲି ଭାବିଥିଲେ ବୋଲି କହିଛନ୍ତି। ଆଜି ତାଙ୍କୁ ଏହି ପୁରସ୍କାର ମିଳିଛି। ଦଳରୁ ଇସ୍ତଫା ହେବା ପରେ ଅନ୍ୟ କେଉଁ ଦଳକୁ ଯିବେ କି ବୋଲି ପଚରାଯିବାରୁ ଟେଟେ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ତାଙ୍କୁ କୌଣସି ଦଳରୁ ଡାକରା ଆସି ନାହିଁ। କର୍ମୀଙ୍କ ସହ ଆଲୋଚନା କରିବେ। ଆଗାମୀ ନିର୍ବାଚନ ନିଶ୍ଚିତ ଲଢ଼ିବେ ବୋଲି ସେ କହିଛନ୍ତି।

ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେବା ପରେ ଟେଟେଙ୍କ ପ୍ରାର୍ଥିତ୍ୱକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ସୋମବାର ମୁଖ୍ୟମନ୍ତ୍ରୀ ୯ ଲୋକ ସଭା ଓ ୫୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ସୁନ୍ଦରଗଡ଼ରୁ ଯୋଗେଶ ସିଂଙ୍କୁ ବିଜେଡି ପ୍ରାର୍ଥୀଭାବେ ଘୋଷଣା କରିବା ପରେ ଟେଟେ ନିରାଶ ହୋଇଥିଲେ। ଯୋଗେଶ ବିଜେଡିରେ ଯୋଗଦେବା ପରେ ଟେଟେଙ୍କୁ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଆସନ୍ତା ୨ ବର୍ଷ ପାଇଁ ସେ ଏହି ପଦବୀରେ ରହିଥାନ୍ତେ। ବିଧାନସଭା ଟିକେଟ ନ ମିଳିବାରୁ କୁସୁମ ଏହି ପଦରୁ ଇସ୍ତଫା ଦେଇଥିଲେ।



# କଂଗ୍ରେସ ଛାଡ଼ିଲେ ପୂର୍ବତନ ବିଧାୟକ ସାଧୁ ନେପାକ

**ବରଗଡ଼ ଅଫିସ, ୧୯।୩**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସୋମବାର ବିଳମ୍ବିତ ରାତିରେ ପ୍ରକାଶିତ କଂଗ୍ରେସ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିଛନ୍ତି ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ। ଏଥିରେ ଅସନ୍ତୋଷ ପ୍ରକାଶ କରି ସେ ମଙ୍ଗଳବାର ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ଆଗାମୀ ଦିନରେ ତାଙ୍କର କୌଣସି ଦଳରେ ଯୋଗଦେବା ଯୋଜନା ନାହିଁ। ଜନସାଧାରଣ, ନିଜ କର୍ମୀ ଓ ସମର୍ଥକମାନେ ହିଁ ତାଙ୍କ ଦଳ। ସେମାନେ ଯାହା ନିଷ୍ପତ୍ତି ନେବେ, ତାକୁ ପାଥେୟ କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ନେପାକ କହିଛନ୍ତି। ପ୍ରକାଶଥାଉକି, ନେପାକ ଗତ ୨୦୦୪ ସାଧାରଣ ନିର୍ବାଚନରେ ପ୍ରଥମେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ଏବଂ ସେତେବେଳେ ତତ୍କାଳୀନ ବିଜେଡ଼ି ପ୍ରାର୍ଥୀ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କଠାରୁ ହାରିଥିଲେ। କିନ୍ତୁ ୨୦୦୯ ନିର୍ବାଚନରେ ନେପାକ ସ୍ୱର୍ଗତ ଆଚାର୍ଯ୍ୟଙ୍କୁ ହରାଇଥିଲେ। ସେହିପରି ୨୦୧୪ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ସ୍ୱର୍ଗତ ଆଚାର୍ଯ୍ୟଙ୍କ ପୁଅ ଦେବେଶ ଆଚାର୍ଯ୍ୟଙ୍କଠାରୁ ପରାଜିତ ହୋଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ତାଙ୍କୁ ପୁଣି ପ୍ରାର୍ଥୀ କରିବ ବୋଲି ନେପାକ ଓ ତାଙ୍କ ସମର୍ଥକମାନେ ଆଶା ରଖିଥିଲେ। ମାତ୍ର ସେଥିରୁ ତାଙ୍କୁ ବଞ୍ଚିତ କରାଯିବାରୁ ସେ ଓ ତାଙ୍କ ସମର୍ଥକମାନେ ଦଳ ଛାଡ଼ିବାକୁ ବାଧ୍ୟ ହୋଇଥିବା ନେପାକ କହିଛନ୍ତି।



ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୦ ମାର୍ଚ୍ଚ, ୨୦୧୯



ପ୍ରତ୍ୟେକ ବ୍ୟକ୍ତି ନିଜର ଉନ୍ନତିରେ ସନ୍ତୁଷ୍ଟ ନ ରହି ସମସ୍ତଙ୍କର ଉନ୍ନତିରେ ନିଜର ଉନ୍ନତି ବୋଲି ବୁଝିବା ଉଚିତ।
- ଦୟାନନ୍ଦ ସରସ୍ୱତୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରଥଦାଣ୍ଡ, ରାମେଶ୍ୱର ପାଟଣାସ୍ଥିତ ୟୁରୋ ସ୍ମାର୍ଟ ପ୍ଲେ ସ୍କୁଲର ସଚେତନତା କାର୍ଯ୍ୟକ୍ରମ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ସ୍ୱର୍ଣ୍ଣ ଓଡ଼ିଶା ପକ୍ଷରୁ ଏକଦିନିଆ ରାଜ୍ୟସ୍ତରୀୟ କର୍ମଶାଳା, ହୋଟେଲ ସୂର୍ଯ୍ୟାଂଶ, ପୂର୍ବାହ୍ନ ୧୦ଟା ୩୦।
- ଫାଇନଷ୍ଟ୍ରାଟେଜୀ କନ୍‌ସଲଟାନ୍ସିପକ୍ଷରୁ ସେମିନାର, ଆପୋଲ ହସ୍ପିଟାଲ, ମଧ୍ୟାହ୍ନ ୧୨ଟା।
- ଗୁରୁ ପଙ୍କଜ ଚରଣ ଦାସ ଓ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ସିଟିଜେନ କ୍ଲବ ଆନୁକୂଲ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ସହ ଜଳଯାତ୍ରା ଓ ଅଧିବାସ, ଲକ୍ଷ୍ମୀବିହାର, ଶିଶୁପାଳଗଡ଼, ଅପରାହ୍ନ ୪ଟା ୩୦।
- ହାଇ-ଟେକ୍ କଲେଜ ଅଫ୍ ଇନଜିନିୟରିଂର ବାର୍ଷିକ ଉତ୍ସବ, କ୍ୟାମ୍ପସ ପରିସର, ଅପରାହ୍ନ ୫ଟା ୩୦।
- ଅଭୟ ଇନ୍ଦୁବତୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ 'ମ୍ୟୁଜିକାଲ ଏକ୍ସଟ୍ରାଭାଗାଞ୍ଜା', ସୂଚନା ଭବନ, ସନ୍ଧ୍ୟା ୬ଟା।
- ସ୍ୱପ୍ନା ପତି ଫାଉଣ୍ଡେଶନ ପକ୍ଷରୁ ହୋଲି ଉତ୍ସବ, ହୋଟେଲ କଳିଙ୍ଗ ଅଶୋକ, କଳ୍ପନା ଛକ, ସନ୍ଧ୍ୟା ୬ଟା ୩୦।

**କଟକ**
- ଉତ୍କଳିକା ପକ୍ଷରୁ କର୍ପୋରେଟ ଫେୟାର, ବାରବାଟୀ ଷ୍ଟାଡିୟମ ସମ୍ମୁଖ, ସକାଳ ୧୦ଟାରୁ ରାତି ୯ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, କଟକ କ୍ଲବ ଆନେକ୍ସ-୨, ଅପରାହ୍ନ ୫ଟା ୩୦।

**ଖୋର୍ଦ୍ଧା**
- ଆଗୁଆ ହୋଲି ଉତ୍ସବ, ସିଗ୍ମା ପବ୍ଲିକ ସ୍କୁଲ, ସକାଳ ୮ଟା ୩୦।
- ଐତିହାସିକଙ୍କ ୭୦ତମ ଜନ୍ମ ଜୟନ୍ତୀରେ ଜୀବନର ରଙ୍ଗ କବିତା ପାଠୋତ୍ସବ, ଡିଏଭି ପବ୍ଲିକ ସ୍କୁଲ ପ୍ରେକ୍ଷାଳୟ, ଅପରାହ୍ନ ୨ଟା।

**ପୁରୀ**
- ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନର ରାଷ୍ଟ୍ରୀୟ ସଂଗୋଷ୍ଠି, ପୂର୍ବାହ୍ନ ୧୧ଟା।
- ସ୍ମୃତିସଭା ଓ ଆଲୋଚନାଚକ୍ର, ସଂସ୍କୃତି ଭବନ,ଅପରାହ୍ନ ୪ଟା ୩୦।
- ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ନାଟକ,ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**
- ଆଖଣ୍ଡଳେଶ୍ୱର ମହାଦେବର ଦୋଳ ଉତ୍ସବ, ପ୍ରତାପରୁଦ୍ରପୁର, ସକାଳ ୯ଟା।

# ଡାକୁଛି ପଖାଳ କଂସା...

**ଆଜି ପଖାଳ ଦିବସ**



**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ଗାଁରୁ ସହର ପର୍ଯ୍ୟନ୍ତ, ଝୁମ୍ପୁଡ଼ିରୁ ତାରକା ହୋଟେଲ ଯାଏ। 'ପଖାଳ' କେବଳ ଏକ ନିତିଦିନିଆ ଖାଦ୍ୟ ନୁହେଁ, ବରଂ ଓଡ଼ିଆଙ୍କ ମନ ଓ ହୃଦୟ ସହ ଜଡ଼ିତ ଏକ ଭାବପ୍ରବଣତା। ପ୍ରତି ପରିବାରକୁ ଓ ପ୍ରତି ମନକୁ ଯୌଥ ସୂତ୍ରରେ ଯୋଡ଼ି ଧରିବାର ଏକ ମାଧ୍ୟମ। ଓଡ଼ିଆ ଜନଜୀବନ



ସହ ପଖାଳର ସମ୍ପର୍କ ବହୁ ପୁରୁଣା। ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳ ପ୍ରତି ସବୁବେଳେ ରହିଆସିଛି ସେମାନଙ୍କ ଆକର୍ଷଣ। ସଭ୍ୟତା ଯେତେ ଆଗକୁ ଗଲେ ବି ଏହି ପାରମ୍ପରିକ ଖାଦ୍ୟ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବାରେ ସଫଳ ହୋଇଛି। ଧୀରେ ଧୀରେ ସହର ସଂସ୍କୃତିରେ ମଧ୍ୟ ସାମିଲ ହୋଇଛି ପଖାଳ କଂସା। ଗାଁ ଚାଳଘରେ ଥିବା ପଖାଳ ଏବେ ଏସି ରୁମ୍‌ରେ ଶୋଭାପାଉଛି। ପଖାଳର ମହକ ସବୁଆଡ଼େ ଅନୁଭୂତ ହେଉଛି। ଓଡ଼ିଆ ସଂସ୍କୃତିରେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଦିନକୁ ଦିନ ତାପମାତ୍ରା ସବୁ ବନ୍ଧବାଡ଼ ଡେଉଁଥିବା ବେଳେ ପଖାଳ କଂସାର ଆବଶ୍ୟକତା ଅଧିକ ହୋଇପଡ଼ିଛି। ଦ୍ୱିପ୍ରହର ହେଲେ ସହରରେ ଥିବା ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ପରଷାଯାଉଛି ଭଳିକି ଭଳି ପଖାଳ କଂସା। ଏହାସାଙ୍ଗକୁ ଚୂନାମାଛ, ଶୁଖୁଆ ରାଇ, ଶୁଖୁଆ ପୋଡ଼ା, ଶାଗଭଜା, ବଡ଼ିଚୂରା, କଖାରୁ ଫୁଲ ପିଠଉ, ଚିଙ୍ଗୁଡ଼ି ଛେଚା, ମାଛଭଜା, ଆଳୁ ଭରତା ଭଳି ଖାଣ୍ଟି ଓଡ଼ିଆ ଖାଦ୍ୟର ପସରା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଅଧିକାଂଶ ହୋଟେଲ ଇଣ୍ଡିଆନ୍, କଣ୍ଟିନେଣ୍ଟାଲ, ଚାଇନିଜ୍, ସି-ଫୁଡ୍ ଛାଡ଼ି ପଖାଳ ପ୍ରସ୍ତୁତି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସହରର ଚାକଚକ୍ୟ ଏବଂ ଦେଶୀ, ବିଦେଶୀ ଖାଦ୍ୟପେୟ ଭିତରେ ମଧ୍ୟ ରାଜଧାନୀବାସୀ ପଖାଳ ଲୋଡ଼ୁଛନ୍ତି। ଏପରି କି, ଗ୍ରାମୀଣ ପରିବେଶ ମଧ୍ୟରେ ବସି ପଖାଳର ମଜା ନେବା ପାଇଁ ନଡ଼ା ଛପରର ସ୍ୱତନ୍ତ୍ର କଟେଜମାନ ତିଆରି ହୋଇଛି। ପାରମ୍ପରିକ ଶୈଳୀରେ ପଖାଳ ପ୍ରସ୍ତୁତି ଲାଗି ତାରକା ହୋଟେଲର ସେଫ୍‌ମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଉଛନ୍ତି।

### କେଉଁଠି ଖାଇବେ

ଖାଣ୍ଟି ଓଡ଼ିଆ ଖାଦ୍ୟ ପାଇଁ ସମଗ୍ର ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିବା 'ଡାଲ୍‌ମା' ଚେନ୍ ରେଷ୍ଟୁରାଣ୍ଟ, ମେ'ଫେୟାରରେ ଥିବା ପାରମ୍ପରିକ ଓଡ଼ିଆ ରେଷ୍ଟୁରାଣ୍ଟ 'କାନିକା', ଭୁବନେଶ୍ୱରର ପଖାଳ ହବ୍ କୁହାଯାଉଥିବା ଏକାମ୍ର ହାଟ, ଚନ୍ଦ୍ରଶେଖରପୁର ଓ ଶହୀଦନଗରରେ ଥିବା 'ଓଡ଼ିଶା ହୋଟେଲ', ଏହି ସ୍ଥାନଗୁଡ଼ିକ ସୁସ୍ୱାଦୁ ପଖାଳ ପାଇଁ ବେଶ୍ ପ୍ରସିଦ୍ଧ। ସେହିଭଳି ଖାରବେଳ ନଗରର 'ପଖାଳ' ରେଷ୍ଟୁରାଣ୍ଟ, ବମିଖାଲର 'ଆମ ଓଡ଼ିଶା' ହୋଟେଲ, ପଟିଆ ଏବଂ ୟୁନିଟ୍-୪ରେ ଥିବା 'ଷୋହଳ ଅଣା ଓଡ଼ିଆ', ବାପୁଜୀ ନଗରରେ ଥିବା 'ଭାଇନା ହୋଟେଲ', ଗଜପତି ନଗରରେ ଥିବା 'ଭାତ ମାଂସ ସାଲାଡ୍' ଭଳି କେତେକ ଓଡ଼ିଆ ହୋଟେଲ ପଖାଳ ପରଷିବାରେ ଖ୍ୟାତି ଅର୍ଜନ କରିଛନ୍ତି।

### ଭଳିକି ଭଳି ପଖାଳ

ଜିରା ପଖାଳରୁ ଆରମ୍ଭକରି ଦହି ପଖାଳ, ସାଦା ପଖାଳ, ଛୁଙ୍କ ପଖାଳ, ସଜ ପଖାଳ, ପରିବା ପଖାଳ, ଖଟା ବା ବାସି ପଖାଳ ଭଳି ବିଭିନ୍ନ ଭେରାଇଟିର ପଖାଳ ହୋଟେଲଗୁଡ଼ିକରେ ରହୁଛି। ଭୃସୁଙ୍ଗ ପତ୍ର ସହ ଜିରା ଛୁଙ୍କ ହୋଇ ଜିରା ପଖାଳ ପ୍ରସ୍ତୁତ ହେଉଥିବା ବେଳେ ସିଝା ପରିବାକୁ ଛୁଙ୍କ କରି ପରିବା ପଖାଳ ପ୍ରସ୍ତୁତ ହେଉଛି। ସେହିଭଳି ସୋରିଷ, ଶୁଖିଲା ଲଙ୍କା, ଭୃସୁଙ୍ଗ ପତ୍ର ସହ ଦହି ଛୁଙ୍କ କରି ତିଆରି ହେଉଥିବା ଦହି ପଖାଳର ଲୋକପ୍ରିୟତା ସବୁଠାରୁ ଅଧିକ ରହୁଛି। ପଖାଳ ଦିବସର ଗୋଟିଏ ଦିନ ପୂର୍ବରୁ ହୋଟେଲ 'ବମ୍ବେ କ୍ୟାଣ୍ଟିନ୍'ର ଜଣେ ସେଲିବ୍ରିଟି ସେଫ୍ ନିଜ ଟୁଇଟର୍ ହ୍ୟାଣ୍ଡେଲରେ ପୋଷ୍ଟ କରିଥିବା 'ଦ ପମ୍ପକିନ୍ ଫ୍ଲାୱାର ପଖାଳ ଭାତ' ବା କଖାରୁ ଫୁଲ ପଖାଳ ଭାତ ଏବେ ଭାଇରାଲ ହୋଇଛି।

### ବଢୁଛି ଚାହିଦା

ଗାଁ ଓ ଗରିବ ଲୋକଙ୍କ ଖାଦ୍ୟ ପଖାଳ, ଏହି ଭ୍ରାନ୍ତଧାରଣାକୁ ଦୂର କରିଛି ସହରବାସୀଙ୍କ ପଖାଳ କ୍ରେଜ୍। ୨୦୧୧ରେ ପଖାଳ ଦିବସ ଆରମ୍ଭ ହେବାଠାରୁ ବର୍ତ୍ତମାନର ଯୁବପିଢ଼ିଙ୍କ ମଧ୍ୟରେ ପଖାଳର କ୍ରେଜ୍ ଅଧିକ ଦେଖିବାକୁ ମିଳୁଛି। ସ୍ୱସ୍ତି ପ୍ରିମିୟମ୍, ମେ'ଫେୟାର, ହୋଟେଲ କ୍ରାଉନ୍, ମ୍ୟାରିୟନ୍, ହୋଟେଲ କଳିଙ୍ଗ ଅଶୋକ ଭଳି ତାରକା ହୋଟେଲ ଖରାଦିନ ପାଇଁ ସ୍ୱତନ୍ତ୍ର ପଖାଳର ବ୍ୟବସ୍ଥା କରୁଛନ୍ତି। ଏପରି କି, ବିଦେଶୀ ଖାଦ୍ୟଠାରୁ ପଖାଳର ମୂଲ୍ୟ ଅଧିକା ରହୁଛି।

୧୪ ତମ ଭାରତୀୟ କୁଳିନାରି ଆର୍ଟ ପ୍ରତିଯୋଗିତା

# ଓଡ଼ିଆ ସେଫ୍ ସାହାଜାନଙ୍କୁ ରୌପ୍ୟ ପଦକ




**କୋଣାର୍କ, ୧୯।୩(ଡି.ଏନ୍.ଏ.)**

ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ଗତ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୧୪ତମ 'ଭାରତୀୟ କୁଳିନାରି ଆର୍ଟ' ଭାରତୀୟ ପ୍ରାମାଣିକ ଆଞ୍ଚଳିକ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କର ସେଫ୍ ସାହାଜାନ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟପଦକ ଅର୍ଜନ କରିଛନ୍ତି। ୧୬ଟି ବିଭିନ୍ନ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ୩୦୦ରୁ ଊର୍ଦ୍ଧ୍ୱ ସେଫ୍ ଭାଗ ନେଇଥିଲେ। ସାହାଜାନ୍ ଓଡ଼ିଶାର ପାରମ୍ପରିକ ବ୍ୟଞ୍ଜନ ଡାଲମା, ଘାଣ୍ଟ, ଛେନାପୋଡ, ଛେନା ରାବିଡ଼ି, ମାଟିହାଣ୍ଡି ମଟନ, ଖଇମୁଆଁ ଓ ଫେଣି ଆଦି ଖାଦ୍ୟ ପ୍ରସ୍ତୁତ କରି ଜୁରୀ ଓ ଦର୍ଶକଙ୍କ ମନ ଜିଣିଥିଲେ। ଦୀର୍ଘ ୧୬ ବର୍ଷ ହେବ ସେ ଭାରତର ବିଭିନ୍ନ ତାରକା ହୋଟେଲରେ ସେଫ୍ ଭାବେ କାର୍ଯ୍ୟ କରୁଛନ୍ତି।

# ସପ୍ତାହରେ ଥରେ ଖୋଲିବ ଶ୍ରୀଲିଙ୍ଗରାଜଙ୍କ ହୁଣ୍ଡି

**ପୁରୁଣା ଭୁବନେଶ୍ୱର, ୧୯।୩(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହୁଣ୍ଡି ପ୍ରତ୍ୟେକ ମାସରେ ଥରେ ଖୋଲାଯାଉଥିଲା। ଦୀର୍ଘବର୍ଷ ଧରି ଏହି ବ୍ୟବସ୍ଥାରେ ଏବେ ପରିବର୍ତ୍ତନ କରାଯାଇଛି। ଏଣିକି ପ୍ରତ୍ୟେକ ମାସ ପରିବର୍ତ୍ତେ ସପ୍ତାହରେ ଥରେ ହୁଣ୍ଡି ଖୋଲାଯିବ। ତାହା ପୁଣି ପ୍ରତ୍ୟେକ ମଙ୍ଗଳବାର ଖୋଲାଯିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏଥିସହ ନାଟ ମଣ୍ଡପ ନିକଟରେ ଥିବା ମା' ପାର୍ବତୀଙ୍କ ହୁଣ୍ଡି, ମନ୍ଦିର ସିଂହଦ୍ୱାର ନିକଟରେ ଥିବା ଅନ୍ୟ ଏକ ହୁଣ୍ଡି ମଧ୍ୟ ଖୋଲାଯିବ। ଏଥିପାଇଁ ପ୍ରତ୍ୟେକ ନିଯୋଗ ପ୍ରମୁଖ, ଆହ୍ଲାବାଦ ଏବଂ ଗ୍ରାମ୍ୟବ୍ୟାଙ୍କ ପ୍ରବନ୍ଧକଙ୍କୁ ଲିଙ୍ଗରାଜ ଥାନା ଅଧିକାରୀ, ଲିଙ୍ଗରାଜ ଫାଣ୍ଡି ପୋଲିସ ଦେବୋତ୍ତର କମିଶନରଙ୍କୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ନୋଟିସ୍ କରାଯାଇଛି। ଏହାଦ୍ୱାରା ହୁଣ୍ଡିରୁ ଆୟ ହେଉଥିବା କଏନ ଦେଣନେଣ, ଟଙ୍କା ଗଣତିରେ ସହଜ ଏବଂ ଶୃଙ୍ଖଳିତ ହୋଇପାରିବ। ସୂଚନାଯୋଗ୍ୟ ବିଭିନ୍ନ ସମୟରେ ହୁଣ୍ଡିର ଆୟ ନେଇ ବ୍ୟତିକ୍ରମ ଦେଖାଦେବା ପରେ ଏଭଳି ନିଷ୍ପତ୍ତି ବୋର୍ଡ଼ ନେଇଥିବା କୁହାଯାଇଛି। ପୁରୀର ଶ୍ରୀଜଗନ୍ନାଥଙ୍କ ହୁଣ୍ଡି ପ୍ରତ୍ୟେକ ଦିନ ଖୋଲାଯାଉଛି।

# କାର୍-ବାଇକ୍ ମୁହାଁମୁହିଁ, ଜଣେ ମୃତ

**ପୁରୀ ଅଫିସ,୧୯।୩:** ପୁରୀ-କୋଣାର୍କ ଜାତୀୟ ରାଜପଥ ବାଇଦାସନଗର ଛକରେ ମଙ୍ଗଳବାର ସନ୍ଧ୍ୟାରେ କାର ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ବାଲିପାଟଣାର ସୁଦର୍ଶନ ମିଶ୍ର(୫୦)। ଗୁରୁତର ଜଣକ ହେଲେ ସମଙ୍ଗରାର ବିଷ୍ଣୁ ପ୍ରଧାନ(୪୫)। ସାମୁଦ୍ରିକ ଥାନା ପୋଲିସ ଉଭୟ ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ। ଉଭୟେ ବାଇକ୍‌ରେ ପୁରୀ ଫେରୁଥିବା ବେଳେ କୋଣାର୍କ ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା।

# ଗୋଡା ଗାଁ ଦାଣ୍ଡରେ ହାତୀ

**ଖୋର୍ଦ୍ଧା ଅଫିସ,୧୯।୩:** ଖୋର୍ଦ୍ଧା ରେଞ୍ଜ ଗୋଡା ଗାଁ ଦାଣ୍ଡରେ ମଙ୍ଗଳବାର ରାତିରେ ଏକ ମାଈ ହାତୀ ବୁଲିଥିଲା। ଗାଁରେ ହାତୀକୁ ଦେଖି ଗାଁ ଲୋକ ଭୟଭୀତ ହୋଇ ଯାଇଥିଲେ। ତେବେ ହାତୀକୁ ନିଆଁହୁଳା ଦେଖାଇ ସ୍ଥାନୀୟ ଜଙ୍ଗଲକୁ ଲୋକେ ଘଉଡାଇ ଦେଇଥିଲେ। ଗାଁ ଦାଣ୍ଡରେ କିଛିଦିନ ହେଲା ଏକ ଦନ୍ତାହାତୀ ବୁଲୁଥିଲା। ମଙ୍ଗଳବାର ଦନ୍ତାହାତୀ ବଦଳରେ ମାଈହାତୀ ଗାଁକୁ ପଶି ଆସିଥିଲା।

**ଗୁରୁ ପଙ୍କଜ ଉତ୍ସବର ୩ୟ ସନ୍ଧ୍ୟା**

# ନୃତ୍ୟରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଗୁରୁ ପଙ୍କଜ ଉତ୍ସବର ମଙ୍ଗଳବାର ଥିଲା ୩ୟ ସନ୍ଧ୍ୟା। ଏହି ଅବସରରେ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କୁ ଶିଳ୍ପୀମାନେ ନୃତ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦୁଇଟି ଅଧିବେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ 'ଗୁରୁ ବନ୍ଦନା' ଓ ଗୀତଗୋବିନ୍ଦ ଅଷ୍ଟାପଦୀ 'ସଖୀ ହେ କୈସୀ ମଥନ ମୁଦାରମ୍'କୁ ପରିବେଷଣ କରିଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର। ପରେ ପରେ ଶର୍ମିଳା ବିଶ୍ୱାସଙ୍କ ଦ୍ୱାରା ପରିବେଷିତ ନୃତ୍ୟାଭିନୟ 'ଯଶୋଦାଙ୍କ ରାମାୟଣ' କୃଷ୍ଣଙ୍କ ପ୍ରତି ଯଶୋଦାଙ୍କ ବାତ୍ସଲ୍ୟ ମମତା ଦର୍ଶାଇଥିଲା। ସେହିଭଳି ନୃତ୍ୟଶିଳ୍ପୀ ଲୀନା ମହାନ୍ତି 'ଭ୍ରମର ଗୀତା'ରେ ଶ୍ରୀରାଧାଙ୍କ ଅଭିମାନ ବ୍ୟକ୍ତ କରିଥିଲେ। ଏହାପରେ ପୁଷ୍ପିତା ମିଶ୍ରଙ୍କ ଦ୍ୱାରା ଆଦିଗୁରୁଙ୍କ ସଂଯୋଜିତ ପଞ୍ଚକନ୍ୟା ଅନ୍ତର୍ଗତ 'ଅହଲ୍ୟା' ପରିବେଷିତ ହୋଇଥିଲା। ଗୁରୁ ଯୁଧିଷ୍ଠିର ନାୟକଙ୍କ ନିର୍ଦ୍ଦେଶନାରେ 'ସ୍ୱକୀୟା' ଅନୁଷ୍ଠାନର ଶିଳ୍ପୀମାନେ ଦଳଗତ ଭାବେ ମାତୃବନ୍ଦନା ମଞ୍ଚସ୍ଥ କରିଥିଲେ। ଅପରାହ୍ନରେ ଶ୍ରୁତି ସ୍ୱୟଂସିଦ୍ଧା 'ତୋ ଲାଗି ଗୋପଦାଣ୍ଡ ମନା', ଦୀପ୍ତିମୟୀ ସାହୁ 'ନାଟ ପସରା', ସୌମ୍ୟ ବୋଷ 'ଅଷ୍ଟପଦୀ', ପ୍ରାଚୀ ହୋତା 'ମଧୁରାଷ୍ଟକମ୍', କବିତା ମିଶ୍ର 'ଆହେ ନୀଳଶୈଳ', ଇନ୍ଦୁ କାନନ୍ ଅଷ୍ଟପଦୀ 'ରମତେହରିମିହଂ' ଓ ସ୍ୱୟଂପ୍ରଜ୍ଞା ସାହୁ କୁନ୍ତି ଆଖ୍ୟାନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର କୁମାର ପଟ୍ଟନାୟକ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଡ. ରାମକୃଷ୍ଣ ସାହୁ ଓ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏଜିଏମ୍ ପି.କେ. ଦାଶ ଯୋଗଦେଇଥିଲେ। ଏହି ଅବସରରେ ଗୀତ, ବାଦ୍ୟ ଓ ନୃତ୍ୟ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ଶରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।



ନୃତ୍ୟଶିଳ୍ପୀ ପ୍ରାଚୀ ହୋତାଙ୍କ ନୃତ୍ୟ ପରିବେଷଣା

# ବିଭିନ୍ନ ରାଜ୍ୟରେ ପିସି ଏବଂ ପିଏନ୍‌ଡିଟି ଆଇନର କାର୍ଯ୍ୟକାରିତା ନେଇ ସମୀକ୍ଷା




**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହାୟତାରେ 'ପିସି ଆଣ୍ଡ ପିଏନ୍‌ଡିଟି ଆଇନ-୧୯୯୪' ଉପରେ ଚାଲିଥିବା ଦୁଇଦିନିଆ ଆଞ୍ଚଳିକ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ଦେଶର ୧୦ଟି ରାଜ୍ୟ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଥିବା ପିଏନ୍‌ଡିଟି ମହାନିର୍ଦ୍ଦେଶକ ବିଦୂଷୀ ଚତୁର୍ବେଦୀ, ରାଜ୍ୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଝାଡ଼ଖଣ୍ଡର ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ କୃପାନନ୍ଦ ଝା, ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ନିର୍ଦ୍ଦେଶକ ରେଘୁ ଜୀ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟର ଲିଙ୍ଗଗତ ପରାମର୍ଶଦାତା ଇଫାତ୍ ହମିଦ ପ୍ରମୁଖ ଯୋଗଦେଇ ବିଭିନ୍ନ ରାଜ୍ୟରେ ପିସି ଏବଂ ପିଏନ୍‌ଡିଟି ଆଇନର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ। ରାଜ୍ୟ ସରକାରମାନେ ଉଠାଉଥିବା ବିଭିନ୍ନ ପ୍ରସଙ୍ଗ ସହିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହା କିଭଳି କାର୍ଯ୍ୟକାରୀ ହେଉଛି, ତାହା ଉପରେ କର୍ମଶାଳାରେ ବିସ୍ତୃତ ଆଲୋଚନା ହୋଇଥିଲା। ସୁପ୍ରିମକୋର୍ଟ ଏକ ମାମଲାର ବିଚାର କରି ପିସି ଏବଂ ପିଏନ୍‌ଡିଟି ଆଇନକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବକ୍ତାମାନେ କହିଥିଲେ। ଏଥିସହିତ ଜନ୍ମ ସମୟରେ ଲିଙ୍ଗଗତ ଅନୁପାତକୁ ମଧ୍ୟ ଅନୁଧ୍ୟାନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଓଡ଼ିଶା ଜୁଡିସିଆଲ ଏକାଡେମୀ ଦ୍ୱାରା 'ପିସି ଆଣ୍ଡ ପିଏନ୍‌ଡିଟି ଆଇନ' ଉପରେ ପ୍ରକାଶିତ ଏକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ଫଟୋରେ ଖବର



ଭୁବନେଶ୍ୱର ବିଜେବି କଲେଜ ପରିସରରେ ମଙ୍ଗଳବାର ଛାତ୍ରୀମାନେ ଘରକୁ ଯିବା ପୂର୍ବରୁ ଅବିରରେ ହୋଲି ଖେଳୁଛନ୍ତି।



ଓଡ଼ିଶାର ଲୋକାୟୁକ୍ତ ଅଧ୍ୟକ୍ଷ ଅଜିତ ସିଂ ମଙ୍ଗଳବାର ଶ୍ରୀଜୀଉଙ୍କୁ ଦର୍ଶନ ସାରି ଶ୍ରୀମନ୍ଦିରରୁ ବାହାରୁଛନ୍ତି।



ମିରର ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ପରିବେଷିତ ନାଟକ 'କାନ୍ଦମାଷ୍ଟ୍ରେ'ର ଏକ ଦୃଶ୍ୟ।



ଯେଉଁ ବେଶ ଧାରଣ କରିଲେ ଲୋକେ ଘୃଣା କରନ୍ତି
ସେହି ବେଶ ଧାରଣ କରିବା ଉଚିତ୍ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### କ୍ୱିଣ୍ଟ ପୋଲ୍ ଆଇଜ୍ ସଂସ୍ଥାର ସର୍ଭେ ରିପୋର୍ଟ
### ୧୮ ଲୋକ ସଭା ଆସନ ହାତେଇବ ବିଜେଡି

ଭୁବନେଶ୍ୱର,୧୯।୩ (ବ୍ୟୁରୋ): ବିଭିନ୍ନ ସମୟରେ ଜାତୀୟ ଗଣମାଧ୍ୟମରେ ହେଉଥିବା ସର୍ଭେରେ ରାଜ୍ୟରେ ବିଜେଡି ସରକାର କରିବ ବୋଲି କୁହାଯାଇଛି। ଓଡ଼ିଶାରେ ପଞ୍ଚମଥର ଲାଗି ବିଜେଡି ସରକାର କରିବ। ଆସନ୍ତା ନିର୍ବାଚନରେ ୧୮ଲୋକ ସଭା ଆସନରେ ବିଜୟ ଲାଭ କରିବ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଏବେ ମଧ ପୂର୍ବଭଳି ଅକ୍ଷୁର୍ଣ୍ଣ ଥିବାରୁ ବିଜେଡିକୁ ଏହି ସଫଳତା ମିଳିବ। ଅନ୍ୟପଟେ ଗତଥର ବିଜେଡି ଭୋଟ୍ ହାର ୪୫ପ୍ରତିଶତ ଥିବାବେଳେ ଏଥର ତାହା ୫୦ପ୍ରତିଶତ ଛୁଇଁବ। ଯାହା ଭାଜପା ଭୋଟ ହାରଠାରୁ ୨୫ପ୍ରତିଶତ ଅଧିକ ହେବ। ଦ କ୍ୱିଣ୍ଟରେ ପ୍ରକାଶିତ ପୋଲ୍ ଆଇଜ୍ ସଂସ୍ଥାର ପ୍ରାକ୍ ନିର୍ବାଚନୀ ସର୍ଭେ ଏହି ଆକଳନ କରିଛି। ଓଡ଼ିଶାରେ ଭାଜପାକୁ ୨ଟି ଏବଂ କଂଗ୍ରେସକୁ ଗୋଟିଏ ଲୋକ ସଭା ଆସନ ମିଳିବ ବୋଲି ସେଥିରେ ଦର୍ଶାଯାଇଛି।

### ପଞ୍ଜିକା ସମୀକରଣ ବୈଠକ

**ପୁରୀ ଅଫିସ,୧୯।୩:** ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମଙ୍ଗଳବାର ପଞ୍ଜିକା ସମୀକରଣକୁ ସୁସଙ୍ଗଠିତ କରିବା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଞ୍ଜିକାକାର, ଶଙ୍କରାଚାର୍ଯ୍ୟଙ୍କ ପ୍ରତିନିଧି, ମୁକ୍ତିମଣ୍ଡପ ପଣ୍ଡିତ ସଭା ସମ୍ପାଦକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରକାର ପାଞ୍ଜିରେ ରହୁଥିବା ଅମେଳକୁ ସମାଧାନ କରିବା ଲାଗି ୨୦୧୧ରେ ଗୋବର୍ଦ୍ଧନମଠରେ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ, ବୈଠକ ଅନୁଷ୍ଠିତ ହେଉଥିଲା। କିନ୍ତୁ ପ୍ରାୟ ଦୁଇବର୍ଷ ହେବ ପଞ୍ଜିକାରମାନଙ୍କ ସଂଖ୍ୟା କମିବାରେ ଲାଗିଲା। ଫଳରେ ପାଞ୍ଜିରେ ଅମେଳ ଦେଖାଗଲା। ତେଣୁ ଏହାଦ୍ୱାରା ଜନସାଧାରଣ ବିଭ୍ରାନ୍ତରେ ପଡୁଥିବାରୁ ପ୍ରତିବର୍ଷ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଜଗନ୍ନାଥ ମହାପ୍ରଭୁଙ୍କ ବର୍ଷଯାକର ନୀତିକାନ୍ତି, ପର୍ବପର୍ବାଣି ନିର୍ଦ୍ଧାରଣ ଲାଗି ପୂଜାପଣ୍ଡା, ତଡାଉକରଣ, ଦେଉଳକରଣ, ମନ୍ଦିର ପୁରୋହିତ ପ୍ରମୁଖ ମିଳିତ ନିଷ୍ପତ୍ତି କରୁଥିଲେ। ମହାପ୍ରଭୁଙ୍କ ଯାନିଯାତ୍ରା ନେଇ ଯେଉଁ ତିଥି ସ୍ଥିର ହେଉଥିଲା ତାହା ଜନସାଧାରଣଙ୍କ ଅବଗତି ନିମନ୍ତେ ଶ୍ରୀମନ୍ଦିର ୱେବ୍‌ସାଇଟରେ ଛଡାଯାଉଥିଲା। ଏଥିଲାଗି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବୈଠକ ବସିଥିଲା।

### ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ

**ପୁରୀ ଅଫିସ,୧୯।୩:** ହୃଦ୍‌ଯନ୍ତ୍ରଣାରେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନର ଅଶୋକା ଦାସ(୬୭)। ମୃତାଙ୍କ ପୁଅ ସଙ୍କେତଙ୍କ ଅଭିଯୋଗ କ୍ରମେ ସମୁଦ୍ରକୂଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରବିବାର ଅଶୋକା ପରିବାର ସହ ପୁରୀ ବୁଲିବାକୁ ଆସି ସ୍ୱର୍ଗଦ୍ୱାର ନିକଟରେ ଲଜ୍‌ରେ ରହିଥିଲେ। ବିଳମ୍ବିତ ରାତିରେ ଅଶୋକାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନିଜ କାମ ପ୍ରତି ଯତ୍ନବାନ ହେଲେ ମହାପ୍ରଭୁଙ୍କ ସେବା ଠିକ୍ ଚାଲିବ

## ସମ୍ବର୍ଦ୍ଧିତ ହେଲେ ବୟୋଜ୍ୟେଷ୍ଠ ସେବାୟତ



**ପୁରୀ ଅଫିସ,୧୯।୩**

ଶ୍ରୀମନ୍ଦିରର ଏକ ଶୃଙ୍ଖଳିତ ପରମ୍ପରା ରହିଛି। ଏହା ଯେପରି ବଜାୟ ରହିବ ସେ ଦିଗରେ ସମସ୍ତଙ୍କ ସହଯୋଗ ଦରକାର। କିଏ କ'ଣ କଲା ନ କଲା ସେଥିପ୍ରତି ଧ୍ୟାନ ନ ଦେଇ ନିଜ କାମ ପ୍ରତି ଯତ୍ନବାନ ହେଲେ ମହାପ୍ରଭୁଙ୍କ ସେବାପୂଜା ଠିକ୍ ଭାବେ ହୋଇପାରିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ଦଇତାପତି ନିଯୋଗ ପକ୍ଷରୁ ମଙ୍ଗଳବାର ନୂତନ ଭକ୍ତ ନିବାସ ପରିସରରେ ବୟୋଜ୍ୟେଷ୍ଠ ସେବକମାନଙ୍କୁ ସମ୍ବର୍ଦ୍ଧନା ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟ ପ୍ରଶାସକ କହିଥିଲେ, ଦଇତାପତି ସେବକମାନେ ନିଷ୍ଠାର ସହ ସେବା କରୁଛନ୍ତି। ମହାପ୍ରଭୁଙ୍କୁ ପହଣ୍ଡି କରୁଥିବା ସମୟରେ ବେଳେ ବେଳେ କ୍ଷତବିକ୍ଷତ ହେଉଛନ୍ତି। ସେମାନଙ୍କ ପାଇଁ ଏଥର ବୀମା ବ୍ୟବସ୍ଥା କରାଯିବ। ଏଥିସହ ସେବାୟତଙ୍କ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳମ୍ ଦାୟିତ୍ୱ ବହନ କରିବା ଲାଗି ଦାତା ଆଗ୍ରହୀ ଅଛନ୍ତି। ଏ ନେଇ ଆସନ୍ତା ୪ ତାରିଖରେ ଭୁବନେଶ୍ୱରରେ ଏକ ବୈଠକ ବସିବ ଏବଂ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ୨୦୨୦ ମାର୍ଚ୍ଚ ସୁଦ୍ଧା ଏଠାରେ ପିଲା ପଢିବେ ବୋଲି ଆଶା ରହିଥିବା ମୁଖ୍ୟ ପ୍ରଶାସକ କହିଥିଲେ।

ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିଯୋଗ ସମ୍ପାଦକ ଦୁର୍ଗାପ୍ରସାଦ ଦାସମହାପାତ୍ର ସମ୍ପାଦକୀୟ ବିବରଣୀ ଓ ନିଯୋଗ ସଭାପତି ରବୀନ୍ଦ୍ର ଦାସମହାପାତ୍ର ନିଯୋଗ ଓ ବରିଷ୍ଠ ସେବାୟତଙ୍କ ସମ୍ପର୍କରେ କହିଥିଲେ। ଏହି ଅବସରରେ ମୁଖ୍ୟ ପ୍ରଶାସକଙ୍କୁ ଦଇତାପତି ନିଯୋଗ ସ୍ଥାୟୀ ସଭାପତି ନବକିଶୋର ପତିମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବରିଷ୍ଠ ଦଇତାପତି ବିଶ୍ୱନାଥ ପତିମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପତିମହାପାତ୍ର, ବିଶ୍ୱନାଥ ଦାସମହାପାତ୍ର, କାଶୀନାଥ ଦାସମହାପାତ୍ର, କୃଷ୍ଣଚନ୍ଦ୍ର ଦାସମହାପାତ୍ର, ନବକିଶୋର ଦାସମହାପାତ୍ର ଓ ରାଧାଦାମୋଦର ଦାସମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣପତି ଦାସମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶ୍ୟାମାପ୍ରସାଦ ଦାସମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଦୀନବନ୍ଧୁ ମହାରଣାଙ୍କୁ 'ଶାମ୍ଭବୀ ପୁରସ୍କାର'

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**



ମୁଖ୍ୟ ଅତିଥି ବିବେକ ଦେବରାୟଙ୍କଠାରୁ ଦୀନବନ୍ଧୁ ମହାରଣା ପୁରସ୍କାର ଗ୍ରହଣ କରୁଛନ୍ତି।

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ୬ଷ୍ଠ 'ଶାମ୍ଭବୀ ପୁରସ୍କାର' ପ୍ରଦାନ କରାଯାଇଛି। ସାମାଜିକ ପରିବର୍ତ୍ତନ ତଥା ସାମାଜିକ କର୍ମ କ୍ଷେତ୍ରରେ ପ୍ରମୁଖ ଅବଦାନ ଥିବା ବ୍ୟକ୍ତିମାନଙ୍କୁ ଏହି ପୁରସ୍କାର ଦିଆଯାଇଛି। 'କନ୍ଧମାଳ ଜିଲା ସବୁଜ ବୈଦ୍ୟ ସଙ୍ଗଠନ' ମାଧ୍ୟମରେ ଆଦିବାସୀ ଲୋକଙ୍କ ଜୀବନଜୀବିକା ଓ ସାଧାରଣ ଭିତ୍ତିଭୂମି ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜିଲାର ଦୀନବନ୍ଧୁ ମହାରଣାଙ୍କୁ ଚଳିତବର୍ଷ ଲାଗି ଶାମ୍ଭବୀ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ ତଥା ଭାରତ ସରକାରଙ୍କ ନୀତି ଆୟୋଗ ସଦସ୍ୟ ବିବେକ ଦେବରାୟ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ତଥା ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ଯୋଗଦେଇ ମହାରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହ କଟକର ଅଭିମନ୍ୟୁ ଦାସଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ହରିହର ରିଜିଓନାଲ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଅସହାୟ ଓ ଗରିବ ରୋଗୀଙ୍କୁ ସହାୟତା ଯୋଗାଇ ଦେଉଥିବା ଅଭିମନ୍ୟୁ ପରିତ୍ୟକ୍ତ ମୃତଦେହକୁ ସମ୍ମାନସ୍ୱରୂପ ଶେଷକୃତ୍ୟ ସମ୍ପନ୍ନ କରିଥାଆନ୍ତି। ସେହିଭଳି ମହାରଣାଙ୍କ କନ୍ଧମାଳ ଜିଲା ସବୁଜ ବୈଦ୍ୟ ସଙ୍ଗଠନ ଦାରିଙ୍ଗବାଡ଼ିର କେ. ନୂଆଗାଁ ଏବଂ କୋଟଗଡ଼ ବ୍ଳକର ୪୦୫ ଗ୍ରାମରେ ସେବା ଯୋଗାଇଦେଉଛି।

# ଟ୍ରିମ୍‌ସ ଛାତ୍ରୀଛାତ୍ରଙ୍କ ନିର୍ମିତ ସୌରଶକ୍ତି ଯାନ ଲୋକାର୍ପିତ



**କଟକ ଅଫିସ,୧୯।୩**

ଟ୍ରିମ୍‌ସ ପଲିଟେକ୍‌ନିକ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ସୌରଶକ୍ତି ଚାଳିତ ଚାରିଚକିଆ ଯାନ ମଙ୍ଗଳବାର ଲୋକାର୍ପିତ ହୋଇଛି। ଅତ୍ୟାଧୁନିକ ମ୍ୟୁଜିକ୍ ସିଷ୍ଟମ ଥିବା ଏହି ଯାନରେ ଚାଳକଙ୍କ ସମେତ ୮ଜଣ ବସିପାରିବେ। ଘଣ୍ଟାପ୍ରତି ଏହାର ବେଗ ୨୦ରୁ ୨୫ କି.ମି. ରହିଛି। ଟ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଲୋକାର୍ପଣ କରିବା ଅବସରରେ ଛାତ୍ରୀଛାତ୍ରଙ୍କ ବୈଷୟିକ ଦକ୍ଷତାର ପ୍ରଶଂସା କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟକ୍ଷା ତପସ୍ୱିନୀ ସାହୁ, ଡିନ୍ (ଛାତ୍ର କଲ୍ୟାଣ) ଶିବଚରଣ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଏବଂ ପଦାଧିକାରୀ ଉପସ୍ଥିତ ଥିଲେ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗୀୟ ମୁଖ୍ୟ ଇଂ. ଶ୍ରୀକାନ୍ତ ଓଝାଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଅଧ୍ୟାପକ କୁଞ୍ଜ ବିହାରୀ ସାହୁ, ଅଙ୍ଗଦ ଲେଙ୍କା, ଆଶୁତୋଷ ଗନ୍ତାୟତ, ଅନୀଲ ପଣ୍ଡା, ଶୁଭକାମ ହୋତା, ପାର୍ଥ ସିଂ, ଅଧ୍ୟାପିକା ସଂଘମିତ୍ରା ବେହେରାଙ୍କ ସହାୟତାରେ ଛାତ୍ରୀଛାତ୍ର ଏହାକୁ ନିର୍ମାଣ କରିଛନ୍ତି।

## ୨୪ରେ 'ରଙ୍ଗପ୍ରବେଶ'

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବସା 'ସୃଜନ' ପକ୍ଷରୁ ଆସନ୍ତା ୨୪ ତାରିଖରେ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ 'ରଙ୍ଗପ୍ରବେଶ' ଅନୁଷ୍ଠିତ ହେବ। ଜୟଦେବ ବିହାରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଚାଇନା ସାଂଘାଇର ଓଡ଼ିଶୀ ନୃତ୍ୟଶିଳ୍ପୀ ଉ କାନ୍ ମଞ୍ଚ ପ୍ରବେଶ କରିବେ। ଏ ନେଇ 'ସୃଜନ'ର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଅବସରରେ ଉ କାନ୍ ମଙ୍ଗଳାଚରଣରୁ ଆରମ୍ଭ କରି ମୋକ୍ଷ ପର୍ଯ୍ୟନ୍ତ ବିଭିନ୍ନ ବିଭବରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ସେ ମଙ୍ଗଳାଚରଣରେ 'ବିଷ୍ଣୁ ବନ୍ଦନା' ମଞ୍ଚସ୍ଥ କରିବେ। ଏହାପରେ ବଟୁ, ଶୁଦ୍ଧ ନୃତ୍ୟରେ ଆରବୀ ପଲ୍ଲବୀ, ନୃତ୍ୟାଭିନୟରେ 'ତୋ ଲାଗି ଗୋପଦାଣ୍ଡ', ଭଗବତୀ ସ୍ତୋତ୍ରମ୍ ଏବଂ ଶେଷରେ ମୋକ୍ଷ ପରିବେଷଣ କରିବେ। ତାଙ୍କୁ ବାଦ୍ୟଯନ୍ତ୍ର ମର୍ଦ୍ଦଳରେ ଗୁରୁ ରତିକାନ୍ତ ମହାପାତ୍ର, କଣ୍ଠ ସଙ୍ଗୀତରେ ରୂପକ କୁମାର ପରିଡ଼ା, ବେହେଲାରେ ଅଗ୍ନିମିତ୍ର ବେହେରା, ବଂଶୀରେ ଶ୍ରୀନିବାସ ଶତପଥୀ, ମିରାରେ ଏକଲବ୍ୟ ମୁଦୁଲି ସହଯୋଗ କରିବେ। କମ୍ପ୍ୟୁଟର ସାଇନ୍ସରେ ସ୍ନାତକ କରିଥିବା ଉ କାନ୍ ୨୦୧୪ରୁ ଓଡ଼ିଶୀ ନୃତ୍ୟଶିକ୍ଷା ଆରମ୍ଭ କରିଥିଲେ। 'ସୃଜନ'ରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଅଧୀନରେ ଶିକ୍ଷା ଗ୍ରହଣ କରୁଥିବା କାନ୍ ବିଭିନ୍ନ ଉତ୍ସବ ଓ ମହୋତ୍ସବରେ ଏକକ, ଦଳଗତ ନୃତ୍ୟ ମଞ୍ଚସ୍ଥ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

## ସାଢେ ୫ଫୁଟ ନାଗ ଉଦ୍ଧାର

**ନରାଜ/କଟକ ଅଫିସ,୧୯।୩**

ଦାଢା ପଞ୍ଚାୟତର ଝିଙ୍କରଡିହି ଗ୍ରାମର ବିଦ୍ୟାଳୟନିକଟରୁ ଏକ ସାଢେ ୫ଫୁଟର ନାଗ ସାପକୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଗ୍ରାମର ୱାର୍ଡମେମ୍ବରଙ୍କ ବାରିରୁ ଏହି ସାପ ବାହାରି ଗ୍ରାମରେ ଥିବା ବିଦ୍ୟାଳୟର ପରିସରକୁ ପ୍ରବେଶ କରୁଥିବା ବେଳେ କେତେଜଣ ଲୋକ ଦେଖି ପାଟି କରିଥିଲେ। ପରେ ସାପକୁ ଧରି କୁଆଖାଇ ନଦୀ ପଠାର ଜଙ୍ଗଲରେ ଛାଡି ଦିଆଯାଇଥିବା ଗ୍ରାମବାସୀ କହିଛନ୍ତି।

# ପଦାରେ ପଡ଼ିଲା ସଂସ୍କୃତି ବିଭାଗର ମନମାନି

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

## ଓଡ଼ିଶା ଲଳିତକଳା ଏକାଡେମୀ

- ସଚିବ-ସଭାପତିଙ୍କ ବିବାଦ ଯୋଗୁ ଉପୁଜିଛି ଅଚଳାବସ୍ଥା
- ଖୋଲୁନାହିଁ ଧର୍ମପଦ ପୁରସ୍କାର ଭାଗ୍ୟ
- ଚିତ୍ରକଳା ପ୍ରଦର୍ଶନୀ ଆୟୋଜନରେ ସୀମିତ ଏକାଡେମୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ଲଳିତକଳା ଏକାଡେମୀରେ ଦେଖାଦେଇଛି ଅଚଳାବସ୍ଥା। ଚିତ୍ରକଳା କ୍ଷେତ୍ରରେ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ଦୀର୍ଘ ୭ବର୍ଷ ହେଲା ଦିଆଯାଇପାରି ନ ଥିବାବେଳେ ଏବେ ଏକାଡେମୀର କାର୍ଯ୍ୟଧାରାରେ ମଧ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ବାଦବିବାଦ ଯୋଗୁ ଧର୍ମପଦ ପୁରସ୍କାର କାଠଗଡ଼ାରେ ପଡ଼ିରହିଛି। କେବେ ଏହାର ସମାଧାନ ହେବ, ସେ ସମ୍ପର୍କରେ ନା ଏକାଡେମୀ ଅଧିକାରୀ ଉତ୍ତର ଦେଇଛନ୍ତି ନା ବିଭାଗୀୟ ମନ୍ତ୍ରୀ, ସଚିବ। କେବଳ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ବିଗତ ୫ବର୍ଷ ହେବ କହିଆସୁଛନ୍ତି। ହେଲେ କିଛି ସୁଫଳ ମିଳୁନି। ପୁରସ୍କାର ପାଇଁ ମନୋନୀତ ହୋଇଥିବା ଅଧାରୁ ଅଧିକ ବରିଷ୍ଠ ଶିଳ୍ପୀ ଇତିମଧ୍ୟରେ ପରଲୋକ ଗମନ କରିଛନ୍ତି। ତଥାପି ପୁରସ୍କାର ଭାଗ୍ୟ ଖୋଲିପାରୁନି।

ଗୋଟିଏ ପଟେ ଧର୍ମପଦ ପୁରସ୍କାର ପାଇଁ ବାଟ ଫିଟୁ ନ ଥିବାବେଳେ ଏବେ ଏକାଡେମୀ ସଭାପତି ଓ ସଚିବଙ୍କ ମଧ୍ୟରେ ସୃଷ୍ଟି ହୋଇଛି ଫାଟ। ଆଉ ଏଥିଯୋଗୁ ଏକାଡେମୀରେ ଦେଖାଦେଇଛି ଏକପ୍ରକାର ଅଚଳାବସ୍ଥା। ହାତଗଣତି କିଛିଟା ଚିତ୍ରକଳା ପ୍ରଦର୍ଶନୀକୁ ଛାଡ଼ିଦେଲେ ବିଭାଗ ଏକପ୍ରକାର ସ୍ଥାଣୁ ପାଲଟିଛି। ଅନ୍ୟପକ୍ଷରେ କିଛିଦିନ ତଳେ ବିଭାଗ ପକ୍ଷରୁ ତତ୍କ୍ଷଣାତ ଏକାଡେମୀ ସଚିବ ମାନସ ଜେନାଙ୍କୁ ବଦଳି କରାଯାଇ ନୂତନ ନିଯୁକ୍ତି ଦିଆଯାଇଥିଲା। ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରି ସଂସ୍କୃତି ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ମନସ୍ୱିନୀ ସାହୁଙ୍କୁ ଅସ୍ଥାୟୀ ସଚିବ ଭାବେ ଅବସ୍ଥାପିତ କରାଯାଇଥିଲା। ପ୍ରତିବାଦ ସ୍ୱରୂପ ସଚିବ ଜେନା ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ରାୟ ଏବେ ଜେନାଙ୍କ ସପକ୍ଷରେ ରହିଥିଲେ ମଧ କେଉଁ ପରିସ୍ଥିତିରେ ତାଙ୍କୁ ଅଚାନକ ବଦଳି କରାଗଲା, ତାହା ଏବେ ବି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ସଂସ୍କୃତି ବିଭାଗର ମନମାନିକୁ ପଦାରେ ପକାଇଥିବା ବେଳେ ସଚିବଙ୍କ ବିରୋଧରେ ଏକାଡେମୀର କାର୍ଯ୍ୟକାରୀ ପରିଷଦ ଏବଂ ସଭାପତି ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି।

ସବୁଠାରୁ ବଡ଼କଥା ହେଲା, ଧର୍ମପଦ ପୁରସ୍କାର ମାମଲା ଏବେ ବି କୋର୍ଟରେ ଥିବାବେଳେ ଦୀର୍ଘ ୭ବର୍ଷ ହେଲା ଏହି ପୁରସ୍କାର ଦିଆଯାଇନାହିଁ। ପୁରସ୍କାର ବିରୋଧରେ କୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ଇତିମଧ୍ୟରେ ଗୋଟିଏ ମାମଲାକୁ ଉଠାଇ ନିଆଯାଇଛି। ପଦ୍ମଶ୍ରୀ କୈଳାସ ମେହେରଙ୍କ ମାମଲା ବିଚାରାଧୀନ ଥିବାରୁ ଧର୍ମପଦ ପୁରସ୍କାରର ଭାଗ୍ୟ ଖୋଲିପାରୁନି। ନୂତନ ଭାବେ ନିଯୁକ୍ତ ସଭାପତି, ସଚିବ କାର୍ଯ୍ୟରେ ଯୋଗଦେବା ବେଳେ ଧର୍ମପଦ ପୁରସ୍କାର ପାଇଁ ବାଟ ଫିଟାଇବେ ବୋଲି କହୁଛନ୍ତି। ହେଲେ କେହି ଏ ନେଇ ମାମଲା କରିଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରୁନାହାନ୍ତି। ଇତିମଧ୍ୟରେ ରାଜ୍ୟର ଏହି ସର୍ବୋଚ୍ଚ ସମ୍ମାନ ପାଇପାରି ନ ଥିବା ଅଧାରୁ ଅଧିକ ବରିଷ୍ଠ ଶିଳ୍ପୀ ଇହଧାମ ତ୍ୟାଗ କରିଛନ୍ତି। ବର୍ତ୍ତମାନର ଏକାଡେମୀ ସଚିବ ଓ ସଭାପତି ଏଥିପାଇଁ ଉଭୟ ଉଭୟଙ୍କୁ ଦୋଷାରୋପ କରୁଛନ୍ତି। ସଚିବଙ୍କ ବଦଳି ସମ୍ପର୍କରେ ସଭାପତି ସୁଦର୍ଶନ ପଟ୍ଟନାୟକଙ୍କୁ ପଚାରିବାରେ ସେ ଓଡ଼ିଶାରେ ନ ଥିବାରୁ ଏ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ଏହି ଖବର ଶୁଣି ସେ ଦୁଃଖିତ ଏବଂ ଯିଏ ଏ ସମ୍ପର୍କରେ କହୁଛନ୍ତି, ସିଏ ଜାଣିଥିବେ ବୋଲି କହିଛନ୍ତି। ସେହିଭଳି ସଚିବ ଜେନା ଖୋଲାଖୋଲି ଭାବେ ସଭାପତିଙ୍କୁ ଟାର୍ଗେଟ କରିଥିବା ବେଳେ ତାଙ୍କୁ ଯାହା ବି ଦାୟିତ୍ୱ ଦିଆଯିବ ସେ ତୁଲାଇବେ ବୋଲି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଲକ୍ଷ୍ମୀପ୍ରିୟା


ସନ୍ଦୀପ


ମନୀଷା


ରିଙ୍କନ


ଆଲୋକ


ସସ୍ମିତ


ଜ୍ଞାନରଞ୍ଜନ


ବାଲୁଙ୍କେଶ୍ୱର


ସମୀର


ସଞ୍ଜୟ



ଯେ ଥରେ ତୁମକୁ ବିଶ୍ୱାସରେ ବିଷ ଦେଇଛି, ସେ ଯେ ଆଉଥରେ ନ ଦେବ ତା'ର ପ୍ରମାଣ କ'ଣ।
- ସେକ୍ସ୍‌ପିଅର



## ସଂକ୍ଷେପରେ

### ନିର୍ବାଚନୀ ଆଇନର ଉଲ୍ଲଂଘନ ଅଭିଯୋଗ କଲେ ସାମାଜିକ କର୍ମୀ

**କଟକ ଅଫିସ,୧୯।୩:** ସାଧାରଣ ନିର୍ବାଚନ ନିମନ୍ତେ ନିର୍ବାଚନ କମିଶନରଙ୍କ ପକ୍ଷରୁ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି ଯେ, କୌଣସି ସରକାରୀ କର୍ମଚାରୀ ୨୦୧୪ ସାଧାରଣ ନିର୍ବାଚନ ସମୟରେ ଯେଉଁ ଜିଲାରେ କାର୍ଯ୍ୟ କରୁଥିବେ ତାଙ୍କୁ ୨୦୧୯ ନିର୍ବାଚନରେ ଅନ୍ୟତ୍ର ବଦଳି କରାଯିବ। ମାତ୍ର କଟକ ଜିଲାରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଜିଲା ଅବକାରୀ ବିଭାଗରେ କାର୍ଯ୍ୟରତ ୨ଜଣ ଅଧିକାରୀ ୨୦୧୪ନିର୍ବାଚନ ସମୟରେ ଥିଲେ। ଏବେ ମଧ ସେହି ବିଭାଗରେ କାର୍ଯ୍ୟରେ ଅଛନ୍ତି। ତେଣୁ ନିର୍ବାଚନ ଆଇନର ଉଲ୍ଲଂଘନ କରିବା ନେଇ ସୂଚନା ଅଧିକାର କର୍ମୀ ଦିଲୀପ ସାମନ୍ତରାୟ ମଙ୍ଗଳବାର ଜିଲାପାଳ, ରାଜ୍ୟ ଅବକାରୀ କମିଶନର ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବିପତ୍ର ଦେଇଛନ୍ତି।

# ମହେଶ୍ୱର-ବ୍ରଜ ଲଢ଼େଇ ସମ୍ଭାବନା

**ପୁରୀ ଅଫିସ,୧୯।୩**

ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ବିଧାନସଭା କ୍ଷେତ୍ର ହେଉଛି ପୁରୀ। ବିଜେଡି ଗଠନ ହେବା ପରଠାରୁ ମହେଶ୍ୱର ମହାନ୍ତି ଏଠାରୁ ଲଗାତର ବିଧାୟକ ଭାବେ ନିର୍ବାଚିତ ହୋଇଆସୁଛନ୍ତି। ଦୀର୍ଘ ୨୫ ବର୍ଷ ହେବ ବିଧାୟକ ଏବଂ ଏକାଧିକ ମନ୍ତ୍ରୀ ପଦରେ ରହି ମଧ ମହେଶ୍ୱରଙ୍କ ବିରୋଧରେ ଜନଅସନ୍ତୋଷ ଓ ଦଳୀୟ କନ୍ଦଳ ରହିଛି। ହେଲେ ଅସନ୍ତୋଷକୁ ବିରୋଧୀ ଦଳ ଭୋଟରେ ରୂପାନ୍ତରିତ କରିବାରେ ବାରମ୍ବାର ବିଫଳ ହେଉଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଓ ମହେଶ୍ୱରଙ୍କ ମଧରେ ଲଢ଼େଇ ହେବା ଚର୍ଚ୍ଚା ହେଉଛି। କିନ୍ତୁ ବ୍ରଜକିଶୋର ଭାଜପା କି କଂଗ୍ରେସକୁ ଯିବେ ସେ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ତାଙ୍କ ପ୍ରାର୍ଥିତ୍ୱକୁ ନେଇ ପୁରୀରେ ଚର୍ଚ୍ଚା ହେଉଥିଲେ ବି ବ୍ରଜକିଶୋର ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହାନ୍ତି। ସେହିପରି ମହେଶ୍ୱରଙ୍କୁ ଯଦି ପ୍ରାର୍ଥିତ୍ୱରୁ ବଞ୍ଚିତ କରାଯାଇ ତାଙ୍କ ପରିବାରରୁ କୌଣସି ମହିଳାଙ୍କୁ ପ୍ରାର୍ଥୀ କରାଯାଏ ତେବେ ତାହାର ମୁକାବିଲା ପାଇଁ ମଧ ବିରୋଧୀ (ଭାଜପା) ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛି। ଅଭିନେତ୍ରୀ ମହାଶ୍ୱେତା ରାୟଙ୍କୁ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ହେଲେ କଂଗ୍ରେସ ଏହି ଦୌଡ଼ରେ ନ ଥିବା ଭଳି ଲାଗୁଛି। ବିଧାୟକ ପ୍ରାର୍ଥୀ ହେବା ଲାଗି କୌଣସି ମହିଳା ପ୍ରାର୍ଥୀଙ୍କ ନାଁ ଆଗକୁ ଆସୁ ନ ଥିବା ବେଳେ କଂଗ୍ରେସରୁ ଅରୋପ୍ରସାଦ ମିଶ୍ର, ଯୁବ ନେତା ସୁଜିତ ମହାପାତ୍ର, ବିଶ୍ୱଜିତ ମହାନ୍ତି ଏବଂ ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର ପ୍ରାର୍ଥୀ ହେବା ନେଇ ଆଶାବାଦୀ ଅଛନ୍ତି। କଂଗ୍ରେସ ପ୍ରତିଥର ପ୍ରାର୍ଥୀ ବଦଳାଉ ଥିବାରୁ ଏହା ଦଳ ପାଇଁ ବୁମେରାଂ ସାଜୁଛି। ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ମହେଶ୍ୱରଙ୍କ ବିରୋଧରେ ଉମାବଲ୍ଲଭ ରଥ ହିଁ ଭିନ୍ନ ଭିନ୍ନ ଚିହ୍ନରେ ଲଢ଼ି ଆସୁଥିଲେ। ଏବେ ଉମା ପୁରୀ ରାଜନୀତିରୁ ଅଦୃଶ୍ୟ ହୋଇଯାଇଛନ୍ତି। ସେହିପରି ପୁରୀ ନିର୍ବାଚନ ମଣ୍ଡଳୀରୁ ସର୍ବଦା ପୁରୀ ସହରରୁ ବିଧାୟକ ପ୍ରାର୍ଥୀ ହେଉଛନ୍ତି। ସଦରରୁ କେହି କେବେ ପ୍ରାର୍ଥୀ ହୋଇ ଲଢ଼ିବା କ୍ୱଚିତ ଦେଖାଯାଇଛି। ତେଣୁ ଏମିତି ଏକ ଆଞ୍ଚଳିକ ଅସନ୍ତୋଷ ବି ଭୋଟରଙ୍କ ମଧରେ ରହୁଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରସନ୍ନ ଦାଶ କହିଛନ୍ତି, ମହେଶ୍ୱର ମହାନ୍ତି ଦୀର୍ଘଦିନ ହେଲା ପୁରୀର ବିଧାୟକ ରହିଛନ୍ତି। ଏକାଧିକ ମନ୍ତ୍ରୀ ପଦ ଏପରି କି ବାଚସ୍ପତି ବି ହୋଇଛନ୍ତି। କିନ୍ତୁ ପୁରୀବାସୀ ଯେଉଁପରି ବିକାଶ ଆଶା କରୁଥିଲେ ତାହା ହୋଇପାରିନାହିଁ। ଆଜି ବି ସହରବାସୀ ସ୍ୱାସ୍ଥ୍ୟସେବା, ଡ୍ରେନେଜ ସମସ୍ୟାରୁ ମୁକୁଳି ପାରିନାହାନ୍ତି। ମୋଟାମୋଟି ଦେଖିବାକୁ ଗଲେ ନିର୍ବାଚନମଣ୍ଡଳୀବାସୀଙ୍କ ମଧରେ ଅସନ୍ତୋଷ ରହିଛି, ହେଲେ ବିରୋଧୀମାନେ ଏହାକୁ ଜନମତରେ ପରିଣତ କରିପାରୁ ନାହାନ୍ତି।

ଏ ସମ୍ପର୍କରେ ବ୍ରଜ କିଶୋର କହିଛନ୍ତି, ନିର୍ବାଚନମଣ୍ଡଳୀ ଲୋକେ ଯଦି କ'ଣ ଚିନ୍ତା କରୁଛନ୍ତି, ଆମର ବି ସେ ବିଷୟରେ ଚିନ୍ତା ହେବା ଦରକାର। କିନ୍ତୁ ମୁଁ ଏ ପର୍ଯ୍ୟନ୍ତ କିଛି ସିଦ୍ଧାନ୍ତରେ ପହଞ୍ଚି ନାହିଁ। ଦୁଇ ତିନି ଦିନ ମଧରେ ଯାହା ନିଷ୍ପତ୍ତି ନେବା କଥା ନେବି।

ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ମହେଶ୍ୱରଙ୍କ ବିରୋଧରେ ଜନ ଅସନ୍ତୋଷ ନିଶ୍ଚିତ ରହିଛି। ଏଥର କିନ୍ତୁ ଭାଜପା ସଫଳ ହେବ। ଏହି ଅସନ୍ତୋଷକୁ ଏକାଠି କରି ମହେଶ୍ୱରଙ୍କୁ ଭାଜପା ପରାସ୍ତ କରିବ ବୋଲି ସେ କହିଛନ୍ତି। ଜିଲା କଂଗ୍ରେସ ସଭାପତି ସତ୍ୟବ୍ରତ ପାତ୍ର କହିଛନ୍ତି, ପ୍ରାର୍ଥୀ ଚୂଡ଼ାନ୍ତ ହେବା ପରେ କଂଗ୍ରେସ ତା' ରଣନୀତି ପ୍ରସ୍ତୁତ କରିବ।

**ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ**



ମହେଶ୍ୱର ମହାନ୍ତି



ବ୍ରଜକିଶୋର ତ୍ରିପାଠୀ

# ବିଜେଡିରୁ କୃଷ୍ଣଚନ୍ଦ୍ର ରାୟ, ପ୍ରସନ୍ନ ବରାଳ ବହିଷ୍କୃତ

- ମହଙ୍ଗା ପଡ଼ିଲା ସଞ୍ଜୟ ବିରୋଧୀ ଅଭିଯାନ
- ମୁଖ୍ୟମନ୍ତ୍ରୀ, ବିଧାୟକଙ୍କ କୁଶପୁତ୍ତଳିକା ଦାହ

**ବ୍ରହ୍ମଗିରି, ୧୯।୩(ଡି.ଏନ୍.ଏ.)**

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ବିଧାୟକ ହଟାଅ ଅଭିଯାନର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହେବା ଦୁଇ ବିଜେଡି ନେତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ମଙ୍ଗଳବାର ବ୍ରହ୍ମଗିରି ବ୍ଲକର ପୂର୍ବତନ ଅଧକ୍ଷ କୃଷ୍ଣଚନ୍ଦ୍ର ରାୟ ଏବଂ ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରସନ୍ନ କୁମାର ବରାଳଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଅଛି। ଏମାନେ ଦଳ ବିରୋଧୀ କାର୍ଯ୍ୟ କରୁଥିବାରୁ ଏପରି କରାଯାଇଥିବା ଦର୍ଶାଯାଇଛି। ଦୁହିଁଙ୍କ ବହିଷ୍କାର ପରେ ବ୍ରହ୍ମଗିରିରେ ସେମାନଙ୍କ ସମର୍ଥିତ ବିଜେଡି କର୍ମୀଙ୍କ ମଧରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଫଳରେ ମଙ୍ଗଳବାର ସନ୍ଧ୍ୟା ସମୟରେ ଶତାଧିକ ଅସନ୍ତୁଷ୍ଟ ବିଜେଡି କର୍ମୀ ବ୍ରହ୍ମଗିରି ବଜାରର ଗୋପ ଛକଠାରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଞ୍ଜୟ ଦାସବର୍ମାଙ୍କ ବିରୋଧରେ ନାରାବାଜି କରିବା ସହ ଦୁହିଁଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ବିଧାୟକ ଦାସବର୍ମାଙ୍କ ଉପରେ ଦଳୀୟ କର୍ମୀ ଓ କେତେଜଣ ଜନପ୍ରତିନିଧି ଅସନ୍ତୁଷ୍ଟ ହୋଇ ପଡିଛନ୍ତି। ଏ ନେଇ ବ୍ରହ୍ମଗିରି ବ୍ଲକର ପୂର୍ବତନ ଅଧକ୍ଷ କୃଷ୍ଣ ଚନ୍ଦ୍ର ଓ ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରସନ୍ନଙ୍କ ନେତୃତ୍ୱରେ ସୋମବାର ଏକ ହଜାରରୁ ଉର୍ଦ୍ଧ୍ୱ ଅସନ୍ତୁଷ୍ଟ ବିଜେଡି କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏକ ୮ଦଫା ସମ୍ବଳିତ ଦାବିପତ୍ର ଦେଇଥିଲେ। ଏଥିରେ ସଞ୍ଜୟ ଦଳୀୟକର୍ମୀଙ୍କୁ ରୁକ୍ଷ ବ୍ୟବହାର କରିବା, ଚାନ୍ଦା ଆଦାୟ କରିବା, ବିକାଶ ମୂଳକ କାର୍ଯ୍ୟରେ ଦଳୀୟ କର୍ମକର୍ତ୍ତାଙ୍କ ମତ ନ ନେଇ କାର୍ଯ୍ୟ କରୁଥିବା ପ୍ରଭୃତି ଅଭିଯୋଗ ରହିଥିଲା। ଦାବିପତ୍ରକୁ ନେଇ ଆଲୋଚନା କରିବି ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଏହି ଦୁଇ ନେତା ରାୟ ଓ ବରାଳଙ୍କୁ ଦଳବିରୋଧୀ କାର୍ଯ୍ୟକଳାପ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳରୁ ବହିଷ୍କୃତ କରିଛନ୍ତି। ଏ ସମ୍ପର୍କରେ କୃଷ୍ଣଚନ୍ଦ୍ରଙ୍କୁ ପଚାରିବାରେ ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କ ମନମୁଖୀ କାର୍ଯ୍ୟକଳାପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲୁ। କୌଣସି ଦଳ ବିରୋଧି କାର୍ଯ୍ୟ କରିନାହୁଁ। ଦଳର ସୁପ୍ରିମୋ ଆମକୁ କାରଣ ଦର୍ଶାଅ ନୋଟିସ ଦେବା ବଦଳରେ ଦଳରୁ ବହିଷ୍କୃତ କରିଥିବା ଖବର ଅତ୍ୟନ୍ତ ଦୁଃଖ ଦାୟକ ଘଟଣା। ବିଜେଡିରେ ଆଉ ସମ୍ବିଧାନ ନାହିଁ ବୋଲି ସେ ଗଣମାଧମକୁ କହିଥିଲେ। ସେହିପରି ପ୍ରସନ୍ନ କୁହନ୍ତି, ଦଳ ବିରୋଧରେ ଆମେ କୌଣସି କାର୍ଯ୍ୟ କରିନାହୁଁ। ଆଗାମୀ ନିର୍ବାଚନରେ ବିଜେଡି ଏହାର ଫଳ ଭୋଗିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସଞ୍ଜୟଙ୍କ ମତାମତ ଜାଣିବା ପାଇଁ ତାଙ୍କ ମୋବାଇଲ ଫୋନ(୯୭୭୭୬୦୦୩୨୧)କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ କଲ୍‌କୁ ଗ୍ରହଣ କରି ନ ଥିଲେ।

# ଖୋର୍ଦ୍ଧାରେ ଭାଜପାର ଗୋଷ୍ଠୀକନ୍ଦଳ

- ବିଜୟ ସଙ୍କଳ୍ପ ସମାବେଶକୁ ଆସିଲେନି ଅତିଥି
- ମଞ୍ଚରେ ଅନୁପସ୍ଥିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

**ଖୋର୍ଦ୍ଧା ଅଫିସ,୧୯।୩**

ମଙ୍ଗଳବାର ଖୋର୍ଦ୍ଧାରେ ଅନୁଷ୍ଠିତ ବିଜୟ ସଙ୍କଳ୍ପ ସମାବେଶକୁ ଭାଜପା ସଭାନେତ୍ରୀ ଅପରାଜିତା ଷଡଙ୍ଗୀ, ବରିଷ୍ଠ ନେତା ଦାମୋଦର ରାଉତ ଆସି ନାହାନ୍ତି। ଉପରୋକ୍ତ ନେତା ସମାବେଶକୁ ଆସିବାର ପ୍ରଚାର ହୋଇଥିଲେ ହେଁ ଆଖପାଖ ଅଞ୍ଚଳରେ ଥାଇ ନ ଆସିବା ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଲୁ ଖଣ୍ଡାୟତରାୟ ସମାବେଶରେ ଅନୁପସ୍ଥିତ ଥିଲେ। ଏଭଳି ଘଟଣା ଭାଜପାର ଫାଟକୁ ପଦାକୁ ଆଣିଛି।

ଏନେଇ ଜିଲା ସଭାପତି ସୁବାସ ଜେନା କୁହନ୍ତି, ରାଜ୍ୟ କାର୍ଯ୍ୟାଳୟରେ ହଠାତ୍ ଏକ ଜରୁରୀ ବୈଠକ ଡକାଯିବାରୁ ଭାଜପା ନେତା ଦାମୋଦର ରାଉତ ଓ ନାରୀ ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଆସିପାରି ନ ଥିଲେ। ଦଳରେ କିଛିଟା ସମସ୍ୟା ଯୋଗୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଖଣ୍ଡାୟତରାୟ ଆସି ନ ଥିବା ସେ କହିଛନ୍ତି। ତାଙ୍କ କହିବାନୁଯାୟୀ, ଖଣ୍ଡାୟତରାୟ ଯଦି କିଛି କାର୍ଯ୍ୟକ୍ରମ କରୁଛନ୍ତି ଆଜିର ସମାବେଶ ଆୟୋଜକକାରୀଙ୍କୁ ଡାକୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଏଣୁ ଆୟୋଜକକାରୀମାନେ ମଧ କାଲୁଙ୍କୁ ଡାକି ନ ଥିବା ଜେନା କହିଥିଲେ। ହେଲେ ଏନେଇ ସମାଧାନ କରାଯିବାକୁ ଦଳ ପକ୍ଷରୁ ଚେଷ୍ଟା ଚାଲିଛି ବୋଲି ସେ କହିଥିଲେ।

ସମାବେଶରେ ବରିଷ୍ଠ ନେତା ସୁବାସ ଗନ୍ତାୟତ ନିଜକୁ ଆଶାୟୀ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ହେଲେ ଗନ୍ତାୟତ ଏଭଳି ଘୋଷଣା କରିବାରେ କିଛି ଅସୁବିଧା ନାହିଁ। ଦଳ ଯାହାକୁ ଟିକେଟ ଦେବ ସମସ୍ତେ ମାନି ନେବେ ବୋଲି ଜିଲା ସଭାପତି ଜେନା କହିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଲୁ ଖଣ୍ଡାୟତରାୟ କୁହନ୍ତି, ସେ ଦଳୀୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ବିଜୟ ସଙ୍କଳ୍ପ ସମାବେଶକୁ ସମୟ ଦେଇ ପାରି ନଥିଲେ। ବିଜୟ ସଙ୍କଳ୍ପ ସମାବେଶକୁ ଡକା ଯାଇ ନ ଥିବାର ପ୍ରଶ୍ନରେ କହିଥିଲେ ଏହାର ଉତ୍ତର ଦେଇ ପାରିବେ ନାହିଁ।

କେତେଜଣ କର୍ମକର୍ତ୍ତା, କର୍ମୀଙ୍କ ସୂଚନା ଅନୁସାରେ ଖୋର୍ଦ୍ଧାରେ ଅନୁଷ୍ଠିତ ବିଜୟ ସଙ୍କଳ୍ପ ସମାବେଶକୁ ଦାମୋଦର ରାଉତ ଓ ଅପରାଜିତା ଷଡଙ୍ଗୀ ଆସିବେ ବୋଲି ପ୍ରଚାର ହୋଇଥିଲା। ସଭା ନିର୍ଦ୍ଧାରିତ ସମୟର ଅଧ ଘଣ୍ଟାଏ ପରେ ଆରମ୍ଭ ହୋଇଥିଲା। ଦଶପଲ୍ଲା ବୈଠକ ଶେଷ କରି ସିନେ ତାରକା ଶ୍ରୀତମ ଦାସ, ଦାମୋଦର ରାଉତ ଖୋର୍ଦ୍ଧା ଫେରୁଥିଲେ। ଜଟଣୀରେ ପଦଯାତ୍ରା ଶେଷ କରି ଅପରାଜିତା ଷଡ଼ଙ୍ଗୀ ମଧ ଖୋର୍ଦ୍ଧା ଆସିବାର କାର୍ଯ୍ୟକ୍ରମ ଥିଲା। ତେବେ ଖଣ୍ଡାୟତରାୟଙ୍କ ଅଭିଯୋଗକୁ ରାଜ୍ୟ କାର୍ଯ୍ୟକର୍ତ୍ତା ଗୁରୁତ୍ୱ ଦେଇ ଉଭୟ ନେତାଙ୍କୁ ସମାବେଶକୁ ଯିବାକୁ ବାରଣ କରିଥିଲେ ବୋଲି ଚର୍ଚ୍ଚା ହେଉଛି। ଏପରି କି କୁଆଡେ ଖଣ୍ଡାୟତରାୟ ଅଭିଯୋଗ କରିଥିଲେ ଯେ, ଅପରାଜିତା ଓ ତାଙ୍କୁ ସମାବେଶକୁ ଡକାଯାଇନି, ଯାହାକି ବାହାରକୁ ଭୁଲ ବାର୍ତ୍ତାଯିବ ଓ ଦଳର କ୍ଷତି ହେବ ବୋଲି ସେ ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଜଣାଇଥିବା କୁହାଯାଉଛି।

ଅନ୍ୟପକ୍ଷର ଜ୍ୟୋତିରିନ୍ଦ୍ର ନାଥ ମିତ୍ର ବିଜେଡିରେ ଯୋଗଦେବା ପରେ ନେତୃତ୍ୱ ସଙ୍କଟ ଭାଜପାରେ ଦେଖାଦେଇଛି। ଯଦିଓ ବିଧାୟକ ପ୍ରାର୍ଥୀ ପାଇଁ ଭାଜପାରେ ଏକାଧିକ ଆଶାୟୀ ଅଛନ୍ତି ତେବେ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ କାଲୁ ଖଣ୍ଡାୟତରାୟ ଟିକେଟ ପାଇବା ଲବିରେ ଆଗୁଆ ଥିଲେ। ଜ୍ୟୋତିରିନ୍ଦ୍ର ଦଳ ଛାଡ଼ିବା ପରେ ଖଣ୍ଡାୟତରାୟ ନିଶ୍ଚିତ ଟିକେଟ ପାଉଛନ୍ତି ବୋଲି ପ୍ରଚାର ହେଉଛି। ଏଭଳିସ୍ଥଳେ ବିଜୟ ସଙ୍କଳ୍ପ ସମାବେଶରେ ବରିଷ୍ଠ ନେତା ସୁବାସ ଗନ୍ତାୟତ ନିଜକୁ ଆଶାୟୀ ବିଧାୟକ ପ୍ରାର୍ଥୀ ବୋଲି କହିବା ପରେ ଖଣ୍ଡାୟତରାୟଙ୍କ ପାଇଁ ଅଡୁଆ ବଢ଼ିଛି।




ସମାବେଶରେ ମଞ୍ଚାସୀନ ଭାଜପା ନେତା।

# ବ୍ରାଉନସୁଗାର ଜବତ, ୨ ଗିରଫ

**ଜଟଣୀ,୧୯।୩(ଡି.ଏନ୍.ଏ.)**

ଜଟଣୀ ଥାନା ଅନ୍ତର୍ଗତ ବାଲିଛକ ମୁଣ୍ଡିଆସାହି ଅଞ୍ଚଳରୁ ପୋଲିସ ୧୮ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଅନୁମାନିକ ମୂଲ୍ୟ ୬୦ ହଜାର ହେବ ପୋଲିସ ପକ୍ଷରୁ କୁହାଯାଇଛି ଏହି ଘଟଣାରେ ୨ ଜଣଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ୨ ଜଣ ହେଲେ ମୁଣ୍ଡିଆସାହିର ଶିବୁ ଦାସ ଓ ସୁକାନ୍ତ ଦାସ। ଥାନାରେ ନଂ. ୮୮/୧୯ରେ ମାମଲା ରୁଜୁ ହୋଇଛି।



ଗିରଫ ଦୁଇ ଅଭିଯୁକ୍ତ

- ବଢୁଛି ମାଂସପିଣ୍ଡୁଳା

# ସହାୟତା ନ ମିଳିବାରୁ ଦିଲ୍ଲୀ ଯାଇପାରୁ ନାହାନ୍ତି ମନବୋଧ

**କଟକ ଅଫିସ,୧୯।୩**

ଦିନକୁ ଦିନ ମୁହଁରେ ଥିବା ମାଂସ ପିଣ୍ଡୁଳା ବଢ଼ିବାରେ ଲାଗିଛି। ଏପରିକି ମାଂସ ପିଣ୍ଡୁଳା ବଢି ଛାତିକୁ ଛୁଇଁବା ସଙ୍ଗେ ଡାହାଣ ପଟ ଆଖି ବନ୍ଦ ହୋଇଗଲାଣି। ଗରିବ ଏବଂ ଅର୍ଥ ଅଭାବ ଥିବାରୁ ଭଲ ହସ୍ପିଟାଲରେ ଚିକିତ୍ସା ମଧ କରିପାରୁ ନାହାନ୍ତି। ସେ ହେଉଛନ୍ତି ବଲାଙ୍ଗୀର ଟିଟିଲାଗଡ଼ର ବଳପଦର ଗାଁର ୩୧ ବର୍ଷୀୟ ଯୁବକ ମନବୋଧ। ତାଙ୍କୁ ନ୍ୟୁରୋ ଫାଇବ୍ରୋ ମାରାତ୍ମକ ରୋଗ ହୋଇଥିବା ବେଳେ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ଏହି ଦୁର୍ଦ୍ଦଶା ଅବସ୍ଥାକୁ ଦେଖି ସାମାଜିକ ସଙ୍ଗଠନ ମୈତ୍ରୀ ସଂସଦ ଉଦ୍‌ବେଗ ପ୍ରକାଶ କରିଛି। ମନବୋଧର ଉଚ୍ଚତର ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀର ଏମ୍‌ସକୁ ସ୍ଥାନାନ୍ତର ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଅର୍ଥ ଅଭାବ ଯୋଗୁ ଦିଲ୍ଲୀ ଯାଇପାରୁ ନାହାନ୍ତି ବୋଲି ମୈତ୍ରୀ ସଂସଦର ସଭାପତି ଆଇନଜୀବୀ ଅଜୟ ମହାନ୍ତି କହିଛନ୍ତି।

୨୦୧୮ ଅକ୍ଟୋବର ୯ ତାରିଖରେ ମନବୋଧ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ମାତ୍ର ଏହି ରୋଗର ଚିକିତ୍ସାର ବ୍ୟବସ୍ଥା ଏଠାରେ ନାହିଁ ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ଫଳରେ ମନବୋଧଙ୍କୁ ଦିଲ୍ଲୀସ୍ଥିତ ଏମ୍‌ସକୁ ସ୍ଥାନାନ୍ତର ପାଇଁ ମେଡିକାଲ ବୋର୍ଡ ନିଷ୍ପତ୍ତି ନେଇଥିଲା। ଇତିମଧ୍ୟରେ ୬ ମାସ ବିତିଗଲା ପରେ ମଧ ମନବୋଧ ଦିଲ୍ଲୀ ଯାଇପାରୁ ନାହାନ୍ତି। ମନବୋଧଙ୍କ ଏହି ରୋଗର ଚିକିତ୍ସା ନିମନ୍ତେ ମୈତ୍ରୀ ସଂସଦ ତରଫରୁ ସ୍ମାରକପତ୍ର ମାଧମରେ ଦିଲ୍ଲୀ ଏମ୍‌ସକୁ ପଠାଇବା ପାଇଁ ଜିଲା ପ୍ରଶାସନ, ରାଜ୍ୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏପରିକି ମୈତ୍ରୀ ସଂସଦ ପକ୍ଷରୁ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ରୋଗୀ ମନବୋଧ ସମ୍ବନ୍ଧରେ ଜଣାଯାଇଛି। ମାତ୍ର ମନବୋଧଙ୍କ ପାଇଁ କୌଣସି ସହାୟତା ମିଳୁ ନ ଥିବା ମହାନ୍ତି କହିଛନ୍ତି। ମନବୋଧଙ୍କ ଏଭଳି ଅବସ୍ଥା ସମ୍ପର୍କରେ ସଂସଦ ପକ୍ଷରୁ ପୁନର୍ବାର ଜିଲା ପ୍ରଶାସନ, ଏସ୍‌ସିବି ପ୍ରଶାସନ ଓ ସରକାରଙ୍କୁ ସ୍ମାରକପତ୍ର ଦିଆଯାଇଛି।

- ବେଦାନ୍ତରେ ଆନ୍ଦୋଳନବେଳେ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ପ୍ଲାଣ୍ଟ ମ୍ୟାନେଜରଙ୍କ ଗିରଫ ଦାବି

**ଭୁବନେଶ୍ୱର,୧୯।୩ (ବ୍ୟୁରୋ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନା ପ୍ଲାଣ୍ଟ ସମ୍ମୁଖରେ ବିସ୍ଥାପିତଙ୍କ ଆନ୍ଦୋଳନବେଳେ ସୋମବାର କମ୍ପାନୀରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ଆକ୍ରମଣରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କମ୍ପାନୀ ବିରୋଧରେ ମାମଲା ରୁଜୁ ସହ ମ୍ୟାନେଜରଙ୍କ ଗିରଫ ଦାବି କରିଛନ୍ତି ଲୋକ ଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସମାନ୍ତରା ଓ ସାମାଜିକ କର୍ମୀ ମାନସ ପଟ୍ଟନାୟକ। ମଙ୍ଗଳବାର ଭୁବନେଶ୍ୱରର ଲୋହିଆ ଏକାଡେମୀରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେମାନେ ଏହି ଦୁଃଖ ଘଟଣା ପାଇଁ କମ୍ପାନୀର ଔଦ୍ଧତ୍ୟ ଓ ସରକାରଙ୍କ କମ୍ପାନୀ ପ୍ରୀତିକୁ ଦାୟୀ କରିଛନ୍ତି। ପୋଲିସ ପ୍ରଶାସନ ସର୍ବଦା କମ୍ପାନୀ ପାଇଁ ସାଧାରଣ ଆଦିବାସୀଙ୍କ ଉପରେ ଦମନଲୀଳା ଚଳାଇଛନ୍ତି। ନିଜର ଜୀବିକା ଓ ଥଇଥାନ ଦାବିକରି ଆସୁଥିବା ନିରୀହ ବିସ୍ଥାପିତ ଗ୍ରାମବାସୀ ଓ ଦୋକାନୀଙ୍କ ପାଟି ଚୁପ୍ ପାଇଁ କମ୍ପାନୀ ସୁରକ୍ଷା କର୍ମୀଙ୍କୁ ଲଗାଇ ଏପରି ହିଂସା ଘଟାଇଛନ୍ତି। ରେଙ୍ଗୋପାଲି ସମେତ ୩ଟି ଗାଁର ବିସ୍ଥାପିତ ପରିବାରଗୁଡିକର ନିଯୁକ୍ତି ଦାବି ଯଥାର୍ଥ। କିନ୍ତୁ ସେମାନଙ୍କୁ ନ୍ୟାୟୋଚିତ କ୍ଷତିପୂରଣ ଓ ଥଇଥାନ କରିବାକୁ ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷ ପ୍ରସ୍ତୁତ ନୁହନ୍ତି। ଅନ୍ୟପକ୍ଷରେ ନିୟମଗିରିରେ ଖଣି ଖନନ ବନ୍ଦ ହେବା ପରେ ବେଦାନ୍ତ ହଟିଯିବାକୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ନିୟମଗିରିର ଓ ଅଞ୍ଚଳବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ବେଦାନ୍ତ ତା'ର ପ୍ଲାଣ୍ଟକୁ ଅନ୍ୟତ୍ର ଉଠାଇନେବା ଏକାନ୍ତ ଜରୁରୀ।


ଧରିତ୍ରୀ DHARITRI **CAREER APPOINTMENT** every Wednesday & Saturday

**REQUIRED**
- Banking Asst.( Field) - 2 Nos.
- Civil Supervisor- 1 No
- Purchase Executive- 1 No

Salary 8000/-+ fuel
Mail your C.V :
careersgarggroup@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**WANTED**
COMPUTER OPERATOR FOR BHUBANESWAR BASED SHOP.
Qualification- +2 with Tally. And Knowledge in Accounts.
CONTACT - WHATSAPP :- 7978646669
CALL-7894430954

**DOMINOS PIZZA HIRING**
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass Driving License Must.
CALL: 9040033665

**REQUIRED**
STAFF WITH COMPUTER KNOWLEDGE for Packing, Embossing and Stickering works at Bhubaneswar, Berhampur, Rourkela, Sambalpur, Balasore, Jajpur.
Contact : 9348195700
Email: btisteels@gmail.com

**WANTED**
ଭୁବନେଶ୍ୱରରେ ଥିବା ଏକ ଲଣ୍ଡ୍ରୀ Workshopପାଇଁ ପିକ୍ ଅପ୍ ଡେଲିଭରୀ ପିଲା, ଇସ୍ତ୍ରୀ କରିବାପାଇଁ କାରିଗର ଓ ଥାକ ସଜାଡିବା ପାଇଁ ପୁଅ କିମ୍ବା ଝିଅ ପିଲା ଆବଶ୍ୟକ।
Contact : 9238356740
Versa care, Rabi Talkies, BBSR

**MNC କମ୍ପାନୀରେ ଚାକିରୀ**
VACANCY- 10 (Male) & 7 (Female)
No Registration Fee / No Experience
ଯୋଗ୍ୟତା-10th/+2/+3. Age Below 30 yrs
Monthly : 8000-10000 ଓ ରହିବା ସୁବିଧା
ଆସନ୍ତା ୫ଦିନ ମଧରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335

**WANTED**
- TALLY ACCOUNTANT
- SAP Data Entry Operator
- House Keeping staff
- Transport Asst.
- Driver

Salary with ESI
Office: Hanspal, Rudrapur, BBSR
Email: e4consulting@gmail.com

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. Monthly salary upto Rs.25000/-.
Contact Immediately
Mob: 8763257042

**VACANCY 22 FOR 10TH & +2 CANDIDATES**
Direct job / No Charges, ବୟସ ସୀମା ୧୮ରୁ ୨୮ ବର୍ଷ,ମାସିକ ଆୟ Rs.7000 to Rs.10000/- ସହ ରହିବା ସୁବିଧା ଅଛି।
Contact Immediately For Joining.
MICRO EXPANSION, N/6-315, Jaydev Vihar, Bhubaneswar,
Mob : 9040255491

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ। ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

ଭୁବନେଶ୍ୱର କଣ୍ଟାବାଡ଼ଠାରେ ସିକ୍ୟୁରିଟି ଗାର୍ଡ ଚାକିରି ପାଇଁ ପୁରୁଷ ପ୍ରାର୍ଥୀ ଆବଶ୍ୟକ। ଦରମା- 7500-8000, ଡ୍ୟୁଟି-12 ଘଣ୍ଟା।
ଫ୍ୟୁଚର୍ ଗ୍ରୁପ୍ ଅଫ୍ କମ୍ପାନୀ।
ଯୋଗାଯୋଗ ନଂ. 9002223933 9733008295

**ଲୋୟାଲ୍ ଟେକ୍ସଟାଇଲ୍ ମିଲ୍ସ ଲିଃ**
21/4 ମିଲ୍ ଷ୍ଟ୍ରିଟ୍, କୋଭିଲପାଟି-628501 (ତାମିଲନାଡୁ)
**ଆବଶ୍ୟକ**
ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଆଇଏମ୍ଏସ୍ ପ୍ରମାଣଧାରୀ ତଥା ବାର୍ଷିକ ଟ.1400 କୋଟିର ବିଶ୍ୱବ୍ୟାପୀ କାରବାରଧାରୀ ଭର୍ଟିକାଲି ଇଣ୍ଟିଗ୍ରେଟେଡ୍ ଫୋର୍ ଷ୍ଟାର୍ ଏକ୍ସପୋର୍ଟ ହାଉସ୍ ଏହାର କୋଭିଲପାଟି, ତାମିଲନାଡୁସ୍ଥିତ ୟୁନିଟ୍ ପାଇଁ ନିମ୍ନଲିଖିତ ପ୍ରାର୍ଥୀ ଆବଶ୍ୟକ କରୁଛି।
**ନିଯୁକ୍ତି ଅଧିକାରୀ / ମ୍ୟାନ୍‌ପାୱାର୍ ମୋବିଲାଇଜର୍**
ଡିଗ୍ରୀ ସହିତ ସ୍ପିନିଂ, ୱିଭିଂ ଏବଂ ଗାର୍ମେଣ୍ଟ କାରଖାନା ନିମନ୍ତେ ଅଣକୁଶଳୀ କର୍ମଚାରୀ ନିଯୁକ୍ତି (ପୁରୁଷ/ମହିଳା)ରେ ଶ୍ରମବଳ କ୍ଷେତ୍ରରେ 5-7 ବର୍ଷର ଅଭିଜ୍ଞତା। ମନୋନୀତ ପ୍ରାର୍ଥୀ ନିଜସ୍ୱ ସହରରୁ କାମ କରିବେ। ପଦବୀରେ ଆକର୍ଷଣୀୟ ବେତନ ଏବଂ କାର୍ଯ୍ୟ ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ରାଶି ରହିଛି। ଉପଯୁକ୍ତ ପ୍ରାର୍ଥୀମାନେ ସେମାନଙ୍କ ରିଜ୍ୟୁମ୍ ତଥା ପାସ୍‌ପୋର୍ଟ ଆକାରର ଫଟୋଗ୍ରାଫ୍ 10 ଦିନ ମଧରେ ନିମ୍ନଲିଖିତ ଠିକଣାରେ ପଠାଇପାରନ୍ତି।
ଭାଇସ୍ ପ୍ରେସିଡେଣ୍ଟ - ୱାର୍କସ୍, ଲୋୟାଲ୍ ଟେକ୍ସଟାଇଲ୍ ମିଲ୍ସ ଲିଃ, 21/4, ମିଲ୍ ଷ୍ଟ୍ରିଟ୍, କୋଭିଲପାଟି - 628501 (ତାମିଲନାଡୁ)।
ଇମେଲ୍: hr@loyaltextiles.com, ଫୋନ୍: 6379226900, 9442530210

**REQUIRED**
(1) MBA with A/c knowledge-2
(2) Commerce Degree with Computer knowledge-3
(3) Marketing Executives-2
(4) Plastic Manufacturing Technician-1
(5) I.T with Social Media knowledge-1
(6) Maid Servant Female/Male above (30) Thirty years.
Please contact with Bio-data
M/S PADMA SALES, Ganeswarpur, Januganj, Balasore-756019.
M: 9437297718 (Ajay) 9338060650 (Dibas)
Mail: puspak_roadway@rediffmail.com pallavi_syndicate@rediffmail.com

ଧରିତ୍ରୀ DHARITRI
**ଆବଶ୍ୟକ କରୁଛି**
**ମେଶିନ ଅପରେଟର**
ଯୋଗ୍ୟତା: ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବା ସହ ଆଇଟିଆଇ ଶିକ୍ଷା ହାସଲ କରିଥିବେ। ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନାରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଏବଂ କମ୍ ୱେଷ୍ଟେଜ୍ ଉପରେ ପ୍ରାଧାନ୍ୟ ଦିଆଯିବ।
**ମେଶିନ ସହଯୋଗୀ**
ଯୋଗ୍ୟତା: ଅନ୍ୟୂନ ୧୦ମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ୱେବ୍ ଅଫ୍‌ସେଟ ମେଶିନରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ବି.ଦ୍ର.: ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି, ତାହାର ନାମ ଦରଖାସ୍ତ ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

**RAJDHANI Pvt. I.T.I Group of Institutions**
(Affiliated to N.C.V.T & S.C.T.E & V.T, Govt. of Odisha)
BBSR Campus: Plot: 137, District Centre, Chandrasekharpur, Bhubaneswar-751016.
CUTTACK Campus: Plot: 81, Patapur, Brahmanigaon, Trisulia, Cuttack-754005.
KHORDA Campus: Plot:180, At/Po: Daleiput, Khurda.
Contact: 7749836754, 9338822999, 9040009990. Email: rajdhaniitc06@gmail.com
**WALK-IN INTERVIEW**

| POST | EXPERIENCE | QUALIFICATION |
|---|---|---|
| T.O (Electrician-4 Nos. / Fitter-4 Nos.) | Minimum 3 yrs in respective post & CTI trained preferred. | Diploma (Mech./Elect.) |
| A.T.O (Elect.- 8 Nos. & Fitter- 8 Nos.) | Minimum 2 yrs for Diploma/ 3 years ITI in respective post with Knowledge in Engg. Drawing (More Preference to CTI certified). | Diploma/ ITI (Elect./Fitter) |
| A.T.O (IT)- 3Nos. | Minimum 3 Years in respective Post (Freshers can also apply) | BCA / BSc. Comp. Sc. / COPA/ DOEACC O Level. |
| A.T.O Employability Skill)-cum-Office - 3 nos. | 3 Years Teaching Experience with proficient Computer Knowledge | BBA with DOEACC A Level. |
| Accountant-2 Nos. | Minimum 5 yrs experience in the respective field | B. Com with tally |
| Supporting Staff Peon- 4 nos. Cook- 4nos. Sweeper- 4Nos. | Minimum 3 yrs experience in respective post (Most preferred for Cook with Peon) | Matriculation / Under Matric |

**Above Posts are for CUTTACK, BHUBANESWAR & KHORDA Campus.**
Walk-in Interview with your complete bio-data with original certificates, Experience , Aadhar Copy, Recent Photograph etc. for verification from Dt.21.03.2019 to Dt.28.03.2019 from 11a.m to 2p.m except Sunday & Govt. Holidays at Rajdhani Pvt. I.T.I, Plot No.- 137, District Centre, Chandrasekharpur, Bhubaneswar-751016.
Sd/-Secretary

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଯେଉଁ ଲୋକ ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କରିଦେଇ ପାରେ।
-ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ମାରି ଅସଦାଚରଣ, ଜେଲ ଗଲେ ଭଡ଼ାଟିଆ

ଭୁବନେଶ୍ୱର, ୧୯।୩(ବ୍ୟୁରୋ): ଶହୀଦନଗର ଥାନା ଅଞ୍ଚଳରେ ଘର ଭଡାରେ ଦେଇଥିବା ଜଣେ ମହିଳାଙ୍କୁ ମାଡମାରି ଅସଦାଚରଣ କରିଥିବା ଭଡାଟିଆଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଗିରଫ ଜଣଙ୍କ ହେଲେ ଝାଡ଼ଖଣ୍ଡର ଜଗଦୀଶ ସିଂ ଅଗ୍ରୱାଲ। ସୂଚନାମୁତାବକ ଜଗଦୀଶ ଦୟଦେବ ବିହାର ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଘର ମାଲିକ ମହିଳାଙ୍କ ସହ କିଛିଦିନ ହେବ ଝଗଡ଼ା ଚାଲିଥିଲା। ସୋମବାର ମଧ୍ୟାହ୍ନରେ ମହିଳାଙ୍କ ସହ କୌଣସି କାରଣକୁ ନେଇ ବଚସା ବଢ଼ି ଝଗଡା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଗଦୀଶ ମହିଳାଙ୍କୁ ମାଡ ମାରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମହିଳା ଜଣକ ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୩୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ମଙ୍ଗଳବାର ଅଭିଯୁକ୍ତ ଜଗଦୀଶଙ୍କୁ ପୋଲିସ ଗିରଫ କରିବା ସହ ପଚରା ଉଚରା ପରେ କୋର୍ଟ ଚାଲାଣ କରିଛି। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

### ଚୋରି ମୋବାଇଲ, ଟଙ୍କା ଜବତ, ଜଣେ ଗିରଫ

ଭୁବନେଶ୍ୱର,୧୯।୩(ବ୍ୟୁରୋ)-ଜିଆରପି ଥାନା ଅଧୀନ ରେଲୱେ ଷ୍ଟେଶନ ଦ୍ୱିତୀୟ ଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟ ଭିତରୁ ଚୋରି ହୋଇଥିବା ଟଙ୍କା, ମୋବାଇଲକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବ୍ରହ୍ମପୁର ହରିଡାଖଣ୍ଡି ଅଞ୍ଚଳର ଲକ୍ଷ୍ମୀଧର ଦାସ(୪୨)। ସୂଚନା ମୁତାବକ ଚନ୍ଦ୍ରଶେଖରପୁର ଅଞ୍ଚଳର ନୃସିଂହ ବିଶୋଇ ସୋମବାର ରାତିରେ ଭୁବନେଶ୍ୱର ରେଲୱେ ଷ୍ଟେଶନର ଦ୍ୱିତୀୟ ଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟରେ ହାୱଡା ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କ ବ୍ୟାଗରେ ଥିବା ୯ହଜାର ଟଙ୍କା, ମୋବାଇଲ ସହ ଜରୁରୀ କାଗଜ ପତ୍ର ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ନୃସିଂହ ଜିଆରପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଥିଲା।

### ୭ ବୋତଲ ବିୟର ପାଇଁ ୨୪ ଘଣ୍ଟା ଅଟକ

ପୁରୁଣା ଭୁବନେଶ୍ୱର,୧୯।୩(ଡି.ଏନ.ଏ.): ଗଙ୍ଗନଗର ଛକରୁ ଏକ ବାଇକ୍ ଯୋଗେ ସୋମବାର ସନ୍ଧ୍ୟାରେ ଦୁଇଜଣ ଶ୍ରମିକ ସୁନ୍ଦରପଦାକୁ ସାତଟି ବିୟର ଧରି ଯାଉଥିଲେ। ଏୟାରପୋର୍ଟ ମଡେଲ ଥାନା ସମ୍ମୁଖରେ ପିସିଆର ଭ୍ୟାନ ତାଙ୍କୁ ଅଟକାଇବା ସହ ୫୦୦ ଟଙ୍କା ଫାଇନ କାଟିବାକୁ କହିଥିଲା। ମାତ୍ର ପରେ ଦୁଇଜଣ ଶ୍ରମିକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ବିଳମ୍ବିତ ରାତିରେ ଜଣେ ଶ୍ରମିକକୁ ଛାଡି ଦେଇଥିବା ବେଳେ ନୟାଗଡ ସାନକଣ୍ଟେଶ୍ୱର ଅଞ୍ଚଳର କାର୍ତ୍ତିକ ଖଟୁଆଙ୍କୁ ଅଟକ ରଖିଥିଲା। ମଙ୍ଗଳବାର ଦିନତମାମ କାର୍ତ୍ତିକଙ୍କୁ ପୋଲିସ ଥାନାରେ ରଖିବା ପରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିଲା। ଜଣକୁ ଛାଡିଦେବା ଏବଂ ଅନ୍ୟଜଣଙ୍କୁ ଗିରଫ କରିବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କୁହନ୍ତି, ନିର୍ବାଚନ ଲାଗି ଆଚରଣ ବିଧି ଲାଗୁ ହେବା ଯୋଗୁ ସନ୍ଦେହରେ ତାଙ୍କୁ ଗିରଫ କରାଯାଇଥିବା ସେ କହିଥିଲେ।

■ ଡ୍ରେନ୍ କାମ ବେଳେ ପାଚେରି ଭୁଶୁଡ଼ିବା ଘଟଣା

# ଠିକାଦାରଙ୍କୁ ଖସାଇବାକୁ ପୋଲିସର ଉଦ୍ୟମ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ଶ୍ରମିକଙ୍କ ଜୀବନ ସହ ଖେଳୁଛନ୍ତି ଠିକାସଂସ୍ଥା। ଶ୍ରମିକମାନଙ୍କୁ ଅସୁରକ୍ଷିତ ଭାବେ କାମ କରାଉଛନ୍ତି। ଅଘଟଣ ଘଟିଲେ ନା ସେମାନଙ୍କ ଚିକିତ୍ସା ଦାୟିତ୍ୱ ବୁଝୁଛନ୍ତି ନା କ୍ଷତିପୂରଣ ଦେଉଛନ୍ତି। ବରଂ ପୋଲିସର ପକେଟ ଗରମ କରି ମାମଲାକୁ ଚାପି ଦେଉଛନ୍ତି। ଖଣ୍ଡଗିରି ଥାନା ଅଧୀନ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଡ୍ରେନ କାମ ବେଳେ ଗତ ସୋମବାର ଅପରାହ୍ନରେ ପାଚେରି ଭୁଶୁଡି ୪ ଶ୍ରମିକ ଆହତ ହୋଇଥିଲେ। ଏପରିକି ୨ଜଣ ଅତି ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ହେଲେ ସେମାନଙ୍କ ପ୍ରତି ଠିକା ସଂସ୍ଥାର ଦରଦ ନାହିଁ। ପାଚେରି ପଡ଼ି ଆହତ ହୋଇଥିବା ଦିବାକର ସେଠୀ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଘରେ ଚୁଲି ଜଳିନି। ପରିବାରରେ ସେ ଏକା ରୋଜଗାରିଆ ହୋଇଥିବାରୁ ମେଡିକାଲରେ ପଡିଥିବାରୁ ପରିବାର ଲୋକଙ୍କ ପାଖରେ ଖାଇବାକୁ ଅର୍ଥ ନାହିଁ। ସେହିପରି ଆହତ ହୋଇଥିବା ଅହଲ୍ୟା ବେହେରାଙ୍କ ପରିବାରର ସମାନ ଅବସ୍ଥା। ସ୍ତ୍ରୀ ଅହଲ୍ୟା ଆହତ ହୋଇଥିବାରୁ ସ୍ୱାମୀ ଶଙ୍କର ବେହେରା କାମକୁ ଯାଇପାରି ନାହାନ୍ତି। ଏହି ଶ୍ରମିକମାନଙ୍କର କୌଣସି ଲେବର କାର୍ଡ କିମ୍ବା ସ୍ୱାସ୍ଥ୍ୟ ବୀମା ନାହିଁ। କିନ୍ତୁ ଏଭଳି ସ୍ଥଳେ କିଭଳି ଠିକା ସଂସ୍ଥା ତାଙ୍କୁ ଆଣି କାମ କରାଉଥିଲେ ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନି



ଡ୍ରେନ କାମ ବେଳେ ଭୁଶୁଡି ପଡିଥିବା ପାଚେରି।

ଅନ୍ୟପଟେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିଲେ ମଧ୍ୟ ଠିକାଦାର କିଭଳି କାମ କରୁଥିଲେ ତାହା ସନ୍ଦେହ ସୃଷ୍ଟି କରୁଛି। ଯେଉଁ ସ୍ଥାନରେ ଲୋକେ ଡ୍ରେନ ଖୋଲିବା କଷ୍ଟକର ସେଠାରେ ଡ୍ରେନ ଭିତରେ ଶ୍ରମିକଙ୍କୁ ପୂରାଇ ଜେସିବି ଦ୍ୱାରା କ'ଣ ପାଇଁ ଖୋଳା ଯାଉଥିଲା। ତେଣୁ ଉକ୍ତ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ଲୋକେ। ଏନେଇ ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ଆମେ ଠିକାସଂସ୍ଥା ନାମରେ ମାମଲା ରୁଜୁ କରିନାହୁଁ। ଶ୍ରମିକମାନେ ଗରିବ ଶ୍ରେଣୀର ହୋଇଥିବାରୁ ସେମାନେ ଅଭିଯୋଗ କରିବାକୁ ଆସିନାହାନ୍ତି। ହସ୍ପିଟାଲରୁ ଚିକିତ୍ସିତ ହୋଇ ଆସିବା ପରେ ଅଭିଯୋଗ କରିପାରନ୍ତି ବୋଲି ସେ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଏତେ ବଡ଼ ଘଟଣା ଘଟିଯାଇଥିଲେ ମଧ୍ୟ ଥାନା ଅଧିକାରୀ ଘଟଣାକୁ କିଭଳି ହାଲୁକା ଭାବେ ନେଉଛନ୍ତି। କ'ଣ ଶ୍ରମିକଙ୍କ ଜୀବନ ଯାଇଥିଲେ ପୋଲିସର ଚେତା ପଶିଥାନ୍ତା ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ପୋଲିସ ଚାହିଁଲେ ନିଜ ଆଡୁ ମାମଲା ରୁଜୁ କରି ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। କିନ୍ତୁ ପୋଲିସ ତାହା ନ କରି ଅଭିଯୋଗ କିଏ କରିବ ତାହାକୁ ଚାହିଁ ବସିଛି।କଳିଙ୍ଗ ସେନାର ମୁଖ୍ୟ ହେମନ୍ତ ରଥ କହିଛନ୍ତି,ଏନେଇ ଆମେ ଆଗାମୀ ଦିନରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବୁ। ଯଦି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଏ ତେବେ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ନିକଟ ପ୍ଲଟ୍ ନଂ-ବି/୧୦୮ ଘରର ପାଚେରି କଡରେ ବିଏମ୍‌ସିର ଡ୍ରେନ କାମ ଚାଲିଥିଲା। ସୋମବାର ଉକ୍ତ ଡ୍ରେନରେ ୧୦ ଜଣ ଶ୍ରମିକ କାମ କରୁଥିଲେ। ହେଲେ ସ୍ଥାନଟି ଅଣଓସାରିଆ ହୋଇଥିବାରୁ ଜେସିବି ଦ୍ୱାରା ମାଟି ଖୋଳିବା ସମୟରେ ପାଚେରି ଭୁଶୁଡି ପଡିଥିଲା। ଫଳରେ ଡ୍ରେନ ଭିତରେ କାମ କରୁଥିବା ୪ ଶ୍ରମିକଙ୍କ ଉପରେ ପାଚେରି ଭୁଶୁଡ଼ି ପଡିଥିଲା।

# ଶ୍ରୀଲିଙ୍ଗରାଜଙ୍କ ଫଳକ ଉଠାଇ ଜବରଦଖଲ କଲେ

ପୁରୁଣା ଭୁବନେଶ୍ୱର, ୧୯।୩(ଡି.ଏନ.ଏ.)

ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ଉପରୁ ବିଭିନ୍ନ ଚେଷ୍ଟା ସତ୍ତ୍ୱେ ଜବରଦଖଲକାରୀ ହଟୁ ନାହାନ୍ତି। ବରଂ ଶେଷ ପର୍ଯ୍ୟନ୍ତ ପ୍ରଶାସନ ସହ ସଲାସୁତରା ହୋଇ ଜମି ହାତେଇବାକୁ ଚେଷ୍ଟା କରୁଛନ୍ତି। ଇତିମଧ୍ୟରେ ଦୁଇଟି ଜାଗାରୁ ଠାକୁରଙ୍କ ସମ୍ପତ୍ତି ଜବରଦଖଲ ମୁକ୍ତ କରାଯାଇଛି। ଘଟଣାର ଦିନ କେଇଟା ପରେ ଏବେ ମନ୍ଦିର ପ୍ରଶାସନ ନୀରବ ରହିଯାଇଛି। ଜବରଦଖଲକାରୀ ବିଭିନ୍ନ ସ୍ଥାନରେ ଥିବା ଠାକୁରଙ୍କ ସମ୍ପତ୍ତି ଉପରୁ ଫଳକ ଉଠାଇ ଫୋପାଡି ଦେଇ ସେହି ଜାଗାରେ ଗୃହ ତୋଳୁଥିବା ଦେଖିବାକୁ ମିଳିଛି। ସାମନ୍ତରାପୁର, ବଉଳଗଡ ଛକ, ଶ୍ରୀରାମନଗର, ମହତାବ ରୋଡ ନାରାୟଣୀ କ୍ଲବ ନିକଟ ଆଦି ଜାଗାରେ ଏହି ସମସ୍ୟା ଦେଖିବାକୁ ମିଳିଛି। ଏ ନେଇ ଟ୍ରଷ୍ଟ ବୋର୍ଡ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ ବିଭିନ୍ନ ସ୍ଥାନରେ ଜବରଦଖଲକାରୀଙ୍କୁ ନୋଟିସ୍ କରାଯାଇଛି। ଦେବୋତ୍ତର କମିଶନର ଏଥିପ୍ରତି ଅବଗତ ଅଛନ୍ତି। ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ମନ୍ଦିର ଅମିନ, ଆରଆଇ ଘଟଣାସ୍ଥଳରେ ପହଞ୍ଚି ମାପଚୁପ କରିବା ସହ ଠାକୁରଙ୍କ ଫଳକ ଲଗାଯିବ।

■କାନନ୍‌ବିହାର ଅଞ୍ଚଳରେ ଦୁର୍ବୃତ୍ତଙ୍କ ଆତଙ୍କ

# ଥଣ୍ଡା ବୋତଲ ପକାଇ ୨୦ କାର୍ କାଚ ଭାଙ୍ଗିଲେ







ବୋତଲ ମାଡରେ ଭାଙ୍ଗିଯାଇଥିବା ଦୁଇଟି କାରର କାଚ।

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ କାନନବିହାର ଫେଜ୍-୨ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେମାନେ ଲୁଟ୍, ଡକାୟତି, ଛିନ୍‌ତାଇ ଭଳି ବିଭିନ୍ନ ଅପରାଧ ଘଟାଇବା ସହ ଆତଙ୍କ ଖେଳାଉଛନ୍ତି। ସୋମବାର ମଧ୍ୟାହ୍ନରେ ଏହି ଦୁର୍ବୃତ୍ତମାନେ ପୁଣି ଉକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। କଲୋନୀରେ ପାର୍କିଂ ହୋଇଥିବା ପ୍ରାୟ ୨୦ କାର୍ ଉପରକୁ ଥଣ୍ଡା ଓ ମଦ ବୋତଲ ପକାଇ କାଚ ଭାଙ୍ଗି ଦେଇଛନ୍ତି। ଏନେଇ କ୍ଷତିଗ୍ରସ୍ତ କାର୍‌ଗୁଡିକର ମାଲିକ ବି.ଏନ୍ ମହାରଣା, ସନ୍ଦିପ ପଟ୍ଟନାୟକ, ଅଭିଶେଷ ମହାରଣା ପ୍ରମୁଖ ଇନ୍‌ଫୋସିଟି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରିଥିଲେ ମଧ୍ୟ କାହାକୁ ଗିରଫ କରିପାରିନାହିଁ।

ସୂଚନା ଅନୁଯାୟୀ, ପଟିଆ ଅଞ୍ଚଳରେ ଯାତ୍ରା ହେଉଥିବାରୁ ଅସାମାଜିକ ଯୁବକ ସେଠାକୁ ଆସୁଛନ୍ତି। ସେମାନେ ନିଶା ଖାଇ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଉକ୍ତ କଲୋନୀକୁ ଆସିଥିଲେ। ସେମାନେ କଲୋନୀରେ ପଡିଥିବା ମଦ ବୋତଲ ଓ ଥଣ୍ଡା ବୋତଲକୁ ଗୋଟାଇ ପାର୍କିଂ ହୋଇଥିବା କାରର କାଚ ଉପରକୁ ଫିଙ୍ଗି ଆତଙ୍କ ଖେଳାଇଥିଲେ ବୋଲି କଲୋନୀବାସୀ କହିଛନ୍ତି।

■ ମଦଦୋକାନ ଉଚ୍ଛେଦ ପାଇଁ ଦାବି ଜୋର ଧରିଲା

# ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ଡମଣା ଗ୍ରାମବାସୀ

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଡମଣା ଗ୍ରାମର ପ୍ରବେଶପଥରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଏକ ମଦ ଦୋକାନ ଖୋଲିଛି। ମଦ ଦୋକାନ ନିକଟରେ ତିନୋଟି ବ୍ୟାଙ୍କ୍, ଦୁଇଟି ସ୍କୁଲ ସହ ଗୋଟିଏ ମନ୍ଦିର ରହିଛି। ମଦ ଦୋକାନ ପାଇଁ ସ୍ଥାନୀୟ ଅଞ୍ଚଳରେ ନାନା ବିଶୃଙ୍ଖଳା ଘଟୁଛି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସାମାଜିକଙ୍କ ଆଡ୍ଡା ଜମୁଛି। ଗ୍ରାମର କେହି ଯୁବତୀ ଓ ମହିଳା ସେହି ରାସ୍ତାଦେଇ ଗଲେ ମଦ୍ୟପମାନେ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଫଳରେ ଗ୍ରାମର ବୁଦ୍ଧିଜୀବୀ, ଝିଅବୋହୂ ଓ ଛାତ୍ରୀଛାତ୍ର ନିଜକୁ ଅସୁରକ୍ଷିତ ମଣିବା ସହ ଭୟରେ ଯିବାଆସିବା କରୁଛନ୍ତି। ଜନ ବସତିରେ ମଦ ଦୋକାନ ଖୋଲିବାର ନିୟମ ନ ଥିବାବେଳେ କିଏ ସେଠାରେ ଅନୁମତି ଦେଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ପୋଲିସ ଡିଜି ଓ ଭୁବନେଶ୍ୱର ଡିସିପିଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ମଦ ଦୋକାନକୁ ଉଠାଇ ନେବାକୁ ଦାବି କରିଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଇନକୁ ହାତକୁ ନେବା ସହ ନିର୍ବାଚନା ବର୍ଜନ କରିବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ମଦ ଦୋକାନଟି ପୂର୍ବରୁ ଡମଣା ହାଟ ନିକଟରେ ଥିଲା। ହଠାତ୍ ତାହାକୁ ଡମଣା ଗାଁ ନିକଟକୁ ଉଠାଇ ନିଆଯାଇଥିବାରୁ ତୀବ୍ର ବିରୋଧ ଆରମ୍ଭ ହୋଇଛି।

### ଇନ୍ଦ୍ରଧନୁ ମାର୍କେଟରୁ ବିପୁଳ ନକଲି ଜର୍ଦ୍ଦା ଜବତ

ଜଣେ ଗିରଫ

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ରାଜଧାନୀରେ ବିକ୍ରି ହେଉଛି ନକଲି ପାନ ମସଲା। ବ୍ରାଣ୍ଡେଡ୍ କମ୍ପାନୀର ଲୋଗୋ ଓ ଜରି ବ୍ୟବହାର କରାଯାଉଥିବାରୁ ସହଜରେ ଜଣାପଡୁନି। ଏହା ନଜରକୁ ଆସିବା ପରେ ଏକ ଜର୍ଦ୍ଦା କମ୍ପାନୀ ଶ୍ରୀ ଫ୍ଲେଭର୍ସ ଏଲ୍‌ଏଲ୍‌ପିର ସର୍ଭିଲାନ୍ସ ସୁପରଭାଇଜର ପ୍ରମୋଦ କୁମାର ପୃଷ୍ଟି ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ପୋଲିସ ଟିମ୍ ଇନ୍ଦ୍ରଧନୁ ମାର୍କେଟରେ ଚଢ଼ାଉ କରି କେତେକ ଦୋକାନ ଯାଞ୍ଚ କରିଥିଲା। ତେବେ ଏକ ଦୋକାନରୁ ବହୁ ପରିମାଣର ନକଲି ଜର୍ଦ୍ଦା ମିଳିଥିଲା। ପୋଲିସ ତାହାକୁ ଜବତ କରିବା ସହ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନାଞ୍ଚଳର ସୁଧୀର କୁମାର ମହାପାତ୍ର (୨୪)। ଏହି ଘଟଣାରେ ପୋଲିସ ମାମଲା (୧୪୭/୧୯) ରୁଜୁ କରି ତଦନ୍ତ ଚଳାଇଛି। ନକଲି ଜର୍ଦ୍ଦା କେଉଁଠୁ ଆଣୁଥିଲେ, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏହି ବେଆଇନ କାରବାରର ଚେର କେଉଁଠିକୁ ଲମ୍ବିଛି ତାହା ଜାଣିବାକୁ ପୋଲିସ ଅଧିକ ଖୋଳତାଡ କରୁଛି। ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି।

# ଘରଘର ବୁଲି ଭୋଗ ଖାଇଲେ ଠାକୁର

ବାରଙ୍ଗ,୧୯।୩(ଡି.ଏନ୍.ଏ.)

ମେଳନ ଉତ୍ସବ

ରାଜଧାନୀ ଉପକଣ୍ଠ ରଘୁନାଥପୁର ଗ୍ରାମରେ ଆଜି ପୁରୁଣା ପ୍ରଥା ଓ ପରମ୍ପରା ବଞ୍ଚିରହିଥିବାର ଦେଖିବାକୁ ମିଳିଛି। ଗ୍ରାମର ପରମ୍ପରା ଅନୁଯାୟୀ ଦିନରାତି ଗ୍ରାମରେ ଦୋଳ ମେଳନ ହୋଇଯାଇଛି। ଏହି ମେଳନରେ ଠାକୁର ଦଧିବାମନ, ମୁକ୍ତେଶ୍ୱର ଦୁଇଟି ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରିଛନ୍ତି। ପାରମ୍ପରିକ ଓ ଆଧୁନିକ ବାଦ୍ୟର ତାଳେତାଳେ ଯୁବକମାନଙ୍କ ନୃତ୍ୟକୁ ମେଳନ ଉତ୍ସବ ଅଧିକ ମନୋରମ କରିଥିଲା। ବିଳମ୍ବିତ ରାତିରୁ ଗ୍ରାମମୁଣ୍ଡ ମଠରୁ ଠାକୁର ଦଧିବାମନ ଓ ମୁକ୍ତେଶ୍ୱର ଏକାଠି ହୋଇ ଗ୍ରାମ ପରିକ୍ରମା କରିଥିଲେ। ଠାକୁର ଘରେ ଘରେ ବୁଲି ଭୋଗ ଖାଇବାର ପରମ୍ପରା ଥିବାରୁ ଗ୍ରାମବାସୀ ରାତି ଉଜାଗର ହୋଇ ଘର ଆଗରେ ଦୀପ ଜାଳି ଠାକୁରଙ୍କ ଆସିବା ବାଟକୁ ଅପେକ୍ଷା କରିରହିଥିବାର ଦେଖିବାକୁ ମିଳିଥିଲା। ସକାଳ ବେଳକୁ ଦୁଇ ଠାକୁର ଦୋଳଯାତ୍ରା ପଡିଆରେ ଅବସ୍ଥାପିତ ହୋଇଥିଲେ। ପାଞ୍ଚଦିନ ବ୍ୟାପି ହେବାକୁ ଥିବା ଦୋଳଯାତ୍ରାକୁ ଠାକୁରଦ୍ୱୟ ଦେଖିସାରିବାପରେ ମନ୍ଦିରକୁ ଫେରିବେ । ଏହି ମେଳନ ଉତ୍ସବକୁ ରଘୁନାଥପୁର ଗ୍ରାମବାସୀ ସହ ନନ୍ଦନକାନନ ଥାନା ପୋଲିସ ଉପସ୍ଥିତ ରହି ନିୟନ୍ତ୍ରଣ କରିଥିଲେ ।

# ମହିଳା ସଶକ୍ତୀକରଣ ଆଇନ ବିଷୟରେ ସମସ୍ତେ ଅବଗତ ହେବା ଉଚିତ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ପରିବାର ପରାମର୍ଶ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ରେଡ୍‌କ୍ରସ ଭବନଠାରେ ଆଞ୍ଚଳିକ ଲୋକ ସମୂହ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମ ଉତ୍‌ଥାନ ଉପସଭାପତି ନମ୍ରତା ଚଢ଼ା ଉଦ୍‌ଘାଟନ କରି କହିଥିଲେ, ମହିଳା ସଶକ୍ତୀକରଣ ପାଇଁ କରାଯାଇଥିବା ଆଇନଗୁଡ଼ିକ ବିଷୟରେ ସମସ୍ତେ ଅବଗତ ହେବା ଉଚିତ। ଅନ୍ୟତମ ଅତିଥି ଭାବେ ସୁରେଖା ସୁନ୍ଦରୀ ସ୍ୱାଇଁ ତାଙ୍କ ଅଭିଭାଷଣରେ ନାରୀ ସଶକ୍ତୀକରଣ ଏବଂ ପରିବାର ପରାମର୍ଶ କେନ୍ଦ୍ରର କିପରି ଉନ୍ନତି କରାଯାଇପାରିବ, ସେ ବିଷୟରେ ଆଲୋକପାତ କରିଥିଲେ। ଏଥିସହିତ ସ୍ଥାନୀୟ ଯୁବତୀ ଓ ମହିଳାମାନେ କିଭଳି ସହଜରେ ଆଇନଗତ ସୁବିଧା ପାଇପାରିବେ, ତାହା ଉପରେ ଆଲୋଚନା କରିଥିଲେ। ରେଡ୍‌କ୍ରସ ରାଜ୍ୟ ଶାଖାର ଅବୈତନିକ ସଚିବ ମେଜର ଡ. କଳ୍ପନା ଦାସ ଗ୍ରାମାଞ୍ଚଳରେ ଘଟୁଥିବା ବିଭିନ୍ନ ପାରିବାରିକ ସମସ୍ୟା ଓ ତା'ର ନିରାକରଣ ଉପରେ ଆଲୋଚନା କରି ପାରସ୍ପରିକ ବୁଝାମଣା ମାଧ୍ୟମରେ ଏହାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର ବିଭିନ୍ନ ପ୍ରାନ୍ତରୁ ୧୫୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ନିଜ ଜୀବନରେ ସଫଳତା ହାସଲ କରିଥିବା ଏବଂ ଅନ୍ୟମାନଙ୍କ ଜୀବନରେ ଖୁସି ଫେରାଇ ଆଣିଥିବା କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବାର ପରାମର୍ଶ କେନ୍ଦ୍ରର ପରାମର୍ଶଦାତ୍ରୀ ବିଜୟଲକ୍ଷ୍ମୀ କର ସ୍ୱାଗତ ଭାଷଣ ସହ ଧନ୍ୟବାଦ ଦେଇଥିଲେ। ପ୍ରୀତିପ୍ରଜ୍ଞା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ରେଡକ୍ରସ ଭବନ ପରିସରରେ ଆୟୋଜିତ ସଭାରେ ଯୋଗଦେଇଥିବା ଅତିଥିମାନେ।

# ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା ଅଭିଯାନ

ବାଲିପାଟଣା,୧୯।୩(ଡି.ଏନ୍.ଏ.)

ବାଲିପାଟଣାସ୍ଥିତ ବଡ଼ ଖେଳପଡ଼ିଆଠାରେ ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ଓ ବାଲିଅନ୍ତା ବ୍ଲକର ୩୩ଟି ପଞ୍ଚାୟତରୁ ଯୁବ ଛାତ୍ର ଜନତା ଦଳ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ଆସି ବଡ଼ ଖେଳ ପଡ଼ିଆରେ ପହଞ୍ଚିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ବ୍ଲକ ବିଜେଡି ସଭାପତି ପ୍ରତାପ କେଶରୀ ନାୟକ, ବାଲିଅନ୍ତା ବ୍ଲକ ସଭାପତି ଅଚ୍ୟୁତ ପାତ୍ର, ସୁମିତ୍ରା ରାଉତରାୟ, ଭାଗ୍ୟଲକ୍ଷ୍ମୀ ମିଶ୍ର, ଅମରେନ୍ଦୁ ପଟ୍ଟନାୟକ, ଶଶିଭୂଷଣ ପାତ୍ର, ଅଶୋକ ରାଉତରାୟ ଓ ଦିପ୍ତୀମାନ ପୃଷ୍ଟି ଅତିଥିଭାବେ ଯୋଗଦେଇ କେନ୍ଦ୍ରର ଅବହେଳା ସ୍ୱରୂପ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ନ ଦେବା କହି ଆଦି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ।

■ ଆରମ୍ଭ ହେଲା ଦୋଳ ଉତ୍ସବ

# ଗାଁ ଗାଁ ବୁଲି ଭୋଗ ଖାଉଛନ୍ତି ଠାକୁର

ବାଲିଅନ୍ତା,୧୯।୩(ଡି.ଏନ୍.ଏ.)

ବାଲିଅନ୍ତା ଓ ଏହାର ଆଖପାଖ ଗ୍ରାମରେ ଦୋଳ ଉତ୍ସବ ଆରମ୍ଭ ହୋଇଯାଇଛି। ଦୋଳ ପର୍ବ ପାଇଁ ବିଭିନ୍ନ ଗ୍ରାମ ଉତ୍ସବ ମୁଖରିତ ହୋଇପଡ଼ିଲାଣି। ହର ଓ ହରି ଠାକୁର ଚଳନ୍ତି ପ୍ରତିମା ମନ୍ଦିରରୁ ବାହାରି ଦୋଳ ବିମାନରେ ଗାଁକୁ ଗାଁ ବୁଲି ଭୋଗ ଖାଉଛନ୍ତି। ବର୍ଷକରେ ଥରେ ଏଭଳି ସୁଯୋଗ ଆସୁଥିବାରୁ ଶ୍ରଦ୍ଧାଳୁ ନାନା ରକମର ଭୋଗ ଲଗାନ୍ତି। ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ଅଞ୍ଚଳରେ ପ୍ରସିଦ୍ଧ ଠାକୁର ଆଖଣ୍ଡଳେଶ୍ୱରଙ୍କ ଦୋଳ ଉତ୍ସବ ବହୁ ଆଡମ୍ବରରେ ଆୟୋଜିତ ହୋଇଯାଇଛି। ପ୍ରତିଦିନ ରାତି ପ୍ରାୟ ୧ଟାରେ ସୁସଜ୍ଜିତ ହୋଇ ଦୋଳ ବିମାନରେ ଚଳନ୍ତି ପ୍ରତିମା ମନ୍ଦିରରୁ ଗାଁ ଅଭିମୁଖେ ବାହାରିଥାନ୍ତି। ସମସ୍ତ ଘରେ ଭୋଗ ଖାଇ ଭୋର ୫ଟାରେ ପୁଣି ମନ୍ଦିରକୁ ବାହୁଡ଼ି ଯାଆନ୍ତି। ସଠିଲୋର ଗ୍ରାମର ଚମ୍ପେଶ୍ୱର, ଗଣ୍ଡିଲୋର ଜଟେଶ୍ୱର, ଭିଙ୍ଗାରପୁରର ଗୋପୀନାଥ, ଭୁବନପୁର ନୃସିଂହନାଥ, ହଂସପାଳର ରାଧାମାଧବ ଏଭଳି ପ୍ରତି ଗାଁ ଠାକୁରଙ୍କ ଦୋଳ ଉତ୍ସବ ଆରମ୍ଭ ହୋଇଯାଇଛି।



### ଟ୍ରକ୍ ଓଲଟି ମେକାନିକ ମୃତ

ଖୋର୍ଦ୍ଧା ଅଫିସ,୧୯।୩

କାଇପଦରର ଟାଙ୍ଗେଣି ମୁଣ୍ଡିଆ ନିକଟରେ ମଙ୍ଗଳବାର ମେକାନିକ ଟ୍ରକରେ ଲାଗିଥିବା ପତି ସଜାଡୁଥିଲେ। ଏହି ସମୟରେ ଡ୍ରାଇଭର ଟ୍ରକ ଷ୍ଟାର୍ଟ କରିଦେବାରୁ ଘଟିଛି ଅଘଟଣ। ନଂ. ଓଆର ୦୯ ଜି ୮୯୦୨ ଟ୍ରକ ଓଲଟି ପଡିବାରୁ ପତି ମେକାନିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଡମାଣତୀରର ରାମ ସୁନ୍ଦରାୟ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ନଂ. ୪୦/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

# ଭୂତଳ ରାସ୍ତା ପରିଦର୍ଶନ କଲେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ବାଣୀବିହାର-ଆଚାର୍ଯ୍ୟବିହାର ଓଭରବ୍ରିଜ ଖୋଲିବାର ପାଞ୍ଚବର୍ଷ ପୂରିଗଲାଣି। କିନ୍ତୁ ବୀରସୁରେନ୍ଦ୍ର ସାଏ ନଗରରୁ ଶହୀଦ ନଗର ଦେଇ ଭୁବନେଶ୍ୱର ଯିବାକୁ ହୋଇଥିବା ଭୂତଳ ରାସ୍ତା ନିର୍ମାଣ ସରୁନାହିଁ। ୨୦୧୪ ଏପ୍ରିଲ ୨୪ରେ ବାଣୀବିହାର-ଆଚାର୍ଯ୍ୟବିହାର ଓଭରବ୍ରିଜ ଖୋଲିବା ପରେ ଭିଏସ୍‌ଏସ୍ ନଗରବାସୀଙ୍କ ସହ ଏହି ରାସ୍ତା ଦେଇ ଯାଉଥିବା ୧୦ ମୌଜାର ଲୋକେ ଭୁବନେଶ୍ୱର ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୂତଳ ରାସ୍ତା ନିର୍ମାଣ କାମ ଶେଷ କରିବା ପାଇଁ କୁଆଖାଇ ନଦୀରୁ ଭୁବନେଶ୍ୱରକୁ ଆସିଥିବା ପାଣି ପାଇପ୍ ପ୍ରତିବନ୍ଧକ ସୃଷ୍ଟି କରୁଛି। ଏଥିପାଇଁ ଥରେ ୧ କୋଟି ୯୦ ଲକ୍ଷ ଓ ଆଉଥରେ ୪ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରୁନାହିଁ। ଏବେ ପୁଣିଥରେ ଅଟକଳ ହେବ ଓ ରାସ୍ତା କାମ ଆସନ୍ତା ୫ ମାସରେ ଶେଷ ହେବ ବୋଲି ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ କହିଛନ୍ତି। ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ଭୂତଳ ରାସ୍ତା ସଂଗ୍ରାମ ସମିତି ଆବାହକ ଦିଲ୍ଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ସାକ୍ଷାତ କରିବା ପରେ ମଙ୍ଗଳବାର ପୂର୍ବାହ୍ନରେ ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ଦେବେନ୍ଦ୍ର ସାହୁ ଓ ଏହି ଦାୟିତ୍ୱରେ ଥିବା ଇଂ. ପଙ୍କଜ ସିଙ୍ଘାଲ ଭୂତଳ ରାସ୍ତା ପରିଦର୍ଶନ କରିଥିଲେ। ରାସ୍ତା ଓ ଡ୍ରେନ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ଦାଶଶର୍ମା କହିଛନ୍ତି।

# ଧାନଚାଷର ଜଳ, ରୋଗପୋକ ଓ ଅମଳ ପରିଚାଳନା



ଡ.ପରେଶ କୁମାର ପଣ୍ଡା

**ଜଳ ପରିଚାଳନା:** ଧାନ ରୋଇବା ସମୟରେ ଅଧଇଞ୍ଚ ଭିତରେ ପାଣି ରଖାଯାଏ। ତାହାର ପାଞ୍ଚଦିନଠାରୁ ସର୍ବାଧିକ ୨ଇଞ୍ଚ ପାଣି ପିଲ ଦେବା ପର୍ଯ୍ୟନ୍ତ ରଖା ଯାଇପାରିବ। ଅଧିକ ପାଣି ରଖିଲେ ପିଲ ମାରିବା କମିଯାଏ। ପିଲ ଦେବା, ଗର୍ଭଧାରଣ, ଫୁଲ ଉଡାଇବାରୁ କ୍ଷୀର ଢୋକିବା ସଙ୍କଟଜନକ ଅବସ୍ଥାରେ ପାଣିର ଅଭାବ ନ ରହିବା ଦରକାର। ସୁବିଧା ଥିଲେ ସାର ଦେବାର ଏକରୁ ଦୁଇଦିନ ପୂର୍ବରୁ ପାଣି କାଟି ଦିଆଯାଏ ଓ ସାର ଦେବାର ଏକରୁ ଦୁଇଦିନ ପରେ ପାଣି ମଡାଯାଏ। ଶେଷଥର ଥୋଡସାର ପ୍ରୟୋଗରୁ କ୍ଷୀର ଢୋକିବା ପର୍ଯ୍ୟନ୍ତ ସର୍ବାଧିକ ୩ଇଞ୍ଚ ପାଣି ରଖାଯିବା ଭଲ। ଧାନ ଅଗ ପାଚିଲା ଆରମ୍ଭ ହେଲେ ଜମିରୁ ପାଣି କାଟି ଦିଆଯାଏ। ସେହି ସମୟରେ ଅମୁହାଁ ବା ପାଇରା ଫସଲ ରୂପେ ଡାଲି ଜାତୀୟ ଓ ତୈଳବୀଜ ଫସଲ କରାଯାଇପାରିବ।

**ସମନ୍ୱିତ ରୋଗପୋକ ପରିଚାଳନା:** ଚାଷକାର୍ଯ୍ୟ ମଧ୍ୟରେ ଖରାଟିଆ ଚାଷ, ବିହନ ବିଶୋଧନ, ସଅଳ ବୁଣା ବା ରୁଆ, ପ୍ରତି ୨୦ଧାଡି ପରେ ଏକଟି ଧାଡି ଛାଡି ରୋଇବା, ସୁଷମ ସାର ପ୍ରୟୋଗ, ଜଳ ଠିକ୍ ପରିମାଣରେ ଦେବା, ସବୁଜ ସାର ପ୍ରୟୋଗ, ଜୀବାଣୁ ସାର ପ୍ରୟୋଗ, ୨ରୁ ୩ବର୍ଷରୁ ଥରେ ଗଭୀର ଚାଷ କରିବା ଆବଶ୍ୟକ। ଯାନ୍ତ୍ରିକ ଉପାୟରେ ବାଉଁଶ ଯନ୍ତା, ଫେରୋମୋନ ବା ସଙ୍ଗ ଆକର୍ଷକ ଯନ୍ତା, ଆଲୋକ ଯନ୍ତା ଦଉଡି ଟାଣି ଗଛରୁ ପତ୍ରମୋଡା ଓ ନଳୀପୋକକୁ ଝଡାଇ କିରୋସିନ ଭାସୁଥିବା ପାଣିରେ ପକାଇବା, ତଳି ରୋଇବା ପୂର୍ବରୁ ଅଗ ଛିଡାଇ ବା କାଟି ଲଗାଇବା ଦ୍ୱାରା ପୋକ ସଂକ୍ରମଣ କମ୍ ହୋଇଥାଏ।

ଜୈବ ନିୟନ୍ତ୍ରଣ ସ୍ୱରୂପ- ଟ୍ରାଇକୋଗ୍ରାମା, ପରାଶ୍ରୟୀ କୀଟ ଛାଡିବା, ଫସଲରେ ଏକର ପ୍ରତି ୫ରୁ ୧୦ଟି କଣି ବା ଡାଳପୋତି ପକ୍ଷୀ ଆଶ୍ରୟସ୍ଥଳ ତିଆରି କରିବା, ବି.ଟି ଔଷଧ ଓ ନିମ୍ବ ଜାତୀୟ ଔଷଧ ପ୍ରୟୋଗ କରିବା ଭଲ। ହାଣ୍ଡିଖତ ୧:୫୦ ଅନୁପାତର ବା ନିମ୍ବଜୈବ କୀଟନାଶକ ୫ ମିଲିଲିଟର ପ୍ରତି ବ୍ୟବହାର ଫସଲର ତଳି ଅବସ୍ଥାରୁ ୮ରୁ ୧୦ଦିନ ଅନ୍ତରରେ ସିଞ୍ଚନ କଲେ ଫସଲ ଯତ୍ନର ସହ ବଢ଼ିଥାଏ। ଏକର ପ୍ରତି ୨୦୦ ଲିଟର ବା ୧୫ ଲିଟରିଆ ୧୩ ଡ୍ରମ୍ ଦ୍ରବଣ ନିଶ୍ଚିତ ରୂପେ ସିଞ୍ଚନ କରିବା ଆବଶ୍ୟକ। ଔଷଧର ପରିମାଣ ଠିକ୍ ମାତ୍ରାରେ ପ୍ରୟୋଗ ହୋଇଥିବା ଦରକାର। ସର୍ବଦା ସକାଳ ୧୦ଟା ପୂର୍ବରୁ ବା ଅପରାହ୍ନ ୧୦ଟା ପରେ ସିଞ୍ଚନ କରିବା ଭଲ। ଔଷଧକୁ ବାହାରେ ଗୋଳାଇ ଟିକେ ଶାମ୍ପୋ ଫେଣ୍ଟି ଦ୍ରବଣ ପ୍ରସ୍ତୁତ ହେଲେ ଗଛରେ ଠିକ୍‌ଭାବେ ପଡିଥାଏ। ସ୍ଥଳ ବିଶେଷରେ ପୋକ ଆକ୍ରମଣ ଆର୍ଥିକ ଦେହଳି ସୀମାଠାରୁ ଅଧିକ ହେଲେ ରାସାୟନିକ କୀଟନାଶକ ପ୍ରୟୋଗ କରିବା ଦରକାର ପଡିଥାଏ। ଜମିରେ ରିଜେଣ୍ଟ ଏକର ପ୍ରତି ୪ କିଗ୍ରା ପ୍ରୟୋଗ କରି ଫସଲକୁ ରୋଗ ପୋକ ଦାଉରୁ ୩୦-୪୦ଦିନ ପର୍ଯ୍ୟନ୍ତ ରକ୍ଷା କରାଯାଇପାରିବ।

**ଧାନ ଫସଲର ରୋଗ:** ମହିଷା ରୋଗ ନିୟନ୍ତ୍ରଣ ପାଇଁ କାର୍ବେଣ୍ଡାଜିମ୍ ୫୦ଡବ୍ଲ୍ୟୁ.ପିର ୨୦ଗ୍ରାମ୍/ମାଙ୍କୋଜେବ୍ ୭୫ପ୍ରତିଶତ ଡବ୍ଲ୍ୟୁ.ପି ୩୫ଗ୍ରାମ୍/ଟ୍ରାଇସାଇକ୍ଲାଜୋଲ୍ ୭୫ ପ୍ରତିଶତ ଡବ୍ଲ୍ୟୁ.ପିର ୬ ଗ୍ରାମ୍ ଏବଂ ପତ୍ରପୋଡା ରୋଗ ନିୟନ୍ତ୍ରଣ ନିମନ୍ତେ କପର ଅକ୍ସିକ୍ଲୋରାଇଡ୍‌ର ୫୦ ପ୍ରତିଶତର ୨୦ ଗ୍ରାମ୍ ୧୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରାଯାଏ। ମହିଷା/ପତ୍ରପୋଡା ରୋଗ ଦେଖିଲେ ଯବକ୍ଷାରଜାନ ସାର ପ୍ରୟୋଗ କମ୍ କରାଯାଏ।

ପତ୍ରାଚ୍ଛାଦ/ପୋଡା, ମୂଳଶଢ଼ା ରୋଗ ନିୟନ୍ତ୍ରଣ ନିମିତ୍ତ କାର୍ବେଣ୍ଡାଜିମ୍ ୫୦ ପ୍ରତିଶତ ଡବ୍ଲ୍ୟୁ. ପିର ୨୦ଗ୍ରାମ୍/ପ୍ରୋପିକୋନାଜୋଲ୍ ୨୫ ପ୍ରତିଶତ ଇସିର ୧୦ ମିଲିକୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ପତ୍ରଚିତା ଓ ଦାନାଚିତା ରୋଗ ହେଲେ ପତ୍ରରେ ଗୋଲାକାର ବା ଡିମ୍ବାକୃତି ଦାଗ ଦେଖାଯାଇ ବାଦାମିରୁ କଳା ବାଦାମି ରଙ୍ଗର ହୋଇଥାଏ। ଦାନା ବଙ୍କା, କୁଜା ଓ ବେରଙ୍ଗୀ ଦେଖାଯାଏ। ନିରାକରଣ ନିମନ୍ତେ କାପ୍‌ଟାନ୍ ୭୫ ପ୍ରତିଶତ ଡବ୍ଲ୍ୟୁ.ପିର ୨୦ଗ୍ରାମ୍ ୧୦ ଲିଟର ପାଣି ମିଶାଇ ସିଞ୍ଚନ କରାଯାଏ ଓ ଦରକାର ପଡିଲେ ୧୫ଦିନ ଅନ୍ତରରେ ଦ୍ୱିତୀୟଥର ଲାଗି ସିଞ୍ଚନ କରାଯାଏ। ସାଆରା ରୋଗରେ କେଣ୍ଡାର ଦାନା ମେଞ୍ଚାଏ ସବୁଜ ମିଶା ହଳଦିଆ ରଙ୍ଗ ରେଣୁରେ ପରିଣତ ହୋଇଥାଏ। ନିୟନ୍ତ୍ରଣ ଲାଗି କାର୍ବେଣ୍ଡାଜିମ୍ ୫୦ ପ୍ରତିଶତର ୧୫ଗ୍ରାମ୍/କପର ହାଇଡ୍ରୋକ୍ସାଇଡ୍ ୭୭ ପ୍ରତିଶତ ଡବ୍ଲ୍ୟୁ.ପିର ୨୫ଗ୍ରାମ୍ ୧୦ ଲିଟର ପ୍ରତି ସିଞ୍ଚନ କରାଯାଏ। ଦରକାର ପଡିଲେ ୧୦ଦିନ ପରେ ପୁନର୍ବାର ଏହି ଔଷଧକୁ ସିଞ୍ଚନ କରନ୍ତୁ। ଧାନଫସଲର ମୁଖ୍ୟ ପୋକଗୁଡିକ ହେଲା- ଲେଡା ପୋକ, ମାଟିଆଗୁଣ୍ଡି ପୋକ, କାଣ୍ଡବିନ୍ଧା ପୋକ, କାହାଲିଆ ପୋକ, ପତ୍ରମୋଡା ପୋକ, ସବୁଜ ପତ୍ରଡିଆଁ ପୋକ, ନଳୀ ପୋକ, ଗନ୍ଧିପୋକ, ବିରିହା, ଦହିଆପୋକ ଓ କେଣ୍ଡାକଟା ପୋକ। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଲେଡାପୋକ ତଳି ଓ ମୁଖ୍ୟ ଫସଲର ପତ୍ର ଖାଇଥାଆନ୍ତି। ଆକ୍ରାନ୍ତ ଫସଲ ଗୋରୁ ଚରିଲା ପରି ଦିଶିଥାଏ। ଲେଡା ଓ କେଣ୍ଡାକଟା ପୋକ ନିୟନ୍ତ୍ରଣ ନିମନ୍ତେ କ୍ଲୋରୋପାଇରିଫସ୍ ୫୦ ପ୍ରତିଶତ ଇସି+ସାଇପରମେଥ୍ରିନ୍ ୫ପ୍ରତିଶତ ଇସି ମିଶ୍ରଣର ୨୦ ମିଲି /ପୋଫେନଫସ ୫୦ ପ୍ରତିଶତ ଇସିର ୨୦ ମିଲି ୧୦ ଲିଟର ପ୍ରତି ସିଞ୍ଚନ କରାଯାଏ। ମାଟିଆଗୁଣ୍ଡି ପୋକ ଖୁବ୍‌ଶୀଘ୍ର ବଂଶବୃଦ୍ଧି କରି ଗଛ ମୂଳରେ ରହି ଫସଲରୁ ରସ ଶୋଷି ଖାଇବା ଫଳରେ ଗଛ ହଳଦିଆ ପଡି ଶୁଖିଯାଏ। କିଆରିରେ ମଳାମଳା ଧାନ ପୋଡିଯାଇଥିବାର ଦେଖାଯାଏ। ସବୁଜ ପତ୍ରଡିଆଁ ପୋକ ଦେଖାଗଲେ ଆକ୍ରାନ୍ତ ପତ୍ର ଅଗରୁ ତଳ ଆଡକୁ ଫିକା ହଳଦିଆ ହୋଇ ପରେ ଧୂସର ପଡିଯାଏ। ଏମାନେ ଟୁଙ୍ଗ୍ରୋ ଭୂତାଣୁକୁ ସଂକ୍ରମଣ କରିବାରେ ସହାୟକ ହୋଇଥାନ୍ତି। ଏହି ଦୁଇପୋକର ନିୟନ୍ତ୍ରଣ ନିମନ୍ତେ ଇମିଡା କ୍ଲୋପ୍ରିଡ୍ ୧୭.୮ ପ୍ରତିଶତ ଏସ.ଏଲ ୨.୮ ମିଲି / ପାଇମେଟ୍ରୋଜିନ୍ ୫୦ ପ୍ରତିଶତ ଡବ୍ଲ୍ୟୁ.ଜି ୬ଗ୍ରାମ୍ /ଫ୍ଲୋନିକାମିଡ୍ ୫୦ପ୍ରତିଶତ ଡବ୍ଲ୍ୟୁ.ଜି ୩ଗ୍ରାମ୍/ଥାୟୋମେଥୋକ୍ସଜାମ୍ ୨୫% ଡବ୍ଲ୍ୟୁ.ଜିର ୨ଗ୍ରାମ୍ ୧୦ ଲିଟର ପାଣି ପ୍ରତି ମିଶାଇ ଫସଲରେ ସିଚନ କରିବା ଜରୁରୀ।

କାଣ୍ଡବିନ୍ଧା ପୋକ କ୍ଷେତ୍ରରେ ପୋକର ଶୂକ କାଣ୍ଡ ମଧ୍ୟରେ ପ୍ରବେଶ କରି ମଞ୍ଜ ଖାଇଯାଏ। ଯାହାକୁ ମଲାମଞ୍ଜ କୁହାଯାଏ। କେଣ୍ଡା ବାହାରିବା ଅବସ୍ଥାରେ ଆକ୍ରାନ୍ତ ଗଛରୁ ମଲା କେଣ୍ଡା ବାହାରିଥାଏ। ସାମାନ୍ୟ ଟାଣି ଦେଲେ ଏହା ବାହାରିଯାଏ। ଏହାକୁ ଧଳା କେଣ୍ଡା ବା ବଗ ପକ୍ଷିଆ ବୋଲି ମଧ୍ୟ କୁହାଯାଏ। ଆର୍ଥିକ ଦେହଳି ସୀମା ହେଲା-ମଲାମଞ୍ଜ ୫ପ୍ରତିଶତ। କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ ଫିପ୍ରୋନିଲ୍ ୫ ପ୍ରତିଶତ ଏସ୍.ସି ୨୦ରୁ ୩୦ ମିଲି/ମନୋକ୍ରୋଟଫସ ୩୬ପ୍ରତିଶତ ଏସ୍.ଏଲ ୨୫ ମିଲି ଏବଂ କାହାଳିଆ ପୋକ ନିୟନ୍ତ୍ରଣ ନିମନ୍ତେ କାର୍ବୋସଲଫାନ୍ ୨୫ ପ୍ରତିଶତ ଇସି ୧୬-୨୦ ମିଲି /କ୍ଲୋରୋପାଇରିଫସ ୨୦ ଇସିର ୨୫ ମିଲି/ଥାୟୋମେଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି ୨ ଗ୍ରାମ୍ ୧୦ଲିଟର ପାଣି ପ୍ରତି ମିଶାଇ ସିଞ୍ଚନ କରାଯାଏ। ପତ୍ରମୋଡା ପୋକ ଆକ୍ରମଣ କଲେ ପତ୍ରର ଉପର ତଳକୁ କିମ୍ବା ୨ଟି ପତ୍ରକୁ ମୋଡି ଦେଇ ତହିଁରେ ରହି ସବୁଜ ଅଂଶ କୋରି ଖାଇଥାଏ।



**-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦**

# କୃଷି ବନୀକରଣ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି



ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ରାଜ୍ୟର ଶତକଡ଼ା ୮୮ ଭାଗ ଗାଁଗଣ୍ଡାରେ ବାସ କରନ୍ତି। ରାଜ୍ୟର ଜନସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଛି। ସେହି ହିସାବରେ ଆମର ଚାଷ ଜମି ବଢୁନାହିଁ ଏବଂ ମୁଣ୍ଡ ପିଛା ଚାଷ ଜମି କମି ଯାଉଛି। ୧୯୫୦-୫୧ ମସିହାରେ ମୁଣ୍ଡ ପିଛା ଚାଷ ଜମି ୦.୩୯ ହେକ୍ଟର ଥିବା ବେଳେ, ବର୍ତ୍ତମାନ ୦.୧୩ ହେକ୍ଟରରୁ କମ ଜମି ଅଛି। ସେଥିରେ ଯେ ଚାଷ କରିବ, ସେ ଚଳିବ କିପରି। ଆମ ରାଜ୍ୟରେ ଯେଉଁ ପରିମାଣରେ ଆବାଦ ଯୋଗ୍ୟ ଜମି ଥିଲା ତାହାକୁ ଲୋକମାନେ ଆବାଦ କରି ଚାଷ ଜମିରେ ପରିଣତ କରିସାରିଲେଣି। ଗୋଚର ଓ ମୂଲ୍ୟବାନ ଚାଷ ଜମିରେ ଘର, କଳକାରଖାନା, ରାସ୍ତାଘାଟ ଆଦି ତିଆରି ହେଉଛି। ଆମର ଚାଷଜମିର ଘୋର ଅଭାବ ପାଇଁ ଅଚିରେ ଖାଦ୍ୟଶସ୍ୟର ସଙ୍କଟ ଆମକୁ ଡାକି ଆଣିବ। ସେଥିପାଇଁ ସମୟ ଥାଉ ଥାଉ ଉଚିତ ପଦ୍ଧତିରେ ଚାଷ କରିବାକୁ ପଡିବ। ଏଣୁ ଆମର ଯେତିକି ଜମି ଅଛି, ସେଥିରୁ କିପରି ସର୍ବାଧକ ଅମଳ ମିଳିବ ଓ ଆମର ସର୍ବାଧିକ ଲାଭ ହେବ, ସେଥିପ୍ରତି ଆମେ ସଜାଗ ରହି ଯୋଜନା ପ୍ରସ୍ତୁତ କରିବା ଦରକାର। ସେଥିମଧ୍ୟରୁ କୃଷିବନୀକରଣ ଏକ ଅଭିନବ ଚାଷ ପଦ୍ଧତି। ଏହାଦ୍ୱାରା ଚାଷୀମାନେ କୃତ୍ରିମ ଜଙ୍ଗଲ ସୃଷ୍ଟି କରି ନିଜେ ଲାଭବାନ ହେବା ସହିତ ନିଜର ପରିବେଶକୁ ସୁରକ୍ଷା କରିପାରିବେ। କୃଷି ବନୀକରଣରୁ ଲୋକମାନେ ସେମାନଙ୍କର ମୌଳିକ ଆବଶ୍ୟକତା ଯଥା- ଖାଦ୍ୟ ପଦାର୍ଥ, ଜାଳେଣି କାଠ, କୃଷି ଉପକରଣ ଓ ବାସଗୃହ ପାଇଁ କାଠ, ବାଉଁଶ, ଗାଈଗୋରୁ ଲାଗି ଚାରଣ ତଥା ଗୋଖାଦ୍ୟ, କୁଟୀର ଶିଳ୍ପ ସକାଶେ କଞ୍ଚାମାଲ ଆଦି ପାଇ ପାରିଥାଆନ୍ତି।

କୃଷି ବନୀକରଣରେ ଗୋଟାଏ କିସମର ଗଛ ନ ଲଗାଇ, ଭିନ୍ନ ଭିନ୍ନ କିସମର ଗଛ ରୋପଣ କରାଯାଇଥାଏ, ଯାହାକୁ କୁହାଯାଏ ମିଶ୍ରିତ ଗଛ ଚାଷ। ଏଥିରେ ଲୋକମାନେ ନିଜର ଢିପ ତଥା ପତିତ ଜମି, ଘରବାଡି, ହତା, ବଗିଚା ବାଡ଼, ଚାଷ ଜମି, ପୋଖରୀ ହୁଡା ଓ ବିଲ ହିଡ଼ରେ ଗଛ ଲଗାଇ ପାରିବେ। ଲୋକମାନେ ଦୁଇଧାଡ଼ି ଗଛ ମଧ୍ୟରେ ପ୍ରଥମ ତିନିବର୍ଷ ମୁଗ, ବିରି, ବିନ୍‌ସ, ଆଳୁ, ଚିନାବାଦାମ, ପନିପରିବା ଆଦି ଚାଷ କରିପାରିବେ। ଏଥିପାଇଁ ୪ ମିଟର ବ୍ୟବଧାନରେ ଦୁଇଧାଡ଼ି ଗଛ ଲଗାଯାଏ। ସେହିପରି ଧାଡ଼ିର ଗଛ ମଧ୍ୟରେ ବ୍ୟବଧାନ ୧ ମିଟର। ସେହି ସ୍ଥାନରେ ତିନିବର୍ଷ ପରେ ଛାଇରେ ବଢି ପାରୁଥିବା ଫସଲ ଯଥା ଓଲୁଅ, ସାରୁ, ଅଦା, ହଳଦୀ, ଦେଶୀ ଆଳୁ, ସପୁରି ଆଦି ଚାଷ କରାଯାଏ। ଏହି ଚାଷ ପଦ୍ଧତିରେ ଗଛରୁ ଫସଲକୁ ଉପକାର ମିଳେ ଓ ସେହିପରି ଫସଲ ଚାଷ ଦ୍ୱାରା ଗଛର ମଧ୍ୟ ଉପକାର ହୋଇଥାଏ। ବାସ୍ତବରେ କୃଷି ବନୀକରଣ ଏକ ଅଭିନବ ପଦକ୍ଷେପ, ଏହାର ସଫଳ ରୂପାୟନ ହେଲେ ଲୋକମାନେ ନିଜ ନିଜ ଜମିରୁ ବା ବାଡ଼ି ବଗିଚାରୁ ଆବଶ୍ୟକ ଖାଦ୍ୟ ପଦାର୍ଥ ଓ ଆନୁଷଙ୍ଗିକ ଉପକରଣ ପାଇବା ସହିତ ନିଜର ଅର୍ଥନୈତିକ ଅଭିବୃଦ୍ଧି ହେବ।

**-ଗୟାଧର ଶିଅଳ**
କାର୍ଯ୍ୟକ୍ରମ ସହଯୋଗୀ (ବନବିଜ୍ଞାନ)
**-ଉମାଶଙ୍କର ନାୟକ**
ବରିଷ୍ଠ ବୈଜ୍ଞାନିକ, ଓୟୁଏଟି, ଭୁବନେଶ୍ୱର
ମୋ: ୯୪୩୭୦୩୧୨୦୯

# ନଳିତା କିସମ

ନଳିତା ମାର୍ଚ୍ଚମାସ ଶେଷରୁ ଆରମ୍ଭ କରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେ.ଆର.ଓ -୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡସଢ଼ା ଓ ମୂଳସଢ଼ା ରୋଗ ନହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା ଯବକ୍ଷାରଜାନ ,୧୨କି.ଗ୍ରା ଫସଫରସ ଓ ୧୨କି.ଗ୍ରା ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା ଯବକ୍ଷାରଜାନ,୮କି.ଗ୍ରା ଫସଫରସ ଓ ୮କି.ଗ୍ରା ପଟାସ୍ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ।



# ଆଖୁରେ ପିଲ ବାହାରୁଥିଲେ...

ଆଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀ ଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ସକାଶେ ଶତକଡା ୪ ଭାଗ (ଏକ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଚରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ।



ପ୍ରଥମ ପୃଷ୍ଠାରୁ...

## ସବୁଠି ...

ଅର୍କ କେଶରୀ ଦେଓ। ସେ ଗଣମାଧ୍ୟମକୁ କହିଛନ୍ତି ମୋତେ ଓ ମୋ ସ୍ତ୍ରୀଙ୍କୁ ଡାକି ଆଲୋଚନା କଲେ। ଅନ୍ୟ ଜଣଙ୍କୁ ଟିକେଟ ଦେଲେ। ଏ ସବୁ ବିଶ୍ୱାସଘାତ କଳାଭଳି କାର୍ଯ୍ୟ। ଆଲୋଚନା ବେଳେ ଦଳ ପାଇଁ କାମ କରିବାକୁ କହି ପାରିଥାଆନ୍ତେ। ଦଳ ବିରୋଧୀ ଲୋକଙ୍କୁ ଟିକେଟ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଦିନରେ ତାଙ୍କର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ସେ ନେଇ ଅର୍କ କିଛି ସ୍ପଷ୍ଟ କରିନାହାନ୍ତି। ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ଟିକେଟ କଟିଥିବାରୁ ସେ ମଧ୍ୟ ଦଳ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ସେ କହିଛନ୍ତି ଯେ, ବିଧାୟକ ଭାବେ ନିର୍ବାଚନ ମଣ୍ଡଳୀରେ ଅନେକ କାମ କରିଛନ୍ତି। କ'ଣ ପାଇଁ ଟିକେଟ କଟିଲା ଜାଣି ପାରୁ ନାହାଁନ୍ତି। ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ସ୍ୱର୍ଗତ ଏମପି ଲଡୁ କିଶୋର ସ୍ୱାଇଁଙ୍କ ସ୍ତ୍ରୀ ମଞ୍ଜୁଳା ସ୍ୱାଇଁଙ୍କୁ ବିଜେଡି ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ କରିଛି। ସେହିପରି ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବିଜେଡି ଦ୍ୱିତୀୟ ଥର ଲଢ଼ିବା ପାଇଁ ସୁଯୋଗ ଦେଇ ନାହିଁ। ତାଙ୍କ ସ୍ଥାନରେ ରମେଶ ବେହେରାଙ୍କୁ ଟିକେଟ ଦିଆଯାଇଛି। ଏନେଇ ପୂର୍ଣ୍ଣଚନ୍ଦ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଦଳ ପାଇଁ ନିଷ୍ଠାପର ଭାବେ କାମ କରୁଥିଲେ। କାହିଁକି ଟିକେଟ କଟାଗଲା ଜାଣିପାରୁନାହାଁନ୍ତି। କର୍ମୀମାନଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ବ୍ରହ୍ମପୁର ଏମପି ସିଦ୍ଧାନ୍ତ ମହାପାତ୍ର ଏବଂ ବ୍ରହ୍ମପୁର ବିଧାୟକ ରମେଶ ଚ୍ୟାଉ ପଟ୍ଟନାୟକଙ୍କ ଟିକେଟ କଟାଯାଇଥିବାରୁ ସେମାନେ ମଧ୍ୟ ଦଳ ସଭାପତିଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଥିଲେ।

କଂଗ୍ରେସ ଦଳରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଲୋକ ସଭା କିମ୍ବା ବିଧାନସଭା ଟିକେଟ ପାଇ ନ ଥିବାରୁ ଆଶାୟୀ କଂଗ୍ରେସ ପ୍ରାର୍ଥୀ ବିଦ୍ରୋହ ଆରମ୍ଭ କରିଛନ୍ତି। କେତେଜଣ ଦଳରୁ ଇସ୍ତଫା ଦେବା ସହ ଅନ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବରଗଡ଼ର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସାଧୁ ନେପାକ ଟିକେଟ ପାଇ ନ ଥିବାରୁ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିବା ସହ ଦଳରୁ ଇସ୍ତଫା ଦେଇଛନ୍ତି। ସାଧୁଙ୍କ ସହ ତାଙ୍କର ଶହ ଶହ ସମର୍ଥକ ମଧ୍ୟ ଦଳ ଛାଡ଼ିଛନ୍ତି। କଂଗ୍ରେସ ବରଗଡ଼ ଲୋକ ସଭା ଆସନ ପାଇଁ ପ୍ରଦୀପ କୁମାର ଦେବତା ଏବଂ ବିଧାନସଭା ଆସନ ପାଇଁ ନିପନ ଦାସଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ ଟିକେଟ କଟିବା ଆଶଙ୍କାରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇଙ୍କ ସମର୍ଥକମାନେ ମଙ୍ଗଳବାର ଟିଟିଲାଗଡ଼ ବନ୍ଦ ଡାକରା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା ମଧ୍ୟ ପ୍ରାର୍ଥୀ ଚୟନକୁ ନେଇ ସନ୍ତୁଷ୍ଟ ନାହାନ୍ତି। ସେ କହିଛନ୍ତି ଯେ ଆମେ ୫୨ ଜଣ ମହିଳାଙ୍କ ନାମ ସୁପାରିସ କରିଥିଲୁ। ସେହି ଅନୁଯାୟୀ ପ୍ରାର୍ଥୀ କରା ନ ଗଲେ ଆମେ ମଧ୍ୟ ସ୍ୱର ଉତ୍ତୋଳନ କରିବୁ ବୋଲି କହିଛନ୍ତି। ପ୍ରାର୍ଥୀ ତାଲିକାକୁ ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କୋଟପାଡ଼ ଓ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଟିକେଟ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନ ଥିବାରୁ ତାରା କ୍ଷୋଭ ପ୍ରକାଶ କରିଛନ୍ତି। ନବରଙ୍ଗପୁରର ପୂର୍ବତନ ଏମପି ପ୍ରଦୀପ ମାଝି ଚାହିଁଲେ ଟିକେଟ ଦିଅନ୍ତି ଓ କାଟନ୍ତି। ଟିକେଟ ବଣ୍ଟାରେ ତାଙ୍କ୍‌ର କିଛି ଭୂମିକା ନାହିଁ ବୋଲି ତାରା କହିଛନ୍ତି। ତେବେ ତାରାଙ୍କ ମନ୍ତବ୍ୟ ଉପରେ ପ୍ରଦୀପଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ। ଅନ୍ୟ ପକ୍ଷରେ ଭାଜପା ଟିକେଟ ବଣ୍ଟନ ହୋଇ ନ ଥିବାରୁ ସେହି ଦଳରେ ଅସନ୍ତୋଷ ଆରମ୍ଭ ହୋଇନାହିଁ।

## ଦୁଇଟି ଆସନର ...

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଇନ୍ଦା ରିପୋର୍ଟ ଆଧାରରେ ପ୍ରଥମ କରି ଦୁଇଟି ସ୍ଥାନରୁ ନିର୍ବାଚନ ଲଢିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଗୋଇନ୍ଦା ରିପୋର୍ଟ ଅନୁଯାୟୀ ମୁଖ୍ୟମନ୍ତ୍ରୀ ହିଞ୍ଜିଳି ସହ ରାଉରକେଲାରୁ ହିଁ ନିର୍ବାଚନ ଲଢିଲେ ଭଲ ଫଳ ମିଳିବ ଏବଂ ପଶ୍ଚିମ ଓଡିଶାରେ ଦଳର ଲକ୍ଷ୍ୟ ମଧ୍ୟ ସଫଳ ହୋଇପାରିବ ବୋଲି ଦର୍ଶାଯାଇଥିଲା। ହେଲେ ରାଉରକେଲାରେ ଶାସକ ଦଳ ମୁଖିଆଙ୍କ ପାଇଁ ଦିଲୀପ ହିଁ ଏକମାତ୍ର ପ୍ରତିବନ୍ଧକ ଥିଲେ। ଭାଜପା ଛାଡିବା ପରଠାରୁ ଦିଲୀପଙ୍କୁ ଫେରାଇ ଆଣିବାକୁ ବିଜେଡିର ଗୋଟିଏ ଗୋଷ୍ଠୀ ଚେଷ୍ଟା କରି ବିଫଳ ହୋଇଥିଲା। ସେଥିଲାଗି ବର୍ତ୍ତମାନ ପରିସ୍ଥିତିରେ ଏକଥା ଦିଲୀପଙ୍କୁ କହିବାକୁ ମୁଖିଆଙ୍କଠାରୁ ଦାୟିତ୍ୱ ନେଇଥିବା ନେତାମାନେ ହାତ ଟେକି ଦେଇଥିଲେ ବୋଲି ଯାହା ଆଲୋଚନାରୁ ଜଣାପଡିଛି। ହେଲେ ଏହାକୁ ଏକ ସଫଳ ରୂପ ଦେବା ପାଇଁ କିଛିଦିନ ଲାଗି ଓଡିଶା ଗସ୍ତରେ ଆସିଥିବା ନବୀନଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କ ସହଯୋଗ ଲୋଡାଯାଇଥିଲା। ଶେଷରେ ଗୀତା ହିଁ ଦିଲୀପ ଏବଂ ବିଜେଡି ମଧ୍ୟରେ ବୁଝାମଣା କରାଇବାକୁ ଚେଷ୍ଟା କରିଥିଲେ। ସେହି କ୍ରମରେ ଗୀତାଙ୍କ କଥାକୁ ରକ୍ଷା କରି ଦିଲୀପ ୧୬।୩।୧୯ରେ ନବୀନ ନିବାସରେ ପହଞ୍ଚିଥିଲେ। ଦିଲୀପଙ୍କ ସବୁ ସର୍ତ୍ତ ପୂରଣ କରିବାକୁ ଆଲୋଚନା ସମୟରେ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ଯୋଜନା ଥିଲା ମୁଖିଆ ରାଉରକେଲାକୁ ହିଁ ନିଜର ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଭାବେ ବାଛିବେ। ଏକାଥରେ ଦୁଇଟି ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଶାସକ ଦଳର ବିଶ୍ୱାସ ଥିଲା। ପ୍ରଥମତଃ ଉଭୟ ଦିଲୀପ ଏବଂ ଶାସକ ଦଳରୁ ପ୍ରାର୍ଥୀ ହୋଇଥିବା ସାରଦା ନାୟକଙ୍କ ସମର୍ଥନ ପାଇ ନବୀନ ବିନା ଦ୍ୱିଧାରେ ନିର୍ବାଚନ ଲଢିପାରିବେ। ଏହାଛଡା ରାଉରକେଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୁପରସ୍ପେଶିଆଲିଟି ହସ୍ପିଟାଲ ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ପ୍ରସଙ୍ଗରେ ଦିଲୀପଙ୍କ ସହଯୋଗରେ ବିଜେଡି ଭାଜପା ବିରୋଧରେ ପ୍ରଚାର କରିବାକୁ ଲକ୍ଷ୍ୟ ରଖିଥିଲା। ହେଲେ ପୂର୍ବଥରଗୁଡିକ ଭଳି ବିଜୟ ମହାପାତ୍ରଙ୍କ ବିଷୟ ସବୁ ଆଲୋଚନାରେ ପାଣି ଢାଳିଦେଇଥିଲା। ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଫେରାଇ ଆଣିବା ପାଇଁ ଗ୍ରୀନ୍ ସିଗ୍‌ନାଲ ଦେଇ ନ ଥିଲେ, ଯେଉଁଥିପାଇଁ ଦିଲୀପ ସର୍ତ୍ତରେ ରାଜି ନ ହୋଇ ଫେରି ଆସିଥିବା ଶୁଣିବାକୁ ମିଳିଛି। ଏଥିପାଇଁ ଦିଲୀପଙ୍କୁ ରବିବାର ପର୍ଯ୍ୟନ୍ତ ମଧ୍ୟ ଚିନ୍ତା କରି ଜଣାଇବାକୁ କୁହାଯାଇଥିଲା। ତାଙ୍କ ଜବାବ ଅପେକ୍ଷାରେ ରବିବାର ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ଥିଲେ ମଧ୍ୟ ତାହାକୁ ଘୁଞ୍ଚାଇ ସୋମବାର କରି ଦିଆଯାଇଥିଲା। ବିଜେଡି ତା'ର ପ୍ରାର୍ଥୀ ତାଲିକା ଘୋଷଣା କରିସାରିଥିବା ବେଳେ ଉଭୟ ଦିଲୀପ ଏବଂ ବିଜୟଙ୍କୁ ପୁଣିଥରେ ଫେରାଇ ଆଣିବା ପାଇଁ ଭାଜପାର ଏକ ନେତୃମଣ୍ଡଳୀ ଆଲୋଚନା ଜାରି ରଖିଛନ୍ତି। ଏଥିରୁ ଦୁଇଟି ବିଷୟ ବୁଝାପଡୁଛି। ନବୀନ ପଟ୍ଟନାୟକ ତାଙ୍କ ଦୀର୍ଘଦିନର ନିର୍ବାଚନମଣ୍ଡଳୀ ହିଞ୍ଜିଳିରୁ ହୁଏତ ଜିଣିପାରିବେ ବୋଲି ସମ୍ପୂର୍ଣ୍ଣ ବିଶ୍ୱାସ କରିପାରୁ ନାହାନ୍ତି। ହିଞ୍ଜିଳି ହାତରୁ ଖସିଲେ ଦକ୍ଷିଣ ଓଡିଶାରେ ବିଜେଡିର ପ୍ରଭାବ ହ୍ରାସ ପାଇବ ବୋଲି ଜାଣିବାଶୁଣିବା ମହଲରେ ବିଶ୍ୱାସ କରାଯାଉଛି। ହିଞ୍ଜିଳିର ଦୁର୍ବଳ ପରିସ୍ଥିତି ସମ୍ପର୍କିତ ଗୋଇନ୍ଦା ରିପୋର୍ଟ ଯାହାକି ବର୍ତ୍ତମାନ ସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଦ୍ୱିତୀୟତଃ ଏହି ରିପୋର୍ଟକୁ ପୋଲିସ ପକ୍ଷରୁ ଟୁଇଟ୍ କରି ଜାଲ୍ ବୋଲି କୁହାଯାଉଥିଲେ ମଧ୍ୟ କେଉଁ ସ୍ତରରୁ ଏହା ବାହାରେ ପ୍ରଘଟ ହେଲା ବୋଲି ସରକାରୀ ଅଫିସରମାନଙ୍କ ମଧ୍ୟରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଯାଇଛି। ଏହା ସତ୍ୟ ଯେ, ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ମଙ୍ଗଳବାର ଉକ୍ତ ରିପୋର୍ଟ ଅସତ୍ୟ ବୋଲି କହି ଖଣ୍ଡନ କରାଯାଇଛି। ଅନ୍ୟପଟେ ଏଭଳି ରିପୋର୍ଟ ବିରୋଧୀଙ୍କ ପାଖରେ ପହଞ୍ଚିବାର ଏକମାତ୍ର ଅର୍ଥ ତଳସ୍ତରର ପୋଲିସ କର୍ମଚାରୀ ଏବେକା ଶାସକ ଦଳଠାରୁ ମୁହଁ ମୋଡିବା ଆରମ୍ଭ କରିସାରିଲେଣି। ଏହା ଯଦି ବାସ୍ତବ ହୋଇଥାଏ ତେବେ ଆସନ୍ତା ଦିନରେ ବିଜେଡି ପାଇଁ କଠିନ ପରିସ୍ଥିତି ସୃଷ୍ଟି ହେବାର ଅନେକ ସମ୍ଭାବନା ରହିଛି।

## ଜଳିଗଲା ସ୍କୁଲ...

ବିଦ୍ୟାମନ୍ଦିରରୁ ୯ଜଣ ଛାତ୍ରୀ ଓ ୨ଜଣ ଛାତ୍ରଙ୍କୁ ନେଇ ୨୨୦ନଂ. ଜାତୀୟ ରାଜପଥ ଦେଇ ବଡ଼ବିଲ ଯାଉଥିଲା। ପାଟଣା-କରଞ୍ଜିଆ ମଝି ଧାନବେଣୀ ନିକଟରେ ଗାଡ଼ି ଇଞ୍ଜିନରେ ହଠାତ୍ ନିଆଁ ଲାଗି ଯାଇଥିଲା। ଚାଳକ ଲାଲମୋହନ ମହାନ୍ତ ଉପସ୍ଥିତ ବୁଦ୍ଧି ଖଟାଇ ଗାଡ଼ି ଅଟକାଇ ଛାତ୍ରୀଛାତ୍ରଙ୍କୁ ବାହାରକୁ ନେଇଆସିଥିଲେ। ଫଳରେ ଛାତ୍ରୀଛାତ୍ର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପାଟଣା ଥାନା ଏଏସଆଇ ସୁଧାଂଶୁଶେଖର ଜେନା, ମହେଶ୍ୱର ମୁଣ୍ଡା ଓ ଅଶୋକ କୁମାର ନାଏକ ପ୍ରମୁଖ ଦୁର୍ଘଟଣା ସ୍ଥଳରେ ଉପସ୍ଥିତ ରହି ଯାନବାହନ ଚଳାଚଳକୁ ସ୍ୱାଭାବିକ କରିଥିଲେ। ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ପରିବହନ ପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବାବେଳେ ଉପଯୁକ୍ତ ଯାଞ୍ଚ ଅଭାବରୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

## ପ୍ରଥମ ଲୋକପାଳ ...

ଅଜୟ କୁମାର ତ୍ରିପାଠୀଙ୍କୁ ଲୋକପାଳର ଜୁଡିସିଆଲ ମେମ୍ବର ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବତନ ସଶସ୍ତ୍ର ସୀମାବଳ ମୁଖ୍ୟ ଅର୍ଚ୍ଚନା ରାମସୁନ୍ଦରମ୍, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟ ଶାସନ ସଚିବ ଦିନେଶ କୁମାର ଜୈନ, ମହେନ୍ଦର ସିଂ ଏବଂ ଇନ୍ଦ୍ରଜିତ ପ୍ରସାଦ ଗୌତମଙ୍କୁ ଲୋକପାଳର ଅଣ-ବିଚାରବିଭାଗୀୟ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ଚୟନ କମିଟି ଉକ୍ତ ନିଯୁକ୍ତିକୁ ସୁପାରିସ କରିଥିବାବେଳେ ରାଷ୍ଟ୍ରପତିଙ୍କ ଦ୍ୱାରା ଏହା ଅନୁମୋଦନ ଲାଭ କରିଥିଲା।

■ ଭାଜପାର ବିଜୟ ସଂକଳ୍ପ ସମାବେଶ

## ମୁଖ୍ୟମନ୍ତ୍ରୀଙ୍କୁ ଗାଦିଚ୍ୟୁତ କରିବା ମୋର ଲକ୍ଷ୍ୟ:ଦାମ

ନୟାଗଡ଼ ଅଫିସ,୧୯।୩

ଦଶପଲ୍ଲା ନିର୍ବାଚନମଣ୍ଡଳୀର ଦଶପଲ୍ଲା ବଜାରରେ ମଙ୍ଗଳବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନ୍ନ୍ୟାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଧାୟକ ଡାକ୍ତର ଦାମୋଦର ରାଉତ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗାଦିଚ୍ୟୁତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି। ଜନସାଧାରଣ ଏଥିରେ ସହଯୋଗ କଲେ ନିଶ୍ଚୟ ଏହା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ତେଣୁ ରାଜ୍ୟରେ ଶାସନର ପରିବର୍ତ୍ତନ କରିବାକୁ ଆହ୍ୱାନ ଦେଇଥିଲେ। ଆଦିବାସୀମାନେ ନିଜର ଜମି ପଟ୍ଟା ପାଇଁ ହଇରାଣ ହେଉଛନ୍ତି, ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି, ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି, ଯୁବକମାନେ ବେକାର ହୋଇ ବୁଲୁଛନ୍ତି। ଏଭଳି ସ୍ଥଳେ ରାଜ୍ୟର ବିକାଶ ହେଉଥିବା କଥା କହି ବିଜେଡି ରାଜ୍ୟବାସୀଙ୍କୁ ୧୯ ବର୍ଷ ହେଲା ପ୍ରତାରଣା କରି ଆସୁଥିବା ରାଉତ ଅଭିଭାଷଣରେ କହିଥିଲେ। ଅଭିନେତା ଶ୍ରୀତମ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶାରେ ଶାସନର ପରିବର୍ତ୍ତନ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ଉପସଭାପତି ଠାକୁର ରଞ୍ଜିତ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ପ୍ରସନ୍ନ ଦାସ, ସାଧାରଣ ସମ୍ପାଦକ ମନୋଜ ବେହେରା,କୋଷାଧ୍ୟକ୍ଷ ବସନ୍ତ ମହାନ୍ତି, କନ୍ଧମାଳ ଲୋକ ସଭା ପ୍ରଭାରୀ ଅଶୋକ ମିଶ୍ର, ରାଘବ ମଲ୍ଲିକ, ସଲିଳା ସେଠୀ, ରବି ନନ୍ଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

| Dollar | Sensex | Nifty | Gold | Silver |
|---|---|---|---|---|
| 68.96 (43) | 38,363.47 (268.40) | 11,532.40 (70.20) | 32,970.00 (₹140) | 38,960.00 (₹235) |



“ କୃଷି ବ୍ୟବସ୍ଥାର ବିକାଶ ବିନା ଦେଶର ଦ୍ରୁତ ଅଭିବୃଦ୍ଧି ସାଧନ ହୋଇ ପାରିବ ନାହିଁ।

–ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ



“ ଚାଇନା ବ୍ୟାଙ୍କ ସହ ସହଯୋଗିତା ଦ୍ୱାରା ଗ୍ରାହକମାନେ ସୁବିଧା ଲାଭ କରିବା ନେଇ ଆଶାବାଦୀ।

–ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍‌ବିଆଇ

## ସଂକ୍ଷେପରେ

### ୩୧,୮୦୦ ପେଟ୍ରୋଲ ପମ୍ପ ବଣ୍ଟନ: ଇସିଙ୍କ ଅନୁମତି ନେବାକୁ ତୈଳ କମ୍ପାନୀଙ୍କ ଉଦ୍ୟମ

ନୂଆଦିଲ୍ଲୀ,୧୯-୩: ନିର୍ବାଚନ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ୩୧,୮୦୦ ପେଟ୍ରୋଲ ପମ୍ପ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ଦେଶରେ ଏବେ ଆଚରଣ ବିଧି ଲାଗୁ କରାଯାଇଛି। ଏଣୁ ପେଟ୍ରୋଲ ପମ୍ପ ବଣ୍ଟନ ପାଇଁ ୩ଟି ତୈଳ ବିତରଣ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ,ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଓ ଇଣ୍ଡିଆନ ଅଏଲ କର୍ପୋରେଶନ ଏବେ ଇସିଙ୍କ ଅନୁମତି ଚାହୁଁଛି। ଏହାକୁ ଦୃଷ୍ଟିରେ ରଖି ଇସିଙ୍କଠାରୁ ଅନୁମତି ଆଣିବା ଉଦ୍ଦେଶ୍ୟରେ ତୈଳ ବିତରଣ କମ୍ପାନୀଗୁଡ଼ିକ ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ସୂଚନାଥାଉ କି, ଦେଶରେ ୭୮,୪୯୩ ଟି ପେଟ୍ରୋଲ ପମ୍ପ ପ୍ରତିଷ୍ଠା ଉଦ୍ଦେଶ୍ୟରେ ତୈଳ କମ୍ପାନୀଗୁଡ଼ିକ ଆବେଦନ ଆହ୍ୱାନ କରିଥିଲେ। ତନ୍ମଧ୍ୟରୁ ୩୧,୮୦୦ ପାଇଁ ବିଡ୍ ଧାର୍ଯ୍ୟ ହୋଇଛି। ଇତିମଧ୍ୟରେ ସେମାନେ ୨୫୭୯ ସ୍ଥାନରେ ପେଟ୍ରୋଲ ପମ୍ପ ସ୍ଥାପନ ଲାଗି ଏଲ୍‌ଓଆଇ ପ୍ରଦାନ କରିସାରିଛନ୍ତି।

# ଜେଟ୍ ଏୟାରୱେଜର ସଙ୍କଟ ଟାଳିବାକୁ ଉଦ୍ୟମ

- ଜରୁରୀ ବୈଠକ ଡାକିଲେ ସରକାର
- ସହାୟତା ଲାଗି ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୯-୩**

ଆଗକୁ ସାଧାରଣ ନିର୍ବାଚନ। ଏ ସମୟରେ ଜେଟ୍ ଏୟାରୱେଜ ସଙ୍କଟ ଯୋଗୁ କର୍ମଚାରୀ ଚାକିରି ହରାନ୍ତୁ ଏହା ଚାହୁଁନାହାନ୍ତି ଏନ୍‌ଡିଏ ସରକାର। କାରଣ ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଟାର୍ଗେଟ କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏବେ ଏହି ଘରୋଇ କମ୍ପାନୀକୁ ବଞ୍ଚାଇବା ଲାଗି ମଇଦାନକୁ ଓହ୍ଲାଇଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଜେଟ୍ ଏୟାରୱେଜକୁ ଆର୍ଥିକ ସଙ୍କଟରୁ ବାହାର କରିବା ଲାଗି ପ୍ରୟାସ ଆରମ୍ଭ କରନ୍ତୁ ବୋଲି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହାର ସମାଧାନ ନେଇ ଜରୁରୀ ବୈଠକ ଡାକିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ନିର୍ଦ୍ଦେଶ ଦେଇଛନ୍ତି।

ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜେଟ୍‌ର ଆର୍ଥିକ ସ୍ଥିତି ସମ୍ପର୍କରେ ତଥ୍ୟ ଉପଲବ୍ଧ କରାଇବା ଲାଗି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ଏକ ବ୍ୟାଙ୍କ ସମୂହକୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ। ନିକଟ ଅତୀତରେ ଜେଟ୍‌ର ପୁନରୁଦ୍ଧାର ଯୋଜନା ନେଇ ବ୍ୟାଙ୍କଗୁଡ଼ିକ ସାପ୍ତାହିକ ଭିତ୍ତିରେ ସରକାରଙ୍କୁ ସୂଚନା ଦେଉଥିଲେ ଓ ଏ ସଂକ୍ରାନ୍ତରେ ପରାମର୍ଶ ଦେବା ପାଇଁ କୁହାଯାଇଥିଲା। ଏକ ଘରୋଇ ବିମାନ କମ୍ପାନୀକୁ ବଞ୍ଚାଇବା ଲାଗି ଟିକସଦାତାଙ୍କ ଅର୍ଥକୁ ସରକାର ବାଜିରେ ଲଗାଇବାକୁ ସରକାର ଏବେ ବଦ୍ଧପରିକର। ନିଜର ୪୯% ଅଂଶଧନ ଥିବା ନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ଇନଫ୍ରାଷ୍ଟ୍ରକଚର ଫଣ୍ଡ(ଏନ୍‌ଆଇଆଇଏଫ୍)କୁ ସରକାର ଜେଟ୍‌ରେ ନିବେଶ କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି। କମ୍ପାନୀର ଋଣକୁ ଇକ୍ୱିଟିରେ ପରିବର୍ତ୍ତନ କରିବା ଏବଂ ଜେଟ୍‌ରେ ଅଂଶଧନ କିଣିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଏହା ଏକ ଅସ୍ଥାୟୀ ଯୋଜନା



ହେବ। ଜେଟ୍‌ର ଆର୍ଥିକ ସ୍ଥିତି ସୁଧୁରିଯିବା ପରେ ନିବେଶକାରୀ ବ୍ୟାଙ୍କ ନିଜର ଅଂଶଧନକୁ ବିକ୍ରି କରି ଦେବେ। ସରକାରଙ୍କ ଭୟ ଯେ, ଜେଟ୍ ବୁଡ଼ିଗଲେ ବିମାନ ଭଡ଼ା ମାତ୍ରାଧିକ ଭାବେ ବଢ଼ିଯିବ ଏବଂ ଦେଶରେ ବେସାମରିକ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ ପ୍ରଭାବିତ ହେବ। ଏହାଛଡ଼ା ଏହି କ୍ଷେତ୍ରଟି ନିଯୁକ୍ତି ସୃଷ୍ଟିର ସବୁଠୁ ବଡ଼ ମାଧ୍ୟମ ହୋଇଥିବାରୁ ନିର୍ବାଚନ ସମୟରେ ଏ କ୍ଷେତ୍ର ପ୍ରଭାବିତ ହେଉ ସରକାର ଚାହୁଁନାହାନ୍ତି। ଏହି କାରଣରୁ ଜେଟ୍ ଏୟାରୱେଜରେ ଉତ୍ପନ୍ନ ସଙ୍କଟ ଟାଳିବା ଉଦ୍ଦେଶ୍ୟରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଜରୁରିକାଳୀନ ବୈଠକ ଡକାଇବାକୁ ମଙ୍ଗଳବାର ମନ୍ତ୍ରଣାଳୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ତୁରନ୍ତ ରିପୋର୍ଟ ପଠାଇବାକୁ ସେ କହିଛନ୍ତି।

### ଜେଟ୍‌ର ଏବେ ଉଡୁଛି ୪୧ ବିମାନ

ଜେଟ୍ ଏୟାରୱେଜର ଅଧିକାରୀଙ୍କ ସହ ମଙ୍ଗଳବାର ଆଲୋଚନା ପରେ କମ୍ପାନୀର ଏବେ ମାତ୍ର ୪୧ ବିମାନ ଉଡ଼ାଣ ଭରୁଛି ବୋଲି ଡିଜିସିଏ ପ୍ରକାଶ କରିଛି। ପରିସ୍ଥିତି ଭଲ ନ ଥିବାରୁ ଆଗାମୀ ଦିନରେ ଅଧିକ ବିମାନ ଛିଡ଼ା ହେବ ବୋଲି ଏହା କହିଛି। ବିମାନ ଉଡ଼ାଣ ସଂକ୍ରାନ୍ତରେ ନିୟମ ପାଳନ କରିବାକୁ ଏହି ବୈଠକରେ ଡିଜିସିଏ ନିର୍ଦ୍ଦେଶ ଦେଇଛି।

### ଉଡ଼ାଣ ରଦ୍ଦ କରିବାକୁ ପାଇଲଟଙ୍କ ଧମକ

୩ ମାସ ହେବ ଦରମା ପାଇ ନ ଥିବା ଜେଟ୍ ଏୟାରୱେଜର ଇଞ୍ଜିନିୟର ଓ ପାଇଲଟ ଏବେ ଏପ୍ରିଲ ପହିଲାରୁ ଉଡ଼ାଣ ରଦ୍ଦ କରିବାକୁ ଧମକ ଦେଇଛନ୍ତି। ଜେଟ୍ ବିମାନର ସୁରକ୍ଷା ନେଇ ଗ୍ୟାରେଣ୍ଟି ଦେଇ ହେବ ନାହିଁ ବୋଲି ଇଞ୍ଜିନିୟରମାନେ ଚେତାବନୀ ଦେଇ କେନ୍ଦ୍ର ସରକାରଙ୍କୁ ହସ୍ତକ୍ଷେପ କରିବାକୁ ପତ୍ର ଲେଖିଛନ୍ତି। ଅନ୍ୟପକ୍ଷରେ ପାଇଲଟମାନେ ମାର୍ଚ୍ଚ ୩୧ ସୁଦ୍ଧା ରିଜୋଲ୍ୟୁଶନ ଯୋଜନା ପ୍ରଣୟନ ଏବଂ ଦରମା ପ୍ରଦାନ କରିବାକୁ ସମୟ ଦେଇଛନ୍ତି। ନଚେତ୍ ସେମାନେ ଏପ୍ରିଲ ପହିଲାରୁ ବିମାନ ଉଡ଼ାଇବେ ନାହିଁ ବୋଲି ସଫା ସଫା କହିଦେଇଛନ୍ତି।

- ସରକାରୀ ଡାଟା ବିଶ୍ୱସନୀୟତାକୁ ନେଇ ପ୍ରଶ୍ନବାଚୀ

# ଅର୍ଥନୀତିଜ୍ଞଙ୍କ ବିରୋଧରେ ମୁହଁ ଖୋଲିଲେ ଜେଟ୍‌ଲୀ

**ନୂଆଦିଲ୍ଲୀ,୧୯-୩**

ସରକାରୀ ଡାଟାର ବିଶ୍ୱସନୀୟତା ଉପରେ ଦେଶର ୧୦୮ ଅର୍ଥନୀତିଜ୍ଞ ଗତ ସପ୍ତାହରେ ପ୍ରଶ୍ନବାଚୀ ଲଗାଇଥିବା ବେଳେ ଏହାକୁ ନେଇ ଅର୍ଥମନ୍ତ୍ରୀ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ମୁହଁ ଖୋଲିଛନ୍ତି। ୭୦ % ଅର୍ଥନୀତିଜ୍ଞ ଅଧିକାଂଶ କ୍ଷେତ୍ରରେ ବିରୋଧାତ୍ମକ ଆଚରଣ କରୁଥିବା ଜେଟଲୀ କହିଛନ୍ତି। ଟୁଇଟରରେ ଜାରି ଏକ ଭିଡ଼ିଓରେ ଜେଟଲୀ କହିଛନ୍ତି ଯେ, ବିଭିନ୍ନ ଦିଗକୁ ଦେଖିଲେ ଅର୍ଥନୀତିରେ ଅଭିବୃଦ୍ଧି ଆସିଛି। ଏପରି ସ୍ଥିତିରେ ନିଯୁକ୍ତି ସୃଷ୍ଟି ହେଉ ନ ଥିବା କିଭଳି ଜଣେ କହିପାରିବ ବୋଲି ଅର୍ଥମନ୍ତ୍ରୀ ଯୁକ୍ତି ବାଢିଛନ୍ତି। ସରକାରୀ ତଥ୍ୟର ସଠିକତାକୁ ନେଇ ୧୦୮ ଅର୍ଥନୀତିଜ୍ଞ ପ୍ରଶ୍ନ ଉଠାଇବା ପରେ ଜେଟଲୀ ଏଭଳି ପ୍ରତିକ୍ରିୟା ରଖିଛନ୍ତି।



ଏହି ଅର୍ଥନୀତିଜ୍ଞମାନେ ଗତ ପାଞ୍ଚ ବର୍ଷ ହେବ ସରକାରଙ୍କୁ ବିଭିନ୍ନ କ୍ଷେତ୍ରରେ ସମାଲୋଚନା କରୁଛନ୍ତି। ରାଜନୈତିକ କିମ୍ବା ଅର୍ଥନୈତିକ ପ୍ରସଙ୍ଗରେ ଏମାନେ ଯୁକ୍ତି ବାଢୁଛନ୍ତି। ସରକାରୀ ତଥ୍ୟକୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ ଭଳି ସଂସ୍ଥା ସର୍ବଦା ଗ୍ରହଣ କରୁଥିବା ଅର୍ଥମନ୍ତ୍ରୀ କହିଛନ୍ତି। ମାତ୍ର ଦେଶର ଅର୍ଥନୀତିଜ୍ଞମାନେ ନିଯୁକ୍ତି ସୃଷ୍ଟି ହେଉ ନ ଥିବା କହୁଛନ୍ତି। ଏନ୍‌ଡିଏ ସରକାରଙ୍କ ସମୟରେ ଭିତ୍ତିଭୂମିରେ ଢେର ଉନ୍ନତି ହୋଇଥିବା ଜେଟ୍‌ଲୀ ଯୁକ୍ତିରେ କହିଛନ୍ତି। ପ୍ରତିବର୍ଷ ୧୦,୦୦୦ କିମି ରାଜପଥ, ସବୁ ଗ୍ରାମକୁ ବିଜୁଳି, ସମସ୍ତଙ୍କ ଲାଗି ପରିମଳ ସୁବିଧା, ବାସଗୃହ, ସହରୀ ଭିତ୍ତିଭୂମି ଭଳି ବିଭିନ୍ନ ଦିଗ ଉପରେ ଜେଟଲୀ ମତ ରଖିଛନ୍ତି।

### ଏପ୍ରିଲରୁ ଘର କିଣା ହେବ ଶସ୍ତା
### ବିଲ୍ଡରଙ୍କୁ ଆଶ୍ୱସ୍ତି ଦେଲେ ଜିଏସ୍‌ଟି କାଉନ୍‌ସିଲ୍



ନୂଆଦିଲ୍ଲୀ,୧୯-୩: ଆସନ୍ତା ଏପ୍ରିଲ ପହିଲାରୁ ଘର/ଫ୍ଲାଟ୍ କିଣିବା ଶସ୍ତା ହେବ। ମଙ୍ଗଳବାର ଅନୁଷ୍ଠିତ ଜିଏସ୍‌ଟି କାଉନ୍‌ସିଲର ୩୪ ତମ ବୈଠକରେ ନୂଆ ଟିକସ ଢାଞ୍ଚା ଏବଂ ନିୟମକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଫଳରେ ବିଲ୍ଡରଙ୍କୁ ଆଶ୍ୱସ୍ତି ମିଳିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ସଚିବ ଏ.ବି.ପାଣ୍ଡେ ଜିଏସ୍‌ଟି କାଉନସିଲ ବୈଠକ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାରଗୁଡ଼ିକ ସହ ଆଲୋଚନା କରିବା ପରେ ରିୟଲିଟି ସେକ୍ଟରରେ କାର୍ଯ୍ୟରତ କମ୍ପାନୀ ଓ ବିଲ୍ଡରଙ୍କୁ ନୂଆ ଟିକସ ଢାଞ୍ଚା ପାଳନ ଲାଗି ପର୍ଯ୍ୟାପ୍ତ ସମୟ ଦିଆଯିବ। ସେମାନେ ଗୋଟିଏ ଥର ବିକଳ୍ପ ଭାବେ ପୁରୁଣା ଓ ନୂଆ ଜିଏସ୍‌ଟି ମଧ୍ୟରେ ଗୋଟିକୁ ବାଛିବାର ସୁଯୋଗ ପାଇବେ।

# ‘ଆତ୍ମଘାତୀ ଥିଲା ବିମୁଦ୍ରୀକରଣ’

**ନୂଆଦିଲ୍ଲୀ,୧୯-୩**

୨୦୧୬ ନଭେମ୍ବର ୮ରେ ସରକାର ବିମୁଦ୍ରୀକରଣ ଘୋଷଣା ଦ୍ୱାରା ବଜାରରେ ପ୍ରଚଳିତ ବଡ ବଡ ନୋଟଗୁଡ଼ିକୁ ଅଚଳ କରି ଦେଇଥିଲେ। ଏହା ଦ୍ୱାରା ଅର୍ଥନୀତି ଗଭୀର ପ୍ରଭାବିତ ହୋଇଥିବା ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହା ସରକାରଙ୍କ ଲାଗି ଆତ୍ମଘାତୀ ଥିଲା ବୋଲି ରାଜନୈତିକ ବିଶ୍ଳେଷକ ସଲମାନ ଆନିସ ସୋଜ ତାଙ୍କର ପୁସ୍ତକରେ ଉଲ୍ଲେଖ କରିଛନ୍ତି। ପୁସ୍ତକରେ ମୋଦି ସରକାରଙ୍କ ସମୟର ଅର୍ଥନୀତି ଉପରେ ଗଭୀର ବିଶେଷଣ କରାଯାଇଛି। ସାଧାରଣ ଲୋକଙ୍କଠାରୁ ବିଶେଷଜ୍ଞଙ୍କ ପର୍ଯ୍ୟନ୍ତ ସମସ୍ତେ ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। କଳାଟଙ୍କା, ଆତଙ୍କବାଦ ଏବଂ ନକଲି ନୋଟ କାରବାରକୁ ରୋକିବାରେ ସରକାରଙ୍କ ଏହି ପଦକ୍ଷେପ କେତେ ଫଳପ୍ରଦ ହୋଇଛି ତା’ର ତର୍ଜମା ମଧ୍ୟ ପୁସ୍ତକରେ ହୋଇଛି। ଅପରପକ୍ଷରେ ଭାରତକୁ କ୍ୟାଶଲେସ ଅର୍ଥନୀତି ଦିଗରେ ନେବାକୁ ଏହା ସକ୍ଷମ ହୋଇ ନ ଥିବା ପୁସ୍ତକରେ କୁହାଯାଇଛି। ସେହିଭଳି ବିମୁଦ୍ରୀକରଣ ଯୋଗୁ ୧୦୦ରୁ ଅଧିକ ଲୋକଙ୍କ ଜୀବନ ହାନି ଏବଂ ନିୟୁତାଧିକ ଲୋକଙ୍କର ନିଯୁକ୍ତି ଚାଲି ଯାଇଥିବା ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମୀ(ସିଏମ୍‌ଆଇଇ) ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ଏହାବାଦ ନିୟୁତାଧିକ ଲୋକ ଶ୍ରମ ଶକ୍ତିରୁ ବାହାର ହୋଇଥିବା ପ୍ରସଙ୍ଗ ଏଥିରେ ସ୍ଥାନିତ ହୋଇଛି। ବିମୁଦ୍ରୀକରଣ ଦ୍ୱାରା ଅର୍ଥନୀତି କ୍ଷତିଗ୍ରସ୍ତ ହୋଇ ନ ଥିବା ଯେଉଁ ସମର୍ଥକମାନେ କହୁଛନ୍ତି ,ଅର୍ଥନୈତିକ ସର୍ଭେ ରିପୋର୍ଟ କିଭଳି ଏହା ଦର୍ଶାଇଛି ବୋଲି ସୋଜ ଯୁକ୍ତି ବାଢିଛନ୍ତି।

# ଅଭିବୃଦ୍ଧି ଲାଗି ମୁଦ୍ରାନୀତି ଆଣିବାକୁ ପରାମର୍ଶ

## ଗଭର୍ନରଙ୍କୁ ଭେଟିଲେ ଅର୍ଥନୀତିଜ୍ଞ

**ନୂଆଦିଲ୍ଲୀ,୧୯-୩**

ପ୍ରାୟ ଏକ ଡଜନରୁ ଊର୍ଦ୍ଧ୍ୱ ଦେଶର ବିଶିଷ୍ଟ ଅର୍ଥନୀତିଜ୍ଞ ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଭେଟି ଦେଶର ଅର୍ଥନୀତି ଧିମା ହେଉଥିବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ନିଜର ମୁଦ୍ରାନୀତି ପ୍ରଣୟନ ମାଧ୍ୟମରେ ଅର୍ଥନୀତି ଅଭିବୃଦ୍ଧି ବଢ଼ାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

ଏପ୍ରିଲ ୪ରୁ ରିଜର୍ଭ ବ୍ୟାଙ୍କର ମନିଟାରି ପଲିସି କମିଟି(ଏମ୍‌ପିସି)ର ୩ ଦିନିଆ ବୈଠକ ବସିବାକୁ ଯାଉଛି। ରେପୋ ରେଟକୁ ଆହୁରି ୫୦ ବେସିସ୍ ପଏଣ୍ଟ ହ୍ରାସ କରିବାକୁ ସେମାନେ



ଗଭର୍ନରଙ୍କ ନିକଟରେ ଦାବି କରିଥିବା ଜଣେ ଅର୍ଥନୀତିଜ୍ଞ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତେବେ ଆର୍‌ବିଆଇ ରେପୋ ରେଟ କେତେ କମାଇବା ସମ୍ଭାବନା ରହିଛି ତାହା ସେ ପ୍ରକାଶ କରିନାହାନ୍ତି। ଅନ୍ୟ ଜଣେ ଅର୍ଥନୀତିଜ୍ଞ କହିଛନ୍ତି ଯେ, ମୁଦ୍ରାନୀତିରେ ଅର୍ଥନୀତି ଅଭିବୃଦ୍ଧି ପାଇଁ ବ୍ୟବସ୍ଥା ହେଉ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ଆଶାବ୍ୟକ୍ତ କରିଛନ୍ତି। ସୂଚନାଥାଉ କି, ଦେଶର ଅର୍ଥନୀତି ବିକାଶ ହାର ଅକ୍ଟୋବର-ଡିସେମ୍ବରରେ ୬.୬% ହୋଇଛି, ଯାହାକି ୫ ତ୍ରୈମାସରେ ସର୍ବନିମ୍ନ। ଅଭିବୃଦ୍ଧି ଧିମା ହେବା କାରଣରୁ ସରକାରଙ୍କ ରାଜସ୍ୱ ଆଦାୟ କମିବାରେ ଲାଗିଛି। ତେବେ ଗଭର୍ନର କିମ୍ବା ଆର୍‌ବିଆଇ ଅଧିକାରୀ ଅର୍ଥନୀତିଜ୍ଞଙ୍କୁ କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି।

- ଆୟୁଷ୍ମାନ ଭାରତ ଯୋଜନା

# ହସ୍ପିଟାଲଗୁଡ଼ିକୁ ଦିଆଯିବ ଷ୍ଟାର ରେଟିଂ

**ନୂଆଦିଲ୍ଲୀ,୧୯-୩**

ଗରିବ ପରିବାରଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ଆରମ୍ଭ ହୋଇଥିବା ମାଗଣା ବୀମା ସୁବିଧା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଆୟୁଷ୍ମାନ ଭାରତ ଯୋଜନା) ଅଧୀନରେ ଏବେ ଚିକିତ୍ସା କରୁଥିବା ହସ୍ପିଟାଲଗୁଡ଼ିକର ପ୍ରଦର୍ଶନ ଉପରେ କେନ୍ଦ୍ର ସରକାର ନଜର ରଖିବେ। ଏହାକୁ ଭିତ୍ତିକରି ସେମାନଙ୍କୁ ଷ୍ଟାର ରେଟିଂ ଦିଆଯିବ।

ଆୟୁଷ୍ମାନ ଯୋଜନା ପରିଚାଳନା କରୁଥିବା ଏଜେନ୍ସି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ସିଇଓ ଡ.ଇନ୍ଦୁ ଭୂଷଣ ମଙ୍ଗଳବାର କହିଛନ୍ତି ଯେ, ଦେଶର ପ୍ରାୟ ୧୧ କୋଟି ଗରିବ ପରିବାରର ୫୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସରକାରୀ ଓ ଘରୋଇ ହସ୍ପିଟାଲରେ ନଗଦ ରହିତ ଚିକିତ୍ସା ସୁବିଧା ଉପଲବ୍ଧ କରାଯାଉଥିବା ଉକ୍ତ ଯୋଜନାରେ ଅଦ୍ୟାବଧି ୧୫ ହଜାର ହସ୍ପିଟାଲ ଯୋଡି ହୋଇଛନ୍ତି। ଚିକିତ୍ସାର ଗୁଣବତ୍ତା ଉପରେ ସରକାରଙ୍କ ନଜର ରହିଛି। ଯୋଜନାରେ ସାମିଲ ହସ୍ପିଟାଲଗୁଡ଼ିକର ଗୁଣବତ୍ତାରେ ସୁଧାର ଲାଗି ପ୍ରଦର୍ଶନ ଆଧାରିତ ଦେୟ ପ୍ରଣାଳୀ ବିକଶିତ କରାଯାଇଛି ବୋଲି ସେ କହିଛନ୍ତି।

# ପଛଦ୍ୱାର ବାଟେ ମାଇଣ୍ଡଟ୍ରିର କବ୍ଜା ଚାହୁଁଛି ଏଲ୍‌ଆଣ୍ଡଟି

## ଆଇଟି କ୍ଷେତ୍ରରେ ଅଭିନବ ଅଧିଗ୍ରହଣ ଉଦ୍ୟମ

**ନୂଆଦିଲ୍ଲୀ,୧୯-୩**

ଦେଶର ଆଇଟି ଶିଳ୍ପରେ ଏବେ ଏକ ଅଭିନବ ଅଧିଗ୍ରହଣ ଲଢ଼େଇ ଆରମ୍ଭ ହୋଇଯାଇଛି। ଦେଶର ଦୁଇ ଶୀର୍ଷ କମ୍ପାନୀ ଲାର୍ସନ ଆଣ୍ଡ ଟୁବ୍ରୋ(ଏଲ୍‌ଆଣ୍ଡଟି) ଆଇଟି କମ୍ପାନୀ ମାଇଣ୍ଡଟ୍ରିକୁ ଜବରଦସ୍ତ ଅଧିଗ୍ରହଣ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ମାଇଣ୍ଡଟ୍ରି ମ୍ୟାନେଜମେଣ୍ଟ ଏହି ଅଭିଯୋଗ ଆଣିଛନ୍ତି। କମ୍ପାନୀ ମ୍ୟାନେଜମେଣ୍ଟକୁ ଆଡେଇ ଦେଇ ଏଲ୍‌ଆଣ୍ଡଟି ଶେୟାରଧାରୀଙ୍କ ଜରିଆରେ ପଛଦ୍ୱାର ବାଟେ ଏହି ଅଧିଗ୍ରହଣ ପ୍ରୟାସ କରୁଥିବା ମାଇଣ୍ଡଟ୍ରି କହିଛି।

ବ୍ୟବସାୟିକ ଭାଷାରେ ଏହାକୁ ‘ହୋଷ୍ଟାଇଲ ଟେକ୍‌ଓଭର’ କୁହାଯାଏ। ଏହାର ଅର୍ଥ କମ୍ପାନୀକୁ କିଣିବା ଲାଗି ଏହାର ମ୍ୟାନେଜମେଣ୍ଟ ସହ ଆଲୋଚନା ନ କରି ସିଧାସଳଖ ଶେୟାରଧାରୀଙ୍କ ସହ ଡିଲ୍ କରାଯାଏ। ଏହି ଟେକ୍‌ଓଭର ବେଳେ ଅନେକ ସମୟରେ ଟାର୍ଗେଟ କମ୍ପାନୀର ମ୍ୟାନେଜମେଣ୍ଟକୁ ବଦଳାଇ ଦିଆଯିବାର ଉଦ୍ୟମ କରାଯାଏ। କିନ୍ତୁ ବିକ୍ରି ହେବାକୁ ଥିବା କମ୍ପାନୀ ଏହି ଟେକ୍‌ଓଭରକୁ ବିରୋଧ କରେ। ଏକ୍ଷେତ୍ରରେ ମାଇଣ୍ଡଟ୍ରି ମ୍ୟାନେଜମେଣ୍ଟ ବିରୋଧ ଆରମ୍ଭ




କରିଛି। ଏହା ସତ ଯେ, କୌଣସି କମ୍ପାନୀରେ ପ୍ରତିଷ୍ଠାତା ବା ପ୍ରମୋଟର ଅଥବା ମ୍ୟାନେଜମେଣ୍ଟର ଅଂଶଧନ ଶେୟାରଧାରୀଙ୍କଠାରୁ ଅଧିକ ହୋଇଥାଏ। କିନ୍ତୁ ଏଲ୍‌ଆଣ୍ଡଟି ପକ୍ଷରୁ ମାଇଣ୍ଡଟ୍ରିର ୬୭ ପ୍ରତିଶତ ଅଂଶଧନକୁ କିଣାଯିବାର ପ୍ରସ୍ତାବ ରହିଛି। ଏଥିପାଇଁ କମ୍ପାନୀ ପ୍ରାୟ ୧୦,୮୦୦ କୋଟି ଟଙ୍କା ବ୍ୟୟ କରିବ ବୋଲି ଜଣାପଡିଛି। ଏହା ଦେଶର ଆଇଟି ସେକ୍ଟରରେ ପ୍ରଥମ ଶତ୍ରୁତାପୂର୍ଣ୍ଣ ଅଧିଗ୍ରହଣ ହେବାକୁ ଯାଉଛି। ଯୋଜନାନୁଯାୟୀ, ଏଲ୍‌ଆଣ୍ଡଟି କଫି ଡେ ମାଲିକ ଭି.ଜି.ସିଦ୍ଧାର୍ଥଙ୍କର ମାଇଣ୍ଡଟ୍ରିରେ ଥିବା ୨୦.୩୨ ପ୍ରତିଶତ ଅଂଶଧନକୁ କିଣିବା ଲାଗି ଚୁକ୍ତି କରିଛି। ଏହା ୩୨୬୯ କୋଟି ଟଙ୍କାର ନଗଦ କାରବାର ହେବ। ଏହାବ୍ୟତୀତ କମ୍ପାନୀ ବ୍ରୋକରଙ୍କୁ ମାଇଣ୍ଡଟ୍ରିର ୧୫% ଅତିରିକ୍ତ ଅଂଶଧନ କିଣିବାକୁ ନିର୍ଦ୍ଦେଶ ଦେଇସାରିଛି। ଏଥିଲାଗି କମ୍ପାନୀ ପ୍ରାୟ ୨୫୦୦ କୋଟି ଟଙ୍କା ପ୍ରଦାନ କରିବ। ସେହିପରି ଖୋଲା ପ୍ରସ୍ତାବ ମାଧ୍ୟମରେ ୫୦୩୦ କୋଟି ଟଙ୍କାରେ ୩୧% ଅଂଶଧନ କିଣିବାକୁ ଏଲ୍‌ଆଣ୍ଡଟି ପ୍ରସ୍ତାବ ଦେଇଛି। ଏଥିଲାଗି କମ୍ପାନୀ ଶେୟାର ପିଛା ୯୮୦ ଟଙ୍କା ଦେବ। ଏଭଳି ଭାବେ ମାଇଣ୍ଡଟ୍ରିର ୬୭% ଅଂଶଧନ ଏଲ୍‌ଆଣ୍ଡଟି ଅକ୍ତିଆର କରିନେବ। ଅନ୍ୟପକ୍ଷରେ ମାଇଣ୍ଡଟ୍ରି ମ୍ୟାନେଜମେଣ୍ଟ ଏଭଳି ଜବରଦସ୍ତ ଅଧିଗ୍ରହଣକୁ ବିରୋଧ କରିଛି ଓ ଏହା କମ୍ପାନୀ ଲାଗି ଏକ ବିପଦଘଣ୍ଟି ବୋଲି କହିଛି। ଆଇଟି କମ୍ପାନୀକୁ ବଞ୍ଚାଇବା ଲାଗି ଏବେ ଏହାର କାର୍ଯ୍ୟକାରୀ ଅଧ୍ୟକ୍ଷ କୃଷ୍ଣକୁମାର ନଟରାଜନ, ସହ ପ୍ରତିଷ୍ଠାତା ସୁବ୍ରତ ବାଗ୍‌ଚୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଷ୍ଟୋ ରାବନନ ଏବଂ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଏବଂ ଏମ୍‌ଡି ପାର୍ଥସାରଥି ଏନ୍.ଏସ୍ ଏବେ ମଇଦାନକୁ ଓହ୍ଲାଇଛନ୍ତି। କମ୍ପାନୀର ପ୍ରଗତିକୁ ଏଲ୍‌ଆଣ୍ଡଟି ବରବାଦ୍ କରିଦେବ ବୋଲି ସେମାନେ କହିଛନ୍ତି। ୧ ଲକ୍ଷ ୨୦ ହଜାର କୋଟି ଟଙ୍କାର ଇଞ୍ଜିନିୟରିଂ କମ୍ପାନୀ କାହିଁକି ନିଜର ଏକ ଆଇଟି କମ୍ପାନୀ ଖୋଲୁନି ବୋଲି ମାଇଣ୍ଡଟ୍ରି ସହ ପ୍ରତିଷ୍ଠାତା କ୍ରିଷ୍ଣକୁମାର ନଟରାଜନ୍ ପ୍ରଶ୍ନ କରିଛନ୍ତି। ଜବରଦସ୍ତ ଅଧିଗ୍ରହଣ ହେଲେ ସମସ୍ତ କର୍ମଚାରୀ କମ୍ପାନୀ ଛାଡ଼ି ଚାଲିଯିବେ ବୋଲି ସେ ଧମକ ଦେଇଛନ୍ତି। ଅନ୍ୟପକ୍ଷରେ ମାଇଣ୍ଡଟ୍ରି ଅଧିଗ୍ରହଣ ନେଇ ଏଲ୍‌ଆଣ୍ଡଟିର ଏମ୍‌ଡି ତଥା ସିଇଓ ଏସ.ଏନ୍. ସୁବ୍ରମଣ୍ୟନ୍ କହିଛନ୍ତି ଯେ, ଏବେ ମାଇଣ୍ଡଟ୍ରିକୁ ଏହାର ଆଇଟି କମ୍ପାନୀ ସହ ମିଶ୍ରଣ କରାଯିବ ନାହିଁ। ବର୍ତ୍ତମାନ ଏହାକୁ ଏକ ସ୍ୱତନ୍ତ୍ର କମ୍ପାନୀ ଭାବେ ପରିଚାଳନା କରାଯିବ। ଉଭୟ କମ୍ପାନୀ ସ୍ୱତନ୍ତ୍ର ଭାବେ ଷ୍ଟକ ମାର୍କେଟରେ ତାଲିକାଭୁକ୍ତ ହୋଇରହିବେ।

### ନୀରବଙ୍କ ପ୍ରତ୍ୟର୍ପଣ ନେଇ ଚେଷ୍ଟା ଚାଲିଛି:ସିବିଆଇ

**ନୂଆଦିଲ୍ଲୀ,୧୯-୩**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମହାଘୋଟାଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କୁ ଲଣ୍ଡନରୁ ଭାରତକୁ ପ୍ରତ୍ୟର୍ପଣ ଲାଗି ସମସ୍ତ ପ୍ରକାରର ଉଦ୍ୟମ କରାଯାଉଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ଜଣେ ଅଧିକାରୀ ଏ ନେଇ ମଙ୍ଗଳବାର ସୂଚନା ଦେଇଛନ୍ତି।

OFFICE OF THE PRINCIPAL
S.K.C.G.(AUTONOMOUS) COLLEGE, PARALAKHEMUNDI, GAJAPATI

L.No. 775 Dt. 19.03.2019

S.K.C.G. Auto College, Paralakhemundi, Gajapati invited sealed quotation for supply of manpower (one DEO) on outsourcing basis and supply of Water purifier cooler and Library books under IDP, OHEPEE, Odisha by 27th March 2019. For details, firms interested are requested to visit the college website www. principal@skcgparala.ac.in.

Sd./- PRINCIPAL

ଭାରତୀୟ ରିଜର୍ଭ ବ୍ୟାଙ୍କ
ଭୁବନେଶ୍ୱର
ସମ୍ପଦ ବିଭାଗ
ଟେଣ୍ଡର ବିଜ୍ଞପ୍ତି

ବ୍ୟାଙ୍କର ମୁଖ୍ୟ ପରିସର ମଧ୍ୟରେ ମାଇକ୍ରୋପ୍ରୋସେସର ଉପରେ ଆଧାରିତ ସିକ୍ୟୁରିଟି ଆଲାର୍ମର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କାର୍ଯ୍ୟକ୍ଷମ କରଣ।

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରଙ୍କ ତରଫରୁ ଉପରୋକ୍ତ କାର୍ଯ୍ୟ (ଅନୁମାନିକ ମୂଲ୍ୟ ୧୨.୮୬ ଲକ୍ଷ) ପାଇଁ ଯୋଗ୍ୟ ଠିକାଦାରମାନଙ୍କ ଠାରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। MSTC Portal ରେ ଏହି ଟେଣ୍ଡର ଜମା କରିବାର ଶେଷ ସମୟ ଦିନାଙ୍କ ୧୮-ଏପ୍ରିଲ-୨୦୧୯ ଅପରାହ୍ନ ୨ଟା ଅଟେ। ଅଧିକ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ www.rbi.org.in କୁ ଦେଖନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ

N.P.C.C. Ltd.
(A Govt. of India Enterprises)
Bhubaneswar Zonal Office: Plot No.: VII-HIG/59, Sailashree Vihar, Bhubaneswar-751021, Odisha.

NOTICE INVITING TENDER

E-tenders are invited under two bid system from the interested architectural agencies for the following works by 05.04.2019 (completion period is 24 months):

NIT No.600216/BZO/S&T/NIT/975 Date : 20.03.2019
Construction of District Science Centre in Koraput & Planetarium in Rayagada Dist., Odisha of estimated cost Rs 17.20 Cr.
&
NIT No.600216/BZO/S&T/NIT/974 Date : 20.03.2019
Construction of District Science Centre in Mayurbhanj, Keonjhar & Bhadrak and Planetarium in Keonjhar & Mayurbhanj Dist., Odisha of estimated cost Rs 39.60 Cr.

For further details please visit our official website www.npcc.gov.in, https://npcc.tenderpro.in

Zonal Manager

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବସାଇଟ୍ - www.oshb.org

ପତ୍ର ସଂଖ୍ୟା 2686 ବିଜ୍ଞାପନ ତା 11.03.2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ-ଏଲ୍.ଆଇ.ଜି.-୧-୬୫ (LIG-1-65)କୁ ଶ୍ରୀମତୀ ମିନାକ୍ଷୀ ବିଶ୍ୱାଳ, ସ୍ୱା-ଭାବଗ୍ରାହୀ ବିଶ୍ୱାଳ, ଗ୍ରା-ସୁସୁଆ, ପୋ-ଈଶ୍ୱରପୁର, ଥା/ଜି-ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀମତୀ ମିନାକ୍ଷୀ ବିଶ୍ୱାଳ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଲମ୍ବୋଦର ପାତ୍ର, ପି-ନଟବର ପାତ୍ର, ଗ୍ରା-ରଘୁନାଥପୁର, ପୋ-କୁରୁଣ୍ଟା, ଥା-ଖୋଇରା, ଜି- ବାଲେଶ୍ୱରଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା’ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ/ପ୍ଲଟ/ଦୋକାନ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

No.02-YY:-

सत्यमेव जयते

GOVERNOR'S SECRETARIAT, ODISHA
RAJBHAVAN, BHUBANESWAR-751008

No. 89/SG Dated 19.03.2019

To
Prof. S.N. Pasupalak
Vice Chancellor (On Leave)
O.U.A.T., Bhubanewar

Sir,

With reference to your reply vide letter dated 18.03.2019, I am directed to inform that Hon'ble Chancellor, O.U.A.T. has been pleased to grant an opportunity of personal hearing on 20.03.2019 at 4.00 PM in his office chamber relating to the issues involved in the show cause notices communicated to you on 02.03.2019 and 14.03.2019.

You are, therefore, requested to make it convertent to meet the Hon'ble Chancellor for personal hearing in the matter.

Sd./
Special Secretary to the Governor

41001/11/0002/1819



“ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପିଠିରେ ଇଞ୍ଜୁରି ସମସ୍ୟା ରହିଥିବାରୁ ତାଙ୍କ କାର୍ଯ୍ୟଭାର ଉପରେ ନଜର ରଖାଯିବା ଉଚିତ୍ ।

—ଜାହିର ଖାଁ, ପୂର୍ବତନ ଭାରତୀୟ ପେସ୍ ବୋଲର

“ଆଇପିଏଲ୍‌ରେ ଖେଳିବା ଦ୍ୱାରା ବିଶ୍ୱର ଯେକୌଣସି ବ୍ୟାଟ୍ସମ୍ୟାନ ବିପକ୍ଷରେ ବୋଲିଂ କରିବାର ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି ।

—ବାସିଲ ଥାମ୍ପି, କେରଳ ଯୁବ ପେସ୍ ବୋଲର



# କେକେଆର୍‌ର ସବୁ ଘରୋଇ ମ୍ୟାଚ୍ ଇଡେନ୍‌ରେ

ନୂଆଦିଲ୍ଲୀ, ୧୯।୩ (ପି.ଟି.)

ଦୁଇ ଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ଜିତିଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ତା’ର ସବୁ ଘରୋଇ ମ୍ୟାଚ୍ ଐତିହାସିକ ଇଡେନଗାର୍ଡେନରେ ଖେଳିବ। ପଶ୍ଚିମବଙ୍ଗରେ ୭ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଇଡେନ୍‌ରେ କୋଲକାତା ତା’ର ମ୍ୟାଚ୍ ଖେଳିବା ସ୍ପଷ୍ଟ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଆଗାମୀ ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲ ଦ୍ୱାଦଶ ସଂସ୍କରଣର ରାଉଣ୍ଡ ରବିନ୍ ମ୍ୟାଚ୍‌ଗୁଡିକର କାର୍ଯ୍ୟସୂଚୀ ଘୋଷଣା କରିଛି। ମେ ୫ ତାରିଖ ପର୍ଯ୍ୟନ୍ତ ଏହି ପର୍ଯ୍ୟାୟର ମ୍ୟାଚ୍‌ଗୁଡିକ ଖେଳାଯିବ। ଚିରାଚରିତ ଢଙ୍ଗରେ ୬ ସପ୍ତାହ ମଧ୍ୟରେ ୫୬ଟି ମ୍ୟାଚ୍ ଖେଳାଯିବ। ଏହି ରାଉଣ୍ଡ ରବିନ୍ ମ୍ୟାଚ୍‌ଗୁଡିକ ମଧ୍ୟରୁ ୧୨ଟି ଅପରାହ୍ନ ୪ଟାରେ ଆରମ୍ଭ ହେବ। କୌଣସି ଦଳ ସେମାନଙ୍କ ଘରୋଇ ମ୍ୟାଚ୍ କୌଣସି ବିକଳ୍ପ ଭେନ୍ୟୁରେ ଖେଳିବେ ନାହିଁ। ଦେଶରେ ସାଧାରଣ ନିର୍ବାଚନ ଏପ୍ରିଲ ୧୨ରୁ ଆରମ୍ଭ ହୋଇ ମେ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଏପରିକି କିଙ୍ଗ୍ସ ଏକାଦଶ ପଞ୍ଜାବ ପୂର୍ବ ସଂସ୍କରଣଗୁଡିକରେ ତା’ର କିଛି ଘରୋଇ ମ୍ୟାଚ୍ ଇନ୍ଦୋରରେ ଖେଳିଥାଏ। କିନ୍ତୁ ଏଥର ସେ ସବୁ ଘରୋଇ ମ୍ୟାଚ୍ ମୋହାଲିରେ ଖେଳିବ। ପଶ୍ଚିମବଙ୍ଗରେ ୭ଟି ତାରିଖରେ ନିର୍ବାଚନ ହେଉଥିବା ବେଳେ କୋଲକାତା ତା’ର ସବୁ ଘରୋଇ ମ୍ୟାଚ୍ ଇଡେନ୍ ଗାର୍ଡେନରେ ଖେଳିବ। କୋଲକାତା ଓ ପାଖାପାଖି ସ୍ଥାନଗୁଡିକରେ ମେ ୧୯ରେ ନିର୍ବାଚନ ହେବ। ତେଣୁ ଏହି ଦିନ କିପରି ମ୍ୟାଚ ବିନା କୌଣସି ସମସ୍ୟାରେ ଆୟୋଜନ ହେବ ସେ ନେଇ ଆମେ ପଶ୍ଚିମ ବଙ୍ଗ ସରକାର ଓ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛୁ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।

ଆଇପିଏଲ୍ ୧୨



ନୂଆଦିଲ୍ଲୀ, ୧୯।୩: ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ କ୍ରିକେଟ ପ୍ରତିଯୋଗିତା ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣ ଆସନ୍ତା ୨୩ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଚେନ୍ନାଇର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବାରୁ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଘରୋଇ ଚେନ୍ନାଇ ଏହି ମ୍ୟାଚ୍ ଜିତି ଅଭିଯାନ ଆରମ୍ଭ ଲକ୍ଷ୍ୟରେ ରହିଛି। ତେବେ ଏହି ମ୍ୟାଚ୍‌ରେ କେତୋଟି ମାଇଲଷ୍ଟୋନ ସୃଷ୍ଟି ହେବାର ମଧ୍ୟ ସମ୍ଭାବନା ରହିଛି। ଆଇପିଏଲ୍ ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୫ ହଜାର ରନ୍ ସଂଗ୍ରହ କରିବା ଦୌଡ଼ରେ ଭାରତର ଦୁଇ ଷ୍ଟାର୍ କ୍ରିକେଟର ସୁରେଶ ରାଇନା ଓ ବିରାଟ କୋହଲି ରହିଛନ୍ତି। ତେବେ ଉଭୟଙ୍କ

## ୫ ହଜାର ରନ୍ ଦୌଡ଼ରେ ରାଇନା, କୋହଲି

ମଧ୍ୟରୁ କିଏ ପ୍ରଥମେ ଏହି ମାଇଲଷ୍ଟୋନ ଅତିକ୍ରମ କରୁଛି ତାହା ପ୍ରଥମ ମ୍ୟାଚ୍ ଅବସରରେ ଜଣାପଡ଼ିବ। ମିଷ୍ଟର ଆଇପିଏଲ୍ ଭାବେ ପରିଚିତ ରାଇନା ଯଦି ପ୍ରଥମ ମ୍ୟାଚ୍‌ରେ ଆଉ ୧୫ ରନ ସଂଗ୍ରହ କରନ୍ତି ତେବେ ସେ ୫ ହଜାର ରନ କ୍ଲବରେ ସାମିଲ ହେବାର କୃତିତ୍ୱ ଅର୍ଜନ କରିବେ। ଉତ୍ତରପ୍ରଦେଶର ଏହି ବାମହାତୀ ବ୍ୟାଟ୍ସମ୍ୟାନ ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ରେ ୩୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କିନ୍ତୁ ଯଦି ବାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରେ ତେବେ ରାଇନାଙ୍କ ପୂର୍ବରୁ କୋହଲିଙ୍କ ନିକଟରେ ମଧ୍ୟ ୫ ହଜାର ରନ୍ କରିବାର ସୁଯୋଗ ରହିବ। ଏହି ମ୍ୟାଜିକ ସଂଖ୍ୟା ଛୁଇଁବାକୁ କୋହଲି ଆଉ ୪୨ ରନ ଆବଶ୍ୟକ କରୁଛନ୍ତି। ଆଇପିଏଲ୍‌ରେ କୋହଲିଙ୍କ ନାମରେ ୩୪ଟି ଅର୍ଦ୍ଧଶତକ ଓ ୪ଟି ଶତକ ଲିପିବଦ୍ଧ ରହିଛି। ସେହିଭଳି ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇ ସାରିଥିବା ଦକ୍ଷିଣ ଆଫ୍ରିକା ଷ୍ଟାର୍ ଏବି ଡି ଭିଲର୍ସ ଆଇପିଏଲ୍‌ରେ ୪ ହଜାର ରନ୍ ପୂରଣ କରିବା ପାଇଁ ଆଉ ୪୭ ରନ ଆବଶ୍ୟକ କରୁଛନ୍ତି।

## କାର୍ଯ୍ୟସୂଚୀ: (ଘରୋଇ ମ୍ୟାଚ୍)

**ଚେନ୍ନାଇ ସୁପର କିଙ୍ଗ୍ସ**
- ମାର୍ଚ୍ଚ ୨୩: ବନାମ ବାଙ୍ଗାଲୋର (ରାତି ୮ଟା)
- ମାର୍ଚ୍ଚ ୩୧: ବନାମ ରାଜସ୍ଥାନ (ରାତି ୮ଟା)
- ଏପ୍ରିଲ ୬: ବନାମ ପଞ୍ଜାବ (ଅପରାହ୍ନ ୪ଟା)
- ଏପ୍ରିଲ ୯: ବନାମ କୋଲକାତା (ରାତି ୮ଟା)
- ଏପ୍ରିଲ ୨୩: ବନାମ ସନରାଇଜର୍ସ (ରାତି ୮ଟା)
- ଏପ୍ରିଲ ୨୬: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ରାତି ୮ଟା)
- ମେ ୧: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)

**ଦିଲ୍ଲୀ କ୍ୟାପିଟାଲ୍ସ**
- ମାର୍ଚ୍ଚ ୨୬: ବନାମ ଚେନ୍ନାଇ (ରାତି ୮ଟା)
- ମାର୍ଚ୍ଚ ୩୦: ବନାମ କୋଲକାତା (ରାଜି ୮ଟା)
- ଏପ୍ରିଲ ୪: ବନାମ ସନରାଇଜର୍ସ (ରାତି ୮ଟା)
- ଏପ୍ରିଲ ୧୮: ବନାମ ମୁମ୍ବାଇ ଇଣ୍ଡିଆନ୍ (ରାତି ୮ଟା)
- ଏପ୍ରିଲ ୨୦: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୨୮: ବନାମ ବାଙ୍ଗାଲୋର (ଅପରାହ୍ନ ୪ଟା)
- ମେ ୪: ବନାମ ରାଜସ୍ଥାନ (ଅପରାହ୍ନ ୪ଟା)

**କିଙ୍ଗ୍ସ ଇଲେଭେନ ପଞ୍ଜାବ**
- ମାର୍ଚ୍ଚ ୩୦: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ଅପରାହ୍ନ ୪ଟା)
- ଏପ୍ରିଲ ୧: ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୮: ବନାମ ସନରାଇଜର୍ସ (ରାତି ୮ଟା)
- ଏପ୍ରିଲ ୧୩: ବନାମ ବାଙ୍ଗାଲୋର (ରାତି ୮ଟା)
- ଏପ୍ରିଲ ୧୬: ବନାମ ରାଜସ୍ଥାନ ରୟାଲ୍ସ (ରାତି ୮ଟା)
- ମେ ୩: ବନାମ କୋଲକାତା (ରାତି ୮ଟା)
- ମେ ୫: ବନାମ ଚେନ୍ନାଇ (ଅପରାହ୍ନ ୪ଟା)

**କୋଲକାତା ନାଇଟ ରାଇଡର୍ସ**
- ମାର୍ଚ୍ଚ ୨୪: ବନାମ ସନରାଇଜର୍ସ (ଅପରାହ୍ନ ୪ଟା)
- ମାର୍ଚ୍ଚ ୨୭: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୧୨: ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୧୪: ବନାମ ଚେନ୍ନାଇ (ଅପରାହ୍ନ ୪ଟା)
- ଏପ୍ରିଲ ୧୯: ବନାମ ବାଙ୍ଗାଲୋର (ରାତି ୮ଟା)
- ଏପ୍ରିଲ ୨୫: ବନାମ ରାଜସ୍ଥାନ (ରାତି ୮ଟା)
- ଏପ୍ରିଲ ୨୮: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ରାତି ୮ଟା)

**ମୁମ୍ବାଇ ଇଣ୍ଡିଆନ୍ସ**
- ମାର୍ଚ୍ଚ ୨୪: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୩: ବନାମ ଚେନ୍ନାଇ (ରାତି ୮ଟା)
- ଏପ୍ରିଲ ୧୦: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୧୩: ବନାମ ରାଜସ୍ଥାନ (ଅପରାହ୍ନ ୪ଟା)
- ଏପ୍ରିଲ ୧୫: ବନାମ ବାଙ୍ଗାଲୋର (ରାତି ୮ଟା)
- ମେ ୨: ବନାମ ସନରାଇଜର୍ସ (ରାତି ୮ଟା)
- ମେ ୫: ବନାମ କୋଲକାତା (ରାତି ୮ଟା)

**ରାଜସ୍ଥାନ ରୟାଲ୍ସ**
- ମାର୍ଚ୍ଚ ୨୫: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୨: ବନାମ ବାଙ୍ଗାଲୋର (ରାତି ୮ଟା)
- ଏପ୍ରିଲ ୭: ବନାମ କୋଲକାତା (ରାତି ୮ଟା)
- ଏପ୍ରିଲ ୧୧: ବନାମ ଚେନ୍ନାଇ (ରାତି ୮ଟା)
- ଏପ୍ରିଲ ୨୦: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ଅପରାହ୍ନ ୪ଟା)
- ଏପ୍ରିଲ ୨୨: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୨୭: ସନରାଇଜର୍ସ (ରାତି ୮ଟା)

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**
- ମାର୍ଚ୍ଚ ୨୮: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ରାତି ୮ଟା)
- ଏପ୍ରିଲ ୫: ବନାମ କୋଲକାତା (ରାତି ୮ଟା)
- ଏପ୍ରିଲ ୭: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ଅପରାହ୍ନ ୪ଟା)
- ଏପ୍ରିଲ ୨୧: ବନାମ ଚେନ୍ନାଇ (ରାତି ୮ଟା)
- ଏପ୍ରିଲ ୨୪: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୩୦: ବନାମ ରାଜସ୍ଥାନ ରୟାଲ୍ସ (ରାତି ୮ଟା)
- ମେ ୪: ବନାମ ସନରାଇଜର୍ସ (ରାତି ୮ଟା)

**ସନରାଇଜର୍ସ ହାଇଦ୍ରାବାଦ**
- ମାର୍ଚ୍ଚ ୨୯: ବନାମ ରାଜସ୍ଥାନ ରୟାଲ୍ସ (ରାତି ୮ଟା)
- ମାର୍ଚ୍ଚ ୩୧: ବନାମ ବାଙ୍ଗାଲୋର (ଅପରାହ୍ନ ୪ଟା)
- ଏପ୍ରିଲ ୬: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ରାତି ୮ଟା)
- ଏପ୍ରିଲ ୧୪: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୧୭: ବନାମ ଚେନ୍ନାଇ (ରାତି ୮ଟା)
- ଏପ୍ରିଲ ୨୧: ବନାମ କୋଲକାତା (ଅପରାହ୍ନ ୪ଟା)
- ଏପ୍ରିଲ ୨୯: ବନାମ ପଞ୍ଜାବ (ରାତି ୮ଟା)

## ସଂକ୍ଷେପରେ

### ୨୫ ଲକ୍ଷ ଦାନକଲା କିଙ୍ଗ୍ସ ଇଲେଭେନ

ଚଣ୍ଡିଗଡ଼, ୧୯।୩ (ପି.ଟି.): ଫେବୃଆରୀରେ ପୁଲ୍‌ୱାମା ଆକ୍ରମଣ ଘଟଣାରେ ନିହତ ୫ ସିଆରପିଏଫ୍ ଯବାନଙ୍କ ପ୍ରତ୍ୟେକ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଁଏ ଦାନ କରିଛି। ଏହି ଯବାନମାନେ ପଞ୍ଜାବ ଓ ହିମାଚଳ ପ୍ରଦେଶର। ଗତ ମାସରେ ଜମ୍ମୁ କଶ୍ମୀରର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଅଧିକ ସିଆରପିଏଫ୍ ଯବାନ ପ୍ରାଣ ହରାଇଛନ୍ତି। ଉକ୍ତ ୫ ଯବାନ ସେମାନଙ୍କ ମଧ୍ୟରେ ଅନ୍ୟତମ। ଚେକ୍ ଗୁଡ଼ିକ ଜଇମଲ ସିଂ, ସୁଖଜିନ୍ଦର ସିଂ, ମନିନ୍ଦର ସିଂ, କୁଲ୍‌ୱିନ୍ଦର ସିଂ ଏବଂ ତୀଲକ ରାଜଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଙ୍ଗ୍ସ ଇଲେଭେନ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ, ଡିଆଇଜି ସିଆର୍‌ପିଏଫ୍ ଭି.କେ. କାଉଣ୍ଡାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଶଟ୍‌ଗନ ବିଶ୍ୱକପ୍‌ରେ ପୃଥ୍ୱୀରାଜ, କିନାନଙ୍କ ପ୍ରଭାବୀ ପ୍ରଦର୍ଶନ

ନୂଆଦିଲ୍ଲୀ, ୧୯।୩(ପି.ଟି.): ମେକ୍ସିକୋର ଅକାପୁଲକୋଠାରେ ଚାଲିଥିବା ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଶଟ୍‌ଗନ ବିଶ୍ୱକପ୍‌ରେ ଦୁଇ ଭାରତୀୟ ଶୁଟର୍ ପୃଥ୍ୱୀରାଜ ତୋଣ୍ଡାଇମାନ ଓ କିନାନ ଚେନାଇ ପ୍ରଭାବୀ ପ୍ରଦର୍ଶନ କରି ପୁରୁଷ ଟ୍ରାପ୍ ଇଭେଣ୍ଟର ଫାଇନାଲ ପଥରେ ଅଗ୍ରସର ହୋଇଛନ୍ତି। ପୁରୁଷ ଟ୍ରାପ୍ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ଦୁଇ ରାଉଣ୍ଡରେ ପୃଥ୍ୱୀରାଜ ୫୦ ପଏଣ୍ଟ ସ୍କୋର କରିଥିବାବେଳେ ଚେନାଇ ଗୋଟିଏରେ ଲକ୍ଷ୍ୟଭ୍ରଷ୍ଟ ହୋଇ ୪୯ ପଏଣ୍ଟରେ ସନ୍ତୁଷ୍ଟ ରହିଛନ୍ତି। ସେହିଭଳି ମାନବଜିତ୍ ସାନ୍ଧୁଙ୍କୁ ୪୬ ପଏଣ୍ଟ ମିଳିଥିଲା। ମଙ୍ଗଳବାର ଯୋଗ୍ୟତା ପର୍ଯ୍ୟାୟର ଆଉ ୩ଟି ରାଉଣ୍ଡ ଅନୁଷ୍ଠିତ ହେବ। ଏଥିରୁ ଶ୍ରେଷ୍ଠ-୬ ଶୁଟର୍ ଫାଇନାଲରେ ପ୍ରବେଶ କରିବେ। ୨୦୨୦ ଟୋକିଓ ଅଲିମ୍ପିକ ପାଇଁ ଏହି ଇଭେଣ୍ଟରୁ ୨ଟି କୋଟା ରହିଛି। ଅପରପକ୍ଷରେ ଭାରତୀୟ ମହିଳା ଟ୍ରାପ୍ ଟିମ୍ ନୈରାଶ୍ୟଜନକ ପ୍ରଭାବୀ ପ୍ରଦର୍ଶନ କରି ଆଇଏସ୍‌ଏସ୍‌ଏଫ୍‌ର ଏହି ଇଭେଣ୍ଟରୁ ବାଦ୍ ପଡ଼ିଛି। ଇଟାଲୀର ପ୍ରାକ୍ତନ ଅଲିମ୍ପିକ ତଥା ବିଶ୍ୱଚାମ୍ପିୟନ ଜେସିକା ରୋସି ଏହି ପ୍ରତିଯୋଗିତାରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ୨୦୨୦ ଅଲିମ୍ପିକକୁ ଟିକେଟ୍ ହାସଲ କରିଛନ୍ତି। ଜେସିକା ମହିଳା ଟ୍ରାପ୍ ଇଭେଣ୍ଟରେ ସଫଳତା ପାଇଥିଲେ। ଏହି ଇଭେଣ୍ଟରେ ଶ୍ରେଷ୍ଠ ଭାରତୀୟ ଶୁଟର୍ ଭାବେ ଶାଗୁନ ଚୌଧାରୀ ୧୨୫ରୁ ୧୧୬ ପଏଣ୍ଟ ସ୍କୋର କରି ୧୯ତମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

### ଜାପାନ ଅଲିମ୍ପିକ କମିଟି ମୁଖ୍ୟଙ୍କ ଇସ୍ତଫା



ଟୋକିଓ, ୧୯।୩ (ଏପି): ଜାପାନ ଅଲିମ୍ପିକ କମିଟି ସଭାପତି ଟିସୁନେକାଜୁ ଟାକେଡା ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ନେଇ ତଦନ୍ତ ଚାଲିଛି। ଟୋକିଓକୁ ୨୦୨୦ ଅଲିମ୍ପିକ ଆୟୋଜନ ଅଧିକାର ମିଳିବା ପଛରେ ତାଙ୍କର ବିଶେଷ ଭୂମିକା ରହିଛି। ଲାଞ୍ଚ ମାଧ୍ୟମରେ ସେ ବିଡ୍ ବିଚାରକ ମଣ୍ଡଳୀକୁ ପ୍ରଭାବିତ କରିଥିବା ଅଭିଯୋଗ ହୋଇଥିଲେ ହେଁ ସେ ତାହାକୁ ଖଣ୍ଡନ କରି ଆସୁଛନ୍ତି। ତାଙ୍କ କାର୍ଯ୍ୟକାଳ ଜୁନ୍‌ରେ ଶେଷ ହେବାକୁ ଥିଲେ ମଧ୍ୟ ତାହା ଆଗରୁ ସେ ଇସ୍ତଫା ପ୍ରଦାନ କରିଛନ୍ତି। ଟାକେଡା ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି)ର ଜଣେ ପ୍ରଭାବଶାଳୀ ସଦସ୍ୟ। ସେ ଏହାର ମାର୍କେଟିଂ କମିଶନର ମୁଖ୍ୟ ଥିଲେ। ଜାପାନିଜ ଅଲିମ୍ପିକ କମିଟି (ଜେଓସି)ର ଭବିଷ୍ୟତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଇସ୍ତଫା ନିଷ୍ପତ୍ତି ନେଇଥିବା କହିଛନ୍ତି। ଜାପାନର ଟୋକିଓ ସହରରେ ୨୦୨୦ ଜୁଲାଇ ୨୪ରୁ ଅଲିମ୍ପିକ୍ସ ଅନୁଷ୍ଠିତ ହେବ। ଏଥିଲାଗି ଦେଶ ପ୍ରାୟ ୨୦ବିଲିୟନ ଆମେରିକୀୟ ଡଲାର ବ୍ୟୟ କରୁଛି। ସୂଚନାଯୋଗ୍ୟ, ଗତ ରିଓ ଡି’ ଜେନିରୋ ଅଲିମ୍ପିକ୍ସ ସମୟରେ ଆୟୋଜକ କମିଟି ସଭାପତି ତଥା ବ୍ରାଜିଲିଆନ ଅଲିମ୍ପିକ କମିଟି ମୁଖ୍ୟ କାର୍ଲୋସ ନୁଜମାନ ସମାନ ଭୋଟ କ୍ରୟ ସ୍କାଣ୍ଡାଲରେ ଗିରଫ ହୋଇଥିଲେ। ଟାକେଡାଙ୍କ ସ୍ଥାନରେ ୧୯୮୪ ଅଲିମ୍ପିକ୍ସ ଜୁଡୋରେ ସ୍ୱର୍ଣ୍ଣ ପଦକ ଜିତିଥିବା ୟାସୁହିରୋ ୟାମାଶିତାଙ୍କୁ ଫେଭରାଇଟ୍ ବିବେଚନା କରାଯାଉଛି।

## ୨୦୧୯ ପରେ ହକି ସିରିଜ ଇଭେଣ୍ଟ ଉଚ୍ଛେଦ କରିବ ଏଫ୍‌ଆଇଏଚ୍

ଲାଉସାନେ, ୧୯।୩ (ପି.ଟି.): ଚଳିତ ବର୍ଷ ପରେ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ହକି ସିରିଜ ଇଭେଣ୍ଟଗୁଡିକୁ ଉଚ୍ଛେଦ କରିବ। ଏହା ବଦଳରେ ସଭ୍ୟ ଆସୋସିଏଶନଗୁଡିକୁ କଣ୍ଟିନେଣ୍ଟାଲ କ୍ୱାଲିଫାୟର୍ସ ଓ ଚାମ୍ପିୟନଶିପ୍ ଉପରେ ମନୋନିବେଶ କରିବାକୁ ଏଫ୍‌ଆଇଏଚ୍ ପ୍ରବର୍ତ୍ତାଇବ ବୋଲି କହିଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣ ଆଶାତୀତ ସଫଳତା ହାସଲ କରିଛି। ଏହା ବିଶ୍ୱକପ୍ ଓ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ରୂପେ ଗଣାହେବ। ତେଣୁ ହକି ସିରିଜ ଇଭେଣ୍ଟଗୁଡିକ ବାତିଲ କରିବାର ସମୟ ଉପନୀତ ହୋଇଛି ବୋଲି ଏଫ୍‌ଆଇଏଚ୍ କହିଛି। ବଦଳରେ କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟଗୁଡିକ ବିଶ୍ୱକପ୍ ଓ ଅଲିମ୍ପିକ୍ସ ପାଇଁ କିପରି କ୍ୱାଲିଫାୟର ରୂପେ କାର୍ଯ୍ୟକରିବ ସେ ନେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି। ଅଧ୍ୟକ୍ଷ ନରିନ୍ଦର ବାତ୍ରାଙ୍କ ଅଧ୍ୟକ୍ଷତାରେ ଗତ ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ୨୦୧୯ ପରେ ଏଫ୍‌ଆଇଏଚ୍ ସିରିଜ ଇଭେଣ୍ଟଗୁଡିକୁ ବନ୍ଦ କରାଯିବ। ସବୁ ଦେଶ ତଥା ଆସୋସିଏଶନଗୁଡିକ କଣ୍ଟିନେଣ୍ଟାଲ କ୍ୱାଲିଫାୟର୍ସ ଓ ଚାମ୍ପିୟନଶିପ୍‌ରେ କିପରି ଅଂଶଗ୍ରହଣ କରିବେ ସେ ନେଇ କାର୍ଯ୍ୟକରାଯିବ ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି। ବିଶ୍ୱକପ୍ ଯୋଗ୍ୟତା ହାସଲ ଓ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ଉପରେ ଅଗ୍ରାଧିକାର ଦିଆଯିବ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହେଉଛି ଏକ ଦୁଇ ପର୍ଯ୍ୟାୟ ବିଶିଷ୍ଟ ଟୁର୍ନାମେଣ୍ଟ। ଏଫ୍‌ଆଇଏଚ୍ ର୍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୯ଟି ଦଳ ଓପନ୍ ଟୁର୍ନାମେଣ୍ଟ ନ ଖେଳି ସିଧାସଳଖ ଫାଇନାଲ୍ସକୁ ଉଠିବେ। ତେବେ ବାକି ଅନ୍ୟ ଦେଶଗୁଡିକ ହକି ସିରିଜ ଓପନ ଖେଳିବେ। ହକି ସିରିଜ୍ ଓପନରୁ ୧୫ଟି ଦଳ ହକି ସିରିଜ ଫାଇନାଲ୍ସକୁ କ୍ୱାଲିଫାଏ କରିବେ। ଫଳରେ ମୋଟ ଉପରେ ଫାଇନାଲ୍ସରେ ୨୪ଟି ଦଳ ସାମିଲ ହୋଇପାରିବେ। ଏହି ଦଳଗୁଡିକ ଫାଇନାଲ୍ସରେ ୩ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଇଭେଣ୍ଟରେ ୮ଟି ଦଳ ଭାଗନେବେ। ପ୍ରତ୍ୟେକ ଫାଇନାଲ୍ସ ଇଭେଣ୍ଟର ଶ୍ରେଷ୍ଠ ଦୁଇ ଦଳ ଅଲିମ୍ପିକ୍ସ କ୍ୱାଲିଫିକେଶନ ଇଭେଣ୍ଟଗୁଡିକ ଖେଳିବାକୁ ଯୋଗ୍ୟତା ହାସଲ କରିବେ। ଏଥି ସହିତ ମ୍ୟାଚ୍ ଉପରେ ପର୍ଯ୍ୟବସିତ ନୂଆ ବିଶ୍ୱ ର୍ୟାଙ୍କିଙ୍ଗ୍ ପ୍ରଣାଳୀ ଆରମ୍ଭ ପାଇଁ ଏଫ୍‌ଆଇଏଚ୍ ନିଷ୍ପତ୍ତି ନେଇଛି। ଗତ ୩ ବର୍ଷରେ ସବୁ ଆନ୍ତର୍ଜାତିକ ମ୍ୟାଚ୍ ପ୍ରଦର୍ଶନକୁ ଭିତ୍ତି କରି ର୍ୟାଙ୍କିଙ୍ଗ୍ ସ୍ଥିର ହେବ। ଜଳ ସଂରକ୍ଷଣ ପାଇଁ ଏଫ୍‌ଆଇଏଚ୍ ୨୦୨୪ ସୁଦ୍ଧା ନୂଆ କୃତ୍ରିମ ହକି ଟର୍ଫ ଲଞ୍ଚ କରିବାକୁ ନିଷ୍ପତ୍ତି ନେଇଛି। ପୁଣି ଏଫ୍‌ଆଇଏଚ୍ ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡ଼ା)ର ନୂଆ ଆଣ୍ଟି ଡୋପିଂ ପ୍ରୋଗ୍ରାମକୁ ସ୍ୱୀକୃତି ପ୍ରଦାନ କରିଛି। ସବୁ ଦୃଷ୍ଟିରୁ ବିଚାର କରି ଏକ ସନ୍ତୁଳିତ ୪ ବର୍ଷୀୟା କ୍ୟାଲେଣ୍ଡର ପ୍ରଣୟନ କରିବାକୁ ମଧ୍ୟ ଏଫ୍‌ଆଇଏଚ୍ ନିଷ୍ପତ୍ତି ନେଇଛି।

## ଧୂପରଙ୍କ ୯୦ ସତ୍ତ୍ୱେ ପୂର୍ବାଞ୍ଚଳ ପରାସ୍ତ

### ଭିଜି ଟ୍ରଫି



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରାଜେଶ ଧୂପର।

କଟକ ଅଫିସ, ୧୯।୩: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ମଧ୍ୟପ୍ରଦେଶ ଗ୍ୱାଲିୟରର ସିନ୍ଧିଆ ସ୍କୁଲ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ଭିଜି ଟ୍ରଫିର ଏକ ମ୍ୟାଚ୍‌ରେ ଦକ୍ଷିଣାଞ୍ଚଳ ୩ ଉଇକେଟରେ ପୂର୍ବାଞ୍ଚଳକୁ ପରାସ୍ତ କରିଛି । ଦଳ ପରାଜିତ ହୋଇଥିଲେ ହେଁ ପୂର୍ବାଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଖେଳାଳି ରାଜେଶ ଧୂପର ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଲାଭ କରିଥିଲେ। ସେ ୯୦ରନ୍‌ର ଇନିଂସ ଖେଳିଥିଲେ । ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଉତ୍ତରାଞ୍ଚଳଠାରୁ ୪୬ରନରେ ହାରିଥିବା ପୂର୍ବାଞ୍ଚଳ ପରବର୍ତ୍ତୀ ମ୍ୟାଚ୍ ଗୁରୁବାର ପଶ୍ଚିମାଞ୍ଚଳ ବିପକ୍ଷରେ ଖେଳିବ । ୨ଟି ପରାଜୟ ସହ ପୂର୍ବାଞ୍ଚଳ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି।

ମଙ୍ଗଳବାର ମ୍ୟାଚ୍‌ରେ ପୂର୍ବାଞ୍ଚଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଓଡ଼ିଆ ଖେଳାଳି ତଥା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦଳର ଅଧିନାୟକ ନିର୍ନିମେଷ ଜେନା ଖାତା ଖୋଲିବା ପୂର୍ବରୁ ପ୍ରଥମ ଓଭରରେ ପ୍ୟାଭିଲିୟନ ଫେରିଥିଲେ । ପରେ ଅନ୍ୟତମ ଓପନର ଭି. ନିରଜ ମଧ୍ୟ ୫ରନରେ ଆଉଟ ହୋଇଥିଲେ । ବ୍ୟାଟିଂ କ୍ରମ ୩ନଂରେ କ୍ରିଜକୁ ଆସିଥିବା ରାଜେଶ ପ୍ରାରମ୍ଭରୁ ରକ୍ଷଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିଲେ । ଦଳ ୨୭ରନରେ ୩ଟି ଉଇକେଟ ହରାଇଥିବା ବେଳେ ରାଜେଶ ଓ ଅନ୍ୟତମ ଓଡ଼ିଆ ଖେଳାଳି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ତ୍ତିକ ବିଶ୍ୱାଳ ୪ର୍ଥ ଉଇକେଟରେ ୧୨୨ରନର ଭାଗୀଦାରି ସୃଷ୍ଟି କରିଥିଲେ। ୫୯ବଲରୁ ଅର୍ଦ୍ଧଶତକ ହାସଲ କରିଥିବା ରାଜେଶ ୯୦ରନରେ ଆଉଟ ହେବା ପରେ କାର୍ତ୍ତିକ ମଧ୍ୟ ୪୬ରନରେ ପ୍ୟାଭିଲିୟନ ଫେରିଥିଲେ । ଏହା ପରେ ପୂର୍ବାଞ୍ଚଳର ବ୍ୟାଟିଂ ଲାଇନଅପ ଭୁଶୁଡ଼ି ପଡ଼ିଥିଲା। ଦଳ ସମସ୍ତ ଉଇକେଟ ହରାଇ ୧୯୧ରନ କରିଥିଲା। ୪୩.୫ ଓଭରରେ ୭ ଉଇକେଟ ବିନିମୟରେ ବିଜୟଲକ୍ଷ୍ୟ ହାସଲ କରିଥିଲା ଦକ୍ଷିଣାଞ୍ଚଳ। ଏସ୍.ଏମ. ରାଜକୁମାର ୬୦ ଓ ଅଭିରଥ ରେଡ୍ଡୀ ୫୧ରନର ଇନିଂସ ଖେଳିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ଅଧିନାୟକ ଦିବ୍ୟପ୍ରକାଶ ସିଂ ଓ ବିପିନ ଚନ୍ଦ୍ରଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା । ଶୁଭମ ଓ ଆଶୁତୋଷ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

## ଆବୁଧାବି ଷ୍ଟାଡିୟମ ନୂଆ ଭେନ୍ୟୁ

ଦୁବାଇ, ୧୯।୩(ପି.ଟି.): ଆବୁଧାବିସ୍ଥିତ ଜାୟେଦ କ୍ରିକେଟ ଷ୍ଟାଡିୟମ ଟି୧୦ କ୍ରିକେଟ ଲିଗ୍‌ର ନୂତନ ଭେନ୍ୟୁ ହୋଇଛି। ୨୦୧୯ ସିଜନଠାରୁ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏଠାରେ ଟି୧୦ କ୍ରିକେଟ ଅନୁଷ୍ଠିତ ହେବ। ୨୦୧୭ରେ ଆରମ୍ଭ ହୋଇଥିବା ଏହି ଲିଗ୍‌ରେ କ୍ରିସ୍ ଗେଲ୍ ସୋଏବ ମଲିକ, ଶେନ ୱାଟସନଙ୍କ ପରି ଖେଳାଳି ଅଂଶଗ୍ରହଣ କରିଛନ୍ତି।

## ଟାଟା ଫୁଟବଲ ଏକାଡେମୀ ଚାମ୍ପିୟନ

ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଟାଟା-ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଜାମସେଦପୁରର ଟାଟା ଫୁଟବଲ ଏକାଡେମୀ (ଟିଏଫଏ) ୨-୧ ଗୋଲରେ ଫୁଲବାଣୀ ଏକାଦଶକୁ ହରାଇ ଚାମ୍ପିୟନ ହୋଇଛି। ରଜତ ନାଗ୍‌ଙ୍କ ୭ମ ମିନିଟ ଗୋଲ ବଳରେ ଫୁଲବାଣୀ ଦଳ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୧-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ଟାଟା ଦଳ ପ୍ରଭାବୀ ପ୍ରଦର୍ଶନ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୬୨ତମ ମିନିଟରେ ରବି ଗୋଲଟିକୁ ପରିଶୋଧ କରିଥିବାବେଳେ ୮୬ତମ ମିନିଟରେ କିଲଙ୍ଗଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଅତିଥିଭାବେ ଅନୁଗୋଳ-ସୁକିନ୍ଦା ରେଲୱେ ଏମ୍‌ଡି ଦିଲୀପ କୁମାର ସାମନ୍ତରାୟ, ଟାଟାର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ, ଦେବାଶିଷ ଜେନା, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ମନୋଜ ପାଢ଼ୀ, ଚଳଚ୍ଚିତ୍ର ଅଭିନେତ୍ରୀ ଜିନା ସାମଲ, ରୁଦ୍ର ପାଣିଗ୍ରାହୀ, ଭକ୍ତବଲ୍ଲଭ ଦାସ, ଅନଙ୍ଗ ଦ୍ୱିବେଦୀ, ତତ୍ତ୍ୱ ପରିଜା, ନବରଞ୍ଜନ ପଟ୍ଟନାୟକ, ଅକ୍ଷୟ କୁମାର ଦାସ, ପ୍ରିୟନାଥ ମିଶ୍ର, ନରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଟିଏଫଏର କିଲଙ୍ଗ ମ୍ୟାନ ଅଫ ଦି ଫାଇନାଲ, ସୁଦର୍ଶନ ଶ୍ରେଷ୍ଠ ଗୋଲ ରକ୍ଷକ, ମର୍ଣ୍ଣ ଶ୍ରେଷ୍ଠ ଡିଫେଣ୍ଡର, ନରେନ ସୋନା ଶ୍ରେଷ୍ଠ ମିଡ୍‌ଫିଲ୍ଡର ଓ ଫୁଲବାଣୀ ଏକାଦଶର ରଜତ ନାଗ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫,୦୦୦ ଓ ରନର୍ସଅପ୍ ଦଳକୁ ୧୫,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କୁ ଟାଟା ଉତ୍କଳିକା କପ୍‌ର ସ୍ମାରଣିକା ପ୍ରଦାନ କରାଯାଇଥିଲା। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ମହାନ୍ତି, ଅଶୋକ କନହାର, ରାଜେନ୍ଦ୍ର ବାରିକ ଓ ଶେଖାଓ୍ୱତ ଖାଁ। ମ୍ୟାଚ କମିଶନର ଥିଲେ ମହେଶ୍ୱର ସିଂ।




ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଟାଟା ଫୁଟବଲ ଏକାଡେମୀର ଖେଳାଳିମାନେ।

# ଭୁଲ ଗିରଫଦାରିକୁ ନେଇ ଉତ୍ତେଜନା

## ଲାଲ୍‌ବାଗ ଥାନା ଘେରିଲେ ଶତାଧିକ ଲୋକେ

**କଟକ ଅଫିସ, ୧୯।୩**

ଲାଲବାଗ୍ ଥାନା ପୋଲିସ ଗତ ସୋମବାର ଚାନ୍ଦିନଚୌକ ବ୍ରାହ୍ମଣସାହି ଅଞ୍ଚଳର ଚନ୍ଦନ ମହାରଣାଙ୍କୁ ଗିରଫ କରିଥିଲା। ତେବେ ଚନ୍ଦନଙ୍କୁ ପୋଲିସ ଭୁଲରେ ଗିରଫ କରିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ମଙ୍ଗଳବାର ଥାନା ଘେରାଉ କରିଛନ୍ତି। ଚନ୍ଦନଙ୍କ ପରିବାର ସଦସ୍ୟଙ୍କ ସମେତ ଶତାଧିକ ଲୋକ ପୂର୍ବାହ୍ନ ପ୍ରାୟ ୧୦ଟାରେ ଥାନାରେ ପହଞ୍ଚି ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟଜଣେ ଚନ୍ଦନ ମହାରଣାଙ୍କ ବଦଳରେ ପୋଲିସ ସେହି ନାମରେ ଥିବା ଜଣେ ନିରୀହ ଓ ନିର୍ଦ୍ଦୋଷଙ୍କୁ ଦୋଷୀ ସଜାଇ ଗିରଫ କରିଥିବା ସେମାନେ ଅଭିଯୋଗ କରିଥିଲେ। ପରିସ୍ଥିତି କ୍ରମଶଃ ଅଶାନ୍ତ ହୋଇପଡୁଥିବାବେଳେ ଏସିପି ନାରାୟଣ ଚନ୍ଦ୍ର ବାରିକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଚନ୍ଦନଙ୍କ ପରିବାର ଲୋକେ ଘଟଣାର ପୁନଃ ତଦନ୍ତ ଦାବି କରି ଏକ ଅଭିଯୋଗପତ୍ର ଏସିପିଙ୍କୁ ଦେଇଥିଲେ।

ଏସିପି ବାରିକ କହିଛନ୍ତି, ୨୦୧୩ରେ ଏକ ମାମଲା (ନଂ.୩୩/୧୩)ରେ ପୋଲିସ ଚନ୍ଦନଙ୍କୁ ଗିରଫ କରିଥିଲା। ବେଆଇନ ଗୋରୁ ଚାଲାଣବେଳେ ଏକ ଟ୍ରକ୍‌କୁ ଅଟକାଇ ଚନ୍ଦନ ଏବଂ ତାଙ୍କର ସହଯୋଗୀମାନେ ଗାଡି ଚାଳକଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ଟଙ୍କା ଛଡାଇ ନେଇଥିଲେ। ଏହି ମାମଲାରେ କୋର୍ଟ ଚନ୍ଦନଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଏହା ବଳରେ ଗତ ସୋମବାର ପୋଲିସ ଚନ୍ଦନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଚନ୍ଦନଙ୍କ ପରିବାର ଲୋକେ ଯେଉଁ ଅଭିଯୋଗ ଆଣିଛନ୍ତି, ତାହାକୁ ଡିସିପିଙ୍କ ନିକଟକୁ ପଠାଇ ଦିଆଯାଇଛି। ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


ଚନ୍ଦନଙ୍କ ପରିବାର ସଦସ୍ୟ ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।


ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

# ମନୁଆଙ୍କୁ ଏନ୍‌କାଉଣ୍ଟର, ମିଳିଲା ୩ ବୋମା

**କଟକ ଅଫିସ, ୧୯।୩**

- ପୋଲିସ ଉପରକୁ ବୋମା ପକାଇ ଖସି ଯାଉଥିଲେ
- ଥାନାଧିକାରୀଙ୍କ ସମେତ ୩ ପୋଲିସ ଆହତ
- ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ

ଚିନି ବ୍ୟବସାୟୀ ଦାମୋଦର ଭଇଁଶଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ମନୋଜ କୁମାର ସ୍ୱାଇଁ ଓରଫ ମନୁଆ(୨୮)ଙ୍କୁ ସୋମବାର ବିଳମ୍ବିତ ରାତିରେ ମାଲଗୋଦାମ ପୋଲିସ ଏନ୍‌କାଉଣ୍ଟର କରିଛି। ବାମ ଗୋଡ଼ରେ ଗୁଳି ବାଜିଥିବାବେଳେ ତାଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଏନ୍‌କାଉଣ୍ଟରବେଳେ ମନୁଆର ବୋମା ମାଡ଼ରେ ଥାନାଧିକାରୀ ରବି ନାରାୟଣ ଭଞ୍ଜ, ଏସ୍‌ଆଇ ସୁନିଲ ଯାଦବଙ୍କ ସମେତ ଜଣେ ହାବିଲ୍‌ଦାର ଆହତ ହୋଇଛନ୍ତି। ଏଥିସହ ମନୁଆଙ୍କଠାରୁ ପୋଲିସ ୩ ବୋମା ଜବତ କରିବା ସହ ଆଇପିସି ଦଫା ୩୦୭, ୩୨୩, ୩୫୩ ଓ ଆଇଇ ଆକ୍ଟ ୯(୧-ବି)ରେ ମାମଲା (ନଂ.୬୨/୧୯) ରୁଜୁ କରିଛି।

ମନୁଆଙ୍କ ଘର ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ବୀରକିଶୋରପୁର ଅଞ୍ଚଳରେ। ସୋମବାର ରାତି ପ୍ରାୟ ୧ଟାବେଳେ ମନୁଆ ଓ ତାଙ୍କର କେତେଜଣ ସହଯୋଗୀ ମାଲଗୋଦାମ ଥାନା ଅନ୍ତର୍ଗତ ବିଶ୍ୱଗୁରୁ ଆଇନ ମହାବିଦ୍ୟାଳୟ ପଛ ମହାନଦୀ କୂଳରେ ଥିବା ପାଣି ଟାଙ୍କି ନିକଟରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ଥାନା ଅଧିକାରୀ ରବି ନାରାୟଣଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରିଥିଲା। ପୋଲିସକୁ ଦେଖି ସେମାନେ ଖସି ଯାଉଥିଲେ। ପୋଲିସ ପିଛା କରୁଥିବା ଦେଖି ମନୁଆ ପାଖରେ ରଖିଥିବା ୪ଟି ବୋମାରୁ ଗୋଟିଏ ପକାଇଥିଲେ। ପୋଲିସ ଆହତ ହୋଇଥିଲେ ମଧ୍ୟ ସେମାନଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ଥାନା ଅଧିକାରୀ ରବି ନାରାୟଣ ଫାଙ୍କା ଗୁଳିଚାଳନା କରି ମନୁଆଙ୍କୁ ରହିଯିବାକୁ କହିଥିଲେ। ମାତ୍ର ସେ ନ ରହିବାରୁ ଥାନାଧିକାରୀ ତାଙ୍କ ଗୋଡକୁ ଗୁଳି ଚଳାଇଥିଲେ। ମନୁଆ ତଳେ ପଡିଯିବାରୁ ପୋଲିସ ତାଙ୍କୁ କାବୁ କରିଥିଲା। ଏହି ସୁଯୋଗରେ ଅନ୍ୟ ସହଯୋଗୀ ଖସି ପଳାଇଥିଲେ। ତେବେ ପଚରାଉଚରା ପରେ ସେ ଲୁଟ୍ ଉଦ୍ଦେଶ୍ୟରେ ଚିନି ବ୍ୟବସାୟୀ ଦାମୋଦରଙ୍କୁ ଆକ୍ରମଣ କରିଥିବା ମାନିଥିଲେ। ମନୁଆଙ୍କ ସହଯୋଗୀଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଗତ ଶନିବାର ବିଳମ୍ବିତ ରାତିରେ ଦାମୋଦର ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ତାଙ୍କୁ ମନୁଆ ଓ ସହଯୋଗୀମାନେ ଖଣ୍ଡାରେ ଆକ୍ରମଣ ହୋଇଥିଲା। ଏନେଇ ଦାମୋଦରଙ୍କ ପୁତୁରାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୫୯/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।




# ଗିରଫ ହେଲେ ଓସ୍କାର ନିର୍ଦ୍ଦେଶକ ରବୀନ୍ଦ୍ର

**ଭୁବନେଶ୍ୱର, ୧୯।୩ (ବ୍ୟୁରୋ)**

ଦୀର୍ଘଦିନ ଧରି ଫେରାର ଥିବା ଓସ୍କାର ଚିଟ୍‌ଫଣ୍ଡ ସଂସ୍ଥାର ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରସାଦ ସ୍ୱାଇଁ(୪୫)ଙ୍କୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଙ୍ଗଳବାର ଗିରଫ କରିଛି। ତାଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଥିବା ଜଣାପଡିଛି। ତାଙ୍କ ଘର ଗଞ୍ଜାମ ଜିଲା ପୋଲସରା ଅଞ୍ଚଳରେ। ତାଙ୍କ ବିରୋଧରେ ଇଓଡବ୍ଲ୍ୟୁ କେସ୍ ନଂ.୧୦/୨୦୧୫ ଓ ଦଫା ୪୬୭, ୪୬୮, ୪୭୧, ୪୨୦, ୪୦୬, ୧୨୦(ବି)ରେ କଟକ ଓପିଆଇଡି କୋର୍ଟକୁ ପଠାଇ ଦେଇଛି।

ସୂଚନା ଅନୁଯାୟୀ, ୨୦୦୬ରେ ଓସ୍କାର ଚିଟ୍‌ଫଣ୍ଡ କମ୍ପାନୀ ମହାରାଷ୍ଟ୍ର, ଗୁଜରାଟ ଓ ଓଡିଶାରେ ଏହାର ଅଫିସ ଖୋଲି ବ୍ୟବସାୟ ଆରମ୍ଭ କରିଥିଲା। ଅଧିକ ସୁଧ ଓ କମ୍ ଦିନରେ ଅର୍ଥ ଦ୍ୱିଗୁଣିତ ହେବାର ପ୍ରତିଶ୍ରୁତି ଦେଇ ସଂସ୍ଥା ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲା। ଉକ୍ତ ଟଙ୍କାକୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ଲଗାଯିବା ସହ ସଂସ୍ଥା ପ୍ରତି ଜମାକାରୀଙ୍କ ବିଶ୍ୱାସକୁ ବଢ଼ାଇବା ପାଇଁ କେତେଜଣ ପ୍ରତିଷ୍ଠିତ ନେତା ଓ ଅଭିନେତାଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିଲା। ୨୦୧୫ ପର୍ଯ୍ୟନ୍ତ ଏହି ସଂସ୍ଥା ୩ ରାଜ୍ୟରୁ ୧୩୦ କୋଟି ଟଙ୍କା ଠକି ନେଇ ସଂସ୍ଥା ବନ୍ଦ ହୋଇଯାଇଥିଲା। ସଂସ୍ଥାର ଚେୟାରମ୍ୟାନ ପ୍ରଭାସ ଚନ୍ଦ୍ର ରାଉତ ଓ ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରସାଦ ସ୍ୱାଇଁ ଫେରାର ହୋଇଯାଇଥିଲେ। ଠକେଇର ଶିକାର ଜଣେ ଜମାକାରୀ ଗଞ୍ଜାମର ଜଗଦୀଶ ରାଉତ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମାମଲା ରୁଜୁ କରିବା ସହ ପ୍ରଭାସଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରୁ ୪ଜଣ ଜେଲ୍‌ରେ ଥିବାବେଳେ ତାରା ପ୍ରସାଦ ହୋତା ଓ ପ୍ରଭାତ କୁମାର ପଟ୍ଟନାୟକ ହାଇକୋର୍ଟରୁ ଜାମିନ ପାଇଥିଲେ। ଗିରଫ ଭୟରେ ନିର୍ଦ୍ଦେଶକ ରବୀନ୍ଦ୍ର ଓ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିଲେ।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କରିଦେଇ ପାରେ।
-ବ୍ୟାସକବି ଫକୀରମୋହନ



# ହୋଲି ପାଇଁ କଟକ ଉତ୍ସବମୁଖର

**କଟକ ଅଫିସ, ୧୯।୩**

ଆଉ ଦିନ କେଇଟା ପରେ ରଙ୍ଗର ପର୍ବ ହୋଲି। ଅବିର ଓ ରଙ୍ଗରେ ଜଣେ ଜଣକୁ ରଙ୍ଗ ଲଗାଇ ମହାଆଡମ୍ବରରେ ହୋଲି ପାଳନ କରିବେ। ଏହାକୁ ପାଳନ କରିବା ପାଇଁ ଭାଇଚାରାର ସହର କଟକର ଗଳିକନ୍ଦିଠାରୁ ଆରମ୍ଭ କରି ସହରର ଚୌଧୁରୀ ବଜାର, ପିଠାପୁର, ନନ୍ଦି ସାହି, ଦୋଳମୁଣ୍ଡାଇ, ରାଣୀହାଟ ଆଦି ସ୍ଥାନରେ ବିଭିନ୍ନ କିସମର ରଙ୍ଗ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏଥର ବଜାରକୁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବଡ଼ ଲୋକଙ୍କ ପାଇଁ ବିଭିନ୍ନ ପ୍ରକାର ରଙ୍ଗ, କ୍ୟାପ, ପିଚକାରୀ ବଜାରରେ ମିଳୁଥିବା ବ୍ୟବସାୟୀ କହିଛନ୍ତି। ବିଶେଷ କରି ହର୍ବାଲ ରଙ୍ଗ ସ୍ୱାସ୍ଥ୍ୟ ନିମନ୍ତେ ହିତକର ହୋଇଥିବାରୁ ଲୋକେ ଏହାକୁ ବହୁତ କିଣୁଥିବା ବ୍ୟବସାୟୀ କହିଛନ୍ତି। ତେବେ ସେଣ୍ଟେଡ ରଙ୍ଗର ଚାହିଦା ବହୁତ ରହିଛି। ଲାଲ, ସବୁଜ, ହଳଦିଆ, ଗୋଲାପି ରଙ୍ଗ ଇତ୍ୟାଦି ବିକ୍ରି ହେଉଥିବା ବେଳେ ଏହାର ମୂଲ୍ୟ ୨୦୦ଟଙ୍କାରୁ ୭୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ୧୦୦ଗ୍ରାମ ପିଛା ୩୦ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି।



ବଜାରରେ ବିକ୍ରି ହେଉଥିବା ବିଭିନ୍ନ କିସମର ରଙ୍ଗ।

ଛୋଟ ପିଲାମାନଙ୍କ ପାଇଁ ୫୦ପ୍ରକାର ପ୍ରେସର ଗନ ମାର୍କେଟରେ ମିଳୁଛି। ସେଥିମଧ୍ୟରୁ ସାଦା ପିଚକାରୀ ବନ୍ଧୁକ, ଆନିମଲ, ଫ୍ରୁଟ ପିଚକାରୀର ବହୁତ ଚାହିଦା ରହିଛି ଯାହାର ଦାମ ୪୦ଟଙ୍କାରୁ ଆରମ୍ଭ କରି ୪୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବାଳକୁ ରଙ୍ଗରୁ ରକ୍ଷା ନିମନ୍ତେ ଡୁପ୍ଲିକେଟ ବାଳ ମ୍ୟାଲେଙ୍ଗା ଚୁଟିର ଚାହିଦା ରହିଛି ଯାହାକି ୫୦ଟଙ୍କାରୁ ୧୫୦ଟଙ୍କା ରହିଛି। ମୁଖାର ଚାହିଦା ଥିବା ବେଳେ ଛୋଟା ଭିମ, କାର୍ଟୁନ ହରରମାସ୍କ, ଫ୍ରୁଟ ଗ୍ଲାସ ମାସ୍କ, ଷ୍ଟାର ମାସ୍କ, ଫ୍ରଗ ମାସ୍କ ଓ ଫାନ୍ସି ଟୋପିର ଚାହିଦା ରହିଛି। ଯାହାର ଦାମ ୯ଟଙ୍କାରୁ ଆରମ୍ଭ କରି ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଦୋଳ ମେଳଣ ପାଇଁ ଘଣ୍ଟ ହୁଳହୁଳି ମୃଦଙ୍ଗ ନାଦରେ କମ୍ପୁଛି ସାହି। ପ୍ରଭୁଙ୍କ ବିମାନକୁ ବିଭିନ୍ନ ଅଞ୍ଚଳରେ ପାଛୋଟି ନେବା ସହ ଘର ଦାଣ୍ଡ ଆଗରେ ବମାନ ରଖି ପୂଜାର୍ଚ୍ଚନା କରିବା ଦେଖିବାକୁ ମିଳୁଛି।

- **ହର୍ବାଲ ରଙ୍ଗ ଅଧିକ ବ୍ରିକ୍ରି**
- **ସେଣ୍ଟେଡ୍ ରଙ୍ଗର ଚାହିଦା ବି ରହିଛି।**



"ସିନ୍ଥେଟିକ ଅବିରଠାରୁ ଆରମ୍ଭ କରି ମେଟାଲ କମ୍ପୋନେଟ ଅବିର ବଜାରରେ ବହୁଳ ମାତ୍ରାରେ ବ୍ୟବହାର ହେଉଛି। ଏହି ସବୁ ରଙ୍ଗ ବ୍ୟବହାର ଦ୍ୱାରା ମାତ୍ରାଧିକ କ୍ଷତି ପହଞ୍ଚାଇବ। ରାସାୟନିକ ରଙ୍ଗଠାରୁ ନିଜକୁ ଦୁରେଇ ରଖନ୍ତୁ, କାରଣ ରାସାୟନିକ ରଙ୍ଗରେ ବିଶାକ୍ତ ଉପାଦାନ ରହିଛି। ଯାହାକି ଦେହ ପାଇଁ କ୍ଷତିକାରକ। ହୋଲିକୁ ଉତ୍ସବ ମୁଖର କରିବା ପାଇଁ ସର୍ତକତା ଅବଲମ୍ବନ କରିବା ଦରକାର। ବିଶେଷକରି ହୋଲି ଖେଳିବା ସମୟରେ ଆଖି, କାନ ଭିତରକୁ ଯେପରି ରଙ୍ଗ ନ ଯିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଡା.ଭାରତୀ ସାହୁ,
ଚର୍ମରୋଗ ବିଶେଷଜ୍ଞ



"ସିନ୍ଥେଟିକ ଅବିର ଠାରୁ ଆରମ୍ଭ କରି ମେଟାଲ ଉପାଦାନ ଅବିର ଠାରୁ ଦୁରେଇ ରୁହନ୍ତୁ। ହୋଲି ଖେଳିବା ସମୟରେ ସତର୍କ ଜରୁରୀ। ବଜାରରେ ବିକ୍ରି ହେଉଥିବା ଆୟୁର୍ବେଦ ରଙ୍ଗକୁ ବ୍ୟବହାର କରନ୍ତୁ। ଦେହକୁ ସମ୍ପୂର୍ଣ୍ଣ ଘୋଡାଇ ରଖନ୍ତୁ। ଆଖି, କାନ, ନାକ ତଥା ଶରୀରର ସମ୍ବେଦନଶୀଳ ଅଙ୍ଗକୁ ଘୋଡାଇ ରଖନ୍ତୁ। ପାଣିରଙ୍ଗ ବ୍ୟବହାର କରନ୍ତୁ ନାହିଁ। ବିଶେଷ କରି ମୁହଁରେ ବ୍ରଣ ଥିଲେ ରଙ୍ଗଠାରୁ ଦୁରେଇ ରୁହନ୍ତୁ। ଯଦି ଆଗରୁ ଚର୍ମ ରୋଗ ଅଛି ତେବେ ରଙ୍ଗ ଛଡାଇବା ପାଇ କୌଣସି ସାବୁନ ର ବ୍ୟବହାର ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ମେଡିଟେଜ ସାବୁନ ବ୍ୟବହାର କରନ୍ତୁ ବୋଲି କହିଛନ୍ତି।

ଡା.ମାନସ ରଞ୍ଜନ ପୁହାଣ,
ଚର୍ମରୋଗ ବିଶେଷଜ୍ଞ

## ଆକ୍ରମଣ ଉଦ୍ୟମ: ନାବାଳକ ଗିରଫ

**କଟକ ଅଫିସ,୧୯।୩**

ଜଣେ ୩ବର୍ଷର ଝିଅକୁ ଆକ୍ରମଣ ଉଦ୍ୟମ ଅଭିଯୋଗରେ ମଙ୍ଗଳବାର ଜଗତପୁର ପୋଲିସ ଜଣେ ନାବାଳକଙ୍କୁ ଗିରଫ କରି ବାଳସୁଧାର ଗୃହକୁ ପଠାଇଛି। ମଙ୍ଗଳବାର ଅପରାହ୍ନରେ ଉକ୍ତ ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳର ସୁନିତା ନାୟକ ତାଙ୍କର ୩ବର୍ଷର ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ବାହାରକୁ ଆସୁଥିଲେ। ବାଟରେ ଯିବା ସମୟରେ ସମ୍ପୃକ୍ତ ନାବାଳକ ଜଣଙ୍କ ତାଙ୍କ ସାନ ଉଭଣୀଙ୍କୁ ସୁନିତାଙ୍କ ଠାରୁ ଛଡାଇ ଆଣିଥିଲେ। ସେଠାରେ ଥିବା ଲୋକେ ଏକତ୍ରିତ ହେବାରୁ ନାବାଳକ ଜଣଙ୍କ ତାଙ୍କ ପାଖରେ ରଖିଥିବା ଏକ ଛୁରି ଦେଖାଇ ତାଙ୍କ ପାଖକୁ ଆସିଲେ ଝିଅର ତଣ୍ଟି କାଟିଦେବ ବୋଲି ଧମକ ଦେଇଥିଲେ। ଭୟରେ କେହି ପାଖକୁ ଯାଉ ନ ଥିବା ବେଳେ ଜଣେ ବ୍ୟକ୍ତି କୌଶଳକ୍ରମେ ନାବାଳକଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ନାବାଳକଙ୍କୁ ଥାନାକୁ ଆଣିଥିଲେ। ସୁନିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୦୨/୧୯) ରୁଜୁ କରିଛି। ତେବେ ନାବାଳକ ଜଣଙ୍କ କ'ଣ ପାଇଁ ଏପରି କରିଥିଲେ ସେ କହୁ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ପକ୍ଷୀ ସୁରକ୍ଷା ପାଇଁ ଅଭିଯାନ ଛାତ ଉପରେ ପାଣିକୁଣ୍ଡ ରଖିବାକୁ ଦାବି

**କଟକ ଅଫିସ, ୧୯।୩-** ଖରାରୁ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ସରକାରୀ କାର୍ଯ୍ୟାଳୟ ଛାତ ଉପରେ ପାଣିକୁଣ୍ଡ ଓ ଶସ୍ୟ ଦାନା ରଖିବାକୁ ଓଡ଼ିଶା ବାୟା ଚଢ଼େଇ ସୁରକ୍ଷା ଅଭିଯାନ ପକ୍ଷରୁ ଦାବି ହୋଇଛି। ମଙ୍ଗଳବାର ଅଭିଯାନ ପକ୍ଷରୁ କଟକ ଜିଲାପାଳଙ୍କୁ ଏ ସମ୍ପର୍କରେ ଏକ ସ୍ମାରକପତ୍ର ଦିଆଯାଇଛି। ଅଭିଯାନ ପକ୍ଷରୁ କୁହାଯାଇଛି, ପ୍ରତିବର୍ଷ ମାର୍ଚ୍ଚ ୨୦କୁ ବିଶ୍ୱ ଘରଚଟିଆ ଦିବସ ଭାବେ ପାଳିତ ହେଉଛି। ଜଙ୍ଗଲ ହ୍ରାସ ଓ ଜଳାଧାରର ଅଭାବ ଯୋଗୁ ବଣୁଆ ଜୀବଜନ୍ତୁ ବିଶେଷକରି ପକ୍ଷିଜଗତ ବିଲୁପ୍ତିର ପାଦଦେଶରେ । ସହରରେ ରହିଥିବା ସମସ୍ତ ସରକାରୀ କାର୍ଯ୍ୟାଳୟର ଛାତ ଉପରେ ସରକାରଙ୍କ ପକ୍ଷରୁ ପକ୍ଷୀମାନଙ୍କ ପାଇଁ ପାଣିକୁଣ୍ଡ ସହିତ ଶସ୍ୟ ଦାନାର ବ୍ୟବସ୍ଥା କରାଗଲେ ସେମାନେ ଉପକୃତ ହେବେ। ୨୦୧୨ରେ ଦିଲ୍ଲୀ ସରକାର ଘରଚଟିଆକୁ ଦିଲ୍ଲୀ ରାଜ୍ୟପକ୍ଷୀର ମାନ୍ୟତା ଦେବା ସହ ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏହି ବିଷୟକୁ ମଧ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଛନ୍ତି। ତେଣୁ ଓଡ଼ିଶାରେ ପକ୍ଷୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଅଭିଯାନ ପକ୍ଷରୁ ଦାବି କରାଯାଇଛି।

### ବନମାଳୀ ଦାସଙ୍କ ଜୟନ୍ତୀ

**ଚୌଦ୍ୱାର,୧୯।୩(ଡି.ଏନ୍.ଏ.):** ଶ୍ରମିକ ନେତା ତଥା ଚୌଦ୍ୱାର ସାହିତ୍ୟ ସଂସଦର ପ୍ରାକ୍ତନ ସଭାପତି ସ୍ୱର୍ଗତ ବନମାଳୀ ଦାସଙ୍କ ଜୟନ୍ତୀ ଉତ୍ସବ ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ସୋମବାର ପାଳିତ ହୋଇଯାଇଛି। ସଂସଦର ସଭାପତି ବିଶ୍ୱ କଲ୍ୟାଣ ଦାସଙ୍କ ସଭାପତିତ୍ୱରେ ଓଟିଏମ କଲୋନୀସ୍ଥ ବାସଭବନରେ ଆୟୋଜିତ ସଭାରେ ଶିକ୍ଷାବିତ୍ ସୁକାନ୍ତ ମହାନ୍ତି, ଇଂ. ହରିହର ରଣା, ଇଂ. ଭାଗୀରଥି ସାହୁ, ଡ. ପୀତାମ୍ବର ରାଉତ, ସଂସଦର ଉପସଭାପତି ପଞ୍ଚାନନ ବେହେରା, ଆଇନଜୀବୀ ରମେଶ ଭୂୟାଁ, ସଙ୍ଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ଅକ୍ଷୟ ଭୂୟାଁ, ଭାସ୍କର ପ୍ରସାଦ ମହାପାତ୍ର, ସବିତା ଦାସ ପ୍ରମୁଖ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଚୌଦ୍ୱାରର ସାରସ୍ୱତ ଓ ସାମାଜିକ କ୍ଷେତ୍ରକୁ ବନମାଳୀଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ସଂସଦର ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଯୁଗ୍ମ ସମ୍ପାଦିକା ସରିତା ଦାସ ଧନ୍ୟବାଦ ଦେଇଥିଲେ ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**କଟକ ଅଫିସ,୧୯।୩-** କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୩୩ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର ତଥା ନଗର ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଡ. ମହମ୍ମଦ ଆୟୁବ, ପୂର୍ବତନ କର୍ପୋରେଟର ମନୋଜ ସେଠୀ ଓ କଟକ ଜିଲା ବିଜେଡି ମିଡିଆ ସେଲ୍‌ର ଆବାହକ ଇଂ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହିଳା ବିଜେଡି ନେତ୍ରୀ କେ. ଜେଡ୍ ଆଫ୍ରିଦଙ୍କ ନେତୃତ୍ୱରେ ବିଜେଡି ମହିଳା କର୍ମୀ ପୁଷ୍ପଲତା ଦାସ, ନମିତା ନାୟକ, କନକଲତା ସାହୁ, କବିତା ସାମଲ, ନଜମା ବିବି, ସୁମିତ୍ରା ରାଉତ, ବବିତା ମହାପାତ୍ର, ଜାନକୀ ନାୟକ ପ୍ରମୁଖ ଘର ଘର ବୁଲି ବିଜେଡି ଶାସନର ସଫଳତା ଓ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ନାୟକ ସାହିରୁ ଆରମ୍ଭ ହୋଇ ବଣିଆ ସାହି, ବ୍ରାହ୍ମଣ ସାହି ଗଳି ଓ ତାରିଣୀ ଗଳିରେ ଶେଷ ହୋଇଥିଲା ।

### ଭାଜପାର ମହିଳା ସମ୍ମିଳନୀ

**ଚୌଦ୍ୱାର,୧୯।୩(ଡି.ଏନ୍.ଏ.):** ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଚୌଦ୍ୱାର ଓ ଇନ୍ଦ୍ରାଣିପାଟଣା ଭାଜପା ମଣ୍ଡଳ ପକ୍ଷରୁ ମଙ୍ଗଳବାର ଏକ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଆଗ୍ରାହାଟସ୍ଥିତ ଶୁଭମ୍ ପ୍ୟାଲେସରେ ଆୟୋଜିତ କର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି ଅତିଥିଭାବେ ଯୋଗଦେଇ କେନ୍ଦ୍ରସରକାର ମହିଳାଙ୍କ ପାଇଁ କରିଥିବା ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବନ୍ଦ ପଡିଥିବା ଓଟିଏମ ଓ ବଲାରପୁର କାରଖାନା ଖୋଲିବା ନେଇ ଉପୁଜୁଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ । ଜିଲା ଉପସଭାପତି ପ୍ରଶାନ୍ତ ହୋତା, ପ୍ରକାଶ ଚନ୍ଦ୍ର ବଡଜେନା, ଅଜିତ୍ ସୁବୁଦ୍ଧିରାୟ, ଯୁବନେତା ଜୟନ୍ତ ସ୍ୱାଇଁ, ରମେଶ ଚନ୍ଦ୍ର ନାୟକ, ଅର୍ଚ୍ଚନା ବିଶ୍ୱାସ, ସୁଧାରାଣୀ ଦଳାଇଙ୍କ ସମେତ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

## ବନ୍ଧୁକ, ଗୁଳି ଜବତ: ଜଣେ ଗିରଫ

**କଟକ ଅଫିସ,୧୯।୩**



ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ମର୍କତନଗର ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ସାନପାଟସୁନ୍ଦରପୁର ଅଞ୍ଚଳର ସମୟ ମଲ୍ଲିକ୍ (ମନୋଜ)। ପୋଲିସ ତାଙ୍କ ଠାରୁ ଗୋଟିଏ ୭.୬୫ ଏମ୍‌ଏମ୍‌ର ବନ୍ଧୁକ, ୨ଟି ଗୁଳି ଜବତ କରିବା ସହ ଏନେଇ ଆର୍ମ୍ସ ଆକ୍ଟ ୨୫(ଆଇ-ଏଏ)ରେ ଏକ ମାମଲା(ନଂ.୪୭/୧୯) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଉକ୍ତ ଥାନା ଅନ୍ତର୍ଗତ ଏକ ଘରୋଇ ଇନଜିନିୟରିଂ କଲେଜ ପାଖରେ ଜଣେ ଯୁବକ ବନ୍ଧୁକ ରଖିଥିବା ନେଇ ପୋଲିସ ସୂଚନା ପାଇଥିଲା। ପରେ ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିବା ସହ ମନୋଜଙ୍କୁ ଧରିଥିଲା। ଯାଞ୍ଚ କରିବାରୁ ମନୋଜଙ୍କ ପାଖରୁ ଉକ୍ତ ବନ୍ଧୁକ ଓ ଗୁଳି ବାହାରିଥିଲା। ପୋଲିସ ମନୋଜଙ୍କୁ ବନ୍ଧୁକର ଲାଇସେନ୍ସ ଦେଖାଇବାକୁ କହିଥିଲେ ମଧ ସେ ଦେଖାଇପାରି ନ ଥିଲେ। ଫଳରେ ପୋଲିସ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ତେବେ ସେ ବନ୍ଧୁକ କେଉଁଠୁ ଆଣିଲେ, କାହା ପାଖରୁ ଆଣିଲେ ତାହା ଉପରେ ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି ।

## ୧୦ବୁଥ୍‌ରେ ନିୟୋଜିତ ହେବେ ମହିଳା ଷ୍ଟାଫ

**କଟକ ସଦର,୧୯।୩(ଡି.ଏନ୍.ଏ.)**

ଚଳିତ ସାଧାରଣ ନିର୍ବାଚନରେ କଟକ ସଦର ବ୍ଲକ ଅନ୍ତର୍ଗତ ଦଧିବାମନପୁର ଓ ବ୍ରହ୍ମପୁର ପଞ୍ଚାୟତର ୧୦ଟି ବୁଥ୍‌ରେ କେବଳ ମହିଳା ପୋଲିଂ ଷ୍ଟାଫ ନିୟୋଜିତ ହେବେ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ୪୨ମୌଜା ଡେଲଟା ଅଞ୍ଚଳର ଏହି ସମସ୍ତ ବୁଥ୍‌ରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ। ତେଣୁ ପରୀକ୍ଷାମୂଳକଭାବେ ପ୍ରତିବୁଥ୍ ପାଇଁ ପ୍ରିଜାଇଡିଂ ଅଫିସର ସମେତ ୪ଜଣ ପୋଲିଂ ଓ ମହିଳା ସୁରକ୍ଷା କର୍ମୀ ନିୟୋଜିତ କରାଯିବ। ଏଥିପାଇଁ ସମ୍ପୃକ୍ତ ବିଦ୍ୟାଳୟମାନଙ୍କର ପରିମଳ ବ୍ୟବସ୍ଥା ସହ ରାତିରେ ରହିବା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ଦଧିବାମନପୁର ପଞ୍ଚାୟତର ବହଳପଡ଼ା ଗ୍ରାମର ୨ଟି ବୁଥ୍, ଦଧିବାମନପୁର ଗ୍ରାମର ୨ଟି ବୁଥ୍, ବ୍ରହ୍ମପୁର ପଞ୍ଚାୟତର ବ୍ରହ୍ମପୁର ଗ୍ରାମର ୨ଟି, ଶ୍ରୀରାମ ଗ୍ରାମର ୨ଟି ଓ ଝିଙ୍କିରିଆ ଗ୍ରାମର ୨ଟି ବୁଥ୍‌କୁ ଏଥିରେ ଅନ୍ତର୍ଭୂକ୍ତ କରାଯାଇଛି।

## ପ୍ରଫେସର ପ୍ରାଣକୃଷ୍ଣଙ୍କ ସ୍ମାରକୀ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

**କଟକ ଅଫିସ, ୧୯।୩**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନପିଲାର ଅଫ ୱିଜଡମ ଆନେକ୍ସ-୧ ଠାରେ ମଙ୍ଗଳବାର ଦ୍ୱିତୀୟ ପ୍ରଫେସର ପ୍ରାଣକୃଷ୍ଣ ପରିଜା ସ୍ମାରକୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଅଖିଳେଶ କୁମାର ତ୍ୟାଗୀ ଯୋଗ ଦେଇଥିଲେ। ବାୟୋଲୋଜି ପାଠ୍ୟକ୍ରମ କ୍ଷେତ୍ରରେ ପ୍ରଫେସର ତ୍ୟାଗୀ ଭାରତରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ଏହି ଅବସରରେ ପ୍ରଫେସର ତ୍ୟାଗୀ ଜଳର ସଙ୍କଟ ଯୋଗୁ ଧାନ ଉତ୍ପାଦନର ହ୍ରାସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଫେସର ପଦନ କୁମାର ଜେନା ପ୍ରଦାନ କରିଥିବା ବେଳେ ପ୍ରଫେସର ସହିଂତା ପାଢ଼ୀ ଧନ୍ୟବାଦ ଦେଇଥିଲେ ।

## କବାଡିଆ ଦୋକାନରେ ବିକ୍ରି କରିବାକୁ ଯୋଜନା

**ଟ୍ରକ୍ ଜବତ, ଚାଳକ ଗିରଫ**

**କଟକ ଅଫିସ,୧୯।୩**

ଟ୍ରକ୍ ଚୋରି କରିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଡମ୍ବା ଥାନା ଅନ୍ତର୍ଗତ ଗୋପମଥୁରା ଅଞ୍ଚଳର ଅଶୋକ କୁମାର ମହାନ୍ତି। ପୋଲିସ ତାଙ୍କ ଠାରୁ ଟ୍ରକ୍‌କୁ ଜବତ କରିବା ସହ ଏନେଇ ଏକ ମାମଲା (ନଂ.୭୭/୧୯) ରୁଜୁ କରିଛି। ସୂଚନା ଅନୁଯାୟୀ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାର ଅଞ୍ଚଳରେ ରହୁଥିବା ବିଶ୍ୱନାଥ ପ୍ରସାଦ ଦାସଙ୍କ ଟ୍ରକ୍‌କୁ ଅଶୋକ ଚଳାଉଥିଲେ। ଗତ ୧୪ତାରିଖରେ ଅଶୋକ ରାଇରଙ୍ଗପୁର ଅଞ୍ଚଳରୁ ଉକ୍ତ ଟ୍ରକ୍‌ରେ ଏକ କ୍ରସର ମେଶିନ୍ ନେଇ ତାମିଲନାଡୁ ଯିବାର ଥିଲା। ୧୪ ତାରିଖରେ ଅଶୋକ ରାଇରଙ୍ଗପୁରରୁ ଟ୍ରକ୍ ନେଇ ବାହାରିବା ପରେ ତାଙ୍କ ଫୋନ୍ ବନ୍ଦ କରି ଦେଇଥିଲେ। ବିଶ୍ୱନାଥ ତାଙ୍କୁ ବାରମ୍ବାର ଯୋଗାଯୋଗ କରି ବିଫଳ ହେବାରୁ ସେ ଗତ ୧୫ତାରିଖରେ ଏନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଶୋକ କଟକ ମଙ୍ଗୁଳି ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ। ପରେ ପୋଲିସ ସେଠାରେ ଚଢ଼ାଉ କରି ଟ୍ରକକୁ ଜବତ କରିବା ସହ ଅଶୋକଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେ ଟ୍ରକ୍‌କୁ କବାଡିଆ ଦୋକାନରେ ବିକ୍ରି କରିବା ପାଇଁ ଯୋଜନା କରୁଥିଲେ ବୋଲି ମାନିଥିବା ପୋଲିସ କହିଛି।

## କୃତ୍ରିମ ହାତ ପ୍ରତିରୋପଣ ଶିବିର

**କଟକ ଅଫିସ, ୧୯।୩**

ଲାୟନ୍ସ କ୍ଲବ ଅଫ କଟକ ମେନ୍ ପକ୍ଷରୁ, ରୋଟାରି କ୍ଲବ ଅଫ(ପୁନା) ଡାଉନ ଟାଉନ ଓ ରୋଟାରି କ୍ଲବ ଅଫ ବ୍ରହ୍ମପୁର(ପୂର୍ବ) ସହଯୋଗରେ ଏକ କୃତ୍ରିମ ହାତ ପ୍ରତିରୋପଣ ଶିବିର ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ କାରଣରୁ ହରାଇଥିବା ହାତର ପାପୁଲିକୁ ଏକ କୃତ୍ରିମ ହାତ ପ୍ରତିରୋପଣ କରାଯାଇ ଦୈନନ୍ଦିନ କାର୍ଯ୍ୟରେ ସହାୟକ ହୋଇପାରିବ ବୋଲି ପ୍ରକଳ୍ପର ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ କହିଛନ୍ତି। ଏହି ଶିବିରରେ ୪୪୫ ଜଣଙ୍କଠାରେ ଏଲ ଫୋର ପ୍ରତିରୋପିତ ହାତ, ଯାହାକି ଆମେରିକାର ଇଲେନ ମିଡୋଜ୍ ପ୍ରୋସ୍ଥେଟିକ ହାଣ୍ଡସ୍ ଫାଉଣ୍ଡେଶନ ଦ୍ୱାରା ପ୍ରଦତ୍ତ। ଏଥିରେ ୧୯୮ଜଣ ମହିଳା ଓ ୩୧ଜଣ ବାଳକ ଓ କିଶୋରଙ୍କ ଜୀବନ ଚର୍ଚ୍ଚାରେ ସହାୟକ ହେଲା ଭଳି ହାତ ଲଗାଯାଇଥିଲା। ଯାହାକି ସହଜରେ ମୁଣ୍ଡ କୁଣ୍ଡାଇବା, ଚାମଚରେ ଖାଇବା, ଦାନ୍ତ ଘଷିବା, ସାଇକେଲ ଚଲାଇବା ଆଦି ନିତ୍ୟ ନୈମିତିକ କାର୍ଯ୍ୟରେ ସହାୟକ ହୋଇପାରିବ। ଶିବିରାର୍ଥୀମାନଙ୍କୁ ପ୍ରତିଦିନ କିପରି ସହଜରେ ହାତ ଲଗାଇ କାଢିପାରିବେ ଓ ଏହି କୃତ୍ରିମ ହାତର ରକ୍ଷଣାବେକ୍ଷଣ, କାର୍ଯ୍ୟ କରିବାର ଶୈଳୀ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଏହି ଶିବିରରେ ଓଡ଼ିଶାର ମାଲକାନଗିରି, କେସିଙ୍ଗା, କଳାହାଣ୍ଡି, ଖରିଆର, ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, କଟକ, ଭଦ୍ରକ, ବାରିପଦା ଅଞ୍ଚଳର ବହୁ ଦିବ୍ୟାଙ୍ଗ ଯୋଗଦେଇଥିଲେ। ଏହା ସହ ଛତିଶଗଡ଼, ଝାଡ଼ଖଣ୍ଡ ଆଦି ଅଞ୍ଚଳରୁ ମଧ୍ୟ ବହୁ ଦିବ୍ୟାଙ୍ଗ ଯୋଗଦେଇଥିଲେ। ଶିବିରରେ ବସନ୍ତ ଅଗ୍ରୱାଲ, ଦୀପକ ଅଗ୍ରୱାଲ, ରାଜେଶ ଝୁନ୍‌ଝୁନ୍‌ୱାଲା ଓ ସନ୍ଦୀପ ଅଗ୍ରୱାଲ ପ୍ରମୁଖ ବିଭିନ୍ନ ଅଞ୍ଚଳରେ ଲୋକମାନଙ୍କ ସହ ଦୁଇ ମାସ ଧରି ଯୋଗାଯୋଗ କରି ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରିଥିଲେ। ଶିବିରକୁ ବିପିନ ଦୋଷୀ, ଅନୁପ ମୁରକା, ଲଳିତ ଝୁନଝୁନୱାଲା ପ୍ରମୁଖ ପରିଚାଳନା କରିଥିଲେ ।

## ଅରିଲୋ ଗ୍ରାମରେ ଦୋଳ ମେଳଣ ଆରମ୍ଭ



ସୁସଜ୍ଜିତ ବିମାନରେ ଠାକୁରଙ୍କୁ ମେଳଣ ପଡ଼ିଆକୁ ନିଆଯାଉଛି।

**ଫୁଲନଖରା,୧୯।୩(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ଜନାର୍ଦ୍ଦନ ଦେବଙ୍କ ପ୍ରସିଦ୍ଧ ଦୋଳ ମେଳଣ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଯୁଗଳକିଶୋର ଦେବ ଜନାର୍ଦ୍ଦନ ଦେବଙ୍କୁ ନିମନ୍ତ୍ରଣ କରାଯିବା ପରେ ମହିଧରପଡ଼ା ଓ ଅରଡ଼ିଆପଦା ଗ୍ରାମର ଲକ୍ଷ୍ମୀନାରାୟଣ ଦେବ, ରାଧାମାଧବ ଓ ଗୋପୀନାଥ ଦେବଙ୍କ ବିମାନକୁ ବାଜାବାଣ ରୋଶଣି କରି ପୀଠକୁ ଅଣାଯାଇ ମେଳଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମେଳଣରେ ଥିବା ପ୍ରତି ଦେବାଦେବୀଙ୍କୁ ହରିହର ଭେଟ କରାଯାଇଥିଲା। ମେଳଣରେ ଦଳବାଡ଼, ଶାସୋଳ, ଆମଣ, ନଗରୀ, ସରିଗୁଆଁ, ଖଣ୍ଡେଲତା, ନାଗବାଲି, ଧାନଘରପଡ଼ା ଭଳି ବିଭିନ୍ନ ଗ୍ରାମର ୬୦ରୁ ଉର୍ଦ୍ଧ୍ୱ ଛୋଟବଡ ଦୋଳବିମାନ ଏଥିରେ ଅଂଶଗ୍ରହଣ କରିଥିଲେ। ମେଳନରେ ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମାଗମ ହୋଇଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅରିଲୋ ଦୋଳ ମେଳଣ ଶାନ୍ତି କମିଟିର ସଦସ୍ୟ ଏବଂ ଗ୍ରାମର ମୁରବୀମାନେ କଟକସଦର ଥାନାର ସହାୟତା ନିଆଯାଇଥିଲା।

## ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ଫୁଲନଖରା, ୧୯।୩(ଡି.ଏନ୍.ଏ.)**

କଟକସଦର ବ୍ଲକର ଆମଣ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କଟକସଦର ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ହକ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିପ୍ରଚରଣ ଭୋଳ ଅଧ୍ୟକ୍ଷତା କରିଥିଲେ। ବିଜୁ ଛାତ୍ରର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ପ୍ରମୋଦ ମହାପାତ୍ର, ଜ୍ଞାନେନ୍ଦ୍ର ଗିରିଗୋସ୍ୱାମୀ, ଦେବୀ ପଟ୍ଟନାୟକ, ଅଭିଷେକ ବେହେରା, ହିମାଂଶୁ ଦାସ, ପୁନାନନ୍ଦ ଭୋଇ, ସୁଭାସିନୀ ସେଠୀ, କବିତା ଦାସ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଫୁଲନଖରା,୧୯।୩(ଡି.ଏନ୍.ଏ.)**

କଟକସଦର ବ୍ଲକସ୍ଥିତ ଆମଣ ଗ୍ରାମରେ ମଙ୍ଗଳବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଟକସଦର ବିଜେଡି ମହିଳା ଦଳର ସଭାନେତ୍ରୀ କବିତା ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦଳର ସଦସ୍ୟାମାନେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ପୁନାନନ୍ଦ ଭୋଇ, ସୁଭାସିନୀ ସେଠୀ, ଅନୁପମା ଦାଶ, ନୟନା ସାହୁ, ସାମିଲ ଥିଲେ।

■ ଅଟୋରୁ ଖସି ନାବାଳିକା ମୃତ୍ୟୁ ଘଟଣା

## ଅଟୋ ଚାଳକ ଗିରଫ, ଗାଡ଼ି ଜବତ

**ଖୁଣ୍ଟୁଣୀ,୧୯।୩(ଡି.ଏନ୍.ଏ.)**

ଅଟୋରୁ ଖସି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟଣାରେ ମଙ୍ଗଳବାର ଗୁରୁଡିଝାଟିଆ ପୋଲିସ ଫେରାର ଥିବା ଅଟୋ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଜେମାଦେଇପୁର ଗ୍ରାମର ଚିନ୍ମୟ ବିଶୋଇ(ଚିଣ୍ଟୁ)। ଏହା ସହ ପୋଲିସ ଚିନ୍ମୟଙ୍କ ଅଟୋକୁ ଜବତ କରିବା ସହ ଥାନାରେ ଏକ ମାମଲା(ନଂ.୨୪/୧୯)ରୁଜୁ ହୋଇଥିବା ଥାନା ଅଧିକାରୀ ବିଜୟ କୁମାର ବିସି କହିଛନ୍ତି। ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ କୁସପଙ୍ଗୀ ପଞ୍ଚାୟତରେ ଆଠଗଡ଼ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ସାମିଲ ହେବା ପାଇଁ କେତେଜଣ ମହିଳାଙ୍କ ସମେତ ଜେମାଦେଇପୁର ଗ୍ରାମର ଶ୍ୱେତ ସାମଲଙ୍କ ଝିଅ କୁନି(୮) ଏକ ଅଟୋରେ କୁସପଙ୍ଗୀ ଆସୁଥିଲେ। ଉକ୍ତ ଅଟୋରେ ଆସୁଥିବା ଏକ ପୋଷାକୁକୁର ଭୁକିବାରୁ କୁନି ତଳକୁ ଖସି ପଡିଥିଲେ। ଫଳରେ ଅଟୋ ଚକା ତାଙ୍କ ଉପରେ ମାଡ଼ିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହଠାତ୍ ଅଟୋ ଚାଳକ କୁନିଙ୍କୁ ନେଇ କେଉଁଆଡେ ପଳାଇଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଅଟୋ ଚାଳକଙ୍କ ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକେ ୩ଘଣ୍ଟା କାଳ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ପହଞ୍ଚି ୨୪ଘଣ୍ଟା ମଧ୍ୟରେ ଅଟୋ ଚାଳକଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ବିଫଳ ହୋଇଥିଲେ। ଏନେଇ ୧୯ତାରିଖ 'ଧରିତ୍ରୀ'ରେ ୨୪ଘଣ୍ଟା ବିତିଲା ପ୍ରତିଶ୍ରୁତି ପାଳନ କଲାନି ପୋଲିସ ଶୀର୍ଷକ ପ୍ରକାଶ ପାଇବା ପରେ ମଙ୍ଗଳବାର ପୋଲିସ ଚିନ୍ମୟଙ୍କୁ ଗିରଫ କରିଥିଲା।

## କଂଗ୍ରେସର ପଦଯାତ୍ରା

**କଟକ ଅଫିସ,୧୯।୩**

କଟକ ନଗର ୧୪ନଂ. ୱାର୍ଡ କଂଗ୍ରେସ ପକ୍ଷରୁ ମଙ୍ଗଳବାର କାଜିବଜାର, ରୋଭର୍ସଷ୍ଟ୍ରିଟ୍, ମେହେନ୍ଦିପୁର, ଜଗନ୍ନାଥ ବଲ୍ଲଭ, ଖଟବିନ ସାହି, ମହମ୍ମଦିଆ ବଜାର ଓ ଶେଖବଜାର ଅଞ୍ଚଳରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ କଂଗ୍ରେସ ନେତା ମହମ୍ମଦ ମୋକିମ ସାମିଲ ହୋଇଥିଲେ। ୱାର୍ଡ ଅଞ୍ଚଳରେ ବିଭିନ୍ନ ସମସ୍ୟା ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ। ସେକ୍ ଆଲାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମେନୁ ବାରିକ, ନୃସିଂହ ଚରଣ ସାହୁ, ସୁବାସ ଚନ୍ଦ୍ର ବୋଷ, ଶଙ୍କର ସାହୁ, ସୁବାସ କିଶୋର ସରକାର, ପୂର୍ଣ୍ଣଚନ୍ଦ୍ର ଦାସ, ମଧୁସୂଦନ ଗୋଛାୟତ, ରାମନାରାୟଣ ଜେନା, ମେହେମୁଦ ଖାନ ମତବ୍ୟକ୍ତ କରିଥିଲେ। ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।



ଯେଉଁ ଲୋକ ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କରିଦେଇ ପାରେ।
-ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ଛାତ୍ରୀ ଅପହରଣକାରୀ ଗିରଫ

**ନିଶ୍ଚିନ୍ତକୋଇଲି,୧୯।୩(ସ୍ୱ.ପ୍ର.):** ଛାତ୍ରୀ ଅପହରଣ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ନେମାଳ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଥାନା ଅଧୀନ ତରତ ଗ୍ରାମର ଖଗେଶ୍ୱର ମଲିକ(୩୬)। ଗତ ୭।୨।୧୯ରେ ଥାନା ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଟ୍ୟୁସନରୁ ଫେରୁଥିବାବେଳେ ଖଗେଶ୍ୱର ତାଙ୍କୁ ଅପହରଣ କରି ନେଇଥିଲେ। ଛାତ୍ରୀ ଜଣଙ୍କ ଘରକୁ ନ ଫେରିବାରୁ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ଘଟଣାରେ ଅଭିଯୁକ୍ତ ଥିବା ଖଗେଶ୍ୱର ଫେରାର ହୋଇ ଯାଇଥିଲେ। ମଙ୍ଗଳବାର ଖଗେଶ୍ୱର ଘରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ଗିରଫ କରିଥିଲା। ଏ ନେଇ ନଂ-୭/୧୯ରେ ମାମଲା ରୁଜୁ ହୋଇଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମାହାଙ୍ଗା,୧୯।୩(ସ୍ୱ.ପ୍ର.):** ମାହାଙ୍ଗା ଥାନା ଭଉଁରିଆ ପଞ୍ଚାୟତ ନହଙ୍ଗ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି। ସେ ହେଲେ ଗ୍ରାମର ସୁରେନ୍ଦ୍ର ନନ୍ଦଙ୍କ ପୁଅ ଚିତ୍ତରଞ୍ଜନ ନନ୍ଦ(୪୦)। ସୋମବାର ରାତିରେ ସବୁଦିନ ପରି ଖାଇ ପିଇ ଶୋଇଥିଲେ। ଭୋର ୪ଟାରେ ଶୌଚ ହେବା ପାଇଁ ପାଇଖାନାକୁ ଯାଇଥିଲେ। ଶୌଚ ସାରି ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକ ଉଠି ଖୋଜିଥିଲେ। ଏହାପରେ ଘର ନିକଟ ଓଉ ଗଛରେ ଲୁଗା ସାହାଯ୍ୟରେ ସେ ଋଣି ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପାରିବାରିକ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୪/୧୯ ରୁଜୁ ହୋଇଛି। ଚିତ୍ତରଞ୍ଜନଙ୍କ ୪ ବର୍ଷର ଶିଶୁ ପୁଅ ଥିବା ଜଣାପଡ଼ିଛି।

### ୩୦୦ ଲିଟର ମଦ ଜବତ, ଜଣେ ଗିରଫ

**ନରସିଂହପୁର,୧୯।୩(ଡି.ଏନ.ଏ./ସ୍ୱ.ପ୍ର.):** ନରସିଂହପୁର ଓ କାନପୁର ଥାନା ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୦୦ ଲିଟର ଦେଶୀ, ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ନରସିଂହପୁର ପୋଲିସ ଶରଧାପୁର ଗ୍ରାମରେ ଚଢ଼ାଉ କରି ୧୦୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି। ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଗ୍ରାମର ମନୋରଞ୍ଜନ ସାହୁଙ୍କ ଘରକୁ ୱାରେଣ୍ଟ ନେଇ ଗିରଫ କରିବାକୁ ଯାଇଥିବାବେଳେ ମନୋରଞ୍ଜନ ଖସି ପଳାଇଥିଲେ। ତାଙ୍କ ଘର ତଲାସି କରିବାରୁ ୪ଟି ବ୍ଲାଡ଼ର ଭିତରେ ମଦ ରହିଥିବା ଦେଖିବାକୁ ମିଳିଥିଲା। ପରେ ସେସବୁକୁ ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ନଂ-୩୫/୧୯ ରୁଜୁ ହୋଇଛି। ସେହିପରି କାନପୁର ଥାନା ଅଧିକାରିଣୀ ସସ୍ମିତା ରଣା ଚନ୍ଦ୍ରେଶ୍ୱରସ୍ଥିତ ସଡକସାହିର ଚିତ୍ରସେନ ସାହୁଙ୍କ ଘରେ ଚଢ଼ାଉ କରି ୬୦ ଲିଟର ଦେଶୀ ମଦ ସହ ୧୪୦ ଲିଟର ବିଦେଶୀ ମଦ ଜବତ କରିଛନ୍ତି। ଚୋରା ମଦ ବିକ୍ରି ଅଭିଯୋଗରେ ଚିତ୍ରସେନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ୨୦/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଦନ୍ତ ଚିକିତ୍ସା ଶିବିର

**ବାଙ୍କୀ,୧୯।୩(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ବରପୁଟ ପଞ୍ଚାୟତ ପଥୁରୀପଡ଼ା ସରସ୍ୱତୀ ଶିଶୁମନ୍ଦିର ପରିସରରେ କଟକ ବଡ଼ ଡାକ୍ତରଖାନା ଦନ୍ତବିଭାଗ ଓ ସାପ୍ତାହିକ ଖବରକାଗଜ ଭୋକିଲା ପେଟ ମିଳିତ ଆନୁକୂଲ୍ୟରେ ଏକ ମାଗଣା ଦନ୍ତ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଡା. ଶିଲ୍ପା ମହାପାତ୍ର, ଶ୍ୱେତା ସ୍ୱରଚିତା, ମୋହିତ ପଟ୍ଟନାୟକ ଏବଂ ଟେକ୍ନିସିଆନ ଜୟଦେବ ବିହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୬ ରୋଗୀଙ୍କ ଦନ୍ତ ପରୀକ୍ଷା କରିଥିଲେ। ସେଥିରୁ ୮୦ଜଣଙ୍କ ଦାନ୍ତ ଓପଡାଯିବା ସହିତ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା। ଲୋକ ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷ ତଥା ଭୋକିଲାପେଟ ସମ୍ପାଦକ ସୁଧୀର ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହସମ୍ପାଦକ ସୁଦର୍ଶନ ସାହୁ ଶିବିର ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁମନ୍ଦିର ସଭାପତି ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ଅଶୋକ ମିଶ୍ର ଓ ସମସ୍ତ ଆଚାର୍ଯ୍ୟ ସହଯୋଗ କରିଥିଲେ।

# ହୋଲି ପାଇଁ କଟକ ଉତ୍ସବମୁଖର

**କଟକ ଅଫିସ,୧୯।୩**

ଆଉ ଦିନ କେଇଟା ପରେ ରଙ୍ଗର ପର୍ବ ହୋଲି। ଅବିର ଓ ରଙ୍ଗରେ ଜଣେ ଜଣକୁ ରଙ୍ଗ ଲଗାଇ ମହାଆଡମ୍ବରରେ ହୋଲି ପାଳନ କରିବେ। ଏହାକୁ ପାଳନ କରିବା ପାଇଁ ଭାଇଚାରାର ସହର କଟକର ଗଳିକନ୍ଦିଠାରୁ ଆରମ୍ଭ କରି ସହରର ଚୌଧୁରୀ ବଜାର, ପିଠାପୁର, ନନ୍ଦି ସାହି, ଦୋଳମୁଣ୍ଡାଇ, ରାଣୀହାଟ ଆଦି ସ୍ଥାନରେ ବିଭିନ୍ନ କିସମର ରଙ୍ଗ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏଥର ବଜାରକୁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବଡ଼ ଲୋକଙ୍କ ପାଇଁ ବିଭିନ୍ନ ପ୍ରକାର ରଙ୍ଗ, କ୍ୟାପ, ପିଚକାରୀ ବଜାରରେ ମିଳୁଥିବା ବ୍ୟବସାୟୀ କହିଛନ୍ତି। ବିଶେଷ କରି ହର୍ବାଲ ରଙ୍ଗ ସ୍ୱାସ୍ଥ୍ୟ ନିମନ୍ତେ ହିତକର ହୋଇଥିବାରୁ ଲୋକେ ଏହାକୁ ବହୁତ କିଣୁଥିବା ବ୍ୟବସାୟୀ କହିଛନ୍ତି। ତେବେ ସେଣ୍ଟେଡ ରଙ୍ଗର ଚାହିଦା ବହୁତ ରହିଛି। ଲାଲ, ସବୁଜ, ହଳଦିଆ, ଗୋଲାପି ରଙ୍ଗ ଇତ୍ୟାଦି ବିକ୍ରି ହେଉଥିବା ବେଳେ ଏହାର ମୂଲ୍ୟ ୨୦୦ଟଙ୍କାରୁ ୭୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ୧୦୦ଗ୍ରାମ ପିଛା ୩୦ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ଛୋଟ ପିଲାମାନଙ୍କ ପାଇଁ ୫୦ପ୍ରକାର ପ୍ରେସର ଗନ ମାର୍କେଟରେ ମିଳୁଛି। ସେଥିମଧ୍ୟରୁ ସାଦା ପିଚକାରୀ ବନ୍ଧୁକ, ଆନିମଲ, ଫ୍ରୁଟ ପିଚକାରୀର ବହୁତ ଚାହିଦା ରହିଛି ଯାହାର ଦାମ ୪୦ଟଙ୍କାରୁ ଆରମ୍ଭ କରି ୪୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବାଳକୁ ରଙ୍ଗରୁ ରକ୍ଷା ନିମନ୍ତେ ଡୁପ୍ଲିକେଟ ବାଳ ମ୍ୟାଲେଙ୍ଗା ଚୁଟିର ଚାହିଦା ରହିଛି ଯାହାକି ୫୦ଟଙ୍କାରୁ ୧୫୦ଟଙ୍କା ରହିଛି। ମୁଖାର ଚାହିଦା ଥିବା ବେଳେ ଛୋଟା ଭିମ, କାର୍ଟୁନ ହରରମାସ୍କ, ଫ୍ରୁଟ ଗ୍ଲାସ ମାସ୍କ, ଷ୍ଟାର ମାସ୍କ, ଫ୍ରଗ ମାସ୍କ ଓ ଫାନ୍ସି ଟୋପିର ଚାହିଦା ରହିଛି। ଯାହାର ଦାମ ୯ଟଙ୍କାରୁ ଆରମ୍ଭ କରି ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଦୋଳ ମେଳଣ ପାଇଁ ଘଣ୍ଟି ହୁଳହୁଳି ମୃଦଙ୍ଗ ନାଦରେ କମ୍ପୁଛି ସାହି। ପ୍ରଭୁଙ୍କ ବିମାନକୁ ବିଭିନ୍ନ ଅଞ୍ଚଳରେ ପାଛୋଟି ନେବା ସହ ଘର ଦାଣ୍ଡ ଆଗରେ ବିମାନ ରଖି ପୂଜାର୍ଚ୍ଚନା କରିବା ଦେଖିବାକୁ ମିଳୁଛି।



ବଜାରରେ ବିକ୍ରି ହେଉଥିବା ବିଭିନ୍ନ ରଙ୍ଗ।

■ହର୍ବାଲ ରଙ୍ଗ ଅଧିକ ବିକ୍ରି

■ସେଣ୍ଟେଡ୍ ରଙ୍ଗର ବି ଚାହିଦା ରହିଛି



“ଚସିନ୍ଥେଟିକ ଅବିରଠାରୁ ଆରମ୍ଭ କରି ମେଟାଲ କମ୍ପୋନେଟ ଅବିର ବଜାରରେ ବହୁଳ ମାତ୍ରାରେ ବ୍ୟବହାର ହେଉଛି। ଏହି ସବୁ ରଙ୍ଗ ବ୍ୟବହାର ଦ୍ୱାରା ମାତ୍ରାଧିକ କ୍ଷତି ପହଞ୍ଚାଇବ। ରାସାୟନିକ ରଙ୍ଗଠାରୁ ନିଜକୁ ଦୂରେଇ ରଖନ୍ତୁ, କାରଣ ରାସାୟନିକ ରଙ୍ଗରେ ବିଶାକ୍ତ ଉପାଦାନ ରହିଛି। ଯାହାକି ଦେହ ପାଇଁ କ୍ଷତିକାରକ। ହୋଲିକୁ ଉତ୍ସବ ମୁଖର କରିବା ପାଇଁ ସର୍ତକତା ଅବଲମ୍ବନ କରିବା ଦରକାର। ବିଶେଷକରି ହୋଲି ଖେଳିବା ସମୟରେ ଆଖି, କାନ ଭିତରକୁ ଯେପରି ରଙ୍ଗ ନ ଯିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

-ଡା.ଭାରତୀ ସାହୁ, ଚର୍ମରୋଗ ବିଶେଷଜ୍ଞ।



“ସିନ୍ଥେଟିକ ଅବିର ଠାରୁ ଆରମ୍ଭ କରି ମେଟାଲ ଉପାଦାନ ଅବିର ଠାରୁ ଦୁରେଇ ରୁହନ୍ତୁ। ହୋଲି ଖେଳିବା ସମୟରେ ସତର୍କ ଜରୁରୀ। ବଜାରରେ ବିକ୍ରି ହେଉଥିବା ଆୟୁର୍ବେଦ ରଙ୍ଗକୁ ବ୍ୟବହାର କରନ୍ତୁ। ଦେହକୁ ସମ୍ପୂର୍ଣ୍ଣ ଘୋଡାଇ ରଖନ୍ତୁ। ଆଖି, କାନ, ନାକ ତଥା ଶରୀରର ସମ୍ବେଦନଶୀଳ ଅଙ୍ଗକୁ ଘୋଡାଇ ରଖନ୍ତୁ। ପାଣିରଙ୍ଗ ବ୍ୟବହାର କରନ୍ତୁ ନାହିଁ। ବିଶେଷ କରି ମୁହଁରେ ବ୍ରଣ ଥିଲେ ରଙ୍ଗଠାରୁ ଦୁରେଇ ରୁହନ୍ତୁ। ଯଦି ଆଗରୁ ଚର୍ମ ରୋଗ ଅଛି ତେବେ ରଙ୍ଗ ଛଡାଇବା ପାଇ କୌଣସି ସାବୁନ ର ବ୍ୟବହାର ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ମେଡିଟେଜ ସାବୁନ ବ୍ୟବହାର କରନ୍ତୁ ବୋଲି କହିଛନ୍ତି।

- ଡା.ମାନସ ରଞ୍ଜନ ପୁହାଣ, ଚର୍ମରୋଗ ବିଶେଷଜ୍ଞ।





ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମ୍ବେଦକର ସ୍ମୃତି ପରିଷଦ ସଦସ୍ୟ ବିକ୍ଷୋଭ କରୁଛନ୍ତି।

■ ମଦମୁକ୍ତ ବାଙ୍କୀ ଗଠନ ଦାବି

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ବାଙ୍କୀ,୧୯।୩(ସ୍ୱ.ପ୍ର.)**

ମଦମୁକ୍ତ ବାଙ୍କୀ ଗଠନ ଓ ମଦ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି। ଏ ନେଇ କଟକ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ମଙ୍ଗଳବାର ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମାଜିକ କର୍ମୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହିତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଅରୁଣ ବିଶ୍ୱାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରକାର ମଦ ଦୋକାନ ଖୋଲି ଯେଉଁ ଭଳି ଓଡ଼ିଶାବାସୀଙ୍କ ସୁଖ ଶାନ୍ତି ହଜାଇ ଦେଇଛନ୍ତି ତାର ଘୋର ସମାଲୋଚନା କରାଯାଇଥିଲା। ସକାଳ ହେଲେ ଲୋକେ ବାଙ୍କୀ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ବାସନକୁସନ, ବିପିଏଲ୍ ଓ ଏପିଏଲ ଚାଉଳ ବିକ୍ରି କରି ମଦ ପିଉଛନ୍ତି। ବାଙ୍କୀ ନିର୍ବାଚନମଣ୍ଡଳୀ ସମ୍ପୂର୍ଣ୍ଣ ଅନୁନ୍ନତ ହୋଇଥିଲେ ମଧ୍ୟ ଅଞ୍ଚଳରେ ଅଧିକରୁ ଅଧିକ ମଦ ଦୋକାନ ଖୋଲାଯିବା ଦ୍ୱାରା ଚାଷୀକୂଳ ହତାସ ହୋଇଛନ୍ତି। ତେଣୁ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ରାତାରାତି ଖୋଲା ଯାଉଥିବା ମଦ ଦୋକାନକୁ ତୁରନ୍ତ ବନ୍ଦ କରିବା ପାଇଁ ସରକାର ଘୋଷଣା କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

ପୈତୃକ ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ଗଣ୍ଡଗୋଳ

## ଥାନାରେ ପୃଥକ୍ ମାମଲା

**ନିଶ୍ଚିନ୍ତକୋଇଲି,୧୯।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା ଅଧୀନ ବଡ଼କ୍ଷୀର ଗ୍ରାମରେ ପୈତୃକ ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ଗଣ୍ଡଗୋଳ ଘଟିଛି। ଏନେଇ ଉଭୟ ପକ୍ଷ ପୃଥକ୍ ଭାବେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମଙ୍ଗଳବାର ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ବଡ଼କ୍ଷୀର ଗ୍ରାମର ପ୍ରଦୀପ୍ତ ସିଂ ଓ ପ୍ରମୋଦ ସିଂଙ୍କ ପରିବାର ମଧ୍ୟରେ ପୈତୃକ ସମ୍ପତ୍ତିର ଆପୋସ ବଣ୍ଟନ ପାଇଁ ଏକ ବୈଠକ ବସିଥିଲା। ବୈଠକରେ ଜମି ବଣ୍ଟନର କୌଣସି ସମାଧାନ ହୋଇ ନ ଥିବାବେଳେ ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ପଳାଇ ଯାଇଥିଲେ। ଏହାପରେ ଦୁଇ ପରବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏନେଇ ପ୍ରଦୀପ୍ତ ଥାନାରେ ପ୍ରମୋଦଙ୍କ ସମେତ ତାଙ୍କ ପରିବାର ୪ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ସେହିପରି ପ୍ରମୋଦ ୯ ଜଣଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗକୁ ଗ୍ରହଣ କରି ପୋଲିସ ୨୮/୧୯ ଓ ୨୯/୧୯ରେ ଦୁଇଟି ମାମଲା ରୁଜୁ କରିଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରି ନ ଥିବା ବେଳେ ଦୁଇ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡ଼ିଛି।

## ବିଲ୍ ପାଇବା ଦାବିରେ ଧାରଣା

**ବଡ଼ମ୍ବା,୧୯।୩(ଡି.ଏନ.ଏ.)**

ଏକ ମନ୍ଦିରର ପ୍ରାଚିର ନିର୍ମାଣ କରିବା ପରେ ବିଲ ନ ମିଳିବାରୁ ଶେଷରେ ବିଲ ପାଇବା ଦାବିରେ ଧାରଣା ଦେଇଛନ୍ତି ଜଣେ ଠିକାଦାର। ସେ ହେଲେ ବଡ଼ମ୍ବା ବ୍ଲକ ଅଧୀନ ସୁନାପାଳ ଗ୍ରାମର ସନ୍ତୋଷ କୁମାର ମିଶ୍ର। ସନ୍ତୋଷ ସେହି ଗ୍ରାମର ଏକ ଜଗନ୍ନାଥ ମନ୍ଦିରର ପ୍ରାଚିର ପଞ୍ଚାୟତ ମାଧ୍ୟମରେ ନିର୍ମାଣ କରିଥିଲେ। ମାତ୍ର ଉକ୍ତ କାର୍ଯ୍ୟର ବିଲ୍ ପ୍ରଦାନ କରିବାରେ ପ୍ରଶାସନିକସ୍ତରରେ ଘୋର ଅବହେଳା କରାଯାଇଥିଲା। ଶେଷରେ ନିରାଶ ହୋଇ ସନ୍ତୋଷ ମଙ୍ଗଳବାର ନିଜ ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଖବର ପାଇ ଘଟଣାସ୍ଥଳରେ ବିଡିଓ ସଦାନନ୍ଦ ସେଠୀ, ବଡ଼ମ୍ବା ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ପ୍ରମୁଖ ପହଞ୍ଚି ୧୫ ଦିନ ମଧ୍ୟରେ ବିଲ୍ ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

■ ହାଇୱା ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଦୁର୍ଘଟଣାସ୍ଥଳରେ ପୋଲିସ, ପ୍ରଶାସନିକ ଅଧିକାରୀ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

**ମାହାଙ୍ଗା,୧୯।୩(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଧୀନ ପଲ୍ଲୀସାହି-ଓଷଙ୍ଗ ଗ୍ରାମ୍ୟ ରାସ୍ତାର ଅନ୍ନପୂର୍ଣ୍ଣା ଛକଠାରେ ମଙ୍ଗଳବାର ସକାଳେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ମୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓଷଙ୍ଗ ପଞ୍ଚାୟତ ହାଟପଡା ଗ୍ରାମର ଧ୍ରୁବଚରଣ ସ୍ୱାଇଁ(୫୮)। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଗ୍ରାମବାସୀ ହାଇୱା ଚାଳକଙ୍କୁ ଅଟକ ରଖି ପୋଲିସ ଜିମା ଦେବାସହ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମାହାଙ୍ଗା ଅତିରିକ୍ତ ତହସିଲଦାର ଦିଲୀପ ନାୟକ ପହଞ୍ଚି ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଘୋଷଣା କରିଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁସାରେ, ଧ୍ରୁବଚରଣ ନିଜ ବଡ ପୁଅଙ୍କୁ ଓସ୍ତମୂଳ ବସଷ୍ଟାଣ୍ଡରେ ଛାଡି ପଲ୍ଲିସାହି ଓଷଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ସାଇକେଲରେ ଯାଉଥିଲେ। ଏହି ସମୟରେ ତାଙ୍କ ପଛପଟୁ ଦ୍ରୁତ ଗତିରେ ଆସୁଥିବା ବାଲିବୋଝେଇ ହାଇୱା ଧକ୍କା ଦେଇ ଚଢି ଯାଇଥିଲା। ଯଦ୍ଦ୍ୱାରା ତାଙ୍କ ଅନ୍ତବୁଜୁଳା ଓ ମଗଜ ବାହାରି ଯିବା ସହ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଗାଡି ଚାଳକ ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଗାଡିକୁ ଅଟକାଇ ଚାଳକଙ୍କୁ ଏକ ଘରେ ତାଲା ପକାଇ ରଖିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାହାଙ୍ଗା ଥାନା ଆଇଆଇସି ରଞ୍ଜନ ପ୍ରଧାନ ଓ ଏସଆଇ ମଧୁସ୍ମିତା ବେହେରା ସଦଳବଳେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଗାଡି ଚାଳକଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଏକ ମାମଲା ନଂ-୪୬/୧୯ ରୁଜୁ ହୋଇଛି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଛି।

## ଗୁଳି ମାଡ଼ରେ ଯୁବକ ଗୁରୁତର

**ଆଠଗଡ଼,୧୯।୩(ସ୍ୱ.ପ୍ର.)**

ଗୁଳି ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯୁବକ ହେଲେ ଆଠଗଡ଼ ଟାଉନ ଉପରସାହିର ପ୍ରଭାତ ଦାସଙ୍କ ପୁଅ ପୁପୁନି ଦାସ(୩୦)। ତାଙ୍କ ବାମ ପେଟରେ ଗୁଳି ବାଜି ବାହାରି ଯାଇଥିଲେ ହେଁ ସେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସୋମବାର ରାତି ପ୍ରାୟ ୧ଟା୩୦ରେ ପୁପୁନିଙ୍କ ପେଟରେ ଗୁଳି ମାଡ଼ ହୋଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ କେହି ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ଗୁଳି ବିଦ୍ଧ ହୋଇଥିବାରୁ ଡାକ୍ତର ଏ ସମ୍ବନ୍ଧରେ ଆଠଗଡ ଥାନାରେ ଜଣାଇଥିଲେ। ଖବର ପାଇ ଆଠଗଡ ଥାନା ପୋଲିସ ପହଞ୍ଚି ପୁପୁନିଙ୍କ ପ୍ରାଥମିକ ଚିକିତ୍ସା କରାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁଳି ମାଡ଼ର କାରଣ ଏଯାବତ ଅସ୍ପଷ୍ଟ ରହିଛି। ଡାକ୍ତରଙ୍କ ସୂଚନା ଅନୁସାରେ ପୋଲିସ ନଂ-୫୪/୧୯ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ସର୍ବେଶ୍ୱର ନାୟକ ସୂଚନା ଦେଇଛନ୍ତି।

## ରାମକୃଷ୍ଣପୁର ଦୋଳ ମେଳଣ

**ନିଶ୍ଚିନ୍ତକୋଇଲି,୧୯।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ସଦର ମହକୁମାରେ ରାମକୃଷ୍ଣପୁର ମେଳଣ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ବିମାନ ଗୁଡ଼ିକ ସୁସଜ୍ଜିତ ହୋଇ ଶୋଭାଯାତ୍ରାରେ ମେଳଣ ପଡିଆକୁ ଆସିଥିଲେ। ପାରମ୍ପରିକ ବାଦ୍ୟ ଓ ନୃତ୍ୟରେ ସମଗ୍ର ପରିବେଶ ଉତ୍ସବ ମୁଖର ହୋଇଥିଲା। ସମସ୍ତ ଗାଦି ମେଳଣ ପଡିଆରେ ଉପସ୍ଥିତ ହୋଇଥିଲେ। ପ୍ରାରମ୍ଭରେ ଗାଦିଶ୍ୱର ବସିବା ପରେ ଅନ୍ୟ ଗାଦି ଗୁଡିକ ନିଜ ନିଜ ସ୍ଥାନ ଅଳଙ୍କୃତ କରିଥିଲେ। ସ୍ଥାନୀୟ ଗାଦିଶ୍ୱରଙ୍କ ପକ୍ଷରୁ ସମସ୍ତ ବିମାନକୁ ଭୋଗ, ଅବିର ଓ ଦକ୍ଷିଣା ଲାଗି କରାଯାଇଥିଲା। ଏହି ଅବସରରେ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସବିତା ଓଝା, ବ୍ଲକ ବିଜେଡି ସୋସିଆଲ ମିଡିଆ କୋର୍ଡିନେଟର ଅଶୋକ ଓଝା ଓ ସରପଞ୍ଚ ମନୋରଞ୍ଜନ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।





ମେଳଣ ପଡିଆକୁ ଆସିଥିବା ବିଭିନ୍ନ ଅଞ୍ଚଳର ବିମାନ।

■ ଉପଖଣ୍ଡସ୍ତରୀୟ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ

## ୧୦୮ ଆମ୍ବୁଲାନ୍ସ କର୍ମଚାରୀ ନେବେ ତାଲିମ

**ବାଙ୍କୀ,୧୯।୩(ସ୍ୱ.ପ୍ର.)**

ବାଙ୍କୀରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଅରୁଣ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ମୁକାବାଲା ପାଇଁ ଉପଖଣ୍ଡର ମୁଖ୍ୟ ଅଧିକାରୀ ସତର୍କତା ଅବଲମ୍ବନ କରିବା ସହ ସେମାନଙ୍କ କ୍ଷେତ୍ର ଅଧିକାରୀଙ୍କୁ ତତ୍ପର ରହିବା ପାଇଁ ନିର୍ଦ୍ଦେଶ ଦେବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୌରାଞ୍ଚଳର ପ୍ରମୁଖ ସ୍ଥାନରେ ଜଳଛତ୍ର ଖୋଲିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପଞ୍ଚାୟତିରାଜ ବିଭାଗ ମାଧ୍ୟମରେ ସତର୍କ ସୂଚନା ପ୍ରଦାନ ସହିତ ଜଳଛତ୍ର, ନଳକୂପ, ପାଣିଟାଙ୍କି ମାଧ୍ୟମରେ ପାନୀୟଜଳ ବ୍ୟବସ୍ଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଚିକିତ୍ସାଳୟରେ ସ୍ୱତନ୍ତ୍ର ଅଂଶୁଘାତ ଚିକିତ୍ସା କୋଠରୀ ଖୋଲିବା, ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍, ୧୦୮ଆମ୍ବୁଲାନ୍ସ କର୍ମଚାରୀଙ୍କ ସକାଶେ ତାଲିମ୍ ପ୍ରଦାନ, ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ନିର୍ଦ୍ଦେଶ ଅନୁସାରେ ବସ ଚଳାଚଳ ଦିନ ୧୧ଟାରୁ ୩ଟାପର୍ଯ୍ୟନ୍ତ ବନ୍ଦ କରିବା, ଯାନ ବାହନରେ ପାନୀୟଜଳ, ଓଆରଏସ୍ ଓ ବରଫ ଆଦି ରଖିବାକୁ ପରାମର୍ଶ ଦିଆଯାଇଛି।

ଶ୍ରମିକଙ୍କୁ ଦିନ ୧୧ଟାରୁ ୩ଟା ମଧ୍ୟରେ କାମକରିବା ପାଇଁ ବାରଣ କରିବା, ବିଦ୍ୟାଳୟ ସକାଳ ୧୦ଟା୩୦ମଧ୍ୟରେ ସିମୀତ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଯୁଦ୍ଧକାଳୀନ ଭିତ୍ତିରେ ପାନୀୟ ଜଳଯୋଗାଣ, ନଳକୂପ ଖନନ ଓ ମରାମତି କରିବାକୁ କୁହାଯାଇଛି। ଏପ୍ରିଲ ୧ରୁ ଜୁନ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ନିୟନ୍ତ୍ରଣ କକ୍ଷ କାମ କରିବ ବୋଲି ଉପଜିଲାପାଳ ପ୍ରକାଶ କରିଥିଲେ। ଅଂଶୁଘାତ ମୃତ୍ୟୁର ତହସିଲଦାର, ପୋଲିସ ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକରୀ ତଦନ୍ତକରି ମିଳିତ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଧୂଳେଶ୍ୱର ପ୍ରଧାନ, ଅତିରିକ୍ତ ତହସିଲଦାର୍ କିଶୋର ଚନ୍ଦ୍ର ଦାସ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଦାସ, ଡମପଡ଼ା ବ୍ଲକ ଅତିରିକ୍ତ ବିଡିଓ ପ୍ରଦୀପ ମହାପାତ୍ର, ବାଙ୍କୀ ବ୍ଲକ ଭାରପ୍ରାପ୍ତ ସିଡିପିଓ ସୁଜାତା ମହାପାତ୍ର, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ସହକାରୀ ମନ୍ତ୍ରୀ ଶ୍ରୀକାନ୍ତ ମହାରଣାଙ୍କ ସମେତ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।



ବୈଠକରେ ଉପଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।



ଯେଉଁ ଲୋକ ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କରିଦେଇ ପାରେ।
-ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ମରାମତି ବେଳେ ଡ୍ରାଇଭର କରିଦେଲେ ଷ୍ଟାର୍ଟ
### ଓଲଟି ପଡ଼ିଲା ଟ୍ରକ୍, ମେକାନିକ ମୃତ



ଖୋର୍ଦ୍ଧା ଅଫିସ,୧୯।୩:ଖୋର୍ଦ୍ଧା ବ୍ଲକ କାଇପଦରର ଟାଙ୍ଗେଣି ମୁଣ୍ଡିଆ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ମେକାନିକ ଟ୍ରକରେ ଲାଗିଥିବା ପତି ସଜାଉଥିଲେ। ଏହି ସମୟରେ ଡ୍ରାଇଭର ଟ୍ରକ ଷ୍ଟାର୍ଟ କରିଦେବାରୁ ଘଟିଛି ଅଘଟଣ। ନଂ. ଓଆର ୦୯ ଜି ୮୯୦୨ ଟ୍ରକ ଓଲଟି ପଡିବାରୁ ପତି ମେକାନିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମ ସୁନ୍ଦରାୟ(୨୫)। ଘର ବେଗୁନିଆ ଥାନା ଗଡମାଣତୀର। ଖବରପାଇ ଖୋର୍ଦ୍ଧା ସଦର ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ନଂ. ୪୦/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

### ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷକ ସମ୍ମିଳନୀ

ବୋଲଗଡ଼,୧୯।୩(ଡି.ଏନ.ଏ.)- ବୋଲଗଡ଼ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବ୍ଲକସ୍ତରୀୟ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ଶିକ୍ଷକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ୧୯ଟି ଗ୍ରାମ ପଞ୍ଚାୟତସ୍ଥ ୨୨ ଶିକ୍ଷାନୁଷ୍ଠାନ ପକ୍ଷରୁ ଶିକ୍ଷକମାନେ ସମ୍ମିଳନୀରେ ଯୋଗଦେଇଥିଲେ। ଏଥିରେ ଲଲାଟେନ୍ଦୁ କେଶରୀ ସିଂ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଘରୋଇ ଶିକ୍ଷାନୁଷ୍ଠାନ ସଂଘର ସଭାପତି ସତ୍ୟ ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ବୀଣାପାଣି ବିଦ୍ୟାମନ୍ଦିର(ପିତୁକୁଳି) ସମ୍ପାଦକ ପାଣ୍ଡବ ସାହୁ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର(ଦେଉଳି) ଗୁରୁଜୀ ବିନୟ କୁମାର ସାହୁ ଓ ସରସ୍ୱତୀ ଶିଶୁମନ୍ଦିର (ବୋଲଗଡ଼) ସମ୍ପାଦକ ଅରୂପ କୁମାର ପରିଡା ପ୍ରମୁଖ ସଭାରେ ଯୋଗଦେଇ ଘରୋଇ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଘରୋଇ ସ୍କୁଲକୁ ସରକାରୀ ସ୍ୱୀକୃତି, ଗରିବ ପିଲାଙ୍କୁ ସହାୟତା, ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ନିମନ୍ତେ ପ୍ରତି ବିଦ୍ୟାଳୟର ୨ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସୁଯୋଗ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ସମ୍ମିଳନୀରେ ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

### ମଦଦୋକାନ ଉଚ୍ଛେଦ ପାଇଁ ଦାବି ଜୋର ଧରିଲା
### ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ଡମଣା ଗ୍ରାମବାସୀ

ଭୁବନେଶ୍ୱର,୧୯।୩ (ବ୍ୟୁରୋ)- ଚନ୍ଦ୍ରଶେଖରପୁର ଥାନା ଡମଣା ଗ୍ରାମର ପ୍ରବେଶପଥରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଏକ ମଦ ଦୋକାନ ଖୋଲିଛି। ମଦ ଦୋକାନ ନିକଟରେ ତିନୋଟି ବ୍ୟାଙ୍କ୍, ଦୁଇଟି ସ୍କୁଲ ସହ ଗୋଟିଏ ମନ୍ଦିର ରହିଛି। ମଦ ଦୋକାନ ପାଇଁ ସ୍ଥାନୀୟ ଅଞ୍ଚଳରେ ନାନା ବିଶୃଙ୍ଖଳା ଘଟୁଛି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସାମାଜିକଙ୍କ ଆଡ୍ଡା ଜମୁଛି। ଗ୍ରାମର କେହି ଯୁବତୀ ଓ ମହିଳା ସେହି ରାସ୍ତାଦେଇ ଗଲେ ମଦ୍ୟପମାନେ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଫଳରେ ଗ୍ରାମର ବୁଦ୍ଧିଜୀବୀ, ଝିଅବୋହୂ ଓ ଛାତ୍ରୀଛାତ୍ର ନିଜକୁ ଅସୁରକ୍ଷିତ ମଣିବା ସହ ଭୟରେ ଯିବାଆସିବା କରୁଛନ୍ତି। ଜନ ବସତିରେ ମଦ ଦୋକାନ ଖୋଲିବାର ନିୟମ ନ ଥିବାବେଳେ କିଏ ସେଠାରେ ଅନୁମତି ଦେଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ପୋଲିସ ଡିଜି ଓ ଭୁବନେଶ୍ୱର ଡିସିପିଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ମଦ ଦୋକାନକୁ ଉଠାଇ ନେବାକୁ ଦାବି କରିଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଇନକୁ ହାତକୁ ନେବା ସହ ନିର୍ବାଚନା ବର୍ଜନ କରିବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ମଦ ଦୋକାନଟି ପୂର୍ବରୁ ଡମଣା ହାଟ ନିକଟରେ ଥିଲା। ହଠାତ୍ ତାହାକୁ ଡମଣା ଗାଁ ନିକଟକୁ ଉଠାଇ ନିଆଯାଇଥିବାରୁ ତୀବ୍ର ବିରୋଧ ଆରମ୍ଭ ହୋଇଛି।

■ ଗ୍ରାମୀଣ ଆବାସ ଯୋଜନା

# ହାତଗୁଞ୍ଜା ଦେଲେ ମିଳୁଛି କାର୍ଯ୍ୟାଦେଶ

■ ଭଙ୍ଗା ଘରେ ଥାଇ ବି ଗରିବଙ୍କ ପାଇଁ ଅପହଞ୍ଚ
■ ଅଭିଯୋଗ କରି ପ୍ରାଣ ହରାଇଲେ ମିଳୁଛି କାର୍ଯ୍ୟାଦେଶ

ଖୋର୍ଦ୍ଧା ଅଫିସ,୧୯।୩:

ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକଙ୍କୁ ନିଜସ୍ୱ ଗୃହ ତିଆରି କରିବାକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପରିଚାଳିତ ହେଉଛି ଗ୍ରାମୀଣ ଆବାସ ଯୋଜନା। ଏହାର ଅନ୍ତର୍ଭୁକ୍ତ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଯୋଜନାରେ ସାମିଲ ଓ ଗୃହ ଉଦ୍ଦେଶ୍ୟରେ କାର୍ଯ୍ୟାଦେଶ କରାଇଦେବାକୁ ୧୦ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ହାତଗୁଞ୍ଜା ଲାଗୁଛି। ନ ଦେଲେ ଫାଇଲ ଘୁଞ୍ଚୁନାହିଁ ବୋଲି ଅଭିଯୋଗ ରହିଛି। ଯେଉଁ ହିତାଧିକାରୀ ହାତଗୁଞ୍ଜା ଦେଉଛନ୍ତି ସେ କାର୍ଯ୍ୟାଦେଶ ପାଇ ଘର ନିର୍ମାଣ କରୁଛନ୍ତି। ଯେଉଁମାନେ ଦେଉନାହାନ୍ତି ତାଙ୍କୁ ବିଭିନ୍ନ ପ୍ରକାରର ବାହାନା ଦେଖାଇ ଏଥିରୁ ବାଦ୍ ଦିଆଯାଉଥିବା ଅଭିଯୋଗ ହେଉଛି। ଏଣୁ ସରକାରଙ୍କ ଗ୍ରାମୀଣ ଆବାସ ଯୋଜନା ଖୋର୍ଦ୍ଧା ଜିଲାରେ ଅଗ୍ରଗତି କରିପାରୁନାହିଁ।

ଗ୍ରାମୀଣ ଆବାସ ଯୋଜନାରେ ଲାଞ୍ଚ କାରବାର ହେଉଥିବା ବିଭିନ୍ନ ସମୟରେ ପ୍ରମାଣିତ ହୋଇସାରିଲାଣି। ତଥାପି ସରକାର ଓ ପ୍ରଶାସନ ନିଦାବିଷ୍ଟ ପାଲଟିଛନ୍ତି। ୨୦୧୫ରେ ଦୁଇମାସ ମଧ୍ୟରେ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟଜଣେ ସରପଞ୍ଚ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ଇନ୍ଦିରାଆବାସ ଓ ବିଜୁ ପକ୍କାଘର ଯୋଜନାରେ ଲାଞ୍ଚ କାରବାର ଅଭିଯୋଗରେ ସତ୍ୟତା ଥିବା ପ୍ରମାଣିତ ହୋଇଥିଲା। ଅପରପକ୍ଷେ ଟାଙ୍ଗୀ ବ୍ଲକ ନିରାକାରପୁରସାହିର ଲକ୍ଷ୍ମୀଧର ବେହେରା ଜାନୁୟାରୀରେ ଆତ୍ମହତ୍ୟା ସବୁ କିଛିକୁ ଓଲଟପାଲଟ କରି ଦେଇଥିଲା। ଆବାସ ଯୋଜନାରେ ଘରଟିଏ ପାଇବାକୁ ଲକ୍ଷ୍ମୀଧର ପଞ୍ଚାୟତ, ବ୍ଲକ ଓ ଜିଲାପାଳଙ୍କ ଅଫିସକୁ ଦୌଡି ଦୌଡି ନିରାଶ ହେବା ପରେ ମୃତ୍ୟୁ ପୂର୍ବରୁ ନିଜର ସାକ୍ଷାତ୍କାର ଦେଇ ୧୫ରୁ ୨୦ ହଜାର ଟଙ୍କା କାର୍ଯ୍ୟାଦେଶ ପାଇ ଲାଞ୍ଚ ମଗା ଯାଉଥିବା ସେ କହିବା ସହ ଆତ୍ମହତ୍ୟା କରିଥିଲେ। ପରେ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଥିଲା। କେହି ଦୋଷ ମୁଣ୍ଡାଇବାକୁ ପ୍ରସ୍ତୁତ ନ ଥିଲେ। ମୃତ୍ୟୁ ପରେ ଲକ୍ଷ୍ମୀଧରଙ୍କ ପରିବାରକୁ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲା। ମୃତ୍ୟୁ ପୂର୍ବରୁ କାର୍ଯ୍ୟାଦେଶ ଦେବାରେ ଅବହେଳା କରାଯିବାରୁ ଜଣକ ଜୀବନ ଚାଲିଗଲା। ସେ ସମୟରେ ଘଟଣାକୁ ଚାପି ଦେବାକୁ ଯେତିକି ଉଦ୍ୟମ ହୋଇଥିଲା ସତ ମାନିବାକୁ କେହି ପ୍ରସ୍ତୁତ ନ ଥିଲେ। ଏପରି ଜିଲାରେ ବହୁ ଗରିବ ଲୋକ ଯୋଜନାରେ ସାମିଲ ହୋଇ ନ ପାରି ଭଙ୍ଗା କୁଡିଆରେ ରହୁଛନ୍ତି। ସେମାନଙ୍କ ଦୁଃଖ ସରକାର, ରାଜନୈତିକ ଦଳ, ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ।

**ଭଙ୍ଗା ଘରେ ୧୫ ବର୍ଷ**

ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ପାଇବାକୁ ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ବାଦବାରବାଟି ଗାଁର ମମତା ବିଶ୍ୱାଳଙ୍କ ପରିବାର ୧୫ ବର୍ଷ ଧରି ଭଙ୍ଗା ଘରେ ପଡି ରହିଛନ୍ତି। ପରିବାରର ଅଭିଯୋଗ ପ୍ରଶାସନ ଓ ସରକାରଙ୍କ ପାଖରେ ପହଞ୍ଚି ପାରୁନାହିଁ। ଘରଟିଏ ପାଇବାକୁ ମମତାଙ୍କ ସ୍ୱାମୀ ଶତ୍ରୁଘ୍ନ ବାରମ୍ବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ୩ ବର୍ଷ ତଳେ ପ୍ରାଣ ହରାଇଲେ। ପରେ ବି ଅଣଦେଖା ହଟିନାହିଁ। ଅନ୍ୟପକ୍ଷେ ମମତାଙ୍କ ଦୁଇ ପୁଅରୁ ସାନ ଭିନ୍ନକ୍ଷମ। ଭିନ୍ନକ୍ଷମଙ୍କ ପାଇଁ ମଧ୍ୟ ସରକାରୀ ଯୋଜନା ଉପହାସ ପାଲଟିଛି।

**ମା' ବାପା ଆଖି ବୁଜିବା ପରେ ବି ନା**

ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ପାଇବାକୁ ବୋତଲମା ପଞ୍ଚାୟତ ଛତ୍ରପଡା ଗାଁର ଯୋଗୀନାଥ ପାଲଟାସିଂହଙ୍କ ପରିବାର ୨୭ ବର୍ଷ ଧରି ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ପାଖରେ ଅନୁରୋଧ କରି ଆସୁଛନ୍ତି। ୧୯୯୫ ଡିସେମ୍ବରରେ ଯୋଗୀନାଥଙ୍କ ସ୍ତ୍ରୀ ବୁଲି ଓ ୨୦୧୭ରେ ଯୋଗୀନାଥ ଆରପାରିକୁ ଚାଲିଗଲେ। ତାଙ୍କର ଗୋଟିଏ ପୁଅ ପ୍ରସନ୍ନ ମଧ୍ୟ ଭଙ୍ଗା ଘରକୁ ଛପର କରିବାରେ ସକ୍ଷମ ହେଲେ ନାହିଁ। ଗତ ୧୫ ତାରିଖ ବର୍ଷାରେ ପ୍ରସନ୍ନଙ୍କ ଘର ପୁଣି ଭାଙ୍ଗିଗଲା। ତଥାପି ତାଙ୍କୁ ଏଯାବତ ଆବାସ ଯୋଜନାରେ ଘରଟିଏ ଦିଆଯାଇପାରୁନି।



ସଂକଳ୍ପ ସମାବେଶରେ ଉପସ୍ଥିତ ମହିଳାମାନେ।

## ଭାଜପାର ବିଜୟ ସଂକଳ୍ପ ସମାବେଶ

ଖୋର୍ଦ୍ଧା ଅଫିସ,୧୯।୩:

ସ୍ଥାନୀୟ ଗୀତାଭବନ ପଡିଆରେ ମଙ୍ଗଳବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ଦିଲୀପ କୁମାର ହୋତାଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ଜିଲା ସଭାପତି ସୁବାସ ଜେନା, ବରିଷ୍ଠ ନେତା ତଥା ଆଶାୟୀ ବିଧାୟକ ପ୍ରାର୍ଥୀ ସୁବାସ ଗନ୍ତାୟତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ ଓ ରଶ୍ମି ରଞ୍ଜନ ମହାପାତ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ବିଭୁ ପ୍ରସାଦ ସାହୁ, ନାରୀନେତ୍ରୀ ମୀନା ଦାସ, ସେକ କବୀର, ପ୍ରତାପ ମହାପାତ୍ର, କାଳୁ ବଳିୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିବା ବେଳେ ବରିଷ୍ଠ ନେତା ସୁବାସ ଗନ୍ତାୟତଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରି ଏହି ସମାବେଶ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ନିଜେ ସୁବାସ ମଧ୍ୟ ବିଧାୟକ ପ୍ରାର୍ଥୀ ହେବେ ବୋଲି ସୂଚନା ଦେଇଥିଲେ। ଦୀର୍ଘ ୧୯ ବର୍ଷ ଧରି ରାଜ୍ୟରେ ଚାଲିଥିବା ଅପାରଗ ବିଜେଡି ସରକାରର ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ବକ୍ତାମାନେ ବଖାଣି ସରକାର ପରିବର୍ତ୍ତନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ବିଧାନସଭା ଓ ଲୋକ ସଭା ଲାଗି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସଂକଳ୍ପ ନେଇଥିଲେ। ତେବେ ବିଧାନସଭା କ୍ଷେତ୍ରରେ ଜଣେ ଉପଯୁକ୍ତ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିବାକୁ ରାଜ୍ୟ ଓ କେନ୍ଦ୍ର ନେତୃମଣ୍ଡଳୀଙ୍କୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## କଳକଳେଶ୍ୱରରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଟାଙ୍ଗୀ(ଖୋର୍ଦ୍ଧା),୧୯।୩(ଡି.ଏନ.ଏ.)

କଳକଳେଶ୍ୱର ପଞ୍ଚାୟତ ସରପଞ୍ଚ ଅସିତ୍ କୁମାର ନାଥଙ୍କ ତତ୍ତ୍ୱାବଧାନରେ ବିଜେଡିର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଚିଲିକା ବ୍ଲକ ବିଜେଡି ମହିଳା ସଭାପତି ମିନତି ପଣ୍ଡା ଅନେକ ଘରେ ପହଞ୍ଚି ଶଙ୍ଖ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମିଶନ ଶକ୍ତି, ମମତା ଆଦି ଅନେକ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରତି ପରିବାରକୁ ସଚେତନ କରିବା ଲକ୍ଷ୍ୟରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମିଶନ ଶକ୍ତିର ଆବାହକ ରିଲି ନାୟକ, ଚିଲିକା ବିଜେଡି ମହିଳା ସଂଗଠନ ଆବାହକ ତଥା ବିଜେଡି କୃଷକ ସଭାପତି ଶେଷଦେବ ରାୟଗୌରବ ପ୍ରମୁଖ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୫ ନଂ ଜୋନ୍ ଆବାହକ ଅର୍ଜୁନ ବିଶ୍ୱାଳ, ପଞ୍ଚାୟତ ସଭାପତି ସୁରେଶ ସାମନ୍ତରାୟ, ଅପର୍ତ୍ତି ବିଶ୍ୱାଳ, ପ୍ରମୋଦ ଚମ୍ପତିରାୟ, ବିଜୟ ଖମାରୀ, ପଞ୍ଚାୟତ ସମ୍ପାଦକ ପ୍ରଦୀପ ସାହୁ, ସୁନା ସାମନ୍ତରାୟ, ପ୍ରେମଲତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳା ଓ ପୁରୁଷମାନେ।

## କାନନବିହାର ଅଞ୍ଚଳରେ ଦୁର୍ବୃତ୍ତଙ୍କ ଆତଙ୍କ
## ଥଣ୍ଡା ବୋତଲ ପକାଇ ୨୦ କାର୍ କାଚ ଭାଙ୍ଗିଲେ

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ କାନନବିହାର ଫେଜ୍-୨ରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେମାନେ ଲୁଟ୍, ଡକାୟତି, ଛିନ୍ତାଇ ଭଳି ବିଭିନ୍ନ ଅପରାଧ ଘଟାଇବା ସହ ଆତଙ୍କ ଖେଳାଉଛନ୍ତି। ସୋମବାର ମଧ୍ୟାହ୍ନରେ ଏହି ଦୁର୍ବୃତ୍ତମାନେ ପୁଣି ଉକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। କଲୋନୀରେ ପାର୍କିଂ ହୋଇଥିବା ପ୍ରାୟ ୨୦ କାର୍ ଉପରକୁ ଥଣ୍ଡା ଓ ମଦ ବୋତଲ ପକାଇ କାଚ ଭାଙ୍ଗି ଦେଇଛନ୍ତି। ଏନେଇ କ୍ଷତିଗ୍ରସ୍ତ କାର୍‌ଗୁଡିକର ମାଲିକ ବି.ଏନ୍ ମହାରଣା, ସନ୍ଦିପ ପଟ୍ଟନାୟକ, ଅଭିଶେଷ ମହାରଣା ପ୍ରମୁଖ ଇନ୍‌ଫୋସିଟି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରିଥିଲେ ମଧ୍ୟ କାହାକୁ ଗିରଫ କରିପାରିନାହିଁ।

ସୂଚନା ଅନୁଯାୟୀ, ପଟିଆ ଅଞ୍ଚଳରେ ଯାତ୍ରା ହେଉଥିବାରୁ ଅସାମାଜି ଯୁବକ ସେଠାକୁ ଆସୁଛନ୍ତି। ସେମାନେ ନିଶା ଖାଇ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଉକ୍ତ କଲୋନୀକୁ ଆସିଥିଲେ। ସେମାନେ କଲୋନୀରେ ପଡିଥିବା ମଦ ବୋତଲ ଓ ଥଣ୍ଡା ବୋତଲକୁ ଗୋଟାଇ ପାର୍କିଂ ହୋଇଥିବା କାରର କାଚ ଉପରକୁ ଫିଙ୍ଗି ଆତଙ୍କ ଖେଳାଇଥିଲେ ବୋଲି କଲୋନୀବାସୀ କହିଛନ୍ତି।

## ବାଳିକା ଆତ୍ମରକ୍ଷା ତାଲିମ ଶେଷ

ବୋଲଗଡ଼,୧୯।୩(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କାଳିଚରଣ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହାର ସଂଯୋଜକ ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ତାଲିମ ୨ସପ୍ତାହ ଧରି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ୯୬ଜଣ ଛାତ୍ରୀ ଆତ୍ମରକ୍ଷା ତାଲିମ ନେଇଥିଲେ। ଦୀପ୍ତିମୟୀ ଦେଓ ଏବଂ ରୋଜାଲିନ ଜେନା ମାଷ୍ଟର ଟ୍ରେନର ଦାୟିତ୍ୱ ବହନ କରିଥିଲେ। ଏହି ଅବସରରେ ଅୟୋଜିତ ସଭାରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ କାଳି ଚରଣ ଜୟସିଂହ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସରୋଜ କୁମାର ମିଶ୍ର, ପିତବାସ ମିଶ୍ର, ଅଧ୍ୟାପିକା ଝିଲି ମହନ୍ତ ଏବଂ ବିଜୟଲକ୍ଷ୍ମୀ ପରିଡ଼ା ମଞ୍ଚାସୀନ ଥିଲେ। ଅତିଥି ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।



ବାଳିକାମାନେ ଆତ୍ମରକ୍ଷା ପାଇଁ ତାଲିମ ନେଉଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ଫଳକ ଉଠାଇଲେ: ଜବରଦଖଲ କଲେ

ପୁରୁଣା ଭୁବନେଶ୍ୱର, ୧୯। ୩(ଡି.ଏନ.ଏ.)

ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ଉପରୁ ବିଭିନ୍ନ ଚେଷ୍ଟା ସତ୍ତ୍ୱେ ଜବରଦଖଲକାରୀ ହଟୁ ନାହାନ୍ତି। ବରଂ ଶେଷ ପର୍ଯ୍ୟନ୍ତ ପ୍ରଶାସନ ସହ ସଲାସୁତରା ହୋଇ ଜମି ହାତେଇବାକୁ ଚେଷ୍ଟା କରୁଛନ୍ତି। ଇତିମଧ୍ୟରେ ଦୁଇଟି ଜାଗାରୁ ଠାକୁରଙ୍କ ସମ୍ପତ୍ତି ଜବରଦଖଲ ମୁକ୍ତ କରାଯାଇଛି। ଘଟଣାର ଦିନ କେଇଟା ପରେ ଏବେ ମନ୍ଦିର ପ୍ରଶାସନ ନୀରବ ରହିଯାଇଛି। ଜବରଦଖଲକାରୀ ବିଭିନ୍ନ ସ୍ଥାନରେ ଥିବା ଠାକୁରଙ୍କ ସମ୍ପତ୍ତି ଉପରୁ ଫଳକ ଉଠାଇ ଫୋପାଡି ଦେଇ ଜାଗାରେ ଗୃହ ତୋଳୁଥିବା ଦେଖିବାକୁ ମିଳିଛି। ସାମନ୍ତରାପୁର, ବଉଳଗଡ ଛକ, ଶ୍ରୀରାମନଗର, ମହତାବ ରୋଡ ନାରାୟଣୀ କ୍ଲବ ନିକଟ ଆଦି ଜାଗାରେ ଏହି ସମସ୍ୟା ଦେଖିବାକୁ ମିଳିଛି। ଏ ନେଇ ଟ୍ରଷ୍ଟ ବୋର୍ଡ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ ବିଭିନ୍ନ ସ୍ଥାନରେ ଜବରଦଖଲକାରୀଙ୍କୁ ନୋଟିସ୍ କରାଯାଇଛି। ଦେବତ୍ତର କମିଶନର ଏଥିପ୍ରତି ଅବଗତ ଅଛନ୍ତି। ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ମନ୍ଦିର ଅମିନ, ଆରଆଇ ଘଟଣାସ୍ଥଳରେ ପହଞ୍ଚି ମାପଚୁପ କରିବା ସହ ଠାକୁରଙ୍କ ଫଳକ ଲଗାଯିବ।

## ଷ୍ଟେଶନରୁ ଚୋରି ମୋବାଇଲ, ଟଙ୍କା ଜବତ: ଜଣେ ଗିରଫ

ଭୁବନେଶ୍ୱର,୧୯।୩(ବ୍ୟୁରୋ)- ଜିଆରପି ଥାନା ଅଧୀନ ରେଲୱେ ଷ୍ଟେଶନ ଦ୍ୱିତୀୟ ଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟ ଭିତରୁ ଚୋରି ହୋଇଥିବା ଟଙ୍କା, ମୋବାଇଲକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବ୍ରହ୍ମପୁର ହରିଡାଖଣ୍ଡି ଅଞ୍ଚଳର ଲକ୍ଷ୍ମୀଧର ଦାସ(୪୨)। ସୂଚନା ମୁତାବକ ଚନ୍ଦ୍ରଶେଖରପୁର ଅଞ୍ଚଳର ନୃସିଂହ ବିଶୋଇ ସୋମବାର ରାତିରେ ଭୁବନେଶ୍ୱର ରେଲୱେ ଷ୍ଟେଶନର ଦ୍ୱିତୀୟ ଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟରେ ହାୱଡା ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କ ବ୍ୟାଗରେ ଥିବା ୯ହଜାର ଟଙ୍କା, ମୋବାଇଲ ସହ ଜରୁରୀ କାଗଜ ପତ୍ର ଚୋରି କରି ଫେରାର ହୋଇଯାଇଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ : ଗୋଲାପଡ଼ା ଦଳ ବିଜୟୀ

ଜଟଣୀ,୧୯।୩(ଡି.ଏନ.ଏ.)

ଜଟଣୀ ବ୍ଲକ ଗଡରଥିପୁର ଗ୍ରାମରେ ଚାଲିଥିବା ଅମଜାଦ୍ ଅଲ୍ଲି ମେମୋରିଆଲ ଖାନ୍ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱର ଝାରପଡା ଅଞ୍ଚଳର ଲାଲ ବାହାଦୁର କ୍ଲବକୁ ପରାସ୍ତ କରି ଜଟଣୀ ଗୋଲାପଡା କ୍ଲବ ଚାମ୍ପିୟନ ହୋଇଛି। ଗୋଲାପଡା ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ ଉଇକେଟ୍ ହରାଇ ୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଲାଲ ବାହାଦୁର କ୍ଲବ ବ୍ୟାଟିଂ କରି ୮ ଓଭରରେ ୫୧ ରନ୍ କରିଥିଲା। ଉଭୟେ ଦଳର ରନ ସମାନ ରହିବାରୁ ସୁପର ଓଭରରେ ଗୋଲାପଡା ଦଳ ବିଜୟୀ ହୋଇଥିଲା। ଗ୍ରାମର ସାମାଜିକ କର୍ମୀ ସମିନା ବାନୁ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ମହିଳାଙ୍କୁ ମାଡ଼ମାରି ଅସଦାଚରଣ, ଜେଲ ଗଲେ ଭଡ଼ାଟିଆ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ଶହୀଦନଗର ଥାନା ଅଞ୍ଚଳରେ ଘର ଭଡାରେ ଦେଇଥିବା ଜଣେ ମହିଳାଙ୍କୁ ମାଡମାରି ଅସଦାଚରଣ କରିଥିବା ଭଡାଟିଆଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଗିରଫ ଜଣଙ୍କ ହେଲେ ଝାଡ଼ଖଣ୍ଡର ଜଗଦୀଶ ସିଂ ଅଗ୍ରୱାଲ। ସୂଚନାମୁତାବକ ଜଗଦୀଶ ଦୟଦେବ ବିହାର ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଘର ମାଲିକ ମହିଳାଙ୍କ ସହ କିଛିଦିନ ହେବ ଝଗଡ଼ା ଚାଲିଥିଲା। ସୋମବାର ମଧ୍ୟାହ୍ନରେ ମହିଳାଙ୍କ ସହ କୌଣସି କାରଣକୁ ନେଇ ବଚସା ବଢ଼ି ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜଗଦୀଶ ମହିଳାଙ୍କୁ ମାଡ ମାରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମହିଳା ଜଣକ ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୩୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ମଙ୍ଗଳବାର ଅଭିଯୁକ୍ତ ଜଗଦୀଶଙ୍କୁ ପୋଲିସ ଗିରଫ କରିବା ସହ ପଚରା ଉଚରା ପରେ କୋର୍ଟ ଚାଲାଣ କରିଛି। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

## ବିଭୂତି ବିରୋଧୀ ବୈଠକ ପରେ ସପକ୍ଷବାଦୀଙ୍କ ସମ୍ମିଳନୀ

ଜଟଣୀ,୧୯।୩(ଡି.ଏନ.ଏ.)

ଜଟଣୀ ନିର୍ବାଚନମଣ୍ଡଳୀରେ ବିଜେଡି ସଙ୍ଗଠିତ ରହିଛି। ଏଠାରେ ଦଳୀୟ କନ୍ଦଳ ନାହିଁ। ଜଟଣୀସ୍ଥିତ ଖଣ୍ଟୁଆଳୀ ମନ୍ଦିର ପରିସରରେ ମଙ୍ଗଳବାର ଜିଲା ଓ ନିର୍ବାଚନମଣ୍ଡଳୀସ୍ତରୀୟ ଦଳୀୟ କର୍ମକର୍ତ୍ତାଙ୍କ ସହ ଅନେକ କର୍ମୀ ଉପସ୍ଥିତ ରହି ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ଜଟଣୀ ନିର୍ବାଚନମଣ୍ଡଳୀର ଦଳୀୟ ସଭାପତି ଧନେଶ୍ୱର ସୁନ୍ଦରାୟଙ୍କ ସଭାପତିତ୍ୱରେ ସ୍ଥାନୀୟ ଖଣ୍ଟୁଆଳୀ ମନ୍ଦିରରେ ମଙ୍ଗଳବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଉପରୋକ୍ତ ବାର୍ତ୍ତା ପ୍ରଦାନ କରିଥିଲେ। ସୋମବାର ସ୍ଥାନୀୟ ଉତ୍ତରାୟଣୀ ମନ୍ଦିର ପରିସରରେ କେତେଜଣ ଦଳୀୟ କର୍ମୀ ଏକତ୍ର ହୋଇ ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କୁ ବିରୋଧ କରିଥିଲେ। ତାଙ୍କୁ ଦଳୀୟ ଟିକେଟ ମିଳିଲେ ବିରୋଧ କରାଯିବ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ଏପରି କେତେଜଣ କର୍ମୀ ଏକାଠି ହେବା ପଛରେ ବିଭୂତି ବିରୋଧୀମାନେ ଦଳୀୟ ଟିକେଟ ଆଶାୟୀଙ୍କ ହାତ ଥିବା ଏଠାରେ ଚର୍ଚ୍ଚା ହେଉଛି। ଏହାକୁ କାଉଣ୍ଟର କରିବା ଉଦ୍ଦେଶ୍ୟରେ ଖଣ୍ଟୁଆଳୀ ମନ୍ଦିରରେ ମଙ୍ଗଳବାର ଅନ୍ୟ ଏକ ବୈଠକ ଅନୁଷ୍ଠିତ କରାଯାଇଥିବା ହେଉଥିବା ଚର୍ଚ୍ଚାରେ ସ୍ଥାନ ପାଇଛି। ଏଥିରେ ଦଳ ମଧ୍ୟରେ କୌଣସି ବିଶୃଙ୍ଖଳା ନ ଥିବା ବାର୍ତ୍ତା ଦିଆଯାଇଛି। ଏଥିସହ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜିଲା ସଭାପତି ବିଭୂତିଙ୍କ ନେତୃତ୍ୱରେ ଏଠାରେ ଦଳୀୟ ସଙ୍ଗଠନ ଶୃଙ୍ଖଳିତ ଓ ମଜଭୁତ୍ ଥିବା କହିଥିଲେ। ବୈଠକରେ ହକ୍ ମାଗୁଛି ଓଡ଼ିଶା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ପ୍ରତି ଘରୁ ମତାମତ ସଂଗ୍ରହ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ କିପରି ସମସ୍ତଙ୍କ ଘରେ ପହଞ୍ଚିବ ସେ ନେଇ ଚାଲିଥିବା ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ବୋର୍ଡ ସଦସ୍ୟ ତଥା ପୂର୍ବତନ କାଉନସିଲର ବିଜୟ ପଣ୍ଡା, ବିଜୁ ଯୁବ ଜନତା ଦଳର ଜିଲା ସଭାପତି ବିଷ୍ଣୁ ଡେଙ୍ଗ, ଜିଲା ଉପସଭାପତି ପ୍ରଦୀପ ପଟ୍ଟନାୟକ, ଉପସଭାପତି ମିଟୁ ପାଇକରାୟ, ସମ୍ପାଦକ କୁନେଇ ମହାପାତ୍ର, କୃଷକ ମୋର୍ଚ୍ଚା ଜିଲା ସଭାପତି ରାମଚନ୍ଦ୍ର ସାମନ୍ତରାୟ, ଭୁବନେଶ୍ୱର ବ୍ଲକ ଚେୟାରମ୍ୟାନ ଅବିନାଶ ପଟ୍ଟନାୟକ, ଜଟଣୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦୀପକ ଜେନା, ଜଟଣୀ ମ୍ୟୁନିସିପାଲିଟିର ପୂର୍ବତନ ଉପାଧ୍ୟକ୍ଷା ଅନ୍ନପୂର୍ଣ୍ଣା ସାହୁ, ଜଟଣୀ ନଗର ସଭାପତି ଆଶୁତୋଷ ପ୍ରତାପ ସିଂ, ଦଳର କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।



ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ କର୍ମୀମାନେ।



ଯେଉଁ ଲୋକ ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କରିଦେଇ ପାରେ।
-ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ



### ମା' ମଙ୍ଗଳାଙ୍କ ଚଇତି ପର୍ବ ପାଇଁ ଶାଳଖୁଣ୍ଟ ପଡ଼ିଲା

କଣାସ, ୧୯।୩(ଡି.ଏନ୍.ଏ.): କଣାସ ଜଳିଆପଡା ସ୍ଥିତ ମାତୃଶକ୍ତି ପୀଠ ମା' ମଙ୍ଗଳାଙ୍କ ଚଇତି ପର୍ବ ପାଇଁ ଶାଳଖୁଣ୍ଟ ପଡ଼ିଛି। ଶହଶହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ଆଧାତ୍ମିକ ପରିବେଶ ମଧ୍ୟରେ ଭୂମିପୂଜନ କରାଯାଇ ଖୁଣ୍ଟ ଅନୁକୂଳ କରାଯାଇଥିଲା। ଆସନ୍ତା ମାସ ୧୬ ରୁ ୧୯ ପର୍ଯ୍ୟନ୍ତ ୪ଦିନ ଧରି ଏହି ପର୍ବ ମହାଆଡମ୍ବର ସହକାରେ ପାଳନ କରାଯିବ। ଏହି ପର୍ବରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ କଳସ ଯାତ୍ରାରେ ଯୋଗ ଦେଇଥାନ୍ତି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଭୋର ୪ଟାରୁ ଅବକାଶ ପରେ ମଙ୍ଗଳ ଆଳତି ଆଦି ସମସ୍ତ ଦୈନନ୍ଦିନ ନୀତି କରାଯାଇଥିଲା। ମା'ଙ୍କୁ ରାଜରାଜେଶ୍ୱରୀ ବେଶରେ ସୁସଜ୍ଜିତ କରାଯାଇଥିଲା। ପଣ୍ଡିତ ଓ ପୁରୋହିତମାନେ ଭୂମିପୂଜା ସହିତ ହୋମକର୍ମ ସମ୍ପାଦନ କରିଥିଲେ। ମୁଖ୍ୟ ପୂଜକ ଜଳେଶ୍ୱର ପଣ୍ଡା ଓ ହରିହର ମିଶ୍ର ପୂଜାକର୍ମ ସମ୍ପାଦନ କରିଥିଲେ। ଘଣ୍ଟ, ମର୍ଦ୍ଦଳ, ଶଙ୍ଖଧ୍ୱନି ଓ ହରିବୋଲ, ହୁଳହୁଳି ଶବ୍ଦରେ ପୀଠସ୍ଥଳ ଉଚ୍ଛୁଳି ପଡିଥିଲା। ଶାଳଖୁଣ୍ଟ ପଡିବା ପରେ ମା'ଙ୍କୁ ଗ୍ରାମ ପରିକ୍ରମା କରାଇ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ମନ୍ଦିର ନିକଟରେ ଥିବା କଳ୍ପବଟରେ ମାନସିକଧାରୀମାନେ ଗୁଆ ବାନ୍ଧିଥିଲେ। ବୁଧବାରଠାରୁ ରାଜ୍ୟର ବିଭିନ୍ନ ଶକ୍ତିପୀଠକୁ ଚଇତିପର୍ବ ନିମନ୍ତେ ନିମନ୍ତ୍ରଣ ପଠାଯିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହେବ। ବିଭିନ୍ନ ଶକ୍ତିପୀଠରୁ ଆଜ୍ଞାମାଳ ଆସି ପହଞ୍ଚିଲେ ଯଜ୍ଞ ଆରମ୍ଭ କରାଯିବ ବୋଲି ମୁଖ୍ୟକର୍ତ୍ତା ସୁରେଶ ପଣ୍ଡା କହିଛନ୍ତି।

### ସେଣ୍ଟ ଜାଭିୟର ହାଇସ୍କୁଲକୁ ନୋଟିସ୍

ପୁରୀ ଅଫିସ୍, ୧୯।୩: ପାଠ୍ୟକ୍ରମ ବାହର ବହି ବ୍ୟବହାର କରାଯାଉଥିବା ନେଇ ବୀରହରେକୃଷ୍ଣପୁରସ୍ଥିତ ସେଣ୍ଟଜାଭିୟର୍ସ ହାଇସ୍କୁଲକୁ ନୋଟିସ୍ ଜାରି ହୋଇଛି। ମଙ୍ଗଳବାର ଅତିରିକ୍ତ ଜିଲାପାଳ ବିନୟକୁମାର ଦାସ ଏନେଇ ଏକ ନୋଟିସ୍ ପଠାଇଛନ୍ତି। ଚିଠିରେ ଦର୍ଶାଯାଇଛି ଯେ, ସିବିଏସ୍‌ଇ ଗାଇଡ୍‌ଲାଇନ ଅନୁଯାୟୀ ଛାତ୍ରୀଛାତ୍ରଙ୍କ ପଢ଼ିବା ଲାଗି ଏନ୍‌ସିଇଆର୍‌ଟି ନିର୍ଦ୍ଧାରିତ କରିଥିବା ପାଠ୍ୟକ୍ରମ ବାହାର ବହି ଛାତ୍ରୀଛାତ୍ରଙ୍କୁ ପଢ଼ିବା ପାଇଁ ସ୍କୁଲ ପକ୍ଷରୁ ବାଧ କରାଯାଉଛି। ଅଭିଭାବକମାନେ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଜିଲା ଶିକ୍ଷାଧିକାରୀ ତଦନ୍ତ କରି ଏହାର ରିପୋର୍ଟ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ମଙ୍ଗଳବାର ଅତିରିକ୍ତ ଜିଲାପାଳ ସ୍କୁଲ ଅଧକ୍ଷଙ୍କୁ ଏଥିରୁ କ୍ଷାନ୍ତ ରହିବା ପାଇଁ ଏହି ନୋଟିସ୍ କରିଛନ୍ତି। ନଚେତ୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଦର୍ଶାଇଛନ୍ତି।

■ ଅଂଶୁଘାତ ଓ ଜଳକଷ୍ଟ ନିରାକରଣ ପ୍ରସ୍ତୁତି ବୈଠକ

# ଜଳକ୍ଲିଷ୍ଟ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ହେବ ଜଳ ଯୋଗାଣ

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ

ପୁରୀ ଅଫିସ,୧୯।୩:

ବଢ଼ିଲାଣି ଖରା। ଆଗକୁ ଅଂଶୁଘାତ ଏବଂ ଜଳକଷ୍ଟ ଦେଖାଦେବ। ତେଣୁ ଏହାକୁ କିପରି ମୁକାବିଲା କରାଯାଇ ପାରିବ ସେ ନେଇ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଅଂଶୁଘାତ ପ୍ରତିକାର ଏବଂ ଜଳକ୍ଲିଷ୍ଟ ନିରାକରଣ ପ୍ରସ୍ତୁତି ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅଧକ୍ଷତା କରିଥିଲେ। ଏଥିରେ ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ ଅଂଶୁଘାତ ପ୍ରତିକାର ଓ ଜଳକ୍ଲିଷ୍ଟ ନିରାକରଣ ନେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ ଓ ଜିଲାସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲାଯିବ। ଅଂଶୁଘାତ ଓ ପାନୀୟ ଜଳ ସମସ୍ୟା ପାଇଁ ଏହି କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟ କରିବ। କଣ୍ଟ୍ରୋଲ ରୁମ୍‌ର ଏକ ନିର୍ଦ୍ଦିଷ୍ଟ ଫୋନ୍ ନମ୍ବର ସହିତ କର୍ମଚାରୀ ଦାୟିତ୍ୱରେ ରହିବେ ବୋଲି ଜିଲା ଜରୁରିକାଳୀନ ଅଧିକାରୀ କହିଥିଲେ।

ବୈଠକରେ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀ କହିଥିଲେ, ବର୍ତ୍ତମାନ ଜିଲାରେ ମୋଟ ୩୨୫ଟି ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ୩୧୨ଟି କାର୍ଯ୍ୟକ୍ଷମ ଥିବା ବେଳେ ୧୩ଟି ଅଚଳ ଥିବା କହିଥିଲେ। ହେଲେ ବ୍ଲକ ଅଧିକାରୀମାନେ କହିବା ବେଳେ ଅଚଳ ସଂଖ୍ୟା ଢେର ଅଧିକ ବୋଲି ଜଣାପଡିଥିଲା। ଏହାକୁ ନେଇ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିବା ସହ ଖୁବ୍‌ଶୀଘ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରି ଦେବାକୁ କହିଥିଲେ। ଜିଲାରେ ଅଚଳ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ତୁରନ୍ତ ମରାମତି କରିବା ନେଇ ଆଲୋଚନା ହୋଇଥିଲା। ଖରାଦିନେ କଣାସ ବ୍ଲକରେ ଅଧିକ ମାତ୍ରାରେ ଜଳ ସମସ୍ୟା ଦେଖାଯାଇଥାଏ। ତେଣୁ ସେଠାରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ନେଇ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ଜଳଛତ୍ର ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଜିଲାପାଳ। ପୁରୀ ସହରରେ ଏଥର ୨୦ଟି ଜଳଛତ୍ର ଖୋଲିବାକୁ ଜିଲାପାଳ ପୌରସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ୧୧ଟି ବ୍ଲକ ଏବଂ ନିମାପଡ଼ା, କୋଣାର୍କ ଏବଂ ପିପିଲି ଏନ୍‌ଏସିରେ ଜଳଛତ୍ର ଖୋଲାଯିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।ସେହିପରି ବିଭିନ୍ନ ବ୍ଲକରେ ପଶୁପକ୍ଷୀଙ୍କ ଲାଗି ସିମେଣ୍ଟ ନନ୍ଦରେ ପ୍ରତ୍ୟହ ପାଣି ରଖାଯିବ। ଜିଲା ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ବାଲୁଖଣ୍ଡ ଅଭୟାରଣ୍ୟରେ ଜଳାଶୟ ସମ୍ପର୍କରେ କହିଥିଲେ। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ କଣ୍ଟ୍ରୋଲ ରୁମ୍ ରହିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ଲାଗି ସ୍ୱତନ୍ତ୍ର କକ୍ଷ ରଖାଯିବ। ରାଜ୍ୟ ସରକାର ପୁରୀ ଜିଲାକୁ ୭୦ ଜଣ ଡାକ୍ତର ନିଯୁକ୍ତି ଦେଇଛନ୍ତି। ସେମାନଙ୍କୁ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯିବ ବୋଲି ସିଡିଏମ୍‌ଓ ଡା. ରାମଚନ୍ଦ୍ର ରାଉତ ସୂଚନା ଦେଇଥିଲେ।

ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଶ୍ରମିକ କୌଣସି କାର୍ଯ୍ୟରେ ନିୟୋଜିତ ହୋଇପାରିବେ ନାହିଁ। ଏପ୍ରିଲ ପହିଲାରୁ ସ୍କୁଲ ସକାଳୁଆ ହେବ। ସକାଳ ୬ଟା ୩୦ରୁ ପୂର୍ବାହ୍ଣ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଖୋଲିବ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସାରଣୀକୁ ଘରୋଇ ସ୍କୁଲଗୁଡ଼ିକ ନ ମାନିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସ୍ଥାନରେ ଅଗ୍ନିକାଣ୍ଡ ଘଟିଲେ ତହସିଲଦାର ସଙ୍ଗେ ସଙ୍ଗେ ଘଟଣା ସ୍ଥଳକୁ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ଆସିଲେ ତହସିଲଦାର ଏବଂ ମେଡିକାଲ ଅଫିସର ଯୁଗ୍ମଭାବେ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମୟ ମଧ୍ୟରେ ବସ୍ ଚଳାଚଳ କରିବ। ଯଦି କୌଣସି ବସ୍ ଅବମାନନା କରନ୍ତି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥାର ନିର୍ବାହୀ ଅଧିକାରୀ ହରିନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଓ ଅନ୍ୟମାନେ।

■ ଆନନ୍ଦବଜାର ମଧ୍ୟ ଦେଇ ର୍‍ୟାମ୍ପ ଯିବାକୁ ବିରୋଧ

# ମୁଖ୍ୟ ପ୍ରଶାସକଙ୍କୁ ସ୍ମାରକପତ୍ର

ପୁରୀ ଅଫିସ,୧୯।୩:

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଦିବ୍ୟାଙ୍ଗ ଭକ୍ତମାନଙ୍କ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ର୍‍ୟାମ୍ପ (ସ୍ୱତନ୍ତ୍ର ରାସ୍ତା) ତିଆରି ଚାଲିଛି। ପୂର୍ବରୁ ଉତ୍ତର ଦ୍ୱାର ଦେଇ ଏହି ର୍‍ୟାମ୍ପ ରହିଥିଲା। ଦିବ୍ୟାଙ୍ଗ ଭକ୍ତମାନେ ଏହି ର୍‍ୟାମ୍ପ ଦେଇ ସିଧା କୀର୍ତ୍ତନ ଚକଡ଼ାକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହା ଖରାପ ହୋଇଯିବାରୁ ସ୍ଥାୟୀ ର୍‍ୟାମ୍ପ ଆନନ୍ଦ ବଜାର ମଧ୍ୟ ଦେଇ ଯିବାକୁ ସ୍ଥିର ହୋଇଥିବାରୁ ଏହାକୁ ସୁଆର ସେବକ ବିରୋଧ କରିଛନ୍ତି। ଭବିଷ୍ୟତରେ ଏଥିପାଇଁ ଅଘଟଣ ଆଶଙ୍କା କରି କେତେଜଣ ସୁଆର ସେବକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ମୁଖ୍ୟ ପ୍ରଶାସକ ଜିଲାପାଳ ଏବଂ ଏସ୍‌ପିଙ୍କ ସହିତ ଆଲୋଚନା କରିବାକୁ କହିଥିଲେ। ଇତିମଧ୍ୟରେ ନୂଆ ଏସ୍‌ପି ଆସିଲେଣି। ହେଲେ ସୁଆର ମହାସୁଆର ନିଯୋଗକୁ ଏ ନେଇ କିଛି ଅବଗତ କରାଯାଇ ନାହିଁ। ସୋମବାର ଶ୍ରୀମନ୍ଦିର ସୁପରଭାଇଜର, ନିର୍ବାହୀଯନ୍ତ୍ରୀ ପ୍ରମୁଖ ଆନନ୍ଦ ବଜାର ଭିତରେ ବୁଲି ର୍‍ୟାମ୍ପ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ତେଣୁ ଏହାଦ୍ୱାରା ବହୁ ସୁଆର ସେବକଙ୍କୁ ସ୍ଥାନାନ୍ତର ହେବାକୁ ପଡିବ ଏବଂ ଅଯଥା ଆନନ୍ଦ ବଜାରରେ ଗହଳି ହେବ। ଏପରି କି ଅଘଟଣ ଆଶଙ୍କା କରି ସୁଆର ସେବକ ଅଭିଯୋଗ କରି ପୁନଶ୍ଚ ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଇଛନ୍ତି। ତେଣୁ ଶ୍ରୀମନ୍ଦିର ପ୍ରଶାସନ କ'ଣ ପାଇଁ ର୍‍ୟାମ୍ପ ଆନନ୍ଦ ବଜାର ମଧ୍ୟ ଦେଇ ନେବାକୁ ଚାହୁଁଛି ବୋଲି ସେମାନେ ସ୍ମାରକପତ୍ରରେ ଦର୍ଶାଇଛନ୍ତି।

■ ପ୍ରାଚୀ ଉପତ୍ୟକାରେ ଦୋଳ ଉତ୍ସବ

# ବିମାନରେ ଗାଁ ଗାଁ ବୁଲି ଭୋଗ ଖାଉଛନ୍ତି ଠାକୁର



ଠାକୁରମାନେ ବିମାନରେ ବୁଲି ଦ୍ୱାରିଭୋଗ ଖାଉଛନ୍ତି।

କାକଟପୁର, ୧୯।୩(ଡି.ଏନ୍.ଏ.)

ଫଗୁଦଶମୀଠାରୁ ପ୍ରାଚୀ ଉପତ୍ୟକା ଅଞ୍ଚଳରେ ଆରମ୍ଭ ହୋଇଛି ଦୋଳ ଉତ୍ସବ। ଠାକୁରମାନେ ସୁସଜ୍ଜିତ ବିମାନରେ ଗାଁଗାଁ ବୁଲି ଘରେ ଘରେ ଦ୍ୱାରି ଭୋଗ ଖାଉଛନ୍ତି। ଠାକୁରଙ୍କ ମୁଣ୍ଡରେ ଅବିର ଫଗୁ ଲଗାଇବା ସହିତ ପଇଡ, ଉଖୁଡ଼ା, ଖଇ, ଖଜା, ଚଣା, ଶାକର, ନୂଆ ଆମ୍ବକଷି ପ୍ରଭୃତି ଭୋଗ ଲାଗି କରୁଛନ୍ତି। ରାତି ଦିନ ଚାଲିଛି ଠାକୁରଙ୍କ ଗାଁ ଭ୍ରମଣ ଓ ଭୋଗଖିଆ। ଆଧାତ୍ମିକ ପରିବେଶରେ ଉଚ୍ଛୁଳି ପଡୁଛି ଗାଁ। ଠାକୁରଙ୍କ ବିମାନ କାନ୍ଧେଇଥିବା ଗୋପାଳମାନେ ଲୋକବାଦ୍ୟ ସିଙ୍ଗା ବଜାଉଛନ୍ତି। କେତେକ ଗ୍ରାମରେ ବାଜା ବଜାଇ ବାଣ ଫୁଟାଇ ପଟୁଆରରେ ଗ୍ରାମବାସୀ ଠାକୁରଙ୍କୁ ପରିକ୍ରମା କରାଇ ଘରେ ଘରେ ଭୋଗ ଖୁଆଉଛନ୍ତି। ବୁଧବାର ଚହଟା ଗ୍ରାମରେ ଅମରେଶ୍ୱରଶମ୍ଭୁ ଏବଂ ବନ୍ଧେଶ୍ୱର ଶମ୍ଭୁଙ୍କର ମିଳନ ଅନୁଷ୍ଠିତ ହେବାପରେ ଉଭୟ ଠାକୁର ଏକତ୍ର ଗ୍ରାମ ବୁଲି ଭୋଗ ଖାଇବେ। ସଭାମଣ୍ଡପଠାରେ ବୁଧବାର ବିଳମ୍ବିତ ରାତିରେ ଠାକୁରମାନେ ଆସି ବସିବେ। ଗୁରୁବାର ବ୍ରାହ୍ମମୁହୂର୍ତ୍ତରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ହରିହର ଭେଟ ଉତ୍ସବ। ହରିଭାବେ ମାଧବ ଗ୍ରାମର ମାଧବାନନ୍ଦ, ଛଣିଜଙ୍ଗ ଗ୍ରାମର ରାଧାକାନ୍ତ ଠାକୁର ଯୋଗଦେଉଥିବାବେଳେ ହର ଭାବେ ପ୍ରଭୁ ଅମରେଶ୍ୱର ଓ ବନ୍ଧେଶ୍ୱର ଶମ୍ଭୁ ଯୋଗଦାନ କରିବେ। ହରିହର ଭେଟ ଉତ୍ସବ ପରେ ପୂର୍ଣ୍ଣିମା ପୂର୍ବାହ୍ଣରେ ହରିହର ଠାକୁର ଏକତ୍ର ସଭାମଣ୍ଡପ ଉପରେ ବସି ଭକ୍ତମାନଙ୍କୁ ଦର୍ଶନ ଦେବେ।

# ପୁରୀ କ୍ଲବର ପ୍ରତିଷ୍ଠା ଦିବସ




ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

ପୁରୀ ଅଫିସ,୧୯।୩:

ପୁରୀ କ୍ଲବର ୯୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍‌କୋ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ମୁଖ୍ୟଅତିଥି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ କ୍ଲବ ଅଧକ୍ଷ ତଥା ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କ୍ଲବର ବରିଷ୍ଠ ସଭ୍ୟ ପ୍ରକାଶ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କ୍ଲବର ନୂଆ ବାର୍ ଉଦ୍‌ଘାଟିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ରଥ ଧନ୍ୟବାଦ ଦେଇଥିଲେ।

## ସତ୍ୟବାଦୀରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ, ୧୯।୩(ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ବ୍ଲକର ତିନୋଟି ଜିଲା ପରିଷଦ ଜୋନରେ ମଙ୍ଗଳବାର ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପେଣ୍ଠପଡା ପଞ୍ଚାୟତର କୋଶଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ଜିଲାପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ ସଭାପତିତ୍ୱ କରି ଓଡ଼ିଶାକୁ ହକ୍ ଦେବାରେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ କଡ଼ା ସମାଲୋଚନା କରିଥିଲେ। ଅଲଗୁମ ମାଳିସାହିଠାରେ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟ ଓ ବଳପୁରଠାରେ ଆୟୋଜିତ ସଭାରେ ଜିଲାପରିଷଦ ସଭ୍ୟ ଧ୍ରୁବଚରଣ ଦାଶ ସଭାପତିତ୍ୱ କରିଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ବିକ୍ରମ କୁମାର ଜେନା, ସୁନୀଲ କୁମାର ପଣ୍ଡା, ଶଙ୍କର ପ୍ରଧାନ, ସୁରେଶ କୁମାର ସାହୁ, ସୁବାସ ପ୍ରଧାନ, ଦେବୀ ପ୍ରସାଦ ଘଟୁଆରୀ, ସ୍ୱାଧୀନ ଯେନା, ସୋମନାଥ ମୁଦୁଲି, ସରପଞ୍ଚ ତ୍ରିନାଥ ମହାପାତ୍ର, ପ୍ରକାଶ ଖଟେଇ, ନିରଞ୍ଜନ ମାହାରୀ, ବାସନ୍ତୀ ପ୍ରଧାନ, ଚଞ୍ଚଳା ପାଣି, ରୁନା ସେଠୀ, ପ୍ରଦୀପ ନାୟକ, ବିଜୟ କୁମାର ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ସମିତି ସଭ୍ୟ ପ୍ରଶାନ୍ତ ମହାପାତ୍ର, ବିନତୀ ପରିଡ଼ା, ଯଦୁମଣି ଯେନା, ଜଳନ୍ଧର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଯଯାତି କେଶରୀ ରାୟ ଓ ଦେବ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ମାନସିକ ବିକୃତ ଯୁବତୀଙ୍କୁ ବଳାତ୍କାର ଘଟଣା

# ଏସ୍‌ପିଙ୍କ ତଦନ୍ତ ନିର୍ଦ୍ଦେଶ

ପୁରୀ ଅଫିସ,୧୯।୩:

ଚନ୍ଦନପୁର ଥାନା ଅଞ୍ଚଳରେ ଜଣେ ମାନସିକ ବିକୃତ ଯୁବତୀଙ୍କୁ ବଳାତ୍କାର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୁରୀ ଏସ୍‌ପି ଉମାଶଙ୍କର ଦାଶ। ଘଟଣାର ସବିଶେଷ ତଦନ୍ତ କରି ରିପୋର୍ଟ ପ୍ରଦାନ ଲାଗି ସଦର ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଦାଶ କହିଛନ୍ତି। ପ୍ରକାଶ ଯେ, ଗତ ୧୬ତାରିଖ ବିଳମ୍ବିତ ରାତିରେ ଜନୈକା ମାନସିକ ବିକୃତ ଯୁବତୀଙ୍କୁ ଜଣେ ଯୁବକ ବଳାତ୍କାର କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲା। ଏଥିସହିତ ବଳାତ୍କାର କରିଥିବା ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା। ରାତି ପାହିବା ପରେ ଘଟଣାର ରୂପରେଖ ପରିବର୍ତ୍ତନ ହୋଇଯାଇଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଦର୍ଶାଇ ଅଟକ ଯୁବକଙ୍କୁ ପୋଲିସ ଛାଡି ଦେଇଥିଲା। ଅନ୍ୟପଟେ ବଳାତ୍କାର ପରି ସଙ୍ଗିନ ଅଭିଯୋଗ ସତ୍ତ୍ୱେ ପୋଲିସ ଯୁବତୀଙ୍କ ଡାକ୍ତରୀ ମାଇନା କରିବା ପରିବର୍ତ୍ତେ ସେ ମାନସିକ ବିକୃତ ଥିବା କହି ଛାଡି ଦେଇଥିବା ସଫେଇ ଦେଇଛି।ଅନ୍ୟ ପଟେ ଅଭିଯୁକ୍ତ ଯୁବକ ଏକ ରାଜନୈତିକ ଦଳର ସକ୍ରିୟ ସଦସ୍ୟ ହୋଇଥିବା ଜାଣିବା ପରେ ପୋଲିସ ଚାପର ବଶବର୍ତ୍ତୀ ହୋଇ ଛାଡି ଦେଇଥିବା କୁହାଯାଉଛି।

# ଗୋପରେ ୪୩ ଉତ୍ତେଜନା, ୧୦ ଅତି ଉତ୍ତେଜନାପ୍ରବଣ ବୁଥ୍

ଗୋପ, ୧୯।୩(ଡି.ଏନ୍.ଏ.)

ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପାଇଁ ପ୍ରଶାସନ ବିଭିନ୍ନ ପଦକ୍ଷେପ ହାତକୁ ନେଉଥିବାବେଳେ ଉତ୍ତେଜନା ଓ ଅତି ଉତ୍ତେଜନାପ୍ରବଣ ବୁଥ୍‌ଗୁଡ଼ିକ ଚିହ୍ନଟ ହୋଇଛି। କାକଟପୁର ନିର୍ବାଚନମଣ୍ଡଳୀର ୧୪ଟି ପଞ୍ଚାୟତ, ନିମାପଡ଼ା ନିର୍ବାଚନ ମଣ୍ଡଳୀର ୧୪ଟି ପଞ୍ଚାୟତ ଓ ପୁରୀ ସଦର ନିର୍ବାଚନମଣ୍ଡଳୀର ୩ଟି ପଞ୍ଚାୟତ ଗୋପ ବ୍ଲକ ଅଧୀନରେ ରହିଥିବାବେଳେ ଏହି ବ୍ଲକରେ ୧ ଲକ୍ଷ ୪୮ହଜାର ୧୯୦ ଜଣ ଭୋଟର ରହିଛନ୍ତି। ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଗୋପ ବ୍ଲକରେ ୮୩ଟି ବୁଥ୍ ରହିଥିବାବେଳେ କାକଟପୁର ନିର୍ବାଚନମଣ୍ଡଳୀର ୮୯ଟି ବୁଥ୍ ରହିଛି। ସେହିପରି ପୁରୀ ସଦର ନିର୍ବାଚନମଣ୍ଡଳୀର ୧୦ଟି ବୁଥ୍ ରହିଥିବାବେଳେ ଏହି ବୁଥ୍‌ଗୁଡ଼ିକ ମଧ୍ୟରୁ କାକଟପୁର ନିର୍ବାଚନମଣ୍ଡଳୀର ୧୫ଟି ବୁଥ୍ ଉତ୍ତେଜନାପ୍ରବଣ ରହିଥିବାବେଳେ ୮ଟି ବୁଥ୍ ଅତି ଉତ୍ତେଜନାପ୍ରବଣ ରହିଥିବା ଜଣାପଡ଼ିଛି। ସେହିପରି ନିମାପଡ଼ା ନିର୍ବାଚନମଣ୍ଡଳୀର ୨୧ଟି ବୁଥ୍ ଉତ୍ତେଜନାପ୍ରବଣ ରହିଥିବାବେଳେ ୨ଟି ବୁଥ୍ ଅତି ଉତ୍ତେଜନାପ୍ରବଣ ରହିଛି। ପୁରୀ ସଦର ନିର୍ବାଚନମଣ୍ଡଳୀର ୭ଟି ବୁଥ୍ ଉତ୍ତେଜନାପ୍ରବଣ ରହିଥିବା ସହକାରୀ ରିଟର୍ନିଂ ଅଫିସର ତଥା ଗୋପ ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଛନ୍ତି।

# ଗ୍ରାମାଞ୍ଚଳରେ ହେଲ୍‌ମେଟ୍ ସଚେତନତା

ଗୋପ, ୧୯।୩(ଡି.ଏନ୍.ଏ.)

ଗୋପ ବଜାର ଛକରେ ମଙ୍ଗଳବାର ପୂର୍ବାହ୍ଣରେ ଗ୍ରାମାଞ୍ଚଳ ଲୋକଙ୍କୁ ହେଲମେଟ୍ ପିନ୍ଧିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ଯୋଗଦାନ କରିଥିଲେ। ସହରାଞ୍ଚଳରେ ବିଭିନ୍ନ ସଂଗଠନ ପକ୍ଷରୁ ହେଲମେଟ୍ ଉପରେ ସଚେତନତା କରାଯାଉଥିବାବେଳେ ଗ୍ରାମାଞ୍ଚଳରେ ଏହାର ପ୍ରଭାବ ପଡୁନାହିଁ। ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଉପରେ ଗୋପ ନିଃସ୍ୱାର୍ଥ ଓ ଗୋପ ମହିଳା ସଂଗଠନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯିବା ସହ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର, ଦମକଳକେନ୍ଦ୍ର ଓ ଗୃହରକ୍ଷୀଙ୍କୁ ସାମିଲ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ଳାକାର୍ଡ ଧରି ଗାଡ଼ି ଚାଳକମାନଙ୍କୁ ସଚେତନ କରିବା ସହ ଗୋଲାପଫୁଲ ଦେଇଥିଲେ। ଏଥିରେ ମହିଳା ସଂଗଠନର ସଭାପତି ମିନାକ୍ଷୀ ପୃଷ୍ଟି, ନିଃସ୍ୱାର୍ଥର ସଦସ୍ୟ ଶିଲୁ ମହାନ୍ତି, ଗୃହରକ୍ଷୀ କମାଣ୍ଡର ସୁବାସଚନ୍ଦ୍ର ମହାନ୍ତି ଓ ଦମକଳକେନ୍ଦ୍ର ଅଧିକାରୀ ସୁକାନ୍ତ କୁମାର ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ହେଲ୍‌ମେଣ୍ଟ ବ୍ୟବହାର ପାଇଁ ସଚେତନତା କାର୍ଯ୍ୟକ୍ରମ।

# ଲକ୍ଷ୍ମୀଧର ଓ ତୁଳସୀ ପାଇବେ ସାରସ୍ୱତ ସମ୍ମାନ

ପୁରୀ ଅଫିସ,୧୯।୩:

ପୁରୀ ପୁସ୍ତକ ମେଳା କମିଟି ଓ ସାମାଜିକ ଅନୁଷ୍ଠାନ ପ୍ରୟାସର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୧ତାରିଖରୁ ସ୍ଥାନୀୟ ଶରଧାବାଲିଠାରେ ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏହା ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଖାଦ୍ୟ ଓ ବାଣିଜ୍ୟ ମେଳା ଆୟୋଜନ କରାଯାଇଛି। ୧୧ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ପୁସ୍ତକ ମେଳାରେ ଭାଷା, ସାହିତ୍ୟ ଆଲୋଚନାଚକ୍ର ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ବର୍ଷ ୧୨୦ଟି ଷ୍ଟଲର ବ୍ୟବସ୍ଥା ରହିବ। ଖାଦ୍ୟ ଓ ବାଣିଜ୍ୟ ଲାଗି ପୃଥକ୍ ଭାବେ ୨୦ଟି ଲେଖାଏ ଷ୍ଟଲ ରହିବ। ୬୨ଟି ପ୍ରକାଶନ ସଂସ୍ଥା ମେଳାକୁ ଆସିବା ଲାଗି ସ୍ୱୀକୃତି ପ୍ରଦାନ କରିଛନ୍ତି।

ପ୍ରତ୍ୟେକ ଦିନ ଅପରାହ୍ଣରେ ସ୍କୁଲ ଓ କଲେଜ ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶ ଲାଗି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯିବ। ସନ୍ଧ୍ୟାରେ ସାଂସ୍କୃତିକ ଏବଂ ସାହିତ୍ୟ ଓ କବିତା ପାଠୋତ୍ସବ ଆୟୋଜନ କରାଯିବ। ଏହି ଅବସରରେ ପୁସ୍ତକ ମେଳାର ସ୍ମରଣିକା ପୁସ୍ତକାୟନ ଓ ବିଭିନ୍ନ କବି, ଲେଖକଙ୍କ ପୁସ୍ତକ, କବିତା ଉନ୍ମୋଚନ କରାଯିବ।

ଚଳିତ ବର୍ଷ ଡ. ଲକ୍ଷ୍ମୀଧର ମିଶ୍ର ଓ ଡ. ତୁଳସୀ ଓଝାଙ୍କୁ ସାରସ୍ୱତ ଏବଂ କଟକ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନକୁ ପ୍ରକାଶନୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି ମଙ୍ଗଳବାର ଦଉଡୋଟା ସ୍ଥିତ ବଚପନ୍ ପ୍ଲେ ସ୍କୁଲ ପରିସରରେ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୟାସ ତଥା ପୁସ୍ତକ ମେଳା କମିଟି ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କମିଟି ସଭାପତି ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ଶିବ ପ୍ରସାଦ ମିଶ୍ର, କୃଷ୍ଣଚନ୍ଦ୍ର ସାହୁ ଏବଂ ଡ. ରାଧେଶ୍ୟାମ ରଥ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କମିଟିର କର୍ମକର୍ତ୍ତା।

## ୨୧ରୁ ପୁସ୍ତକ ମେଳା